ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃଆରୀ ୧୮/୨୦୨୪ (୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, February 18/2024 Page 20 ₹ 7.00

୫୦ଶ ଭାଗ ୮୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 86 ମୂଲ୍ୟ₹୭/-


DSPL - 668

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା






# ଉଚ୍ଚ ଶିକ୍ଷାରେ ଅର୍ଥ ଆଉ ସାଜିବନି ବାଧକ ନୂଆ-ଓ ଛାତ୍ରବୃତ୍ତି ହେବ ସହାୟକ ।

- ଓଡ଼ିଶାରେ ଉଚ୍ଚ ଶିକ୍ଷାର ରୂପାନ୍ତରଣ, ମାନବୃଦ୍ଧି ଓ ଛାତ୍ରଛାତ୍ରୀମାନଙ୍କ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର 'ନୂଆ- ଓ ଛାତ୍ରବୃତ୍ତି' ଆରମ୍ଭ କରିଛନ୍ତି ।
- ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ରାଜ୍ୟ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଏବଂ ବିଶେଷ କରି ସାମ୍ସ (SAMS) ପୋର୍ଟାଲ ମାଧ୍ୟମରେ ପ୍ରବେଶ ନେଉଥିବା ବେସରକାରୀ ମହାବିଦ୍ୟାଳୟ ମାନେ ଏହି ଯୋଜନାରେ ସାମିଲ ହେବେ ।
- ଉପରୋକ୍ତ ଶିକ୍ଷାନୁଷ୍ଠାନରେ ପଢୁଥିବା ଯୋଗ୍ୟ ୟୁଜି/ ପିଜି ଛାତ୍ରଛାତ୍ରୀ ନୂଆ-ଓ ଛାତ୍ରବୃତ୍ତି ପରିସରଗତ ହେବେ (ସେଲ୍ଫ ଫାଇନାନ୍ସିଙ୍ଗ କୋର୍ସ in PPP Mode ବ୍ୟତୀତ) ।
- ଛାତ୍ରମାନଙ୍କୁ ୯ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ହଜାର ଟଙ୍କାର ବାର୍ଷିକ ବୃତ୍ତି ଯୋଗାଇ ଦିଆଯିବ ।
- ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅଙ୍କୁ ୧୦ହଜାର ଓ ଝିଅଙ୍କୁ ୧୧ହଜାର ଟଙ୍କାର ବାର୍ଷିକ ଛାତ୍ରବୃତ୍ତି ଯୋଗାଇ ଦିଆଯାଉଛି ।
- କାଳିଆ ବୃତ୍ତି ପାଉଥିଲେ ପିଲାମାନେ ଏହି ଯୋଜନାର ଲାଭ ପାଇପାରିବେ ନାହିଁ ।
- ଯେଉଁ ପିଲାମାନଙ୍କ ବାପା/ମା ଆୟକର ପରିସରଭୁକ୍ତ ଥିବେ କିମ୍ବା ରେଗୁଲାର ସରକାରୀ ଚାକିରିରେ ଥିବେ / PSU / AUTONOMOUS BODIES ରେ ଥିବେ କିମ୍ବା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ଅନୁଦାନପ୍ରାପ୍ତ କରୁଥିବେ, ସେମାନେ ଏହି ଯୋଜନା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ।
- କେବଳ ସ୍ୱ ଆର୍ଥିକ ପ୍ରଦତ୍ତ ପାଠ୍ୟକ୍ରମ ବ୍ୟବସ୍ଥା (ସେଲ୍ଫ ଫାଇନାନ୍ସିଙ୍ଗ କୋର୍ସ in PPP Mode), distance course, Open School ଇତ୍ୟାଦି ଜରିଆରେ ପଢୁଥିବା ଛାତ୍ରଛାତ୍ରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ ନାହିଁ ।
- ଡ଼ିବିଟି (DBT) ବା ସିଧାସଳଖ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ବୃତ୍ତି ବାବଦରେ ଅର୍ଥରାଶି ପଠାଯିବ । ଏଥିନିମନ୍ତେ ଛାତ୍ରଛାତ୍ରୀ ଆବେଦନ ସମୟରେ ଏକ ନିଜସ୍ୱ ଘୋଷଣାନାମା ଦାଖଲ କରିବେ ।
- ଉଚ୍ଚ ଶିକ୍ଷାରେ ଉତ୍କର୍ଷ ଓ ଗୁଣବତ୍ତାର ଅଭିବୃଦ୍ଧି ନିମନ୍ତେ ସରକାରଙ୍କ ଏହି ପ୍ରଚେଷ୍ଟା ଶିକ୍ଷାରେ ଆର୍ଥିକ ପ୍ରତିବନ୍ଧକକୁ ଏଡାଇବାରେ ସକ୍ଷମ ହେବ ।

OIPR-11001/13/0074/2324



@DHE_Odisha
@hedodisha
www.fb.com/dheodisha
0674-2323401, 2323402, 2323403 2323404
https://scholarship.odisha.gov.in
scholarshiphed@gmail.com

ଉଚ୍ଚ ଶିକ୍ଷା ବିଭାଗ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଫେବୃଆରୀ ୧୮/୨୦୨୪ Bhubaneswar, Sunday, February 18/2024

DSPL-667

ଆମ ଓଡ଼ିଶା ନବୀନ ଓଡ଼ିଶା

Skilled in ODISHA



NUA Odisha
ନୂଆ ଓଡ଼ିଶା-ନୂତନ ଉନ୍ନତ ଅଭିଳାଶା

GLOBAL SUMMIT
ON GROWTH & EMPLOYMENT

୧୯ ରୁ ୨୦ ଫେବୃଆରୀ ୨୦୨୪

ମେ’ ଫେୟାର ସମ୍ମିଳନୀ କକ୍ଷ, ଭୁବନେଶ୍ୱର

୧୦୦+ ବିଶିଷ୍ଟ ଶିଳ୍ପ ଉଦ୍ୟୋଗପତି

୫୦୦+ ପ୍ରତିନିଧିମଣ୍ଡଳୀ

୧୦+ ଦଳଗତ ଆଲୋଚନା

ନିଯୁକ୍ତି ସୁଯୋଗର ନୂଆ ଦିଗ

ଅନୁଷ୍ଠାନ ପରିସରରୁ ନିଯୁକ୍ତି:
- ନୂଆ ସୁଯୋଗ ପାଇଁ ଯୁବ ପ୍ରତିଭାମାନଙ୍କୁ ପ୍ରଶିକ୍ଷଣ

ସଫଳତାର ମୂଳଦୁଆ ପାଇଁ ଭିତ୍ତିଭୂମିର ସ୍ଥାପନ:
- ପ୍ରଯୁକ୍ତି ବିଦ୍ୟାର ନିରନ୍ତର ବିକାଶ ପାଇଁ ରଣନୀତି ପ୍ରସ୍ତୁତ

ଶିଳ୍ପାୟନର ସମ୍ଭାବନା:
- ଆନୁଷ୍ଠାନିକ ସୁବିଧା ସହ ପ୍ରବୀଣଙ୍କ ପ୍ରବେଶ
- ଭବିଷ୍ୟତ ଓଡ଼ିଶା ପାଇଁ ପ୍ରଯୁକ୍ତି ବିଦ୍ୟାର ଅଭ୍ୟୁଦୟ

ଅଭିଜ୍ଞଙ୍କ ଅନୁଭୂତି:
- ଓଡ଼ିଶାର ଅଭିଜ୍ଞତାସମ୍ପନ୍ନ ବ୍ୟକ୍ତିତ୍ୱଙ୍କ ସହ ଆଲୋଚନା

ଅବିଶ୍ୱସନୀୟ ପରିବର୍ତ୍ତନ:
- ଏକ ପ୍ରକୃଷ୍ଟ କର୍ମପ୍ରବଣ ବାତାବରଣ
- ସୂଚନା ବିଦ୍ୟାର କ୍ଷମତା ବୃଦ୍ଧି

ଶିଳ୍ପର କ୍ରମବିକାଶ ଓ ନିଯୁକ୍ତିର ନିରନ୍ତର ପ୍ରକ୍ରିୟା:
- ଶିଳ୍ପାୟନର ବିକାଶ ପାଇଁ ପଦକ୍ଷେପ
- ସାମ୍ପ୍ରତିକ ବୈଷୟିକ ଆବଶ୍ୟକତାର ଉନ୍ମେଷ

ସଶକ୍ତୀକରଣ ଓ ବିବିଧତା:
- କାର୍ଯ୍ୟକ୍ଷେତ୍ରରେ ମହିଳାମାନଙ୍କର ସଶକ୍ତୀକରଣ ଓ ଅନ୍ତର୍ଭୁକ୍ତୀକରଣ

ନୂଆ ଓଡ଼ିଶା: ନୂତନ ଉନ୍ନତ ଅଭିଳାଶା

ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ କାର୍ଯ୍ୟକ୍ରମ ‘ନୂଆ ଓଡ଼ିଶା’ ଆଜି ରାଜ୍ୟର ଯୁବପିଢ଼ିଙ୍କୁ ଦକ୍ଷତା ତାଲିମ ଦେଇ ସେମାନଙ୍କୁ ସଶକ୍ତ କରୁଛି। ଏହାର ଲକ୍ଷ୍ୟ ହେଉଛି ଅତ୍ୟାଧୁନିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦେବା ସହ ରାଜ୍ୟର ୩୦ଟି ଜିଲ୍ଲାରେ ଏହାକୁ ବ୍ୟାପକ କରିବା। ଏକ ସମ୍ଭାବନାମୟ ବିଶ୍ୱ ଅର୍ଥନୀତି ପାଇଁ ଆମେ ଓଡ଼ିଶାର ଦକ୍ଷ ମାନବ ସମ୍ବଳକୁ ସଶକ୍ତ କରୁଛୁ।

OIPR-44011/13/0033/2324

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଓଡ଼ିଶା ସରକାର

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ରବିବାର, ଫେବୃଆରୀ ୧୮/୨୦୨୪ | Bhubaneswar, Sunday, February 18/2024

# ସ୍ୱାମୀଙ୍କୁ ବାନ୍ଧି ସ୍ତ୍ରୀଙ୍କୁ ଗଣବଳାତ୍କାର

**ବ୍ରହ୍ମଗିରି,୧୭ା୨(ସ୍ୱାଧୀନ ଚମ୍ପତିରାୟ)**

ଜଣେ ବ୍ୟକ୍ତିଙ୍କୁ ବାନ୍ଧି ତାଙ୍କ ସ୍ତ୍ରୀଙ୍କୁ ଗଣବଳାତ୍କାର କରାଯାଇଛି। ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅରଖକୁଦା ମେରାଇନ ଥାନା ଅଞ୍ଚଳରେ ଶୁକ୍ରବାର ରାତିରେ ଘଟିଛି ଏହି ଘଟଣା। ଏନେଇ ଅଭିଯୋଗ ପାଇବା ପରେ ମେରାଇନ ଥାନା ପୋଲିସ ଅରଖକୁଦା ଗ୍ରାମର ବୁଲୁ ଗାର୍ଗି ନାମକ ଜଣେ ବ୍ୟକ୍ତିଙ୍କୁ ଶନିବାର ଗିରଫ କରିଛି। ଅନ୍ୟ ଜଣେ ଅଭିଯୁକ୍ତ ତ୍ରିନାଥ ବେହେରା ଫେରାର ହୋଇଯାଇଛନ୍ତି। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତିରେ ପୀଡ଼ିତା ଓ ତାଙ୍କ ସ୍ୱାମୀ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ତ୍ରିନାଥ ଏବଂ ବୁଲୁ ପହଞ୍ଚି ପୀଡ଼ିତାଙ୍କ ସ୍ୱାମୀଙ୍କୁ ଘରୁ ନିକଟସ୍ଥ ଆମ୍ବତୋଟାକୁ ଡାକି ନେଇଥିଲେ। ସେଠାରେ ତାଙ୍କୁ ସେମାନେ ମଦ ପିଆଇ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ୱାମୀଙ୍କ ଚିତ୍କାର ଶୁଣି ପୀଡ଼ିତା ଘରୁ ଆସି ବିରୋଧ କରିଥିଲେ। ହେଲେ ଅଭିଯୁକ୍ତ ଦ୍ୱୟ ପୀଡ଼ିତାଙ୍କୁ ମଧ୍ୟ ଆକ୍ରମଣ କରିବା ସହ ତାଙ୍କ ସ୍ୱାମୀଙ୍କୁ ବାନ୍ଧିଦେଇଥିଲେ। ଏହାପରେ ତାଙ୍କ ସ୍ୱାମୀଙ୍କ ଆଗରେ ତାଙ୍କୁ ସେମାନେ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଏଭଳି ଅଭିଯୋଗକୁ ଆଧାର କରି ପୋଲିସ ଆଇପିସି ଦଫା ୩୭୬(ବି) ଅନୁଯାୟୀ ୯/୨୪ ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ପୋଲିସ ମହିଳା ଏବଂ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା ପାଇଁ ପଠାଇଛି।

## ଗର୍ଭବତୀଙ୍କୁ ଗଣବଳାତ୍କାର ପରେ ନିଆଁ ଲଗାଇଦେଲେ

**ମୋରେନା,୧୭ା୨**

ମଧ୍ୟପ୍ରଦେଶର ମୋରେନାରେ ଏକ ଗଣବଳାତ୍କାର ଓ ହତ୍ୟା ଉଦ୍ୟମ ମାମଲା ସାମନାକୁ ଆସିଛି। ଜଣେ ୩୪ ବର୍ଷୀୟା ଗର୍ଭବତୀ ମହିଳାଙ୍କୁ ୩ ଜଣ ବଳାତ୍କାର କରିବା ପରେ ତାଙ୍କ ଦେହରେ ନିଆଁ ଲଗାଇଦେଇଛନ୍ତି। ଫଳରେ ପୀଡ଼ିତାଙ୍କ ଶରୀରର ୮୦ ପ୍ରତିଶତ ପୋଡ଼ିଯାଇଛି। ତାଙ୍କୁ ଗ୍ୱାଲିଅରର ଏକ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ମୋରେନା ଜିଲାର ଅମ୍ବାହ ସହର ନିକଟ ଚାନ୍ଦ କା ପୁରା ଗ୍ରାମରେ ଏଭଳି ଘଟଣା ଘଟିଛି। ପୋଲିସ କହିବା ଅନୁଯାୟୀ, ପୀଡ଼ିତାଙ୍କ ସ୍ୱାମୀଙ୍କ ବିରୋଧରେ ଗାଁର ଅନ୍ୟ ଜଣେ ମହିଳା ପୂର୍ବରୁ ବଳାତ୍କାର ଅଭିଯୋଗ ଆଣିଥିଲେ। ଏହାର ସମାଧାନ ପାଇଁ ପୀଡ଼ିତା ଜଣକ ସମ୍ପୃକ୍ତ ମହିଳାଙ୍କ ଘରକୁ ଯାଇଥିବାବେଳେ ଅଭିଯୋଗର ସମାଧାନ ପରିବର୍ତ୍ତେ ସେଠାରେ ଉପସ୍ଥିତ ଥିବା ୩ ଜଣ ଲୋକ ଗର୍ଭବତୀ ଜଣକୁ ଗଣବଳାତ୍କାର କରିଥିଲେ। ପରେ ୩ ଅଭିଯୁକ୍ତ ସମ୍ପୃକ୍ତ ମହିଳାଙ୍କ ସହ ମିଶି ପୀଡ଼ିତାଙ୍କ ଉପରେ ଇନ୍ଧନ ଢାଳି ନିଆଁ ଲଗାଇଦେଇଥିଲେ। ପୀଡ଼ିତା ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ବୟାନ ରେକର୍ଡ କରାଇଥିବାବେଳେ ପୋଲିସ ଏପର୍ଯ୍ୟନ୍ତ ବୟାନ ରେକର୍ଡ କରିନାହିଁ। ତଦନ୍ତ ଜାରି ରହିଥିବାବେଳେ ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

# ସବୁ ଦଳ ପ୍ରତି ସମାନ ମନୋଭାବ ରଖ

## ଜିଲାପାଳ, ଏସ୍‌ପିଙ୍କୁ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୧୭ା୨(ଅନିଲ ଦାସ)**

ସମସ୍ତ ରାଜନୈତିକ ଦଳ ପ୍ରତି ସମାନ ଆଚରଣ ପୋଷଣ କରିବାକୁ ଭାରତର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ରାଜ୍ୟର ସମସ୍ତ ଜିଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପେଡ୍ ନ୍ୟୁଜ୍ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ତଦନ୍ତ କରାଯିବ। ଅଭିଯୋଗ ସତ ହୋଇଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗତ ୩ ଦିନ ଧରି ରାଜ୍ୟରେ ନିର୍ବାଚନ ପ୍ରସ୍ତୁତି ନେଇ ସମୀକ୍ଷା କରିବା ପରେ ସିଇସି ଏହା କହିଛନ୍ତି। ବିରୋଧୀ ଦଳଗୁଡ଼ିକ ସିଇସିଙ୍କ ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠାଉଥିବାବେଳେ ତାଙ୍କର ଉପରୋକ୍ତ ବକ୍ତବ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ମତପ୍ରକାଶ ପାଇଛି। ଶନିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଜୀବ କୁମାର କହିଛନ୍ତି, ରାଜ୍ୟରେ ହେବାକୁ ଥିବା ବିଧାନସଭା ଓ ଲୋକ ସଭା ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବିଭିନ୍ନ ରାଜନୈତିକ ଦଳ, ଜିଲାପାଳ, ଏସ୍‌ପି, ଡିଜି, ରେଲୱେ ସୁରକ୍ଷା ବଳ, ☞ପୃଷ୍ଠା-୯



ଖବରଦାତା ସମ୍ମିଳନୀରେ ଇସି ଅରୁଣ ଗୋଏଲ ଏବଂ ସିଇସି ରାଜୀବ କୁମାର।

## ଗୁଲ୍‌ଜାର, ରାମଭଦ୍ରାଚାର୍ଯ୍ୟଙ୍କୁ ଜ୍ଞାନପୀଠ



ଗୁଲ୍‌ଜାର



ରାମଭଦ୍ରାଚାର୍ଯ୍ୟ

**ନୂଆଦିଲ୍ଲୀ,୧୭ା୨(ପି.ଟି.)**

ଖ୍ୟାତନାମା ଉର୍ଦ୍ଦୁ କବି ଗୁଲ୍‌ଜାର ଏବଂ ସଂସ୍କୃତ ବିଦ୍ୱାନ ଜଗଦ୍‌ଗୁରୁ ରାମଭଦ୍ରାଚାର୍ଯ୍ୟଙ୍କୁ ୫୮ତମ ଜ୍ଞାନପୀଠ ପୁରସ୍କାର ପ୍ରଦାନ ଲାଗି ମନୋନୀତ କରାଯାଇଛି। ଜ୍ଞାନପୀଠ ଚୟନ କମିଟି ଶନିବାର ଏହା ଘୋଷଣା କରିଛି। ହିନ୍ଦୀ ଚଳଚ୍ଚିତ୍ରରେ ନିଜର କାର୍ଯ୍ୟ ପାଇଁ ଜଣାଶୁଣା ଗୁଲ୍‌ଜାର ବର୍ତ୍ତମାନ ଯୁଗର ସର୍ବଶ୍ରେଷ୍ଠ ଉର୍ଦ୍ଦୁ କବି। ସେ ୨୦୦୨ରେ ସାହିତ୍ୟ ଏକାଡେମୀ ଆୱାର୍ଡ, ୨୦୦୪ରେ ପଦ୍ମ ଭୂଷଣ, ୨୦୧୩ରେ ଦାଦାସାହେବ ଫାଲ୍‌କେ ପୁରସ୍କାର ଏବଂ ୫ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି। ଚିତ୍ରକୂଟରେ ତୁଳସୀ ପୀଠର ପ୍ରତିଷ୍ଠାତା ତଥା ମୁଖ୍ୟ ରାମଭଦ୍ରାଚାର୍ଯ୍ୟ ଜଣେ ଜଣାଶୁଣା ହିନ୍ଦୁ ଆଧ୍ୟାତ୍ମିକ ଗୁରୁ, ଶିକ୍ଷକ ଓ ଶତାଧିକ ପୁସ୍ତକର ରଚୟିତା। ସଂସ୍କୃତ ଏବଂ ଉର୍ଦ୍ଦୁ ଭାଷାରେ ୨ ଖ୍ୟାତନାମା ଲେଖକଙ୍କୁ ପୁରସ୍କୃତ କରିବା ଲାଗି ନିଷ୍ପତ୍ତି ହୋଇଥିବା ଜ୍ଞାନପୀଠ ଚୟନ କମିଟି କହିଛି।

### ଆଜିର ମନ୍ତବ୍ୟ

"ଦେଶକୁ ଏକତା ସୂତ୍ରରେ ବାନ୍ଧି ରଖିବା ହେଉଛି ପ୍ରକୃତ ଦେଶପ୍ରେମ। ଏଠାରେ ଧନୀ ଓ ଗରିବ 'ଭିନ୍ନ ଭିନ୍ନ ଭାରତ'ରେ ରହୁଛନ୍ତି।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

**ଆଜିର ସମ୍ପାଦକୀୟ** ବିପଜ୍ଜନକ ଯୋଜନା






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ବାଚସ୍ପତି ଯୁଧିଷ୍ଠିର ଦାସଙ୍କ ୧୦ମ ବାର୍ଷିକ ଶ୍ରାଦ୍ଧୋତ୍ସବ, ସ୍ଥାନ: ନୟାପଲ୍ଲୀସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୩୦।
- ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ପୂଜ୍ୟପୂଜା ସମାରୋହ, ସ୍ଥାନ: ଇଟିପୁର ପଞ୍ଚାୟତ ଡିହପୁର ଗ୍ରାମ ନିକଟ ଦୟାନଦୀ ପଠା, ସମୟ: ସକାଳ ୯ଟା।
- ଓଡ଼ିଶା ଷ୍ଟେଟ୍ ଆୟୁର୍ବେଦିକ କଂଗ୍ରେସ, ଅଲ୍ ଇଣ୍ଡିଆ ଆୟୁର୍ବେଦିକ କଂଗ୍ରେସ, ନୂଆ ଦିଲ୍ଲୀର ୪ର୍ଥ ବାର୍ଷିକ ସମ୍ମିଳନୀ, ସ୍ଥାନ: ଦି ଓଡ଼ିଶା ଆସୋସିଏଶନ ଫର ଦି ବ୍ଲାଇଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟମ ପ୍ରହରୀ ନାମଯଜ୍ଞର ନଗର କୀର୍ତ୍ତନ ଓ ମହୋତ୍ସବ, ସ୍ଥାନ: ବିଏମ୍‌ସିର ୪ନଂ. ୱାର୍ଡ ଅଧୀନ ସୁନ୍ଦରାପାଟଣା- ରୁଦ୍ରପୁର ଗ୍ରାମର ମା' ଗେହ୍ଲାଦେବୀ ପୀଠ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଟାଇମ୍‌ପାସ୍ ପ୍ରକାଶିତ ଅରୁଣ କୁମାର ନାୟକଙ୍କ ଆତ୍ମଜୀବନୀ 'ଜଣେ ସୁଖୀଲୋକର ଡାଏରୀ' ଲୋକାର୍ପଣ, ସ୍ଥାନ: ରେଡକ୍ରସ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଇବ୍ରାଣ୍ଟ ଓଡ଼ିଶା କନକ୍ଲେଭ, ସ୍ଥାନ: ସ୍ୱସ୍ତି ଗ୍ରାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜ୍ୟୋତିର୍ବିଦ୍‌ଙ୍କ ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସର୍ଭିସ୍ ଆସୋସିଏଶନ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସନରାଇଜ୍ ୱାର୍କର୍ସ କ୍ଲବର ବାର୍ଷିକୋତ୍ସବ, ସ୍ଥାନ: ବିଏସ୍‌ଏନ୍‌ଏଲ୍‌ଟ୍ରେନିଂ ସେଣ୍ଟର ସମ୍ମିଳନୀ କକ୍ଷ,ଭିଏସ୍‌ଏସ୍ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଚାମ୍ପିୟନ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରୀୟ ସୂର୍ଯ୍ୟାଂଶୀ ବ୍ରାହ୍ମଣ ସଂଗଠନ ଟ୍ରଷ୍ଟର ପ୍ରେସ୍‌ମିଟ୍, ସ୍ଥାନ: ପ୍ରାଥମିକ ଶିକ୍ଷକ ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘର ପ୍ରେସ୍ କନଫରେନ୍ସ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ:ମଧ୍ୟାହ୍ନ ୧୨ଟା ୩୦।
- କଳିଙ୍ଗ ଭାଷା ମୁକ୍ତମଞ୍ଚ ପକ୍ଷରୁ 'କଫି କଥା ଓ କବିତା ୬.୦', ସ୍ଥାନ: କଳାଭୂମି, ସମୟ: ଅପରାହ୍ନ ୨ଟା ୩୦।
- ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମାନରେ ସମ୍ମାନିତ ବିଶିଷ୍ଟ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ବର୍ଦ୍ଧନା, ସ୍ଥାନ: ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଅଶୋକ ନଗର,ସମୟ: ଅପରାହ୍ନ ୪ଟା।
- ମତ୍ସ୍ୟ- ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୪ଟା ୩୦।
- ୫୮ତମ ବାର୍ଷିକୋତ୍ସବ 'ଜୟଦେବ ସମାରୋହ', ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଏଥେନା ବୁକ୍‌ସ୍‌ର ରୌପ୍ୟଜୟନ୍ତୀ ସମ୍ବତ୍ସର ପୁସ୍ତକ ଲୋକାର୍ପଣ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସନ୍ଧ୍ୟା ୬ଟା।
- ଶ୍ରୀଶ୍ରୀ ଜଳେଶ୍ୱର ମହାଦେବଙ୍କ ସପ୍ତବିଂଶ ସାମ୍ବତ୍ସରିକ ବିଶ୍ୱଶାନ୍ତି ମହାଯଜ୍ଞର ଭଜନ ସନ୍ଧ୍ୟା, ସ୍ଥାନ: କଳାରାହାଙ୍ଗ, ସମୟ: ସନ୍ଧ୍ୟା ୬ଟା।
- ଶୁଭଶ୍ରୀ କଳା ନିକେତନ ପକ୍ଷରୁ ବସନ୍ତ ଉତ୍ସବ, ଜାଗେଶ୍ୱରୀ ମନ୍ଦିର ପାଖ, ବାଲକାଟୀ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ଦ୍ୱିତୀୟ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ, ସ୍ଥାନ: ସଂସ୍କୃତି ଭବନ, ସମୟ: ସକାଳ ୯ଟା ୩୦।
- ଶ୍ରୀରାମ ଚନ୍ଦ୍ର ସ୍ୱାମୀ ଚାରିଟେବଲ ଟ୍ରଷ୍ଟର ସାମୁହିକ ମାଗଣା ବ୍ରତୋପୟନ, ସ୍ଥାନ: ଲୋକନାଥ ମନ୍ଦିର ନିକଟ ଥାନପତି ଆଶ୍ରମର ବାଲାଜୀ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ପ୍ରଥମ ବିଏଫ୍-୦୭ କ୍ଲାସିକ୍ ବଡିବିଲ୍ଡିଂ ଆଣ୍ଡ ଫିଟନେସ୍ ଚାମ୍ପିୟନଶିପ୍, ସ୍ଥାନ: ଟାଉନ ହଲ୍, ସମୟ: ସନ୍ଧ୍ୟା ୭ଟା।
- ଆମର ଅନୁଷ୍ଠାନ ପକ୍ଷରୁ ୧୬ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା ୩୦।
- ଦଇତାପତି ନିଯୋଗ ପକ୍ଷରୁ ଦଇତା ପତି ପ୍ରିମିୟର କ୍ରିକେଟ୍ ଲିଗ୍ ଉଦ୍‌ଯାପନ, ସ୍ଥାନ: ଜଗନ୍ନାଥ ଷ୍ଟାଡିୟମ୍, ସମୟ: ରାତି ୮ଟା।
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ନିମନ୍ତେ ବସ୍ ଯୋଗେ ଛାତ୍ରୀଛାତ୍ରଙ୍କ ପୁରୀ ଗମନ, ସ୍ଥାନ: ସତ୍ୟବାଦୀ ହାଇସ୍କୁଲ ପରିସର, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ସଚେତନ ଶିବିର, ସ୍ଥାନ: ଅଲଣ୍ଡା ପଞ୍ଚାୟତ, ଧନେଶ୍ୱରୀ ଠାକୁରାଣୀ ପଡ଼ିଆ କୁଆଁଲୋ, ଭୋଦର ପଞ୍ଚାୟତ, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଚଉଁରପଦା ପଞ୍ଚାୟତ, କେଉଟଟୋଟା ମେଳଣ ପଡ଼ିଆ, ନିମାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: କାଡୁଆ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।
- ନବମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଅଲ୍ ଓଡ଼ିଶା ସର୍ବଭାରତୀୟ ଆମନ୍ତ୍ରିତ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ନିମାପଡ଼ା ବାରବାଟୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ପ୍ରଥମ ଖେଳାର ପ୍ରିମିୟର ଲିଗ କ୍ରିକେଟ୍‌ର ଫାଇନାଲ ମ୍ୟାଚ୍, ସ୍ଥାନ: ଖେଳାର ଖେଳ ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ମା' ଜେଗେଶ୍ୱରୀ ଭଲିବଲ କ୍ଲବ ଆନୁକୂଲ୍ୟରେ ଦିବାରାତ୍ର ଟୁର୍ନାମେଣ୍ଟ, ସ୍ଥାନ: ଅଳଗୁମ ବେଢାଉପର, ସମୟ: ଅପରାହ୍ନ ୩ଟା।

## କଟକ

- ସାପ୍ତାହିକ ରାଷ୍ଟ୍ରଦୀପର ତ୍ରିଂଶତମ ବସନ୍ତ ମିଳନ ଉତ୍ସବ, ସ୍ଥାନ: କଟକ ଶାରଳା ଭବନ, ସମୟ: ସନ୍ଧ୍ୟା ୬ଟା।
- କଟକ ବିନୋଦବିହାରୀ ବାଲୁବଜାର ପୂଜା କମିଟି ପକ୍ଷରୁ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ, ସ୍ଥାନ: ବିନୋଦବିହାରୀ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।
- ପ୍ରଥମ ଗଙ୍ଗାଧର ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ, ସ୍ଥାନ: ସୋମପଡ଼ା ଖେଳ ପଡ଼ିଆ, ତିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ତ୍ରିନାଥ ଦେବଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ମନ୍ଦିର ପରିସର, ଦିବ୍ୟସିଂହପୁର, ବୋଲଗଡ଼, ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଧଳାପଥର ଗ୍ରାମ, ସମୟ: ସକାଳ ୮ଟା।
- କପିଳେଶ୍ୱର ଦେବଙ୍କ ପୀଠରେ ଯଜ୍ଞ ଆରମ୍ଭ, ସ୍ଥାନ: ପଣ୍ଡାବାପାଟଣା, ନିରାକାରପୁର, ସମୟ: ସକାଳ ୯ଟା।
- ତ୍ରିନାଥ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ବସନ୍ତ ପଞ୍ଚମୀ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ମଲ୍ଲୀପଦର, ବେଗୁନିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଇଣ୍ଡୋ ଡିଷ୍ଟ୍ରିକ୍ଟ ସ୍କୁଲ କ୍ରିକେଟ୍ ଟୁର୍ନାମେଣ୍ଟ-୨୦୨୪, ସ୍ଥାନ: ବାଲେଶ୍ୱର ପରମିଟ୍ ଫିଲ୍ଡ ସମୟ: ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃର ବାର୍ଷିକ ସାଧାରଣ ସଭା, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବିଷ୍ଣୁପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ବିଷ୍ଣୁପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।
- ଖଇରା ବ୍ଲକ ବିବେକଭାରତୀ ସେବାଶ୍ରମର ରଜତ ଜୟନ୍ତୀ ଉତ୍ସବ, ସ୍ଥାନ: ଆଶ୍ରମ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସାରଡାଙ୍ଗ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚର ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ସାରଡାଙ୍ଗ ଖେଳପଡିଆ, ଖଇରା, ସମୟ: ଅପରାହ୍ନ ୩ଟା।
- ଖଇରା ପ୍ରତିଭା ପରିବାରର ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ ଓ ଖବରଦାତା ସମ୍ମିଳନୀ, ସ୍ଥାନ: ଖଇରା ଶିକ୍ଷକ ସଂଘ ଭବନ, ସମୟ: ଅପରାହ୍ନ ୩ଟା ୩୦।

## ମୟୂରଭଞ୍ଜ

- ସତ୍ୟସ୍ୱରୂପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ନାଗପାଳ ରାବଣ ପୋଡ଼ି ପଡ଼ିଆ, ଉଦଳା, ସମୟ: ସକାଳ ୯ଟା।
- ବାର୍ଷିକ କ୍ରୀଡା ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ସ୍ଥାନ:କୁଳିଅଣା ବ୍ଲକ୍ ହଳଦିଆସ୍ଥିତ ସିଂହ ସାହି, ସମୟ: ମଧ୍ୟାହ୍ନ ୧୨ଟା।
- ସତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଜନଜାତି ସାଂସ୍କୃତିକ ସମ୍ମିଳନୀରେ ବଲିଉଡ ଅଭିନେତା ଗୋବିନ୍ଦା, ସ୍ଥାନ: ବାରିପଦା ଛଉ ପଡ଼ିଆ,ସମୟ: ସନ୍ଧ୍ୟା: ୬ଟା।
- କେଉଚୁଣିମାରି ଆଦିବାସୀ ଯୁବକ ସଂଘ ପକ୍ଷରୁ ବାର୍ଷିକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୁଳିଅଣା ବ୍ଲକ୍ କେଉଚୁଣିମାରି, ସମୟ: ସନ୍ଧ୍ୟା ୬ଟା।
- ହରିନାମ ମହାଯଜ୍ଞ, ସ୍ଥାନ: କୁଳିଅଣା ବ୍ଲକ୍ ଅଙ୍ଗାରଗଡ଼ିଆ କୁଚେଇ, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଭବାନୀଶଙ୍କର ମନ୍ଦିର ବାର୍ଷିକୋତ୍ସବ, ସ୍ଥାନ: ଭୈରବପୁର ଭବାନୀଶଙ୍କର ମନ୍ଦିର ପରିସର, ବାସୁଦେବପୁର, ସମୟ: ସକାଳ ୬ଟା।
- ସରକାରୀ ଯୋଜନା ସଚେତନତା ଶିବିର, ସ୍ଥାନ: ଏଡ଼ତାଳ, ଲୁଙ୍ଗା ଓ ଗୁଆଗଡ଼ିଆ ପଞ୍ଚାୟତ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପଲାଶ ଘାଟି ଓ ମୁରୁସୁଆଁ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ପାଟଣା, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ଜିଲ୍ଲାସ୍ତରୀୟ ଆଦିବାସୀ ମେଳାରେ ଜିଲ୍ଲା ଓ ରାଜ୍ୟ ବାହାର ସାଂସ୍କୃତିକ ଦଳ ପକ୍ଷରୁ ନୃତ୍ୟ ପ୍ରଦର୍ଶନ, ସ୍ଥାନ: କେନ୍ଦୁଝର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- କ୍ଷୁଦ୍ର ଗଳ୍ପ ଆସର, ସ୍ଥାନ: କେନ୍ଦୁଝର ସରସ୍ୱତୀ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ : ଜଗନ୍ନାଥପ୍ରସାଦ ବ୍ଲକ ଗୋଛାବାଡି, ସମୟ: ସକାଳ ୬ ଟାରୁ ଅପରାହ୍ନ ୨ଟା।
- ରାମ ଚରିତ ମାନସ, ସ୍ଥାନ: ଭଞ୍ଜନଗର ବ୍ଲକ ଲଣ୍ଡେଇସାହି ରାମ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡା ତଳ ଓଡ଼ିଆ ସାହି, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଦକ୍ଷିଣ ଓଡ଼ିଶା ଇକନୋମିକ୍ସ ଆସୋସିଏସନର ୭ମ ଜାତୀୟ ସେମିନାର, ସ୍ଥାନ: ଜିଆଇଇଟି ମେଗା ଅଡିଟୋରିୟମ୍,ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା ।

## ନବରଙ୍ଗପୁର

- ଚନ୍ଦ୍ରମଲ୍ଲି ପୁସ୍ତକ ଉନ୍ମୋଚନ, ସ୍ଥାନ: ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ମୋ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜବାଗୁଡା ଓ ନନ୍ଦପୁରା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ସିନ୍ଧ୍ରିମାଳ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଭେଜାପୁଟ ସିଦ୍ଧେଶ୍ୱର ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୬ଟା।

## ସମ୍ବଲପୁର

- ଆଲା ହଜରତ ୱେଲଫେୟାର କମିଟି ପକ୍ଷରୁ ଗଣବିବାହ, ସ୍ଥାନ: ଶାହାଜାହାନ ପଡ଼ିଆ, ସମୟ: ସକାଳ ୯ଟା।
- ଜିଲ୍ଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ହାଇସ୍କୁଲସ୍ତରୀୟ କ୍ରିକେଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଜିଲ୍ଲା ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ସ୍ଥାନ: ପାନ୍ଥନିବାସ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।
- ସମ୍ବଲପୁର ମହୋତ୍ସବର ମନହରି ହାଟ ଓ ଖାଦ୍ୟମେଳା ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ବିର୍ସା ମଇଦାନ, ସମୟ: ଅପରାହ୍ନ ୫ଟା।
- ଅଭୟ ଆର୍ଟ ଏକାଡେମୀ ପକ୍ଷରୁ ମେରୁ ଉତ୍ସବ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଆଗଲପୁର ବ୍ଲକ ନୂନିଆପାଲି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନା କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ନିକଟ ଖେଳ ପଡିଆ, ସମୟ: ସକାଳ ୯ଟା ୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ସଭା, ସ୍ଥାନ: ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଟିଟିଲାଗଡ଼ ବ୍ରାହ୍ମଣ ସମାଜ ଭବନର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ମାଉସୀ ମା' ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଆଗଲପୁର ବ୍ଲକ ରିନବଚନ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନା ସଭା, ସ୍ଥାନ: ରିନବଚନ ଉଚ୍ଚବିଦ୍ୟାଳୟ ଖେଳ ପଡିଆ, ସମୟ: ଅପରାହ୍ନ ୨ଟା ୩୦।
- ଆଦିବାସୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ଖପ୍ରାଖୋଲ ବ୍ଲକ ବେନକେରା ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ରାଉରକେଲା

- ଜଗନ୍ନାଥ ମନ୍ଦିର ଉନ୍ନତୀକରଣ କାର୍ଯ୍ୟ, ସ୍ଥାନ: ସେକ୍ଟର-୩, ସମୟ: ସକାଳ ୮ଟା୩୦।
- ଭାରତ ହକି ଦଳର ଖବରଦାତା ସମ୍ମିଳନୀ, ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା ୫୦।
- ସୂର୍ଯ୍ୟକାନ୍ତ କ୍ରିକେଟ ଫାଇନାଲ ମ୍ୟାଚ୍, ସ୍ଥାନ: ଡିଏଭି ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜିଏମ୍‌ଙ୍କ ରେଳଷ୍ଟେଶନ ପରିଦର୍ଶନ, ସ୍ଥାନ: ରାଉରକେଲା ଷ୍ଟେଶନ, ସମୟ: ଅପରାହ୍ନ ୨ଟା।
- ମହିଳା ହକି ପ୍ରୋ ଲିଗ୍ ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା ୩୦।

## ବରଗଡ଼

- ଭଗବାନ ମିଶ୍ରଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ରାମାୟଣ ପାରାୟଣ ସୁନ୍ଦରକାଣ୍ଡ ପ୍ରବଚନ, ସ୍ଥାନ: ଘୁଡ଼ାଦାନୀ ମନ୍ଦିର, ତଳିପଡ଼ା, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ରକ୍ତଦାନ ଶିବିର, ସ୍ଥାନ: କତାବଗା, ଅତାବିରା, ସମୟ: ଅପରାହ୍ନ ୪ଟା।
- ଉତ୍ତାଲଗଡ଼ ଉତ୍ସବ-୨୦୨୪, ସ୍ଥାନ: ଖଗେଶ୍ୱର ମଣ୍ଡପ, ତାଲପଦର, ବିଜେପୁର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଏୟାର ରାଇଫଲ ଶୁଟିଂ ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ମାନ ଉତ୍ସବ, ସ୍ଥାନ: ଭବାନୀପାଟଣା ଡିଆଇଇଟି, ସମୟ: ପୂର୍ବାହ୍ନ ୧୦ଟା।
- ଏପେକ୍ସ ବଡ଼ି ଅଫ୍ ୱାର୍କିଂ ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଅଫ୍ ଇଣ୍ଡିଆର ବନ୍ଧୁମିଳନ, ସ୍ଥାନ: କେସିଙ୍ଗାସ୍ଥିତ ହୋଟେଲ ରାଜ ରେଷ୍ଟୁରାଣ୍ଟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନୂଆପଡ଼ା

- ମାଗୁରପାଣିଠାରେ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ସଦର ବ୍ଲକ ମାଗୁରପାଣି ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ସ୍ୱୟଂ ସହାୟକ ଗୋଷ୍ଠୀର ସଭା, ସ୍ଥାନ: କୋମନା ବ୍ଲକ ସୁନାବେଡା ଓ ସୋସେଙ୍ଗ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନୂତନ ଉଚ୍ଚ ବିଦ୍ୟାଳୟ କୋଠା ନିର୍ମାଣ ପାଇଁ ଶିଳାନ୍ୟାସ, ସ୍ଥାନ: କୋମନା ବ୍ଲକ ସୁନାବେଡା ପଞ୍ଚାୟତ ସାଲେପଡା, ସମୟ: ପୂର୍ବାହ୍ନ ୧୧ଟା୪୫।
- ବିଜୁ ଏକ୍ସପ୍ରେସ ୱେଠାରୁ ସୁନାବେଡା ମନ୍ଦିର ପର୍ଯ୍ୟନ୍ତ ବିକାଶମୂଳକ କାର୍ଯ୍ୟର ସମୀକ୍ଷା, ସ୍ଥାନ: କୋମନା ବ୍ଲକ ସୁନାବେଡା, ସମୟ: ପୂର୍ବାହ୍ନ ୧୧ଟା ୪୫।
- ବେଲଟୁକୁରିଠାରେ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ସଦର ବ୍ଲକ ବେଲଟୁକୁରି ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ଅପରାହ୍ନ ୧ଟା।
- ବଖରମାଲଠାରେ ମଞ୍ଚ ନିର୍ମାଣ ପାଇଁ ଶିଳାନ୍ୟାସ, ସ୍ଥାନ: ସଦର ବ୍ଲକ ବଖରମାଲ ଖେଳ ପଡ଼ିଆ, ସମୟ: ଅପରାହ୍ନ ୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ କୁରୁମପୁରି ପଞ୍ଚାୟତ, ସମୟ: ଅପରାହ୍ନ ୨ଟା ୧୫।

## ବୌଦ୍ଧ

- ହରଭଙ୍ଗା ବ୍ଲକରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତଳଗାଁ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲ୍ଲା ସାମ୍ବାଦିକ ସଂଘର ବାର୍ଷିକୋତ୍ସବ, ସ୍ଥାନ: ବୌଦ୍ଧ ମାଉସୀ ମା' ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ।

## ଦେବଗଡ଼

- ଷୋହଳ ପ୍ରହର ନାମ ଯଜ୍ଞ ପୂର୍ଣ୍ଣାହୂତି, ନଗର କୀର୍ତ୍ତନ, ପ୍ରସାଦ ସେବନ, ସ୍ଥାନ: ଦନ୍ତାରିବାହଲ, ସମୟ: ପୂର୍ବାହ୍ନ୧୦ଟା।

## ସୁବର୍ଣ୍ଣପୁର

- ଶ୍ରୀମଦ ଭାଗବତ ସପ୍ତାହ ପାରାୟଣର ଦ୍ୱିତୀୟ ଦିବସ, ସ୍ଥାନ: ବୀରମହାରାଜପୁର ବ୍ଲକର ଭୂତିଆପାଲି, ସମୟ: ପୂର୍ବାହ୍ନ ୧୦ ଟା।
- ବଶିଷ୍ଟ ଚୈତନ୍ୟ ଭାଗବତ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଅମରପାଲି ତ୍ରିକୂଟ ଛକ, ସମୟ: ପୂର୍ବାହ୍ନ ୧୦ ଟା।
- ସର୍ବଭାରତୀୟ ୧୫ତମ ରାମଧୁନ କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ଇଙ୍କଫେଷ୍ଟ ଅବସରରେ ତୃତୀୟ ଆଲୋଚନାଚକ୍ର 'ଜାତୀୟ ଶିକ୍ଷାନୀତି'-୨୦୨୦ ଓ ଆଗାମୀ ଭାରତ,ସ୍ଥାନ: ସୋନପୁର ରୟାଲ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ଅଗ୍ରୱାଲ ଚକ୍ଷୁ ଚିକିତ୍ସା କେନ୍ଦ୍ର ଲୋକାର୍ପଣ, ସ୍ଥାନ: ପିପିଏଲ୍ ଛକ, ବିଜୟଚନ୍ଦ୍ରପୁର, ପାରାଦୀପ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ଶ୍ରୀଶ୍ରୀ ବାବା କପିଳେଶ୍ୱର ଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନୟାଗଡ଼ ବ୍ଲକର କଳାହାଣ୍ଡି, ସମୟ: ସକାଳ ୯ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ଼ ବ୍ଲକ ବିରୁଡା, ସମୟ :ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ଼ ବ୍ଲକ ଜହ୍ନିପଦା ଶରଣକୁଳ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ଼ ବ୍ଲକ ବଡପଣ୍ଡୁସର, ସମୟ :ମଧ୍ୟାହ୍ନ ୧୨ଟା।
- ୩ ଦିନ ବ୍ୟାପୀ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ପୂର୍ଣ୍ଣାହୁତି, ପ୍ରସାଦ ସେବନ, ସ୍ଥାନ: ଶ୍ରୀଶ୍ରୀ ଅତ୍ରିମୁନୀ ସେବାଶ୍ରମ, ଶାମୁକା ଖୋଲ, ଓଡ଼ଗାଁ, ସମୟ:ମଧ୍ୟାହ୍ନ ୧୨ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ, ସ୍ଥାନ: ନୟାଗଡ ବ୍ଲକର ସିନ୍ଧୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ:ମଧ୍ୟାହ୍ନ ୧୨ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ଼ ମ୍ୟୁନିସିପାଲିଟିର ୱାର୍ଡ ନଂ ୪ ଓ ୫, ସମୟ :ମଧ୍ୟାହ୍ନ ୧୨ଟା ୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ଼ ବ୍ଲକ ଚଣ୍ଡୀବସ୍ତ୍ର, ସମୟ : ଅପରାହ୍ନ ୧ଟା।
- ଭାଗବତ ସପ୍ତାହର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହରର ରାଧାନାଥ କଲୋନୀ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ଦିବ୍ୟ ଜୀବନ ସଂଘ ପକ୍ଷରୁ ଶ୍ରୀ ବିଷ୍ଣୁ ମହାଯଜ୍ଞ, ସ୍ଥାନ: ଶିବାନନ୍ଦ ଆଶ୍ରମ, କପାଳେଶ୍ୱର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ନାରାୟଣ ଚନ୍ଦ୍ର ପତିଙ୍କ କବିତା ସଙ୍କଳନ ମା'ର ପଣତ ଶ୍ରୀମନ୍ଦିର ନେତ ଉନ୍ମୋଚନ ଓ କବିତା ପାଠୋତ୍ସବ, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ବଛରାଇ ଓ ଜମପଡା ପଞ୍ଚାୟତ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ଫକୀରାବାଦ ଆଜାଦ କ୍ଲବ ପକ୍ଷରୁ ଦିବାରାତ୍ର ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: କେନ୍ଦ୍ରାପଡା ହାଇସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୪ଟା।

## ଯାଜପୁର

- ନାନପୁର ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବଡ଼ଚଣା ବ୍ଲକ ଅନ୍ତର୍ଗତ ନାନପୁର ଗ୍ରାମର ବିରୂପା ନଦୀକୂଳ, ସମୟ: ପୂର୍ବାହ୍ନ ୧୦ଟା।
- ରଇପୁରସ୍ଥିତ ଯୁଗାନ୍ତର ସାଂସ୍କୃତିକ ପରିଷଦର ସାମ୍ବତ୍ସରିକ ସମାରୋହ ଓ ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଜୟନ୍ତୀ ଉତ୍ସବ ପାଳନ, ସ୍ଥାନ: ବଡ଼ଚଣା ବ୍ଲକର ରଇପୁର ଘାଟକୂଳ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ଭାଷା ସମାବେଶ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ବାଣିଜ୍ୟ ଶିଳ୍ପ ପ୍ରତିଷ୍ଠାନ କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଅନୁଗୋଳ

- ଅନନ୍ତ ନାରାୟଣ ନବରାତ୍ର ମହାଯଜ୍ଞ, ସ୍ଥାନ: ମନ୍ଦରଗିରି, ସମୟ: ସକାଳ ୮ଟା।
- ମା' ଫଟାକାଞ୍ଜିଆ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ଗୋଡ଼ିସାହି, ସମୟ: ପୂର୍ବାହ୍ନ ୧୧ ଟା।
- ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା, ସ୍ଥାନ: ଶୌଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୩ଟା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ଦେଖିଲା ପୁଅ ଦେଖ,**
**କଇଁଚ କାଢ଼ିଛି ବେକ।**

ହାତରେ ଧନ ଓ କ୍ଷମତା ମିଳିଗଲେ ଲୋକେ ଧରାକୁ ସରା ମନେକରିଥାନ୍ତି। ନିଜର ପଦମର୍ଯ୍ୟାଦା ତଥା ଐଶ୍ୱର୍ଯ୍ୟକୁ ଆଳ କରି ସେମାନଙ୍କଠାରେ ଆତ୍ମବଡିମା ପ୍ରକାଶ ପାଇଥାଏ। ଏହିପରି ନୂଆ କ୍ଷମତାଧାରୀ ଓ ଧନଶାଳୀ ବ୍ୟକ୍ତିଙ୍କ ଗର୍ବକୁ ଇଙ୍ଗିତ କରି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ନଈକି ଗଡ଼ିଲି, ଚାଉଳ ଧୋଇଲି,**
**ମାଡିଲି ମୁଣ୍ଡା ଗାଗର;**
**ମାଆକୁ କହିବ କାନ୍ଦିବ ନାହିଁ,**
**ଜୋଇଁ ତ ଗୁଣ ସାଗର।**

ଜୋଇଁ ଯଦି ଭଲ ଗୁଣର ହୋଇଥାଏ ତା'ହେଲେ ଯେତେ କଷଣ ପଡିଲେ ମଧ୍ୟ ଝିଅ ସେସବୁ ସହ୍ୟ କରିନେଇଥାଏ। ଶାଶୁଘରେ ପାଇଟି କରୁଥିବା ଝିଅ ନିଜ ଦୁଃଖ ଦୁର୍ଦ୍ଦଶାକୁ ନେଇ ମନ ଊଣା ନ କରିବା ପାଇଁ ନିଜ ମା'କୁ ପ୍ରବୋଧନା ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆନୁଷ୍ଠାନିକ କାମ ପାଇଁ ଉତ୍ସାହ ସାଙ୍ଗକୁ ପାରିବାରିକ ଜୀବନ ସୁମଧୁର ହୋଇ ଉଠିବ। ଅଟକି ରହିଥିବା କାମକୁ ପୂରାଦମ୍‌ରେ କରିବାର ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ଆତ୍ମୀୟଙ୍କ ସହ ଆଲୋଚନାରେ ସମୟ କଟାଇବେ। ସାହିତ୍ୟ, ସାମ୍ବାଦିକତା, ସଭାସମିତି କିମ୍ବା କର୍ମାରମ୍ଭ ପ୍ରୀତିପ୍ରଦ ହେବ।

**ବୃଷ**
ଦୀର୍ଘ ଦିନରୁ ଅଟକି ରହିଥିବା କାମଗୁଡ଼ିକ ସମ୍ପନ୍ନ କରିବା ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ପରିବାରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। କଚେରି ମାମଲା, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତାରୁ ପ୍ରଶଂସିତ ହେବେ। ଆଲୋଚନା ସମୟରେ ସାଧାରଣ କଥାକୁ କେନ୍ଦ୍ର କରି ପ୍ରିୟ ବନ୍ଧୁଟି କ୍ଷୁବ୍ଧ ହୋଇପାରନ୍ତି।

**ମିଥୁନ**
କର୍ମକ୍ଷେତ୍ରରେ ପ୍ରତିଷ୍ଠାର୍ଜନ ଏବଂ ଲୋକପ୍ରିୟତା ବୃଦ୍ଧି ପାଇବ। ଅନ୍ୟମାନଙ୍କ ଫୁସୁଲା ଫୁସୁଲି କଥାରେ ଭାସି ଯାଇ କାମ କଲେ ପରେ ଅନୁତାପ କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ପାରିବାରିକ ସ୍ତରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**କର୍କଟ**
କର୍ମକ୍ଷେତ୍ରରେ ପାରୁପର୍ଯ୍ୟନ୍ତ ଚେଷ୍ଟା କରି କାମ କଲେ ମଧ୍ୟ ପଦୁଟିଏ ପ୍ରଶଂସା ଶୁଣିପାରିବେ ନାହିଁ। ପ୍ରତିବନ୍ଧକ କାରଣରୁ ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଅଭିଯୋଗ ଆସିପାରେ। ଘରୋଇ କଥାରେ କିଛି ମତପାର୍ଥକ୍ୟ ସୃଷ୍ଟି ମାନସିକ ଅଶାନ୍ତିର କାରଣ ହେବ। କାର୍ଯ୍ୟଦକ୍ଷତା ହେତୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ସିଂହ**
ପ୍ରତିକୂଳତା କାରଣରୁ ଯେଉଁ କାମରେ ହାତ ଦେଲେ ମଧ୍ୟ ସେଥିରେ ସଫଳତା ପାଇବା କଷ୍ଟକର ହେବ। ଇଚ୍ଛା ନ ଥିଲେ ମଧ୍ୟ ଦୂର ସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ। ପାରିବାରିକ କ୍ଷେତ୍ରରେ ଅଶାନ୍ତ ମନ ଦିନ ଗୋଟାଏ ପରେ ଶାନ୍ତ ହେବ। ରୋଗ, ଋଣ ଓ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବ, ଏଣୁ ସାମୟିକ ଆନନ୍ଦ ପାଇବେ।

**କନ୍ୟା**
ଆଜି ସକାଳୁ ସକାଳୁ ବନ୍ଧୁଙ୍କ ଗୃହକୁ ଯିବା ସକାଶେ ସଜବାଜ ହୋଇପାରନ୍ତି। ଯେକୌଣସି ବିବାଦୀୟ ଘଟଣାରେ ନୀରବ ରହିବା ଭଲ ହେବ। ରୋଗଣା ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ। ଚିତ୍ରା ନକ୍ଷତ୍ର ପାଇଁ ଦିନଟି ବହୁତ ଅନୁକୂଳ ରହିବ, ଅର୍ଥ ଓ ସମ୍ମାନ ପାଇବେ।

**ତୁଳା**
ପରିବାରରେ ମନ ଭିତରର ଅଶାନ୍ତି ବିରକ୍ତିକର କଥାବାର୍ତ୍ତାର ରୂପ ନେଇପାରେ। ଆର୍ଥିକ ସଂକଟ ସୁଧାରିବା ପରିପ୍ରେକ୍ଷୀରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ ସାୟାହ୍ନରେ କ୍ଳାନ୍ତି ଅନୁଭବ କରିବେ। ଯାହା ଆଶା କରୁଥିଲେ କିଛି ପରିମାଣରେ ଅବଶ୍ୟ ପାଇବେ।

**ବିଛା**
ବନ୍ଧୁଙ୍କ ସହ ସାମାନ୍ୟ କଥାରେ ଅତିଶୟ ରାଗି ପରିସ୍ଥିତିକୁ ସରଗରମ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ନାନା ସମସ୍ୟାରେ ପଡ଼ି ବିଶେଷ ଭାବରେ ବିଚଳିତ ହୋଇପାରନ୍ତି। କଳା, ସାହିତ୍ୟ ଓ ବନ୍ଧୁମିଳନ କ୍ଷେତ୍ରରେ ବେଶ୍ ଆଦୃତ ହେବେ। ନିର୍ମାଣ, ମାଲି ମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତିରେ ଜୟଯୁକ୍ତ ହେବାର ସମ୍ଭାବନା ରହିଛି।

**ଧନୁ**
ଆଜି ଶନିଙ୍କ ସ୍ଥିତି କାରଣରୁ ଅତୀତ କଥା ଚିନ୍ତା କରି ମନଟା ଭଲ ଲାଗି ନ ପାରେ। ଭାଙ୍ଗି ପଡ଼ିଥିବା ସମ୍ପର୍କକୁ ପୁଣି ଯୋଡ଼ିବାକୁ ଚେଷ୍ଟା କରି ମଧ୍ୟ କିଛି ଲାଭ ପାଇବେ ନାହିଁ। ଭିତରେ ଭିତରେ କୁହୁଳୁଥିବା ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଅସାବଧାନତା ପରିହାର କରି ଯାନବାହନ ଚଳାଚଳରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ।

**ମକର**
ସଭାସମିତିରେ ବନ୍ଧୁଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ନିଜର ଭାବାବେଗକୁ ରୋକିପାରିବେ ନାହିଁ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, କିନ୍ତୁ ଅଜଣା ଆଶଙ୍କାରେ ଉଦ୍‌ବେଳିତ ହେବେ। ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ବେଶ୍ ଆଦୃତ ହୋଇପାରନ୍ତି।

**କୁମ୍ଭ**
ସମସ୍ୟାବହୁଳ ପରିସ୍ଥିତିରେ ସଂଯମ ରକ୍ଷା ନ କଲେ ବିବାଦ ଭିତରକୁ ଟାଣି ହୋଇ ପାରନ୍ତି। ପୂର୍ବଭାଦ୍ରବ ନକ୍ଷତ୍ରର କୌଣସି ଘଟଣାକୁ ନେଇ ଆଜି ମନ ଭାରାକ୍ରାନ୍ତ ରହିବ। ଶାରୀରିକ ଅସୁସ୍ଥତା ମଧ୍ୟ ଏହାର ଏକ କାରଣ ହୋଇପାରେ। ବିବାଦୀୟ ଘଟଣାରେ, ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ମୀନ**
ଯେତେ ଭାବିଚିନ୍ତି କାମ କଲେ ମଧ୍ୟ ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ, କିନ୍ତୁ ସମ୍ପୂର୍ଣ୍ଣ ନିରାମୟର ଆଶା ବହୁଦୂରରେ ଥିବାର ଅନୁଭବ କରିବେ। ବନ୍ଧୁଙ୍କ ସହ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍‌ଠିକ୍ ହୋଇଯିବ। ପ୍ରଶାସନିକ କାର୍ଯ୍ୟବ୍ୟସ୍ତତା ଭିତରେ ସମୟ ଅତିବାହିତ କରିବେ।

ଆଜି ଫେବୃଆରୀ ୧୮ ତାରିଖ, ମାଘ ଶୁକ୍ଳ ନବମୀଯୁକ୍ତ ଦଶମୀ ରବିବାର, ରାମକୃଷ୍ଣ ପରମହଂସଙ୍କ ଜନ୍ମ ଦିବସ, ରାଶିନକ୍ଷତ୍ର- ଦିବା ଘ.୦୯।୨୩ ଗତେ, ମୃଗଶିରା/ବୃଷ ଦଶମୀର ଏକୋଦ୍ଦିଷ୍ଟ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ବିଦ୍ୟାରମ୍ଭ, ଜଳାଶୟ ଖନନ ଓ ନବବଧୂ ଯାତ୍ରା ସକାଶେ ଶୁଭଦିନ। ଦିବା ଘ.୦୬।୧୮ ଗତେ ଘ.୧୦।୦୬ ମଧ୍ୟେ, ଘ.୦୧।୨୬ ଗତେ ଘ.୦୧।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୭ ଗତେ ଘ.୦୫।୪୩ ମଧ୍ୟେ ରାହୁ କାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଫେବୃଆରୀ ୧୮/୨୦୨୪ Bhubaneswar, Sunday, February 18/2024 | ପୃଷ୍ଠା-୧

# ଫେରିବ ଚୌଦ୍ୱାର ହୃତଗୌରବ

## ୱେଲ୍‌ସ୍ପନର ଟେକ୍ସଟାଇଲ କମ୍ପ୍ଲେକ୍ସ ପାଇଁ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ




ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସମେତ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

**କଟକ/ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୧୭।୨(କାର୍ତ୍ତିକ ସାହୁ/ଆଶୁତୋଷ ଦାସ/ମାନସ ସାମଲ)**

ଚୌଦ୍ୱାର ପାଇଁ ଶନିବାର ବହୁତ ଖୁସିର ଦିନ। ଚୌଦ୍ୱାର ତା'ର ଗୌରବ ଫେରିପାଇବାକୁ ଯାଉଛି। ୫୦ ଦଶକ ଆରମ୍ଭରେ ବିଜୁ ବାବୁ ଚୌଦ୍ୱାରରେ ଶିଳ୍ପ ବିକାଶର ଭିତ୍ତି ରଖିଥିଲେ। ପୁଣିଥରେ ଚୌଦ୍ୱାର ପାଇଁ, କଟକ ଜିଲା ଲାଗି, ସାରା ଓଡ଼ିଶା ନିମନ୍ତେ ଶନିବାର ଶିଳ୍ପକ୍ଷେତ୍ରରେ ନୂଆ ଇତିହାସ ଲେଖାଗଲା। ଏହାସହିତ ଚୌଦ୍ୱାରରେ ଆରମ୍ଭ ହୋଇଛି ଶିଳ୍ପାୟନ ପୁନର୍ବିକାଶର ଏକ ଗୌରବମୟ ଅଧ୍ୟାୟ। ଚୌଦ୍ୱାରରେ ବିଶ୍ୱପ୍ରସିଦ୍ଧ ବୟନଶିଳ୍ପ କମ୍ପାନୀ ୱେଲ୍‌ସ୍ପନ୍‌ର ଇଣ୍ଟିଗ୍ରେଟେଡ୍ ଟେକ୍ସଟାଇଲ କମ୍ପ୍ଲେକ୍ସ ପାଇଁ ଶନିବାର ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ଏଥିସହ ସେ ଆହୁରି କହିଛନ୍ତି, ଏହି ଶିଳ୍ପ ଦ୍ୱାରା କଳାହାଣ୍ଡି, ବଲାଙ୍ଗୀର, ରାୟଗଡ଼ା ଓ ଗଜପତି ଜିଲାର କପାଚାଷୀମାନେ ଉପକୃତ

**■ ୩୦୫୦ କୋଟି ଟଙ୍କା ପୁଞ୍ଜିନିବେଶ, ପ୍ରତ୍ୟକ୍ଷରେ ୧୦ ହଜାର ନିଯୁକ୍ତି**

**■ ମହିଳାମାନଙ୍କ ଦକ୍ଷତା ବିକାଶ, ନିଯୁକ୍ତି ପାଇଁ ବିପୁଳ ସୁଯୋଗ**

**■ ପୁଞ୍ଜି ଆକର୍ଷଣରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ: ଗୋଏଙ୍କା**

ହେବେ। ବୟନ ଶିଳ୍ପରେ ମା'ମାନଙ୍କ ପାଇଁ ବହୁତ ସୁଯୋଗ ଅଛି। ସେମାନଙ୍କ ଦକ୍ଷତାର ବିକାଶ କରାଯିବା ସହ ନିଯୁକ୍ତି ପାଇଁ ବହୁତ ସୁଯୋଗ ଆସିବ। ୱେଲ୍‌ସ୍ପନ୍ ଗ୍ରୁପ୍ ପୃଥିବୀର ଏକ ପ୍ରସିଦ୍ଧ ବୟନ ଶିଳ୍ପ କମ୍ପାନୀ ବୋଲି ମତଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ୟୁରୋପ, ଆମେରିକା ଭଳି ବିଶ୍ୱର ଧନୀ ଦେଶଗୁଡ଼ିକୁ ଏହାର ସାମଗ୍ରୀ ବହୁ ପରିମାଣରେ ରପ୍ତାନି ହୁଏ। ଏପରି କମ୍ପାନୀ ଓଡ଼ିଶାକୁ ଆସିବା ବହୁତ ଖୁସିର କଥା। ଚୌଦ୍ୱାରରେ ଏହି କମ୍ପାନୀ ପୁଞ୍ଜିନିବେଶ ଓ ନିଯୁକ୍ତି କ୍ଷେତ୍ରରେ ଓଡ଼ିଶା ପାଇଁ ଏକ ନୂଆ ପରିଚୟ ସୃଷ୍ଟି କରିବ। ୱେଲ୍‌ସ୍ପନ୍ ଗ୍ରୁପ୍‌ର ଅଧ୍ୟକ୍ଷ ବି.କେ. ଗୋଏଙ୍କାଙ୍କୁ ଓଡ଼ିଶାରେ ପୁଞ୍ଜି ବିନିଯୋଗ ପାଇଁ ଧନ୍ୟବାଦ ଦେଇ କହିଛନ୍ତି, ଓଡ଼ିଶାର ବିକାଶ ଯାତ୍ରାରେ ୱେଲ୍‌ସ୍ପନ୍ ଗ୍ରୁପ୍‌ର ସହଭାଗିତା ଅଭିବୃଦ୍ଧିର ନୂଆ ଅଧ୍ୟାୟ ସୃଷ୍ଟି କରିବ। ଏହି ଶିଳ୍ପର ସଫଳତା ପାଇଁ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ୱେଲ୍‌ସ୍ପନ୍ ଗ୍ରୁପ୍ ଅଧ୍ୟକ୍ଷ ଗୋଏଙ୍କା କହିଛନ୍ତି, ଗତ ୨୦ ବର୍ଷ ମଧ୍ୟରେ ଓଡ଼ିଶାରେ ବ୍ୟାପକ ଉନ୍ନତି ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଓ କଠିନ ପରିଶ୍ରମ ଯୋଗୁ ଓଡ଼ିଶାରେ ଏପରି ପରିବର୍ତ୍ତନ ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ୫-ଟି ଉପକ୍ରମ ଯୋଗୁ ଓଡ଼ିଶାର ସରକାରୀ ସ୍କୁଲଗୁଡ଼ିକ ବେସରକାରୀ ସ୍କୁଲଠାରୁ ଅଧିକ ଭଲ ହୋଇପାରିଛି। ଭାରତରେ ସବୁଠାରୁ ଅଧିକ ପୁଞ୍ଜି ହିଁ ଓଡ଼ିଶାକୁ ଆସୁଛି। ଓଡ଼ିଶାରେ ☞ପୃଷ୍ଠା-୯






ଯଦି କୌଣସି ସମସ୍ୟା ଆସେ– ତେବେ ତା'ସମ୍ବନ୍ଧେ ବିକ୍ଷିପ୍ତ ଭାବେ ମୁଣ୍ଡ ନ ଖେଳାଇ ଯଦି ଶୁଭେଚ୍ଛାର ଅଭୀପ୍ସା ନେଇ ଏକ ଶୁଭସଂକଳ୍ପ ପାଇଁ ପ୍ରୟୋଜନ ବୋଧ ସହିତ ନୀରବ ଓ ଶାନ୍ତଭାବେ ଅପେକ୍ଷା କର – ତେବେ ସମାଧାନ ଖୁବ୍‌ଶୀଘ୍ର ଆସିଥିବା– ଏବଂ ତୁମେ ନୀରବ ଥିବାରୁ ତାହା ଶୁଣିବାକୁ ସମର୍ଥ ହେବ। –ଶ୍ରୀମା



# ବିପଜ୍ଜନକ ଯୋଜନା



ଆକାର ପଟେଲ

ଭାରତର ଇଲେକ୍ଟୋରାଲ ବଣ୍ଡ୍ ଯୋଜନାକୁ ସୁପ୍ରିମକୋର୍ଟ ବେଆଇନ ଘୋଷିତ କରିଛନ୍ତି। ଯେଉଁମାନେ ଏକଚ୍ଛତ୍ରବାଦକୁ ବିରୋଧ କରୁଛନ୍ତି ସେମାନଙ୍କ ପାଇଁ ଏହା ଏକ ବିରଳ ନ୍ୟାୟିକ ବିଜୟ। କିନ୍ତୁ ଗତ ସାଧାରଣ ନିର୍ବାଚନ ସମେତ ଅନେକ ନିର୍ବାଚନ ଏହି ବେଆଇନ ପାଣ୍ଠିକୁ ନେଇ ଲଢ଼େଇ କରାଯାଇଛି। ଏହା ପୂର୍ବରୁ ବଣ୍ଡ ଉପରେ ବିଚାରକରି ରାୟ ଦେଇଥିଲେ ଭଲ ହୋଇଥାନ୍ତା, କିନ୍ତୁ କୋର୍ଟ ତାହା କରିବାକୁ ଚାହିଁ ନ ଥିଲେ। ଏହି ପ୍ରସଙ୍ଗରେ ବିଚାରକରିବାରେ କାହିଁକି ବିଳମ୍ବ କରିଥିଲେ ବୋଲି ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କୁ ପଚରାଯାଇଥିଲା। ସେ କହିଥିଲେ, ତାଙ୍କ କୋର୍ଟକୁ ଏହି ପ୍ରସଙ୍ଗ ଆସିଥିବା ସେ ମନେରଖିନାହାନ୍ତି। ଇଲେକ୍ଟୋରାଲ ବଣ୍ଡ୍ କାରବାର କିଭଳି ଖରାପ ଥିଲା ତାହା ଜାଣିବା ଲାଗି ଏଠାରେ ଉଲ୍ଲେଖ କରାଯାଉଛି। ୨୦୧୭ ବଜେଟ ବେଳେ ମୋଦି ସରକାର ଏହି ଯୋଜନା ଘୋଷଣା କରିଥିଲେ। କୁହାଯାଇଥିଲା ଯେ, ବଣ୍ଡ୍‌ଗୁଡ଼ିକ ରାଜନୈତିକ ଦଳଗୁଡ଼ିକ ପାଇଁ ବେନାମୀ ତଥା ଅଜଣା ଦାତାଙ୍କ ମାଧ୍ୟମରେ ଟଙ୍କା ପାଇବା ପାଇଁ ଏକ ମାଧ୍ୟମ ହେବ। ବଣ୍ଡ୍ କିଣିବା ସମୟରେ ଦାତା ସେମାନଙ୍କ ପରିଚୟ ବ୍ୟାଙ୍କରେ ପ୍ରକାଶ କରିବାକୁ ପଡ଼ିବ, କିନ୍ତୁ ବଣ୍ଡ୍‌ରେ ପରିଚୟ ପ୍ରକାଶ ପାଇବ ନାହିଁ। ରାଜନୈତିକ ଦଳଗୁଡ଼ିକ ଦାତାଙ୍କୁ ନ ଜାଣି ଟଙ୍କା ଗ୍ରହଣ କରିପାରିବେ। ତେଣୁ ରାଜନୈତିକ ଦଳଗୁଡ଼ିକୁ କିଏ ପାଣ୍ଠି ଦେଉଛନ୍ତି ଏବଂ ପ୍ରଭାବିତ କରୁଛନ୍ତି ତାହା ଭୋଟରମାନେ ଜାଣିପାରିବେ ନାହିଁ। ଏହି ଯୋଜନା ବିଦେଶୀ କମ୍ପାନୀ ଏପରିକି ସେଲ୍ କମ୍ପାନୀଗୁଡ଼ିକୁ ଦାନ ବିଷୟରେ କାହାକୁ ନ ଜଣାଇ କିମ୍ବା ଦାତାଙ୍କ ନାମ ପ୍ରକାଶ ନ କରି ଭାରତର ରାଜନୈତିକ ପାର୍ଟିକୁ ଦାନ କରିବାକୁ ଅନୁମତି ଦିଏ। ଏହା ମଧ୍ୟ କମ୍ପାନୀ ଅଧିନିୟମର ଏକ ଭାଗକୁ ଶେଷ କରିଦେଇଥିଲା ଯେଉଁଥିରେ କର୍ପୋରେଟଗୁଡ଼ିକୁ ସେମାନଙ୍କର ବାର୍ଷିକ ଆକାଉଣ୍ଟ ଷ୍ଟେଟ୍‌ମେଣ୍ଟରେ ରାଜନୈତିକ ଦାନର ବିବରଣୀ ପ୍ରକାଶ କରିବାକୁ ପଡ଼େ। ବର୍ତ୍ତମାନ ସେମାନଙ୍କୁ ଆଉ ସେଭଳି କରିବା ଆବଶ୍ୟକ ପଡ଼ିଲା ନାହିଁ। ପୂର୍ବରୁ ମଧ୍ୟ କର୍ପୋରେଟଗୁଡ଼ିକ ସେମାନଙ୍କ ହାରାହାରି ୩ ବର୍ଷର ମୋଟ୍ ଲାଭର ସର୍ବାଧିକ ୭.୫ ପ୍ରତିଶତ ରାଜନୈତିକ ଦଳକୁ ଦାନ କରିବାର ସୀମା ଥିଲା। ଏବେ ଏହା ଆଉ ନାହିଁ। ଏହି କଟକଣାକୁ ଆଇନଗତଭାବେ ଉଠାଇଦିଆଯିବା ଯୋଗୁ କର୍ପୋରେଟଗୁଡ଼ିକ ବର୍ତ୍ତମାନ ଇଲେକ୍ଟୋରାଲ ବଣ୍ଡ୍ ମାର୍ଗ ଦେଇ ଯାଇପାରିଲେ। ନାମ ଗୁପ୍ତ ରଖି ପାର୍ଟିକୁ ପାଣ୍ଠି ଯୋଗାଇବା ପ୍ରକ୍ରିୟା ସହଜ କରାଗଲା। ଆଉ ମଧ୍ୟ କୁହାଯାଇଥିଲା ଯେ, ୨୯ଟି ସହରର ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଅନେକ ବଣ୍ଡ୍ ଆକାରରେ ଉପଲବ୍ଧ ହେବ। ଜଣେ ଦାତା ସେଗୁଡ଼ିକୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଜରିଆରେ କିଣିପାରିବେ, ନିଜ ପସନ୍ଦର ପାର୍ଟି କିମ୍ବା ବ୍ୟକ୍ତିଙ୍କୁ ହସ୍ତାନ୍ତର କରିପାରିବେ ଏବଂ ବଣ୍ଡ୍‌ଗୁଡିକ ୧୫ ଦିନ ପାଇଁ ବୈଧ ହେବ।

୨୦୧୭ ବଜେଟର ୪ଦିନ ପୂର୍ବରୁ ଜଣେ ଅମଲାତନ୍ତ୍ରୀ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଭିଭାଷଣରେ ଏସବୁ ଚିହ୍ନିତକରି ଉଲ୍ଲେଖ କରିଥିଲେ ଯେ, ଏଭଳି ଏକ ବିରାଟ ପରିବର୍ତ୍ତନ ପାଇଁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ଙ୍କ ସହମତି ଆବଶ୍ୟକ। ଏହାର କାରଣ ହେଲା ବଣ୍ଡ୍‌ର ପ୍ରବର୍ତ୍ତନ ଆର୍‌ବିଆଇ ଅଧିନିୟମରେ ପରିବର୍ତ୍ତନ ଆବଶ୍ୟକ କରେ। ଏହି ଅଧିନିୟମକୁ ବଣ୍ଡ୍ ଯୋଜନା ସହିତ ସମାନ କରିବା ପାଇଁ ଅଧିକାରୀ ଜଣକ ଏକ ପ୍ରସ୍ତାବିତ ସଂଶୋଧନ ପ୍ରସ୍ତୁତ କରିଥିଲେ ଏବଂ ମନ୍ତ୍ରୀଙ୍କୁ ଦେଖିବା ପାଇଁ ଫାଇଲ ପଠାଇଥିଲେ। ସେହିଦିନ, ୨୮ ଜାନୁଆରୀ ୨୦୧୭ ଶନିବାରରେ ଆର୍‌ବିଆଇଠାରୁ ଏହାର ମତାମତ ଜାଣିବାକୁ ଚାହିଁ ପାଞ୍ଚ ଧାଡ଼ିର ଲେଖା ଇ-ମେଲ୍‌ରେ ପଠାଯାଇଥିଲା। ଏହାର ଉତ୍ତର ପରବର୍ତ୍ତୀ କାର୍ଯ୍ୟଦିବସ ଅର୍ଥାତ୍ ୩୦ ଜାନୁଆରୀ ସୋମବାରରେ ମିଳିଥିଲା। ଆର୍‌ବିଆଇ ସ୍ପଷ୍ଟ କରିଥିଲା ଯେ, ଆର୍‌ବିଆଇ ଅଧିକାର ବିରୋଧରେ ଇଲେକ୍ଟୋରାଲ ବଣ୍ଡ୍ ଯାଉଥିବାରୁ ଏହା ଏକ ଖରାପ ସିଦ୍ଧାନ୍ତ। ଆର୍‌ବିଆଇ ପ୍ରକାଶ କରିଥିଲା ଯେ, ଆଇନରେ ସଂଶୋଧନ ଆଣି ସୁଗମ କରିବା କାର୍ଯ୍ୟ କେନ୍ଦ୍ରୀୟ ବ୍ୟାଙ୍କିଙ୍ଗ୍ ଆଇନର ମୂଳ ନୀତିକୁ ଗୁରୁତର ଭାବରେ କ୍ଷୁଣ୍ଣ କରିବ ଏବଂ ଏହା କରିବା ଏକ ଖରାପ ଉଦାହରଣ ସୃଷ୍ଟି କରିବ। ଆର୍‌ବିଆଇର ଦ୍ୱିତୀୟ ଆପତ୍ତି ଥିଲା , ବଣ୍ଡ୍‌ର ମୂଳ କ୍ରେତା ପାର୍ଟିକୁ ଦାନ ଦେଉଥିବା ପ୍ରକୃତ ଦାତା ହେବା ଦରକାର ପଡୁ ନ ଥିବାରୁ ସ୍ୱଚ୍ଛତାର ଉଦ୍ଦେଶ୍ୟ ମଧ୍ୟ ହାସଲ ହୋଇପାରିବ ନାହିଁ। ଆର୍‌ବିଆଇ କହିଥିଲା ଯେ, ଏହି ବଣ୍ଡ୍‌ଗୁଡ଼ିକ ଅର୍ଥ ହେରଫେର ଆଇନ ଉପରେ ପ୍ରଭାବ ପକାଇବ। ଶେଷରେ ଆର୍‌ବିଆଇ ସ୍ପଷ୍ଟ କରିଥିଲା ଯେ, ଏକ ଇଲେକ୍ଟୋରାଲ ବିୟର ବଣ୍ଡ୍ ସୃଷ୍ଟିକରି ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଧାରାରେ ସମସ୍ୟା ସୃଷ୍ଟି କରିବାର କୌଣସି ଆବଶ୍ୟକତା ନ ଥିଲା।

ନିର୍ବାଚନ ବଣ୍ଡ୍ ଯୋଜନା ବିପଜ୍ଜନକ ଥିଲା ବୋଲି ଭାରତର ନିର୍ବାଚନ କମିଶନ(ଇସି) ମଧ୍ୟ କହିଥିଲା। ସୁପ୍ରିମକୋର୍ଟଙ୍କ ନିକଟରେ ଏକ ସତ୍ୟପାଠରେ ଏହା କହିଥିଲା ଯେ, ନିର୍ବାଚନ ବଣ୍ଡ୍ ମାଧ୍ୟମରେ ରାଜନୈତିକ ଦଳ ଗ୍ରହଣ କରିଥିବା ଦାନର ତଥ୍ୟକୁ ବାଦ୍ ଦେବା ଦ୍ୱାରା ରାଜନୈତିକ ଦଳଗୁଡ଼ିକର ରାଜନୈତିକ ପାଣ୍ଠିର ସ୍ୱଚ୍ଛତା ଉପରେ ଗୁରୁତର ପ୍ରଭାବ ପଡ଼ିବ। କିନ୍ତୁ ସୁପ୍ରିମକୋର୍ଟ ସରକାରଙ୍କ ଏଭଳି ତ୍ରୁଟିକୁ ଅଣଦେଖା କରିଥିଲେ ମଧ୍ୟ ଏହି ଯୋଜନା ପ୍ରଣୟନ ହେବା ଦିନରୁ ଇସି ଏହାକୁ ପ୍ରତିରୋଧ ଜାରି ରଖିଥିଲା। ବଣ୍ଡ୍ ସହ ଜଡ଼ିତ ଦୁଇ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ସେମାନଙ୍କ କାର୍ଯ୍ୟ କରିବାକୁ ଚେଷ୍ଟା କରିବା ସହ ଏହି ଯୋଜନାକୁ ବିରୋଧ କରିଥିଲେ। ହେଲେ ସେମାନେ ଅସମର୍ଥ ହେଲେ। ଯଦିଓ ଆର୍‌ବିଆଇ ତୁରନ୍ତ ଏହାର ଜବାବ ଦେଇଥିଲା ତଥାପି ସରକାର ଗୋଟିଏ କାରଣ ଦର୍ଶାଇ ଏହାକୁ ଖାରଜ କରିଦେଇ କହିଥିଲେ ଯେ, ଆର୍‌ବିଆଇର ପରାମର୍ଶ ବହୁ ବିଳମ୍ବରେ ଆସିଥିଲା ଓ ଏହା ପୂର୍ବରୁ ଫାଇନାନ୍ସ ବିଲ୍ ମୁଦ୍ରିତ ହୋଇସାରିଥିଲା। ଏହି ଇଲେକ୍ଟୋରାଲ ବଣ୍ଡ୍ ଅଧ୍ୟାୟ ଆମ ଗଣତନ୍ତ୍ରରେ ସଂସ୍ଥାଗତ ପ୍ରତିରୋଧର ପରିସୀମାକୁ ପ୍ରକାଶ କରିଛି। ତେବେ ଶେଷରେ ସୁପ୍ରିମକୋର୍ଟ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାକୁ ଅସାମ୍ବିଧାନିକ କହି ରଦ୍ଦ କରିଛନ୍ତି। ଆମ ଅନୁଷ୍ଠାନଗୁଡ଼ିକ କେତେ ଦୁର୍ବଳ ଏବଂ ସେମାନେ ଦେଶ ପାଇଁ ଭଲ ଚାହୁଁଥିବାବେଳେ ସେମାନଙ୍କୁ କିଭଳି ଅଣଦେଖା କରାଯାଇପାରେ, ସେ ଦିଗରେ ଆମକୁ ଏହି ରାୟ ସଚେତନ କରିଦେଇଛି।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 4 | | 5 | 6 |
| 5 | | 7 | | 6 | | | | |
| | | 4 | | | | | | |
| | | | 2 | | | | 6 | 7 |
| | 6 | | 3 | 9 | | | | 8 |
| 1 | | 3 | | | | | | 2 |
| | 2 | | 5 | | | 8 | | 1 |
| 8 | 4 | | | | | | 3 | |
| | | | | | 1 | | 7 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 8 | 1 | 4 | 5 | 6 | 2 | 3 |
| 4 | 2 | 6 | 7 | 3 | 9 | 8 | 5 | 1 |
| 1 | 3 | 5 | 8 | 2 | 6 | 9 | 7 | 4 |
| 5 | 6 | 9 | 4 | 1 | 7 | 3 | 8 | 2 |
| 2 | 8 | 1 | 5 | 9 | 3 | 4 | 6 | 7 |
| 3 | 4 | 7 | 6 | 8 | 2 | 1 | 9 | 5 |
| 8 | 9 | 2 | 3 | 7 | 4 | 5 | 1 | 6 |
| 6 | 1 | 4 | 2 | 5 | 8 | 7 | 3 | 9 |
| 7 | 5 | 3 | 9 | 6 | 1 | 2 | 4 | 8 |

ଗତ କାଲିର ଉତ୍ତର

# ଓଡ଼ିଆ ଭାଷାର ଦୁଃଖ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ନିକଟ ଅତୀତରେ ଯେତେବେଳେ ଓଡ଼ିଆ ଭାଷାର ଏକ ବିଶ୍ୱସ୍ତରୀୟ ସମ୍ମିଳନୀ ଆୟୋଜିତ ହୋଇ ଏହି ଭାଷାର ଜୟ ଜୟକାର ଧ୍ୱନିରେ ଗଗନ ମଣ୍ଡଳ ପ୍ରକମ୍ପିତ ହୋଇଥିଲା, ଏକ ବ୍ୟୟବହୁଳ ବର୍ଣ୍ଣାଢ଼୍ୟ ସମାରୋହରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଜ୍ଞାନୀ ଗୁଣୀ ଜନେ ଏହି ଭାଷାର ମହିମା ଗାନ କରି ତାହାକୁ ଗୌରବ ମଣ୍ଡିତ କରିଥିଲେ ; ସେତେବେଳେ ପୁଣି ତା'ର ଦୁଃଖ କ'ଣ ଯେ ! ତଥାପି ଆମ ଓଡ଼ିଆ ଭାଷାଟି ବଡ଼ ଦୁଃଖରେ ଅଛି। ବଡ଼ ବିଚିତ୍ର ଏଇ ଦୁଃଖ। ମଞ୍ଚ ଉପରେ ରାଜାଙ୍କ ବେଶଭୂଷାରେ ରାଜମୁକୁଟ ପରିହିତ ମହାରାଜ ଓଜନ୍ଦାର ସଂଳାପ କହି ନିଜ ସଂଭ୍ରାନ୍ତ ରାଜପଣର ପରିଚୟ ଦେଇ ଗ୍ରୀନରୁମ୍‌କୁ ବାହୁଡ଼ି ଆସିଲା ପରେ ଘରେ ଛାଡ଼ି ଆସିଥିବା ନିଜ ଅସୁସ୍ଥ ପୁଅ କଥା ଚିନ୍ତାକରି ଦୁଃଖୀ ହୋଇପଡ଼ିଲା ଭଳି ବିଶ୍ୱ ସମ୍ମିଳନୀର ଜୟଗାନ ପରେ ମଞ୍ଚମୁକ୍ତ ହୋଇ ଗ୍ରୀନ୍‌ରୁମ୍‌ରେ ନିର୍ମମ ବାସ୍ତବତା ପ୍ରତ୍ୟକ୍ଷ କରିଥିବା ଓଡ଼ିଆ ଭାଷାର ଏହି ଦୁଃଖ।

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ମଞ୍ଚରେ ଓଜସ୍ୱିନୀ ବକ୍ତୃତା ଦେଇ ଓଡ଼ିଆ ଭାଷାର ମହନୀୟ ଆବେଦନ ସମ୍ପର୍କରେ ଆଲୋକପାତ କରିଥିବା ତଥା 'ଓଡ଼ିଆ ଏକ୍‌ଟା ସ୍ୱତନ୍ତ୍ର ଭାଷା ନୟ' କହିଥିବା ସେଇ ବଙ୍ଗାଳୀ ବଡ଼ପଣ୍ଡାଙ୍କ ବିରୋଧରେ ବିଷୋଦ୍‌ଗାର କରିଥିବା ଜଣେ ପ୍ରତିଷ୍ଠିତ ଓଡ଼ିଆ ସାହିତ୍ୟିକଙ୍କ ଘରେ ତାଙ୍କ ସହ ଆଳାପ କରୁଥିଲେ ଜଣେ ସ୍ୱଳ୍ପ ପରିଚିତ ଲେଖକ। କଥାଟି ଅବଶ୍ୟ ଏବେକାର ନୁହେଁ, ତିରିଶ ବର୍ଷ ତଳର। ଏହି ବିଶିଷ୍ଟ ଓଡ଼ିଆଙ୍କ ବୈଠକଖାନାରେ ଦୁହେଁ ବସିଥିଲା ବେଳେ ଘର ମଧ୍ୟକୁ ପଶିଆସିଲେ ତାଙ୍କର ଦୁଇ ସ୍କୁଲ ଫେରନ୍ତା ପୁଅ। 'ହେଲୋ ଡାଡ୍' କହି ଭିତରକୁ ପଶିଯାଉଥିଲା ବେଳେ ପିଲା ଦୁହିଁଙ୍କୁ ଡାକି ମହୋଦୟ ଅଟକାଇଦେଲେ ଓ ଆଗନ୍ତୁକଙ୍କ ସହ ପରିଚିତ କରାଇ କହିଲେ- ''ତୁମ ଡାଡି ଭଳି ଏଇ ଅଙ୍କଲ ବି ଜଣେ ଲେଖକ।'' କେମିତି ଏକ ଅବଜ୍ଞାର ନଜର ଫିଙ୍ଗି ପିଲା ଦୁହେଁ ନୂଆ ଅଙ୍କଲଙ୍କୁ 'ହେଲୋ' କହି ଭିତରକୁ ପଶିଗଲେ। ସେମାନେ ଚାଲିଗଲା ପରେ ଓଡ଼ିଆ ଭାଷାର ପଣ୍ଡିତପ୍ରବର ଭାବେ ପ୍ରସିଦ୍ଧି ଅର୍ଜନ କରିଥିବା ସେମାନଙ୍କ ବାପା ଦାନ୍ତ ଦେଖାଇ ସାମାନ୍ୟ ହସିଲେ ଓ କହିଲେ- ''ପିଲା ଦୁହେଁ କନ୍‌ଭେଣ୍ଟରେ ପଢୁଛନ୍ତି ତ!'' ଅଥଚ ସେଦିନ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଓଡ଼ିଆ ମାଧ୍ୟମ ଶିକ୍ଷା ସପକ୍ଷରେ କି ଜ୍ୱାଳାମୟୀ ଭାଷଣ ତାଙ୍କର!

ଓଡ଼ିଆ ଭାଷାର ବିଶ୍ୱସ୍ତରୀୟ ମହତ୍ତ୍ୱ ପ୍ରତିପାଦନ କରିବାର ପ୍ରାଣମୟ ପ୍ରଚେଷ୍ଟା କରାଯାଉଛି ସେତିକିବେଳେ, ଯେତେବେଳେ ନିଜ ପିଲାମାନଙ୍କୁ ବ୍ୟୟବହୁଳ ଇଂଲିଶ୍ ମିଡିୟମ ସ୍କୁଲରେ ପାଠ ପଢ଼ାଇବାକୁ ଏକ 'ଷ୍ଟାଟସ୍ ସିମ୍ବଲ' ବା ସଂଭ୍ରାନ୍ତ ପରିଚୟର ଉପକ୍ରମ ଭାବେ ମାନ୍ୟତା ଦିଆଯାଉଛି। ପରିଚୟ ପାଇଁ ପଦବୀର ପତିଆରା ଥିବ, ରହିବା ପାଇଁ ସୁରମ୍ୟ ଅଟ୍ଟାଳିକା, ଗ୍ୟାରେଜ୍‌ରେ ଦାମୀ ଗାଡ଼ି ଓ ବ୍ୟାଙ୍କରେ ମୋଟାଅଙ୍କର ଅର୍ଥ। ଅଥଚ ନିଜ ପିଲାଏ କେଉଁ ଏକ ସାଧାରଣ ଓଡ଼ିଆ ସ୍କୁଲରେ ପାଠ ପଢୁଥିବେ। ଅସମ୍ଭବ। ଅତ୍ୟନ୍ତ ଅସହ୍ୟ ଅତୃପ୍ତି। ନିଜ ପ୍ରତିଷ୍ଠାର ଔଜ୍ଜଲ୍ୟ ଉପରେ କିଏ ଯେମିତି ମୋଞ୍ଚାଏ କଳା ଅନ୍ଧାର ଛାଟିଦେଇଛି! ସବୁ ଥାଇ ମଧ୍ୟ ଲାଗୁଛି ଯେମିତି ଦୁଃସ୍ଥ, ଦରିଦ୍ର!



ସମାଜରେ ନିଜ ପ୍ରତିଷ୍ଠା, ପତିଆରାକୁ ନେଇ ନିଜ ପିଲାଙ୍କୁ ଇଂଲିଶ ମିଡିୟମ ସ୍କୁଲରେ ପଢ଼ାଇବା, ସେମାନଙ୍କ ମୁହଁରୁ 'ଡାଡି', 'ମମି'ର ଆୱାଜ୍ ଶୁଣି ଏକ ଅନିର୍ବଚନୀୟ ଅନୁଭବରେ ଆହ୍ଲାଦିତ ହେବା ଭଳି ସହରୀ ଆଧୁନିକ ମାତାପିତାଙ୍କ ପାଖରେ ଓଡ଼ିଆ ଭାଷାର ହୀନିମାନ ଚେହେରା ସୀମିତ ଥିଲେ ଆଉ କଥା ନ ଥାନ୍ତା। ମାତ୍ର ଯେଉଁମାନେ ସବୁମତେ ଓଡ଼ିଆ, ନିଛକ ଓଡ଼ିଆମୀ ଯେଉଁମାନଙ୍କ ଅସ୍ଥିମଜ୍ଜାଗତ, ଯେଉଁମାନଙ୍କ ପରିବାରରେ କେଇପୁରୁଷ ଧରି ଓଡ଼ିଆ ଭାଗବତର ସ୍ୱର ଝଙ୍କୃତ ହୋଇଆସିଛି, ସେମାନେ ମଧ୍ୟ ନିଜ ପିଲାମାନଙ୍କୁ ଆଧୁନିକତାର ନୂଆ ସ୍ୱାଦ ଚଖାଇବା ପାଇଁ ପଛରେ ପଡ଼ିଯାଇନାହାନ୍ତି। ଯେଉଁଠି ପୁରୁଣାକାଳିଆ ମା'ବାପା ଡାକ କାନକୁ ପିତା ଲାଗେ, ଡାଡି ମମିର ସମ୍ବୋଧନ ମଧ୍ୟରେ ଅପୂର୍ବ ପୁଲକରେ ସମ୍ମୋହିତ ହୁଏ ଆପଣାର ପିତୃତ୍ୱ ଓ ମାତୃତ୍ୱ, ସେଠି ହାକିମ ଓ ପିଅନ ମଧ୍ୟରେ କିଛି ଫରକ ନାହିଁ। ଯିଏ ପଇସା ଖର୍ଚ୍ଚ କରିପାରିଲା, ସେ ବାପା ବଦଳରେ ଡାଡି ବା ଡାଡ୍ ହୋଇପାରିଲା ! 'ହେ ଆନନ୍ଦମୟ କୋଟି' ବା ଆହେ ଦୟାମୟ ବିଶ୍ୱ ବିହାରୀ' ବଦଳରେ 'ଟ୍ୱିଙ୍କଲ ଟ୍ୱିଙ୍କଲ ଲିଟିଲ୍ ଷ୍ଟାର'ର ଆବୃତ୍ତି ଶୁଣି ବିମୋହିତ ହେଲା! ସେ ଅଫିସର ହୁଅନ୍ତୁ କି ମେହେନ୍ତର, ଶିଳ୍ପପତି ହୁଅନ୍ତୁ କି ପାନଦୋକାନୀ, ସବୁ କିସମର ମାତାପିତା ମାତୃଭାଷା ଓଡ଼ିଆଠୁଁ ଦୂରେଇ ଯାଉଥିବା ନିଜ ପିଲାମାନଙ୍କୁ ନେଇ ଏଥିପାଇଁ ଅଧିକ ଉଲ୍ଲସିତ ହୁଅନ୍ତି ଯେ ସେମାନଙ୍କ ଝିଅପୁଅ ସାଧାରଣ ଓଡ଼ିଆ ସ୍କୁଲରେ ପଢୁଥିବା ଝିଅପୁଅଙ୍କଠାରୁ ଭିନ୍ନ ପରିଚୟ ବହନ କରନ୍ତି ଓ ସେମାନେ ଏହି ଭିନ୍ନ ସନ୍ତାନମାନଙ୍କର ଭାଗ୍ୟବାନ୍ ମାତାପିତା!

ଏ ସଂସାରକୁ ଆସିଥିବା ପ୍ରତ୍ୟେକ ମଣିଷଙ୍କର ମା'ଟିଏ ଥାଏ, ଥାଏ ପୁଣି ଏକ ମାତୃଭୂମି ଓ ମାତୃଭାଷା। ଜଣଙ୍କ ଗର୍ଭରୁ ସେ ଜନ୍ମ ନେଇଥାଏ, ଆଉ ଜଣଙ୍କ ଛାତିରେ ପାଦ ରଖି ସେ ଛୋଟରୁ ବଡ଼ ହୁଏ ତ ପୁଣି ଜଣକୁ କଣ୍ଠସ୍ଥ କରି ସେ ନିଜର ପରିଚୟ ସୃଷ୍ଟିକରେ। ଅଥଚ ଭାରି କଷ୍ଟ ଲାଗେ, ଯେତେବେଳେ ଜନ୍ମଦାତ୍ରୀ ମା' ଏକ ଅନ୍ଧ ଆଧୁନିକତାରେ ଆକ୍ରାନ୍ତ ହୋଇ ମାତୃଭାଷାଠୁ ନିଜ ସନ୍ତାନକୁ ଦୂରେଇରଖେ। କେଇ ବର୍ଷ ତଳେ ଏମିତି ଜଣେ ମା'ଙ୍କ ସହ ଭେଟ ହୋଇଥିଲା ଭୁବନେଶ୍ୱର ପୁସ୍ତକମେଳାରେ। ନିଜ ଆଠ ନଅବର୍ଷର ପୁଅଟି ସହ ବହିମେଳାରେ ବୁଲୁଥିଲା ବେଳେ ପୁଅଟି ହଠାତ୍ ଏକ ଷ୍ଟଲ୍ ଭିତରକୁ ପଶିଯାଇ କିଛି ଶିଶୁ କିଶୋର ପୁସ୍ତକ କିଣିବାକୁ ଚାହିଁଲା। ନିଜ ଜେଜେଙ୍କ ସହ କଥା ହୋଇ ତା' ମଧ୍ୟରେ ସୃଷ୍ଟି ହୋଇଥିଲା ଓଡ଼ିଆ ଗପ, କବିତା ପଢ଼ିବାର ଏକ ଅଦମ୍ୟ ଅଭିଳାଷ। ଅଥଚ ଗାଁର ପାଣିପବନ ଓ ପଖାଳରେ ପରିପୁଷ୍ଟ ହୋଇ ପରବର୍ତ୍ତୀ କାଳରେ ସହରୀ ପାଲଟି ଯାଇଥିବା ମା' ଜଣକ ଭୀଷଣ କ୍ଷୁବ୍ଧ ହୋଇଉଠିଲେ ନିଜ ପୁଅର ଏମନ୍ତ ଆଚରଣରେ। ପୁଅଟିକୁ ତାଗିଦ କରି କହିଲେ, ''ତୁ ତ ଇଂଲିଶ୍ ମିଡିୟମ୍ ସ୍କୁଲ୍‌ର ପିଲା। ସେଇ ଓଡ଼ିଆ ବହିରୁ ତୋତେ କ'ଣ ମିଳିବ! ଚାଲ୍, ଇଂଲିଶ୍ ବହି ଷ୍ଟଲ୍‌ରୁ ଯେତେ ଚାହିଁବୁ ସେତେ ବହି କିଣିଦେବି। ଇଂଲିଶ ରାଇମ୍, କମିକ୍ ଆଦି ପଢ଼ିଲେ ଜାଣିବୁ କେତେ ନିକୃଷ୍ଟ ଏଇ ଓଡ଼ିଆ ବହି।

ନିଜ ପୁଅ ପାଇଁ ଜଣେ ମା'ର ଆକଟ ନିହାତି ବ୍ୟକ୍ତିଗତ ହୋଇଥିଲେ ମଧ୍ୟ ଏଥିରୁ ଓଡ଼ିଆ ଭାଷା ପ୍ରତି ତାଙ୍କ ଅନ୍ତରର ବିଦ୍ୱେଷ ଆଖପାଖର କ୍ରେତା ବିକ୍ରେତାଙ୍କ ପାଇଁ ଆଉ ଅପ୍ରକାଶ୍ୟ ହୋଇ ରହି ନ ଥିଲା। ଲକ୍ଷ୍ୟ କରିବାର କଥା, ସେଇ ମା' ଜଣକ ତାମିଲ, ଗୁଜରାଟୀ ବା ମରାଠୀ ନ ଥିଲେ। ସେ ଥିଲେ ପୂରାପୂରି ଜଣେ ଓଡ଼ିଆ ଘରର ଝିଅ, ଓଡ଼ିଆ ସ୍ୱାମୀର ସ୍ତ୍ରୀ ଓ ସର୍ବୋପରି ଓଡ଼ିଆ ପୁଅର ମା'। ଇଏ ବୋଧହୁଏ ସେଇ ସ୍ୱତନ୍ତ୍ର ଶ୍ରେଣୀର ଓଡ଼ିଆ ମା', ଯାହାଙ୍କ ଶିକ୍ଷା ସଂସ୍କାର ପାଇଥିବା ଓଡ଼ିଆ ଝିଅପୁଅମାନେ ପରସ୍ପର ସହ ହିନ୍ଦୀ ବା ଇଂଲିଶ୍‌ରେ କଥା ହୁଅନ୍ତି। ଓଡ଼ିଆ ଭାଷାରେ କଥାହେବାକୁ ନିଜ ସମ୍ଭ୍ରାନ୍ତପଣର ପରିପନ୍ଥୀ ବୋଲି ବିଚାରନ୍ତି ଓ ଓଡ଼ିଆ ପର୍ବପର୍ବାଣିକୁ ପାସୋରି 'ଭାଲେଣ୍ଟାଇନ୍ ଡେ' ଭଳି ତାଙ୍କର ସଂସ୍କୃତିକୁ ଆପଣେଇ ନିଅନ୍ତି।

ଆପଣାର ସଂସ୍କାର, ସଂସ୍କୃତିକୁ 'ବ୍ୟାକ୍‌ୱାର୍ଡ' ନାମ ଦେଇ ଫର୍‌ୱାର୍ଡ ମାର୍ଚ୍ଚରେ ଆଗେଇ ଚାଲୁଥିବା ଯୁବାବର୍ଗ ଓ ସେମାନଙ୍କୁ ପ୍ରୋତ୍ସାହିତ କରୁଥିବା ସେମାନଙ୍କ ଆଧୁନିକ ମା'ବାପାଙ୍କ ପାଇଁ ଉପସଂହାରରେ ହାଲୁକା ହସ କଥାଟିଏ। କଥାଟି ଅସତ୍ୟ ନୁହେଁ କି କଳ୍ପନାର କାରୁକାର୍ଯ୍ୟ ନୁହେଁ। ରାଜ୍ୟର ଏକ ପ୍ରମୁଖ କଲେଜର ଅଧ୍ୟକ୍ଷଙ୍କୁ ଅତିକ୍ରମ କରି ଦୁଇଜଣ ଛାତ୍ରୀଛାତ୍ର ପରସ୍ପର ସହ ଇଂଲିଶ୍‌ରେ କଥା ହୋଇ ଚାଲିଯାଉଥିବା ବେଳେ ଅଧ୍ୟକ୍ଷ ସେ ଦୁହିଁଙ୍କୁ ଅଟକାଇଦେଲେ ଓ କହିଲେ-''ତୁମେ ଦୁହେଁ ଇଂଲିଶ୍‌ରେ କଥା ହେଉଛ, ଭଲ କଥା। ମାତ୍ର ଏକଥା ଭୁଲି ଯାଅନି ଯେ ଭୁଲ୍ ଇଂଲିଶ୍ କହିବାଠାରୁ ଠିକ୍ ଓଡ଼ିଆରେ କଥା ହେବା ଓଡ଼ିଆ ବିଦ୍ୟାର୍ଥୀମାନଙ୍କ ପାଇଁ ଅଧିକ ଗୌରବଦାୟୀ।'' ସେଦିନ ସେଇ ବିଦ୍ୟାର୍ଥୀ ଦୁହେଁ ନିଜ ଭୁଲ୍ ବୁଝିଲେ କି ନାହିଁ ଜଣା ନାହିଁ, ମାତ୍ର ସେମାନଙ୍କ ମା'ବାପାମାନେ ଏହି ସରଳ ସତ୍ୟକୁ ବୁଝିପାରନ୍ତି ନାହିଁ। ଏହା ହିଁ ଏକ ପକ୍ଷରେ ସମୟର ଦୁର୍ଭାଗ୍ୟ ଓ ଅନ୍ୟପକ୍ଷରେ ଓଡ଼ିଆ ଭାଷାର ଦୁଃଖ!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣୀ, ଭୁବନେଶ୍ୱର
ମୋ: ୮୮୯୫୬୭୨୪୧୦୫

# ଇଚ୍ଛାଶକ୍ତିର ପ୍ରତୀକ

ବ୍ୟକ୍ତିତ୍ୱ



ସିନ୍ଧୁ ଗଣପତି

ସମୟ ବଦଳୁଛି। ମହିଳା ଓ ପୁରୁଷଙ୍କ ବ୍ୟତୀତ ଅନ୍ୟାନ୍ୟ ବର୍ଗରେ ଆସୁଥିବା କିନ୍ନରମାନେ ପ୍ରତି କ୍ଷେତ୍ରରେ ସେମାନଙ୍କ ଅଧିକାର ଦାବି କରୁଛନ୍ତି। କେତେକାଂଶରେ ସେମାନଙ୍କ ପ୍ରତି ପୂର୍ବାପେକ୍ଷା ଜନସାଧାରଣଙ୍କ ମାନସିକତାରେ ପରିବର୍ତ୍ତନ ଆସିଲାଣି। ତଥାପି ଶାରୀରିକ ଗଢ଼ଣ ଓ ଚାଲିଚଳଣକୁ ନେଇ କିନ୍ନରଙ୍କୁ ଭିନ୍ନ ଦୃଷ୍ଟିରେ ଦେଖାଯାଉଛି। ନିଯୁକ୍ତି ସଂକ୍ରାନ୍ତରେ ଅନେକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଠିକ୍ ଭାବେ ମାନ୍ୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ତେବେ ଯେଉଁମାନେ ବାଧାବିଘ୍ନ ଅତିକ୍ରମ କରି ସଫଳ ହେଉଛନ୍ତି, ସେମାନେ ଅନ୍ୟମାନଙ୍କ ପାଇଁ ଆଦର୍ଶ ପାଲଟିଯାଉଛନ୍ତି। ଏବେ ଆମ ଆଗରେ ସିନ୍ଧୁ ଗଣପତି ସେଭଳି ଜଣେ କିନ୍ନର ଉଭା ହୋଇଛନ୍ତି, ଯିଏ ନିଜ ଅଧ୍ୟବସାୟ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଦକ୍ଷିଣ ରେଳପଥର ପ୍ରଥମ କିନ୍ନର ଟ୍ରାଭେଲିଂ ଟିକେଟ ଏକ୍‌ଜାମିନର (ଟିଟିଇ) ହୋଇପାରିଛନ୍ତି। ସେ ଅସ୍ୱାଭାବିକ ସ୍ଥିତିର ସାମ୍ନା କରି ଯେଭଳି ଟ୍ରେନ୍ ଯାତ୍ରୀଙ୍କ ପାଖରେ ପହଞ୍ଚିପାରିଛନ୍ତି ଓ ଏବେ ଚାରିଆଡୁ ପ୍ରଶଂସା ପାଉଛନ୍ତି ; ନିଶ୍ଚିତ ଭାବେ ତାଙ୍କ ବ୍ୟକ୍ତିତ୍ୱ ଅନ୍ୟ କିନ୍ନରମାନଙ୍କୁ ଅଧିକ ସଶକ୍ତ କରିବା ଲାଗି ପ୍ରେରଣା ଦେବ ବୋଲି କୁହାଯାଇପାରେ।

ସିନ୍ଧୁ ତାମିଲନାଡୁର କନ୍ୟାକୁମାରୀ ଜିଲା ନାଗରକୋଭିଲ ସହରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କୁ ଏବେ ୩୭ ବର୍ଷ। ସେ ତାମିଲ ଭାଷାରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ୨୦୦୩ ମସିହାରେ ସେ ରେଲୱେରେ ଆସିଷ୍ଟାଣ୍ଟ ଭାବେ ନିଯୁକ୍ତି ପାଇ କେରଳର ଥିରୁଭାନନ୍ତପୁରମ୍ ଡିଭିଜନ୍‌ର ଏର୍ନାକୁଲମ୍‌ରେ ଯୋଗ ଦେଇଥିଲେ। କିନ୍ତୁ ଗମ୍ଭୀର ବିଷୟଟି ହେଲା, ସିନ୍ଧୁ ଚାକିରିରେ ଜି. ସିନ୍ଧନ ଭାବେ ଜଣେ ପୁରୁଷ କର୍ମଚାରୀ ରୂପରେ ନିଯୁକ୍ତି ପାଇଥିଲେ। ସେତେବେଳେ ତାଙ୍କ ଜୀବନର ଗତି ସ୍ୱାଭାବିକ ଥିଲା। ଧୀରେ ଧୀରେ ତାଙ୍କ ଶରୀରରେ ଥିବା ହରମୋନ୍‌ରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲା। ଶାରୀରିକ ଗଠନରେ ତାଙ୍କ ଅସ୍ୱାଭାବିକତା ଅନ୍ୟମାନଙ୍କ ନଜରକୁ ଆସିଥିଲା। ରେଲୱେ ପରିସରରେ ତାଙ୍କ ପ୍ରତି କର୍ମଚାରୀଙ୍କ ଭାବନା ସୁଶୀଳ ଥିଲେ ହେଁ ବାହ୍ୟ ଦୁନିଆ ତାଙ୍କ ମହିଳା ସୁଲଭ ଆଚରଣକୁ ଟାହୁଲିଥିଲା। ସେଥିପାଇଁ ସେ ଭୀଷଣ ମାନସିକ ଆଘାତ ପାଇଥିଲେ। ଶେଷରେ ୨୦୧୦ରେ ଏହି ସରକାରୀ ଚାକିରି ମଧ୍ୟ ଛାଡ଼ି ଦେଇଥିଲେ। ଏହା ପରେ ସେ ମାନସିକ ସ୍ତରରେ ଟିକେ ଶାନ୍ତି ପାଇବା ସକାଶେ ଅନ୍ୟ କିନ୍ନରମାନଙ୍କ ସହ ରହିଥିଲେ। ଚାକିରିରୁ ୧୮ ମାସର ନିର୍ବାସିତ ସମୟ ଅତିବାହିତ ହେବା ପରେ ଏକ ମର୍ଯ୍ୟାଦାଜନକ ଜୀବନ ଜିଇବା ନେଇ ଚିନ୍ତା କରି ପୁନଶ୍ଚ ରେଲୱେରେ ଯୋଗଦେବାକୁ ଚାହିଁଲେ। ଯଦିଓ ଅଧିକାରୀମାନେ ତାଙ୍କ ଚାକିରିକୁ ଅସ୍ୱୀକାର କରି ନ ଥିଲେ, ତଥାପି ଲିଙ୍ଗ ସମ୍ପୂର୍ଣ୍ଣ ବଦଳି ଯାଇଥିବାରୁ କିଛି ମାତ୍ରାରେ ସେମାନଙ୍କଠାରେ ଦ୍ୱିଧାବୋଧ ଥିବା ସିନ୍ଧୁଙ୍କୁ ପରିଲକ୍ଷିତ ହୋଇଥିଲା। ସେତିକିବେଳେ ତାଙ୍କ ସପକ୍ଷରେ ସଦର୍ନ ରେଲୱେ ମଜଦୁର ୟୁନିୟନ (ଏସ୍‌ଆର୍‌ଏମ୍‌ୟୁ) ନେତା ସେନ୍ଥିଲ କୁମାର ଓ ଜେ. ଏମ୍. ରଫି ବାହାରିଥିଲେ। ସେମାନେ ସିନ୍ଧୁଙ୍କୁ ରେଲୱେ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇ ଲିଙ୍ଗ ଅନୁଯାୟୀ ଚାକିରି ଦେବା ଲାଗି ଜିଦ୍ ଧରିଥିଲେ। ରେଲୱେ କର୍ତ୍ତୃପକ୍ଷ ଶେଷରେ ଲିଙ୍ଗ ଆଧାରରେ ତାଙ୍କୁ ମହିଳା କର୍ମଚାରୀ ମାନ୍ୟତା ଦେଇଥିଲେ। ସେତେବେଳେ ସେ ରେଲୱେ ଇଲେକ୍ଟ୍ରିକାଲ ବିଭାଗରେ ସିନିୟର ଟେକ୍‌ନିସିଆନ୍ ହୋଇଥିଲେ। ହେଲେ ଦୁର୍ଭାଗ୍ୟ ତାଙ୍କ ପିଛା ଛାଡ଼ି ନ ଥିଲା। ୨୦୨୦ରେ ସେ ଏକ ଦୁର୍ଘଟଣାର ସମ୍ମୁଖୀନ ହେବାରୁ ଟେକ୍‌ନିକାଲ ଚାକିରି ପାଇଁ ଯୋଗ୍ୟତା ହରାଇଥିଲେ। ତେଣୁ ତାଙ୍କୁ ନନ୍-ଟେକ୍‌ନିକାଲରେ ଯୋଗ ଦେବାକୁ କୁହାଯାଇଥିଲା।

ପିଲାଦିନେ ଟ୍ରେନ୍‌ରେ ଗଲାବେଳେ ସିନ୍ଧୁ ଟିଟିଇ ହେବାକୁ ଇଚ୍ଛା କରିଥିଲେ। ଯେହେତୁ ସେ ଟେକ୍‌ନିକାଲ ଚାକିରି ହରାଇଥିଲେ, ସେହେତୁ ତାଙ୍କୁ ନନ୍-ଟେକ୍‌ନିକାଲ କ୍ଷେତ୍ରରେ ପ୍ରଶିକ୍ଷଣ ଦିଆଯାଇଥିଲା। ସେଥିଲାଗି ଉଦ୍ଦିଷ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସିନ୍ଧୁ ଟିଟିଇ ହେବାର ସୌଭାଗ୍ୟ ଅର୍ଜନ କଲେ। ବର୍ତ୍ତମାନ ସେ ଟିଟିଇ ଭାବେ ସ୍ଲିପର୍ କ୍ଲାସ୍‌ରେ ଗଲାବେଳେ ଯାତ୍ରୀଙ୍କଠାରୁ ସମ୍ମାନ ପାଉଥିବା କହିଥାଆନ୍ତି। ବହୁ ବାଧାବିଘ୍ନ ଦେଇ ଗତି କରିଥିବା ସିନ୍ଧୁ କହନ୍ତି, ଗତ କିଛି ବର୍ଷ ହେବ କିନ୍ନରଙ୍କ ପ୍ରତି ସାମାଜିକ ସ୍ତରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଏପରିକି ଡିଣ୍ଡିଗୁଲ୍‌ରେ ତାଙ୍କୁ ନିଯୁକ୍ତି ମିଳିବା ବେଳେ କିଛି ଲୋକ କେକ୍ ବାଣ୍ଟି ତାଙ୍କ ଚାକିରିକୁ ସ୍ୱୀକୃତି ଦେଇଥିବା କଥା କହିବା ବେଳେ ସେ ଭାବବିହ୍ୱଳ ହୋଇଯାଇଥିଲେ। ସେ କେବଳ ନିଜ ସଫଳତାରେ ଖୁସିରେ ରହିବାକୁ ଚାହିଁ ନାହାନ୍ତି। ତାଙ୍କ ମତରେ କିନ୍ନରକୁଳ ରାଜ୍ୟ ଓ କେନ୍ଦ୍ର ସରକାରୀ ଚାକିରିରେ ସଂରକ୍ଷଣ ପାଇଲେ ସେମାନଙ୍କ ପ୍ରତି ସମାଜରେ ଥିବା ଖରାପ ଭାବନାକୁ ହଟାଇ ଦିଆଯାଇପାରନ୍ତା। ବାସ୍ତବରେ ସାମାଜିକ ଓ ଅର୍ଥନୈତିକ ସ୍ତରରେ ମର୍ଯ୍ୟାଦା ଓ ଅଧିକାର ପାଇଁ ସିନ୍ଧୁଙ୍କ ସଂଗ୍ରାମର କାହାଣୀ କେବଳ କିନ୍ନରଙ୍କ ସକାଶେ ନୁହେଁ, ସବୁ ମଣିଷଙ୍କ ଚେତନାକୁ ଉଦ୍ରେକ କଲା ଭଳି ଏକ ସଫଳ ଯାତ୍ରା ବୋଲି କୁହାଯାଇପାରେ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବୟସର ଅପରାହ୍ନରେ ଏକୁଟିଆ ରହୁଥିବା ବରିଷ୍ଠ ନାଗରିକଙ୍କୁ ସେମାନଙ୍କ ସାଥୀ ଯୋଗାଡ଼ କରିବାରେ ଏକ ନିଆରା ଅଭିଯାନ ଚଳାଇଛନ୍ତି ପୁଣେର ମାଧବ ଡାମ୍‌ଲେ। ଏଥିପାଇଁ ସେ 'ହାପି ସିନିୟର୍ସ' ଅଭିଯାନ ଆରମ୍ଭ କରିଛନ୍ତି। ଏହା ମାଧ୍ୟମରେ ଏବେ ସେ ୭୫ ଜଣ ବରିଷ୍ଠ ନାଗରିକଙ୍କ ପାଇଁ ସାଥୀ ଯୋଗାଡ଼ କରି ସେମାନଙ୍କୁ ଲିଭ୍-ଇନ୍ ରିଲେଶନଶିପ୍‌ରେ ରହିବାର ସୁବିଧା କରିଛନ୍ତି। ପରିଣତ ସମୟରେ ପରସ୍ପରକୁ ସହଯୋଗ କରିବା ଏବଂ ଏକ ସୁଖଦ ଜୀବନ ବିତାଇବା ଉଦ୍ଦେଶ୍ୟରେ ମାଧବ ଏହି କାର୍ଯ୍ୟ ଜାରି ରଖିଛନ୍ତି। ବିଭିନ୍ନ ବୃଦ୍ଧାଶ୍ରମରେ ଅନ୍ତେବାସୀମାନେ ସେମାନଙ୍କ ପ୍ରେମମୟ ଜୀବନକୁ ପୁଣି ଫେରିପାଇବା ଲାଗି ସେ ୨୦୧୨ରେ ହାପି ସିନିୟର୍ସ ଆରମ୍ଭ କରିଥିଲେ। ଏଥିରେ ପ୍ରତିମାସରେ ୨୦ ଜଣ ସଦସ୍ୟ ଯୋଗ ଦେଇ ସେମାନଙ୍କ ଏକୁଟିଆ ଜୀବନର ସମାଧାନ ପାଇଁ ଚେଷ୍ଟା କରୁଛନ୍ତି। ମାଧବ କହନ୍ତି, ପୁନଃବିବାହ ସମାଧାନର ପଥ ନୁହେଁ, ବରଂ ସହଯୋଗଭିତ୍ତିକ ସାଥୀ ଜୀବନ ଗୁରୁତ୍ୱପୂର୍ଣ୍ଣ। ମାଧବ ବି ଏକ ବୃଦ୍ଧାଶ୍ରମ ଚଳାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ଫେବୃଆରୀ ୧୯୭୫

- ଉତ୍ତରପ୍ରଦେଶର ୧୧ଜଣିଆ ବହୁଗୁଣା-ମନ୍ତ୍ରିମଣ୍ଡଳରେ ଆଉ ୯ ଜଣ କ୍ୟାବିନେଟ ପାହ୍ୟାର ମନ୍ତ୍ରୀଙ୍କ ଯୋଗଦାନ।
- ବିହାରର ରୋହତସ ଜିଲା ଅନ୍ତର୍ଗତ ବିକ୍ରମଗଞ୍ଜ ଗ୍ରାମ ନିକଟରେ ଗୋଟିଏ ଯାତ୍ରୀବାହୀ ବସ୍ ରାସ୍ତାରୁ ୩୦ ଫୁଟ ତଳେ ଥିବା ଏକ ଗାତ ଭିତରକୁ ଖସିପଡ଼ିବା ଫଳରେ ୧୯ ଯାତ୍ରୀ ନିହତ।
- ଲୋକଦଳ ଓ ବିଧାନସଭାରୁ ହରେକୃଷ୍ଣ ମହତାବଙ୍କ ଇସ୍ତଫା ପ୍ରଦାନ।

## ଚିରନ୍ତନୀ

ଭୋଗ ରାଗ କେତେ କଣ
ଯାଚିଲା ତ ଦିଅଁ ଠାଇଁ
ଡାକି ଡାକି ଥକିଲା ତ
ନ ଶୁଣିଲେ କିଏ କାହିଁ।
(ଚାଷୀର ଭାଗ୍ୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସମାନତା ଅଣାଯାଉ

ସାମ୍ବିଧାନିକ ନୀତି ନିୟମରେ ଭାରତର ସମସ୍ତ ନାଗରିକ ଏକ ଓ ସମାନ ଅଧିକାର ପାଇବା ପାଇଁ ଯୋଗ୍ୟ। କିନ୍ତୁ ରାଜ୍ୟ-ରାଜ୍ୟ ମଧ୍ୟରେ ବିଜୁଳି ଦେୟ ଅଲଗା ଅଲଗା। ପେଟ୍ରୋଲ, ଡିଜେଲ ଓ ଗ୍ୟାସ ସିଲିଣ୍ଡରର ମୂଲ୍ୟ ମଧ୍ୟ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ। ସେହିପରି ସମାଜ କଲ୍ୟାଣକାରୀ ଯୋଜନାରେ ପ୍ରଦାନ କରାଯାଉଥିବା ବିଭିନ୍ନ ଭତ୍ତା ରାଶିରେ ପାର୍ଥକ୍ୟ ଦେଖାଯାଏ। ଦେଖିବାକୁ ଗଲେ ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଅଧିକ ସୁବିଧା ସୁଯୋଗ ପାଉଛନ୍ତି। ଭାରତୀୟ ନାଗରିକ ହୋଇ ସୁଦ୍ଧା ସମାନ ଅଧିକାର ପାଇବାରୁ ବଞ୍ଚିତ ହେବା ଜାତୀୟ ସଂହତିରେ ଭିନ୍ନତାକୁ ଦର୍ଶାଉଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସମତାଭିତ୍ତିକ ସମାଜ ଗଠନ ପାଇଁ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷରେ ସାମ୍ବିଧାନିକ ବ୍ୟବସ୍ଥାର ଗଣତାନ୍ତ୍ରିକ ମର୍ଯ୍ୟାଦାକୁ ସୁରକ୍ଷିତ ଓ ଅକ୍ଷୁଣ୍ଣ ରଖିବା ପାଇଁ କେତେକାଂଶରେ ସମାଜ କଲ୍ୟାଣକାରୀ ଯୋଜନାରେ ନୀତି ନିୟମ ଆଇନ ପ୍ରଣୟନରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମାନ ସମନ୍ୱୟ ରହିବା ଆବଶ୍ୟକ।

– ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)







# ପାଟିକାଙ୍କ ପାରିଶ୍ରମିକ ୨ ହଜାର ହେଲା

**ଭୁବନେଶ୍ୱର,୧୭।୨(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଯୋଜନାରେ ପାଟିକା ତଥା ସହଯୋଗୀ ଭାବରେ କାମ କରୁଥିବା କର୍ମଚାରୀମାନଙ୍କ ପାରିଶ୍ରମିକ ରାଶିରେ ବୃଦ୍ଧି ଘୋଷଣା କରିଛନ୍ତି। ପାଟିକା ଓ ସେମାନଙ୍କ ସହଯୋଗୀମାନଙ୍କ ପାରିଶ୍ରମିକ ରାଶି ୧୪୦୦ ଟଙ୍କାରୁ ୨ ହଜାର ଟଙ୍କାକୁ ବୃଦ୍ଧିପାଇଛି। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ୭୪ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହାସହିତ ପାଟିକା ଏବଂ ତାଙ୍କ ସହାୟିକା ଯଦି ସେମାନଙ୍କ କାର୍ଯ୍ୟକାଳ ମଧ୍ୟରେ ମୃତ୍ୟୁବରଣ କରନ୍ତି ତେବେ ସେମାନଙ୍କ ପରିବାରର ନିକଟତମ ଆତ୍ମୀୟଙ୍କୁ ୧ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ମଧ୍ୟ ପ୍ରଦାନ କରାଯିବ। ଏହି ନିଷ୍ପତ୍ତି ଫଳରେ ରାଜ୍ୟର ୫୫ ହଜାର ବିଦ୍ୟାଳୟରେ କାମ କରୁଥିବା ୧ ଲକ୍ଷ ୧୦ ହଜାର ପାଟିକା ଓ ସହାୟିକା ଉପକୃତ ହେବେ। ଏହି ପରିବର୍ଦ୍ଧିତ ପାରିଶ୍ରମିକ ପିଛିଲା ଭାବେ ୨୦୨୩ ଅକ୍ଟୋବରରୁ ଲାଗୁ ହେବ।

## କୃଷକ ସାଥୀଙ୍କ ଖର୍ଚ୍ଚ ପରିମାଣ ବାର୍ଷିକ ୧୨ ହଜାରରୁ ୧୮ ହଜାରକୁ ବୃଦ୍ଧି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର କୃଷକ ସାଥୀମାନଙ୍କ ଆବଶ୍ୟକ ଖର୍ଚ୍ଚ(କଣ୍ଟିଜେଣ୍ଟ ଏକ୍ସପେଣ୍ଡିଚର) ପାଇଁ ସହାୟତା ରାଶିର ପରିମାଣ ବୃଦ୍ଧି ଘୋଷଣା କରିଛନ୍ତି। ସହାୟତା ପରିମାଣ ବର୍ଷକୁ ୧୨ ହଜାରରୁ ୧୮ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ରାଜ୍ୟର ୧୩,୬୦୦ କୃଷକ ସାଥୀ ଉପକୃତ ହେବେ। ଏହି ବର୍ଦ୍ଧିତ ପରିମାଣ ପିଛିଲା ଭାବେ ୨୦୨୩ ଅକ୍ଟୋବରରୁ ଲାଗୁ ହେବ। ସୂଚନାଯୋଗ୍ୟ, କୃଷି ପ୍ରସାରଣ କାର୍ଯ୍ୟରେ ସହାୟତା ପାଇଁ ରାଜ୍ୟ ସରକାର ୨୦୦୭-୦୮ରେ ରାଜ୍ୟର ଅଗ୍ରଣୀ ଚାଷୀମାନଙ୍କୁ କୃଷକ ସାଥୀ ଭାବେ ନିଯୁକ୍ତି ଦେଇଥିଲେ। ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ୨ ଜଣ ଲେଖାଏ କୃଷକ ସାଥୀ କାମ କରୁଛନ୍ତି। ସେମାନେ କୃଷି କାର୍ଯ୍ୟ ସମ୍ପର୍କିତ ବିଭିନ୍ନ ବିଷୟରେ ଚାଷୀମାନଙ୍କୁ ସଚେତନ କରିବା ସହିତ ଆବଶ୍ୟକ ପରାମର୍ଶ ମଧ୍ୟ ଦେଇଥାନ୍ତି।

# ୭୩ ରୂପାନ୍ତରିତ 'ଆମ ହସ୍ପିଟାଲ' ଲୋକାର୍ପିତ

## 'ଆମ ହସ୍ପିଟାଲ'ରୁ ରାଜ୍ୟରେ ନୂଆ ଯୁଗର ଆରମ୍ଭ ହେବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୭।୨(ଅନିଲ ଦାସ)**





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୧୫ ଜିଲାରେ ୭୩ 'ଆମ ହସ୍ପିଟାଲ', ୫ ଉପଖଣ୍ଡସ୍ତରୀୟ ଡାଏଲିସିସ୍ ସେଣ୍ଟର ଲୋକାର୍ପଣ କରିଛନ୍ତି। ଏଥିସହ ସମସ୍ତ ଜିଲା ସଦରମହକୁମା ଡାକ୍ତରଖାନାରେ ଆଇଭିଆର୍ଏସ୍ ପଦ୍ଧତିରେ ରୋଗୀ ମତାମତ ସଂଗ୍ରହ ବ୍ୟବସ୍ଥା ଓ କର୍ମଚାରୀଙ୍କ ମୁହଁ ଚିହ୍ନଟ ମାଧ୍ୟମରେ ଉପସ୍ଥାନ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ବରଗଡ଼ ଜିଲାରେ ୫, ସୁନ୍ଦରଗଡ଼ ଜିଲାରେ ୭, ସମ୍ବଲପୁର ଜିଲାରେ ୪, ଢେଙ୍କାନାଳ ଜିଲାରେ ୪, କେନ୍ଦୁଝର ଜିଲାରେ ୬, ଝାରସୁଗୁଡ଼ା ଜିଲାରେ ୨, ଜଗତ୍‌ସିଂହପୁର ଜିଲାରେ ୪, କେନ୍ଦ୍ରାପଡ଼ା ଜିଲାରେ ୫, ମୟୂରଭଞ୍ଜ ଜିଲାରେ ୯, ଗଞ୍ଜାମ ଜିଲାରେ ୧୩ , କଳାହାଣ୍ଡି ଜିଲାରେ ୪, ରାୟଗଡ଼ା ଜିଲାରେ ୪, ନୂଆପଡ଼ା ଜିଲାରେ ୨, ମାଲକାନଗିରି ଜିଲାରେ ୨ ଓ କନ୍ଧମାଳ ଜିଲାରେ ୩ ଏହିପରି ସମୁଦାୟ ୭୩ଟି ରୂପାନ୍ତରିତ 'ଆମ ହସ୍ପିଟାଲ' ଲୋକାର୍ପିତ ହୋଇଛି। ଏଥିସହିତ ମୟୂରଭଞ୍ଜ କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନା, ସମ୍ବଲପୁର କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନା, ଗଞ୍ଜାମ ହିଞ୍ଜିଳିକାଟୁ ଉପଖଣ୍ଡ ଡାକ୍ତରଖାନା, ନୂଆପଡ଼ା ଖରିଆର ଉପଖଣ୍ଡ ଡାକ୍ତରଖାନା ଓ ବରଗଡ଼ର ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ୫ ନୂତନ ଉପଖଣ୍ଡସ୍ତରୀୟ ଡାଏଲିସିସ୍ କେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଲୋକାର୍ପଣ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ଆମ ହସ୍ପିଟାଲ'ରେ ସବୁ ବ୍ୟବସ୍ଥା ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି କରାଯାଇଛି। ରୋଗୀଙ୍କୁ ସୁବିଧାରେ ଉନ୍ନତ ଚିକିତ୍ସା ସୁବିଧା ଯୋଗାଇ ଦେବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ 'ଆମ ହସ୍ପିଟାଲ'ଗୁଡ଼ିକ ରାଜ୍ୟରେ ଏକ ନୂଆ ଯୁଗ ଆରମ୍ଭ କରିବେ। ୫-ଟି ଅଧ୍ୟକ୍ଷଙ୍କ ଜିଲା ଗସ୍ତରୁ ମିଳିଥିବା ପ୍ରସ୍ତାବ ଓ 'ମୋ ସରକାର' ଜନମତ ସଂଗ୍ରହ ଭିତ୍ତିରେ 'ଆମ ହସ୍ପିଟାଲ' ଆରମ୍ଭ କରାଯାଇଛି। ଏହା ସରକାରୀ ସ୍ତରରେ ଆମର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ। ୫-ଟି ଉପକ୍ରମରେ ହସ୍ପିଟାଲଗୁଡ଼ିକର ଭିତ୍ତିଭୂମି ବ୍ୟବସ୍ଥା, ରୋଗୀମାନଙ୍କ ପାଇଁ ମୌଳିକ ସୁବିଧା ସୁଯୋଗ ଏବଂ ସେବା ଯୋଗାଇବା ପଦ୍ଧତିରେ ଉନ୍ନତି ଅଣାଯାଇଛି। ଗୁଣବତ୍ତାକୁ ମଧ୍ୟ ଏଠାରେ ସୁନିଶ୍ଚିତ କରାଯାଇଛି। ଆଗାମୀ ୫ ବର୍ଷରେ ୧୮୫୮ ଡାକ୍ତରଖାନାକୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୨୦୨୩-୨୮ ମଧ୍ୟରେ ୩୩ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଇଛି। ସମ୍ପ୍ରତି ୧୪୯ ଡାକ୍ତରଖାନାର ରୂପାନ୍ତରଣ କାର୍ଯ୍ୟ ଜାରିରହିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଗତ ୧ ବର୍ଷ ମଧ୍ୟରେ ୪,୦୦୦ ଡାକ୍ତର ଓ ୩,୭୦୦ରୁ ଊର୍ଦ୍ଧ୍ୱ ନର୍ସଙ୍କୁ ନିଯୁକ୍ତି ଦିଆଯାଇଛି। ଧନୀ, ଗରିବ ସମସ୍ତଙ୍କ ପାଇଁ ସରକାରୀ ଡାକ୍ତରଖାନାରେ ମାଗଣାରେ ଚିକିତ୍ସା ସୁବିଧା କରାଯାଇଛି। ସମସ୍ତଙ୍କ ସହଯୋଗରେ 'ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା'ର ସ୍ୱପ୍ନ ନିଶ୍ଚୟ ପୂରଣ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି, ସରକାରୀ ଡାକ୍ତରଖାନାକୁ ଘରୋଇ ଡାକ୍ତରଖାନା ସହିତ ସମକକ୍ଷ କରିବା ପାଇଁ ମୁଖ୍ୟମନ୍ତ୍ରୀ 'ଆମ ହସ୍ପିଟାଲ' ଯୋଜନା ଆରମ୍ଭ କରିଛନ୍ତି। ହିଞ୍ଜିଳିକାଟୁରେ ଜିଲା ପରିଷଦ ସଭାପତି ☞ପୃଷ୍ଠା-୯



# କମଲ ନାଥ ଭାଜପାକୁ ଯିବା ନେଇ ଚର୍ଚ୍ଚା

**ନୂଆଦିଲ୍ଲୀ,୧୭।୨**


କମଲ ନାଥ

ବରିଷ୍ଠ କଂଗ୍ରେସ ନେତା ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କମଲ ନାଥ ଦଳ ଛାଡ଼ି ଭାଜପାରେ ଯୋଗଦେବା ନେଇ ଶନିବାର ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ସେ ନୂଆଦିଲ୍ଲୀ ଆସିଥିବାବେଳେ ତାଙ୍କର ପୁଅ ତଥା ମଧ୍ୟପ୍ରଦେଶରୁ ଏକମାତ୍ର କଂଗ୍ରେସ ଏମ୍‌ପି ନକୁଲ ନାଥ ତାଙ୍କ ସୋସିଆଲ୍ ମିଡିଆ ବାୟୋରୁ ଆଇଏନ୍‌ସି ହଟାଇଦେଇଥିବାରୁ ଏହା ଚର୍ଚ୍ଚାକୁ ବଳ ଦେଇଛି। ଉଭୟ ବାପପୁଅ ଗୈରିକ ଦଳରେ ଯୋଗଦେଇପାରନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି।

ଯଦିଓ କମଲ ନାଥ କଂଗ୍ରେସରୁ ଏପର୍ଯ୍ୟନ୍ତ ଇସ୍ତଫା ଦେଇ ନାହାନ୍ତି, ତେବେ ସେ ଦଳୀୟ କାର୍ଯ୍ୟକୁ ନେଇ ଅସନ୍ତୁଷ୍ଟ ଥିବା ତାଙ୍କ ଘନିଷ୍ଠ ସୂତ୍ରରୁ ଜଣାପଡ଼ିଛି। ଶନିବାର ଦିଲ୍ଲୀରେ ପହଞ୍ଚିଥିବା କମଲ ନାଥ ଏପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିମ୍ବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିନାହାନ୍ତି। ତେବେ ତାଙ୍କୁ ଦଳରେ ସ୍ୱାଗତ କରାଯିବ ବୋଲି ମଧ୍ୟପ୍ରଦେଶ ଭାଜପା ସଭାପତି ଭି.ଡି. ଶର୍ମା ଓ ଅନ୍ୟମାନେ କହିଛନ୍ତି। ନାଥ ଛିନ୍ଦୱାରା ନିର୍ବାଚନ ମଣ୍ଡଳୀରୁ ୯ ଥର ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ସେ ଭାଜପାରେ ଯୋଗଦିଅନ୍ତୁ, ଏହା ନିର୍ବାଚନ ମଣ୍ଡଳୀ ଜନସାଧାରଣ ଚାହାନ୍ତି ବୋଲି ଜଣେ କଂଗ୍ରେସ ନେତା କହିଛନ୍ତି। ନାଥ ତାଙ୍କ ଅସନ୍ତୋଷ କଂଗ୍ରେସ ନେତୃତ୍ୱକୁ ଜଣାଇଥିଲେ। ରାହୁଲ ଗାନ୍ଧୀ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ବ୍ୟସ୍ତ ଥିବାବେଳେ ଜୟରାମ ରମେଶ, କେ.ସି. ବେଣୁଗୋପାଳ ଏବଂ ରଣଦୀପ୍ ସୁର୍ଯେୱାଲାଙ୍କ ଭଳି ନେତା ଦଳ ଚଳାଉଥିବା ଉକ୍ତ ସୂତ୍ରରୁ କୁହାଯାଇଛି। ଅନ୍ୟପକ୍ଷରେ ଭାଜପାରେ ଯୋଗଦେବା ଖବରକୁ କମଲ ନାଥ ଖଣ୍ଡନ କରିଛନ୍ତି। ସେପରି କିଛି ହେଲେ ସେ ପ୍ରଥମେ ଗଣମାଧ୍ୟମକୁ ଜଣାଇବେ ବୋଲି କହିଛନ୍ତି।

# ଆଶାରେ ପୁରୁଣା ପ୍ରତିଦ୍ୱନ୍ଦ୍ୱୀ, ଆସିନାହିଁ ନୂଆଙ୍କ ନାମ

**ବାଲେଶ୍ୱର, ୧୭।୨(ମାନସ ବିଶ୍ୱାଳ)**

## ବାଲେଶ୍ୱର ଲୋକ ସଭା କ୍ଷେତ୍ର




ବାଲେଶ୍ୱର ଲୋକ ସଭା ଆସନ ବାଲେଶ୍ୱର, ଜଳେଶ୍ୱର, ଭୋଗରାଇ, ବସ୍ତା, ରେମୁଣା, ନୀଳଗିରି ଏବଂ ମୟୂରଭଞ୍ଜ ଜିଲାର ବଡ଼ସାହି ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଗଠିତ। ସାଧାରଣ ନିର୍ବାଚନ ପାଇଁ କେଉଁ ଦଳରୁ କିଏ ପ୍ରାର୍ଥୀ ହେବେ, ତାହାକୁ ନେଇ ଭିନ୍ନ ଭିନ୍ନ ଜାଗାରେ ଚର୍ଚ୍ଚା ଚାଲିଛି। ମୁଖ୍ୟତଃ ଭାଜପା, ବିଜେଡି ଓ କଂଗ୍ରେସ ମଧ୍ୟରେ ତ୍ରିପାକ୍ଷିକ ଲଢ଼େଇ ହେବାର ସମ୍ଭାବନା ରହିଛି। କିନ୍ତୁ ଏହି ପ୍ରମୁଖ ଦଳ କାହାକୁ ପ୍ରାର୍ଥୀ କରିବେ ତାହା ଉପରେ ସମସ୍ତଙ୍କ ନଜର।

୨୦୧୯ ନିର୍ବାଚନରେ ଭାଜପାରୁ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏମ୍‌ପି ହୋଇଥିଲେ। ସେତେବେଳେ ତାଙ୍କ କ୍ରେଜ୍ ଥିବା ଦେଖିବାକୁ ମିଳିଥିଲା। ଦଳ ଓ କର୍ମୀଙ୍କ ଭିତରେ 'ନନା' ଭାବେ ପରିଚିତ ପ୍ରତାପଙ୍କୁ ମୋଦିଙ୍କ ସରକାରରେ ମନ୍ତ୍ରୀ ପଦ ମଧ୍ୟ ମିଳିଥିଲା। ନିରାଡ଼ମ୍ବର ଜୀବନଶୈଳୀ ଓ ଏକାଧିକ ଭାଷାରେ ପାର୍ଲାମେଣ୍ଟରେ ଭାଷଣ ଦେଇ ସେ ସେତେବେଳେ ଦେଶବ୍ୟାପୀ ଚର୍ଚ୍ଚାରେ ଥିଲେ। ହେଲେ କରୋନା ସମୟରେ ଜିଲାରେ ତାଙ୍କର ଅନୁପସ୍ଥିତି ସହ ଆଖିଦୃଶିଆ ଉନ୍ନତିମୂଳକ କାର୍ଯ୍ୟ କରିବାରେ ସଫଳ ହୋଇପାରି ନ ଥିବାରୁ ତାଙ୍କ ଲୋକପ୍ରିୟତା ହ୍ରାସ ପାଇଥିବା ରାଜନୈତିକ ସମୀକ୍ଷକ ମତ ଦେଉଛନ୍ତି। ତେଣୁ ୨୦୨୪ରେ ଭାଜପା ତାଙ୍କୁ ଏହି ଆସନରୁ ପୁଣି ପ୍ରାର୍ଥୀ କରିବ କି ନାହିଁ, ସେ ନେଇ ସେଭଳି ଆଭାସ ମିଳୁନାହିଁ। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବାଲେଶ୍ୱରରୁ ପ୍ରାର୍ଥୀ ହେବେ ବୋଲି ଗୋଟେ 'ଘୋ' ଚାଲିଥିଲା। ସେ ରାଜ୍ୟ ସଭା ଲାଗି ନାମାଙ୍କନପତ୍ର ଭରିବା ପରେ ମଧ୍ୟ ଅନ୍ୟ ଆଶାୟୀଙ୍କ ନାମ ଆଲୋଚନାକୁ ଆସୁନାହିଁ। ଏଥିରୁ ଅନୁମାନ ଲଗାଇ ରାଜନୈତିକ ବିଶେଷଜ୍ଞ କହୁଛନ୍ତି, ଭାଜପା ନୂଆ ଚେହେରାକୁ ସୁଯୋଗ ଦେଇ ବାଲେଶ୍ୱର ଲୋକ ସଭା ସିଟ୍ ହାତେଇବା ସକାଶେ ସମ୍ଭବତଃ ଯୋଜନା କରୁଛି।

୨୦୧୪ରେ ବିଜେଡିରୁ ଇଂ. ରବୀନ୍ଦ୍ର କୁମାର ଜେନା ଏମ୍‌ପି ହୋଇଥିଲେ। କିନ୍ତୁ ୨୦୧୯ରେ ସେ ପ୍ରତାପଙ୍କଠାରୁ ପ୍ରାୟ ୧୩ହଜାର ଭୋଟ୍ ବ୍ୟବଧାନରେ ହାରିଥିଲେ। ବାଲେଶ୍ୱର ଲୋକ ସଭା ଆସନ ଅନ୍ତର୍ଗତ ୭ଟି ବିଧାନସଭା ଆସନରୁ ଦଳ ୪ଟି ହାତେଇଥିଲା। ଲୋକ ସଭା ନିର୍ବାଚନରେ ବିଜେଡି ପ୍ରାର୍ଥୀ କାହିଁକି ପରାଜିତ ହେଲେ ସେ ନେଇ ସେତେବେଳେ ମାନସମନ୍ଥନ ମଧ୍ୟ ହୋଇଥିଲା। ଏବର ସ୍ଥିତି ଦେଖିଲେ ରବୀନ୍ଦ୍ର ଆସନ୍ତା ଲୋକ ସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହୋଇପାରନ୍ତି ବୋଲି ଆଲୋଚନା ହେଉଛି। କିନ୍ତୁ ତାଙ୍କ ପତ୍ନୀ ତଥା ମହିଳା ବିଜେଡିର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ବସ୍ତା ବିଧାନସଭା ଆସନରୁ ପ୍ରାର୍ଥୀ ହେବା ନେଇ ଜୋରଦାର ପ୍ରସ୍ତୁତି କରୁଥିବା ଦେଖିବାକୁ ମିଳୁଛି। ଗୋଟିଏ ପରିବାରରୁ ଦୁଇଟି ଟିକେଟ୍ ମିଳିବା ଅସମ୍ଭବ ହେଉଥିବାରୁ ରବୀନ୍ଦ୍ର ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇ ନ ପାରନ୍ତି ବୋଲି ମଧ୍ୟ କଥା ଉଠୁଛି।

**ଟିକେ ଇତିହାସ ଦେଖିଲେ ୨୦୦୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ୩ଲକ୍ଷ ୧୩ହଜାର ୮୮୮ ଭୋଟ ପାଇ ଏନ୍‌ସିପିର ଅରୁଣ ଦେଙ୍କୁ ହରାଇଥିଲେ। ଭାଜପା ତୃତୀୟ ସ୍ଥାନରେ ଥିଲା। ୨୦୧୪ରେ ବିଜେଡି ପ୍ରାର୍ଥୀ ରବୀନ୍ଦ୍ର କୁମାର ଜେନା ୪ଲକ୍ଷ ୩୩ ହଜାର ୭୬୮ ଖଣ୍ଡ ଭୋଟ ପାଇ ତାଙ୍କ ନିକଟତମ ଭାଜପା ପ୍ରତିଦ୍ୱନ୍ଦ୍ୱୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ହରାଇଥିଲେ। କଂଗ୍ରେସ ତୃତୀୟ ସ୍ଥାନରେ ରହିଥିଲା। ୨୦୧୯ ନିର୍ବାଚନରେ ଭାଜପା ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ୪ଲକ୍ଷ ୮୩ହଜାର ୮୫୮ଖଣ୍ଡ ଭୋଟ ପାଇ ମାତ୍ର ୧୨ହଜାର ୯୫୬ଖଣ୍ଡ ଭୋଟରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ରବୀନ୍ଦ୍ରଙ୍କୁ ହରାଇଥିଲେ। କଂଗ୍ରେସ କ୍ରମାଗତ ନିଜର ଭୋଟ ସଂଖ୍ୟା ହ୍ରାସ କରି ତୃତୀୟ ସ୍ଥାନରେ ଥିଲା।**

ବିଭିନ୍ନ ଦିଗକୁ ଦେଖି ବିଜେଡି ନୂଆ ପ୍ରାର୍ଥୀ ଅନ୍ୱେଷଣ ଜାରି ରଖିଥିବା ଦଳୀୟ ନେତା ଓ କର୍ମୀ ମହଲରେ ଗୁପୁରଟାପୁର ଚାଲିଛି।

ଆଗାମୀ ନିର୍ବାଚନରେ ଏହି ଲୋକ ସଭା କ୍ଷେତ୍ରରୁ କଂଗ୍ରେସରୁ କିଏ ପ୍ରାର୍ଥୀ ହେବେ କହିହେଉନାହିଁ। ୨୦୦୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ବିଜୟ ଲାଭକରି କେନ୍ଦ୍ରମନ୍ତ୍ରୀ ହୋଇଥିବା ବେଳେ ଗତ ୨୦୧୪ ନିର୍ବାଚନରେ ସେ ତୃତୀୟ ସ୍ଥାନରେ ରହି ୨ଲକ୍ଷ ୭୮ହଜାର ଭୋଟ୍ ପାଇଥିଲେ। ୨୦୧୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ୧ଲକ୍ଷ ୮୦ହଜାର ଭୋଟ୍ ପାଇ ତୃତୀୟ ସ୍ଥାନରେ ଥିଲେ। ତୁଳନାତ୍ମକ ଭାବେ ଦେଖିଲେ ପ୍ରତି ନିର୍ବାଚନରେ କଂଗ୍ରେସର ଭୋଟ ଲଗାତର କମୁଥିବାରୁ ଦଳୀୟ ନେତାମାନେ ଚିନ୍ତାରେ ରହୁଛନ୍ତି। ଆଗାମୀ ନିର୍ବାଚନରେ ନବଜ୍ୟୋତି ଟିକେଟ ପାଇବେ କି ନାହିଁ, ସେନେଇ ସେଭଳି ଚର୍ଚ୍ଚା ହେଉ ନ ଥିବା ଦେଖିବାକୁ ମିଳିଛି।

ବାଲେଶ୍ୱର ଲୋକ ସଭା କ୍ଷେତ୍ରରେ ୩ ପ୍ରମୁଖ ଦଳର ସ୍ଥିତି ଦେଖିଲେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ୨୦୧୯ରେ ଯେଉଁମାନେ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ ସେମାନେ ରିପିଟ୍ ହେବା ସମ୍ଭାବନା ଥାଇ ନ ଥିଲା ଭଳି ଲାଗୁଛି। ଅନ୍ୟପକ୍ଷରେ ସେଭଳି ନୂଆ ଆଶାୟୀଙ୍କ ନାମ ଚର୍ଚ୍ଚାକୁ ଆସିପାରି ନାହିଁ।

## ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀ

# ପ୍ରୀତିରଞ୍ଜନଙ୍କ ପାଇଁ ପ୍ରଦୀପ ଭୟ

**ଯାଜପୁର/ସୁକିନ୍ଦା(ହର୍ଷବର୍ଦ୍ଧନ ବେହେରା/ସତ୍ୟଜିତ୍ ଦାସ),୧୭।୨**


ପ୍ରଫୁଲ୍ଲ ଘଡ଼ାଇ


ପ୍ରୀତିରଞ୍ଜନ ଘଡ଼ାଇ


ଶରତ ରାଉତ


ପ୍ରଦୀପ ବଳସାମନ୍ତ

ଯାଜପୁର ଜିଲାର ଖଣି ଓ ଶିଳ୍ପସମୃଦ୍ଧ ସୁକିନ୍ଦା ନିର୍ବାଚନମଣ୍ଡଳୀରେ ପ୍ରମୁଖ ଦଳର ପ୍ରାର୍ଥୀଙ୍କୁ ନେଇ ଚର୍ଚ୍ଚା ହେଉଛି। ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ଏଠାରୁ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇଙ୍କ ପୁତ୍ର ପ୍ରୀତିରଞ୍ଜନ ଘଡ଼ାଇ (ଡାନି) ବିଜେଡି ଟିକେଟରୁ ବିଜୟୀ ହୋଇଥିଲେ। ସେ ଏବେ ମନ୍ତ୍ରୀ ଅଛନ୍ତି। ପ୍ରଫୁଲ୍ଲ ୧୯୯୦ରୁ ୨୦୦୯ ଯାଏ ସୁକିନ୍ଦାରୁ ଜନତା ଦଳ ଓ ପରେ ବିଜେଡିରୁ ବିଧାୟକ ହୋଇ ରାଜ୍ୟ ମନ୍ତ୍ରିମଣ୍ଡଳର ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ମଣ୍ଡନ କରିଥିଲେ। ଅର୍ଥାତ୍ ଘଡ଼ାଇ ପିତା-ପୁତ୍ର ଦୀର୍ଘ ୩ ଦଶନ୍ଧି ଧରି ଏହି ନିର୍ବାଚନମଣ୍ଡଳୀକୁ କବ୍ଜାରେ ରଖିଛନ୍ତି। ତେବେ ୨୦୧୯ ନିର୍ବାଚନକୁ ଦେଖିଲେ ପ୍ରୀତିରଞ୍ଜନ ଭାଜପାର ପ୍ରଦୀପ ବଳସାମନ୍ତ(ଟୁଟୁ)ଙ୍କୁ ମାତ୍ର ୧୬ ହଜାର ଭୋଟ ବ୍ୟବଧାନରେ ହରାଇଥିଲେ। ସେତେବେଳେ କଂଗ୍ରେସରୁ ଶରତ ରାଉତ ପ୍ରାର୍ଥୀ ହୋଇଥିଲେ। ତାଙ୍କର ପ୍ରଭାବ ସେତେଟା ଭଲ ନ ଥିବାରୁ କଂଗ୍ରେସ ଭୋଟ ବିଜେଡି ଆଡ଼କୁ ଯାଇଥିଲା ବୋଲି କୁହାଯାଇଥିଲା। ତାହା ନ ହୋଇଥିଲେ ପ୍ରୀତିରଞ୍ଜନଙ୍କ ଜିତିବା ଆହୁରି କଷ୍ଟକର ହୋଇଥାଆନ୍ତା ବୋଲି ଅଞ୍ଚଳ ସାରା ଆଲୋଚନା ହୋଇଥିଲା।

୨୦୨୪ ସାଧାରଣ ନିର୍ବାଚନରେ ସୁକିନ୍ଦାରୁ ଲଢ଼ିବା ଲାଗି ବିଜେଡିରୁ ପ୍ରୀତିରଞ୍ଜନ, ଭାଜପାରୁ ପ୍ରଦୀପ ଓ କଂଗ୍ରେସରୁ ଶରତ ରାଉତଙ୍କ ନାମ ଉଠୁଛି। ଏମାନଙ୍କ ବ୍ୟତୀତ ଅନ୍ୟ ଆଶାୟୀ ଦେଖାଯାଉ ନ ଥିବାରୁ ଆଗାମୀ ନିର୍ବାଚନରେ ଏହି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ଭିତରେ ଲଢ଼େଇ ହୋଇପାରେ ବୋଲି କୁହାଗଲାଣି। ଦୀର୍ଘ ଶାସନରେ ରହିଥିବା ଘଡ଼ାଇ ପିତା-ପୁତ୍ରଙ୍କ ପ୍ରତି ନିର୍ବାଚନମଣ୍ଡଳୀରେ ବିରୋଧ ବଢୁଥିବା ଲକ୍ଷ୍ୟ କରାଯାଉଛି। ତେଣୁ ପ୍ରୀତିରଞ୍ଜନ ଏଥର ଆଣ୍ଟି-ଇନକମ୍ବେନ୍ସି ବା ସରକାରୀ ବିରୋଧୀ ପବନର ସମ୍ମୁଖୀନ ହୋଇପାରନ୍ତି ବୋଲି କଥା ଉଠିଲାଣି। କାରଣ ୧୫ରୁ ଉର୍ଦ୍ଧ୍ୱ ଖଣି ଏବଂ ୧୦ରୁ ଅଧିକ ଶିଳ୍ପ କାରଖାନା କାର୍ଯ୍ୟକ୍ଷମ ଥିବା ସତ୍ତ୍ୱେ ସୁକିନ୍ଦାରେ ବେରୋଜଗାରି ମୁଖ୍ୟ ସମସ୍ୟା ହୋଇଯାଇଛି। ଏଥିସହିତ ରାଜ୍ୟ ବାହାରର ଏକାଧିକ ଠିକାଦାରଙ୍କୁ ଶିଳ୍ପ ଓ ଖଣିରେ କାର୍ଯ୍ୟଦେଇ ସ୍ଥାନୀୟ ଠିକାଦାର, ଶ୍ରମିକ ଏବଂ ଯୋଗାଣକାରୀମାନଙ୍କୁ ଅସନ୍ତୁଷ୍ଟ କରିବା ବିଧାୟକଙ୍କୁ କାଳ ହୋଇପାରେ। ଅପରପକ୍ଷରେ ଜିଲାର ଅନ୍ୟ ନିର୍ବାଚନମଣ୍ଡଳୀଗୁଡ଼ିକରେ ଏକାଧିକ ଭାଜପା ପ୍ରାର୍ଥୀ ଆଶାୟୀ ରହିଥିବାବେଳେ ସୁକିନ୍ଦା ଭାଜପାର ଏକମାତ୍ର ପ୍ରାର୍ଥୀ ଥିବାରୁ ପ୍ରଦୀପଙ୍କ ସାଙ୍ଗଠନିକ ଦକ୍ଷତା ତାଙ୍କୁ ଅଧିକ ଭୋଟ ସଂଗ୍ରହ କରିବାରେ ସାହାଯ୍ୟ କରିପାରେ ବୋଲି କୁହାଯାଉଛି। ୨୦୧୯ରେ ସେ ଅଳ୍ପ ବ୍ୟବଧାନରେ ହାରିଥିବାରୁ ଏଥର ପ୍ରୀତିରଞ୍ଜନଙ୍କୁ ପ୍ରଦୀପ କଡ଼ା ଟକ୍କର ଦେବେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି।

ଅନ୍ୟପକ୍ଷେ ନିର୍ବାଚନମଣ୍ଡଳୀରେ ଘଡ଼ାଇ ପରିବାର ପ୍ରତି ଲୋକପ୍ରିୟତା ହ୍ରାସ ପାଇଥିବା ନେଇ ଗୋଟେ 'ଘୋ' ଆରମ୍ଭ ହୋଇଯାଇଥିବାରୁ ପ୍ରୀତିରଞ୍ଜନ ଓ ତାଙ୍କ ବାପା ଅଭିଜ୍ଞ ରାଜନେତା ପ୍ରଫୁଲ୍ଲ ଘଡ଼ାଇ ଏଥର ଚିନ୍ତିତ ଥିବା ଭଳି ମନେହେଉଛି। ତଥାପି କଳେବଳେକୌଶଳେ ସୁକିନ୍ଦା ଗଡ଼କୁ ପୁଣି ହାତେଇବାକୁ ସେମାନେ ଯୋଜନା କରୁଥିବା ସୂଚନା ମିଳିଛି। ଏହା ଜଣାଶୁଣା ଯେ, ପ୍ରୀତିରଞ୍ଜନଙ୍କୁ ଜିତାଇବାକୁ ପ୍ରଫୁଲ୍ଲ ସବୁ ପ୍ରକାର ରଣନୀତି କରିଥାଆନ୍ତି। ଏଭଳି ସ୍ଥଳେ କଂଗ୍ରେସର ଶରତ ରାଉତ ଅଧିକ ବାଟ ଆଗକୁ ଯାଇପାରିବେ ବୋଲି ବିଶ୍ୱାସ ଏଇଥିପାଇଁ ହେଉନାହିଁ ଯେ, ନିର୍ବାଚନମଣ୍ଡଳୀରେ ତାଙ୍କ ସଙ୍ଗଠନ ସେଭଳି ମଜଭୁତ ଥିବା ଭଳି ଦୃଷ୍ଟିଗୋଚର ହେଉନାହିଁ। ୨୦୧୪ ପରେ ଶରତ ରାଉତ ନିର୍ବାଚନମଣ୍ଡଳୀକୁ ନ ଆସିବା, ବରିଷ୍ଠ କର୍ମୀମାନଙ୍କୁ ଅଣଦେଖା କରିବା, ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଦୁର୍ବଳ ହୋଇଯାଇଥିବା କଂଗ୍ରେସକୁ ସଜାଡି ବିଜେଡିକୁ କଡ଼ା ଟକ୍କର ଦେବା ସ୍ଥିତିକୁ ଆଣିଥିବା ବରିଷ୍ଠ ନେତା ଅମଳେନ୍ଦୁ ବେହୁରାଙ୍କୁ ଦଳରୁ ବିଦା କରିବା କଂଗ୍ରେସକୁ ମହଙ୍ଗା ପଡ଼ିଛି। ଏଥିସହିତ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭିତିରିଆ ପ୍ରଫୁଲ୍ଲ ଘଡ଼ାଇଙ୍କୁ ସମର୍ଥନ କରିବା ପରେ ଶରତ ସୁକିନ୍ଦା ଜନସାଧାରଣଙ୍କ ଆସ୍ଥା ହରାଇଥିବା କଥା ଦାଣ୍ଡରେ ପଡ଼ି ହାଟରେ ଗଡ଼ିଥିଲା। ଫଳରେ କଂଗ୍ରେସ ଅମାନତ ହରାଇଥିଲା। ଖାଲି ସେତିକି ନୁହେଁ, ଉକ୍ତ ନିର୍ବାଚନର ବିଫଳତା ପରେ କଂଗ୍ରେସର ଅନେକ ନେତା ଓ କର୍ମୀ ଭାଜପାରେ ଯୋଗଦେଇଥିବା ଦେଖିବାକୁ ମିଳିଥିଲା। ତେଣୁ ୨୦୨୪ ନିର୍ବାଚନରେ କଂଗ୍ରେସ ସେତେଟା ସଫଳ ହେବ ନାହିଁ ବୋଲି ଚର୍ଚ୍ଚା ହେଉଛି। ଏତେସତ୍ତ୍ୱେ ୧୯୮୦ ଓ ୧୯୮୫ରେ ଲଗାତର ବିଧାୟକ ହୋଇଥିବା ଶରତ ତାଙ୍କ ପୂର୍ବ ଗୌରବକୁ ଫେରାଇ ଆଣିବାକୁ ଉଦ୍ୟମ କରିବେ ବୋଲି ଦଳୀୟ କର୍ମୀମାନେ କହୁଛନ୍ତି। କଂଗ୍ରେସ ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ସ୍ୱଳ୍ପ ବ୍ୟବଧାନରେ ହାରି ବିଜେଡିର ଚୌକିକୁ ଦୋହଲାଇ ଦେଇଥିଲା। କିନ୍ତୁ ରାଜ୍ୟ ରାଜନୀତିର ପ୍ରଭାବଶାଳୀ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇଙ୍କ ଚତୁର ନିର୍ବାଚନୀ ଗୋଟିଚାଳନା ବିଜେଡିକୁ କ୍ଷମତାସୀନ ରଖିବାରେ ସଫଳ ହୋଇଥିଲା।

ରାଜନୀତିରେ କିଛି ଅସମ୍ଭବ ନୁହେଁ ବୋଲି କଥା ଅଛି। ସେହି ଦୃଷ୍ଟିରୁ ଦେଖିଲେ ସବୁକିଛି ସମୟ ଓ ଭୋଟରଙ୍କ ଉପରେ ନିର୍ଭର କରେ। ବର୍ତ୍ତମାନ ସୁକିନ୍ଦାରେ ହେଉଥିବା ଚର୍ଚ୍ଚାକୁ ନେଇ ସମୀକ୍ଷା କରାଗଲେ, ଏଠାରେ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ସୁନିଶ୍ଚିତ ବୋଲି ମନେହେଉଛି। ଏକଦା ବିଜେଡିର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ସାଜି ୨୦୧୪ ନିର୍ବାଚନ ପର୍ଯ୍ୟନ୍ତ ୩୬ ପ୍ରତିଶତରୁ ଉର୍ଦ୍ଧ୍ୱ ମତଦାତାଙ୍କ ସମର୍ଥନ ହାସଲ କରିଥିବା କଂଗ୍ରେସ ୨୦୧୯ ସାଧାରଣ ନିର୍ବାଚନରେ ୧୧ ପ୍ରତିଶତକୁ ଖସିଆସିଥିଲା। ଅନ୍ୟପକ୍ଷରେ ୨୦୧୯ରେ ପ୍ରଦୀପ ଭାଜପାରୁ ଲଢ଼ି ୬୦ ହଜାର ୭୮୦ ଭୋଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ରାଜନୈତିକ ସମୀକ୍ଷକଙ୍କ ଆକଳନ କହୁଛି, ଯଦି ଘଡ଼ାଇଙ୍କ ପରିବାର ରାଜନୀତିକୁ ଭୋଟର ସାମାନ୍ୟ ବିରୋଧ କରିବେ, ତାହା ହେଲେ ତାହାର ଫାଇଦା ପ୍ରଦୀପଙ୍କ କୋର୍ଟରେ ପଡ଼ିପାରେ।

# ସଭାସ୍ଥଳରେ ରୂପାଳୀଙ୍କୁ ବସିବାକୁ ବାରଣକଲା ପୋଲିସ



ନିଜ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ରୂପାଳୀ ଲେଙ୍କା।

**କଟକ, ୧୭।୨(ଶିଲ୍ପା ପ୍ରିୟଦର୍ଶିନୀ)**

କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ବଧି ପଡ଼ିଆଠାରେ ୱେଲସ୍ପନ ଇଣ୍ଟିଗ୍ରେଟେଡ୍ ଟେକ୍ସଟାଇଲ କମ୍ପ୍ଲେକ୍ସର ଶିଳାନ୍ୟାସ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଯୋଗଦେବା ପାଇଁ ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିରୁ ଆଶାୟୀ ଥିବା ରୂପାଳୀ ଲେଙ୍କା ଚୌଦ୍ୱାର ନୁଷ୍ଟିକିରି ଅଞ୍ଚଳରୁ ନିଜ ସମର୍ଥକଙ୍କ ସହିତ ଶୋଭାଯାତ୍ରାରେ ଯାଇ ପହଞ୍ଚିଥିଲେ। ସଭାସ୍ଥଳରେ ପ୍ରଥମେ ରୂପାଳୀଙ୍କୁ ବସିବା ପାଇଁ ଛଡ଼ାଯାଇଥିଲା। ହେଲେ କିଛି ସମୟ ମଧ୍ୟରେ ତାଙ୍କୁ ପୋଲିସ ବାହାରକୁ ଯିବା ପାଇଁ କହିଥିଲା। କ'ଣ ପାଇଁ ବାହାରକୁ ଯିବା ନିମନ୍ତେ କୁହାଯାଉଛି ବୋଲି ରୂପାଳୀ ପ୍ରଶ୍ନ କରିବାରୁ ଚୌଦ୍ୱାର-କଟକ ବିଧାୟକ ବାହାର କରିବା ପାଇଁ କହିଥିବା ପୋଲିସ କର୍ମଚାରୀ ପ୍ରକାଶ କରିଥିଲେ। ଏହାକୁ ନେଇ ପ୍ରାୟ ୨୦ ମିନିଟ୍ ପର୍ଯ୍ୟନ୍ତ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ହେଲେ ରୂପାଳୀ ତାଙ୍କ ସିଟ୍‌ରେ ବସି ରହିଥିଲେ। ଏ ନେଇ ରୂପାଳୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ଓଡିଶାର। ବ୍ୟକ୍ତିଗତ ଭାବେ ସେ କାହା ପାଇଁ ଆସିନାହାନ୍ତି। ଏହା ଏକ ସରକାରୀ କାର୍ଯ୍ୟକ୍ରମ। ଏଠାରେ ତାଙ୍କୁ ଚାଲିଯିବା ପାଇଁ ବିଧାୟକ କହିବା ଅତ୍ୟନ୍ତ ନିନ୍ଦନୀୟ।

ଅପରପକ୍ଷରେ ବିଧାୟକ ସୌଭିକ୍ ବିଶ୍ୱାଳ କହିଛନ୍ତି, କାର୍ଯ୍ୟକ୍ରମ କିପରି ସୁରୁଖୁରୁରେ ହେବ, ତାହା ନଜରରେ ରହିଥିଲା। ଏପରି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ମୁଖ୍ୟମନ୍ତ୍ରୀ ସାରା ଓଡ଼ିଶାବାସୀଙ୍କର। ତାଙ୍କ କାର୍ଯ୍ୟକ୍ରମରେ ସମସ୍ତେ ଉପସ୍ଥିତ ରହିବାର ଅଧିକାର ରହିଥିବା ସେ କହିଛନ୍ତି। ବିଧାୟକ ଏଭଳି କହି ସମ୍ପୃକ୍ତ ଘଟଣାକୁ ଏଡ଼ାଇ ଯାଇଥିବା କୁହାଯାଉଛି। ରୂପାଳୀ ସେଠାରୁ ଆଶାୟୀ ଥିବାରୁ ସୌଭିକ୍ ଜାଣିଶୁଣି ଏପରି କରିଥିବା ସଭାସ୍ଥଳରେ ଆଲେଚନା ଚାଲିଥିବା ଦେଖିବାକୁ ମିଳିଥିଲା।

# ଦେଶରେ ରାଜନୈତିକ ଅନ୍ୟାୟ ଚରମ ସୀମାରେ: କଂଗ୍ରେସ

**ଭୁବନେଶ୍ୱର,୧୭।୨ (ଅନିଲ ଦାସ)**

କେନ୍ଦ୍ରର ଭାଜପା ସରକାରଙ୍କ ୧୦ବର୍ଷ ଶାସନ କାଳରେ ଦେଶରେ ବିଭିନ୍ନ କ୍ଷେତ୍ରରେ ଅନ୍ୟାୟ ବୃଦ୍ଧି ପାଇଛି। ଦେଶର ଗରିବ ସାଧାରଣ ଜନତା,କୃଷକ, ମହିଳା,ଯୁବପିଢ଼ି, ସୈନ୍ୟବାହିନୀ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ, କ୍ଷୁଦ୍ରଶିଳ୍ପ ଏପରିକି ଗଣମାଧ୍ୟମ ଅନ୍ୟାୟରୁ ବର୍ତ୍ତି ପାରିନାହାନ୍ତି। ରାଜନୈତିକ ଅନ୍ୟାୟ ଚରମ ସୀମାରେ ପହଞ୍ଚିଛି। ଏସବୁ ଅନ୍ୟାୟ ବିରୋଧରେ ରାଜ୍ୟ ସରକାର ଥରଟିଏ ବି ମୁହଁ ନ ଖୋଲି କେନ୍ଦ୍ର ସରକାରଙ୍କୁ ଖୋଲା ସମର୍ଥନ କରି ଆସୁଛନ୍ତି ବୋଲି ଅଖିଳ ଭାରତ କଂଗ୍ରେସ କମିଟି ମୁଖପାତ୍ର ଆଲୋକ ଶର୍ମା କହିଛନ୍ତି।

ଶନିବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶର୍ମା କହିଛନ୍ତି ଯେ ୨୦୧୩-୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମକୁ ପ୍ରସଙ୍ଗ କରି ଶାସନକୁ ଆସିବା ପରେ ଦରଦାମ ଆକାଶଛୁଆଁ ହୋଇଛି। ୪୧୦ ଟଙ୍କାର ସବ୍‌ସିଡି ସତ୍ତ୍ୱେ ରନ୍ଧନ ଗ୍ୟାସ ମୂଲ୍ୟ ୧୦୦୦ ଟଙ୍କାରୁ ଅଧିକ ହେଲାଣି। ସେହିପରି ବେକାରି ଦେଶର ପ୍ରମୁଖ ସମସ୍ୟା ଭାବେ ଛିଡ଼ା ହୋଇଛି। ୨୦୧୪ରେ ଦେଶରେ ପ୍ରାୟ ୧କୋଟି ଯୁବକ ବେକାର ଥିବାବେଳେ ଏବେ ଏହି ସଂଖ୍ୟା ୪ କୋଟି ଛୁଇଁଲାଣି। ଓଡ଼ିଶାର ଜନସଂଖ୍ୟାକୁ ଦେଖିଲେ ୨୧ରୁ ୨୨ ପ୍ରତିଶତ ଯୁବବର୍ଗ ବେକାର ଅଛନ୍ତି। ଏଥିପାଇଁ ରାଜ୍ୟ ନା କେନ୍ଦ୍ର ସରକାର ଦାୟୀ ବୋଲି ଶର୍ମା ପ୍ରଶ୍ନ କରିଛନ୍ତି। ଦେଶର କୃଷକମାନଙ୍କ ପାଇଁ ସ୍ୱାମୀନାଥନ କମିଶନଙ୍କ ରିପୋର୍ଟ ଲାଗୁ କରିବାରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଅନ୍ୟପକ୍ଷରେ ଚାଷ ପାଇଁ ବ୍ୟବହୃତ ବିଭିନ୍ନ କୀଟନାଶକ, ସାର ଓ ଅନ୍ୟାନ୍ୟ ସାମଗ୍ରୀରେ ଜିଏସ୍‌ଟି ଲାଗୁ କରି କୃଷକଙ୍କୁ ଶୋଷଣ କରାଯାଉଛି। ଯଦି ଏସବୁ ଅନ୍ୟାୟ ବିରୋଧରେ କୃଷକମାନେ ଆନ୍ଦୋଳନ କରୁଛନ୍ତି, ସେମାନଙ୍କୁ ଲାଠି, ପାଣି ଓ ଗୁଳିମାଡ଼ କରି ଦମନ କରାଯାଉଛି ବୋଲି ଶର୍ମା କହିଛନ୍ତି।

ଏହି ଖବରଦାତା ସମ୍ମିଳନୀରେ ଏଆଇସିସି ସମ୍ପାଦକ ଶରତ ରାଉତ, ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ମୁଖ୍ୟ ଡ.ବିଶ୍ୱରଞ୍ଜନ ମହାନ୍ତି, ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ ଓ ପ୍ରଶାନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଖିଳ ଭାରତ କଂଗ୍ରେସ କମିଟି ମୁଖପାତ୍ର ଆଲୋକ ଶର୍ମାଙ୍କ ସହ ଦଳୀୟ ନେତୃବୃନ୍ଦ।

# କଂଗ୍ରେସ କ୍ଷମତାକୁ ଆସିଲେ ୨ଶହ ୟୁନିଟ୍ ମାଗଣା ବିଜୁଳି: ଶରତ



ଧାମରା ନିକଟସ୍ଥ କଇଥଖୋଲାଠାରେ ଅନୁଷ୍ଠିତ ମହାମିଶ୍ରଣ ପର୍ବରେ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଦଳୀୟ ନେତାମାନେ।

**ଚାନ୍ଦବାଲି,୧୭।୨ (କିଷାନ ପାତ୍ର ଅଶୋକ କୁମାର ପଣ୍ଡା)**

'ଭାରତ ଯୋଡ଼ୋ'ର ସଫଳ ରୂପାୟନ ପରେ ସାଧାରଣ ଜନତାଙ୍କର କଂଗ୍ରେସ ପ୍ରତି ଆସ୍ଥା ବଢ଼ୁଛି। ଦଳ କ୍ଷମତାକୁ ଆସିଲେ ରାଜ୍ୟରେ ପ୍ରତି ପରିବାରକୁ ୨ଶହ ୟୁନିଟ୍ ପର୍ଯ୍ୟନ୍ତ ମାଗଣାରେ ବିଜୁଳି ଯୋଗାଇ ଦେବ ବୋଲି ଭଦ୍ରକ ଜିଲା ଧାମରା ନିକଟସ୍ଥ କଇଥଖୋଲାଠାରେ ଶନିବାର ଅନୁଷ୍ଠିତ ମହାମିଶ୍ରଣ ପର୍ବରେ ଯୋଗଦେଇ ପିସିସି ସଭାପତି ଶରତ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି।

ଚାନ୍ଦବାଲିରୁ କଂଗ୍ରେସର ବାଇକ୍ ରାଲି ବାହାରି ମତୋ, ଦିଗଛିଆ, ଯଶୀପୁର ଓ ବାଂଶଡ଼ା ହୋଇ ଧାମରା ମନ୍ଦିର ନିକଟରେ ପହଞ୍ଚିଥିଲା। ସେଠାରୁ ଜାଗୁଳା, ଦୋସିଙ୍ଗା, କରଞ୍ଜମାଳ, କରଣପଲ୍ଲୀ ଏବଂ ପଞ୍ଚୁଟିକ୍ରି ପଞ୍ଚାୟତ ପରିକ୍ରମା କରିବା ପରେ କଇଥଖୋଲାଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଚାନ୍ଦବାଲି ବ୍ଲକ କଂଗ୍ରେସ ସଭାପତି ବୈଲୋଚନ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପିସିସି ସଭାପତି ପଟ୍ଟନାୟକ ଏବଂ ଅନ୍ୟତମ ଅତିଥି ଭାବେ ଅଖିଳ ଭାରତ କଂଗ୍ରେସ ସାଧାରଣ ସମ୍ପାଦକ ଖ୍ରିଷ୍ଟୋଫର ତିଳକ, ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ଜିଲା ସଭାପତି ଅଶୋକ ଦାସ, ପିସିସି ଯୁବ ସମ୍ପାଦକ ମନୋଜ ବିଶ୍ୱାଳ, ମହିଳା ନେତ୍ରୀ ମଧୁମିତା ସେଠୀ, ଚାନ୍ଦବାଲି ନିର୍ବାଚନମଣ୍ଡଳୀ ନେତା ଅମିୟ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଦିଗମ୍ବର ଦାସ, ସୁଲୋଚନା ନାୟକ, ଜିଲା କଂଗ୍ରେସର ମୁଖ୍ୟ ମୁଖପାତ୍ର ଶୁଭେନ୍ଦୁ ରାୟ ମହାପାତ୍ର, ସତ୍ୟାନନ୍ଦ ରାଉତ, ଉମେଶ ମହାକୁଡ଼, ଯୁବ କଂଗ୍ରେସ ବିଧାନସଭା ସଭାପତି ଶକ୍ତିପ୍ରତାପ ବିଶ୍ୱାଳ, ଆଶିଷ ମାହନ୍ତ, ବିଜୟ ବେହେରା, ନରେନ୍ଦ୍ର ମାଇତି, ପ୍ରଭୁରାମ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଧାମରାର ୮ ପଞ୍ଚାୟତର ୬ଶହରୁ ଉର୍ଦ୍ଧ୍ୱ ପରିବାର ଅନ୍ୟ ଦଳ ଛାଡ଼ି କଂଗ୍ରେସରେ ସାମିଲ ହୋଇଛନ୍ତି। ପୂର୍ବରୁ କଂଗ୍ରେସ ଛାଡ଼ି ଭାଜପା ଓ ବିଜେଡିରେ ମିଶିଥିବା ଦଳୀୟ କର୍ମୀମାନେ ପ୍ରତ୍ୟାବର୍ତ୍ତନ କରିଛନ୍ତି।





# ଜୀବନକୁ ସୁଗମ କରିଛି 'ଲକ୍ଷ୍ମୀ ବସ୍'

ଲୋକଙ୍କ ଇଚ୍ଛାକୁ ସମ୍ମାନ ଦେଇ ଓଡ଼ିଶା ସରକାର ଯୋଜନା କରନ୍ତି। ୫–ଟି ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲାଗସ୍ତ ପରେ ଲୋକଙ୍କ ଅସୁବିଧାକୁ ଅନୁଭବ କରାଯାଇଥିଲା। ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କର ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଲକ୍ଷ୍ମୀ ବସ୍ ଆମ ଜୀବନକୁ ସହଜ ଓ ସୁଗମ କରିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଇତି ମଧ୍ୟରେ ୨୦ଟି ଜିଲାରେ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ ହୋଇପାରିଛି। ଏହାଦ୍ୱାରା ଗ୍ରାମାଞ୍ଚଳର ଲକ୍ଷ ଲକ୍ଷ ଲୋକ ଉପକୃତ ହୋଇପାରିଛନ୍ତି। ଫେବୃଆରୀ ୧୨ତାରିଖରେ ବଲାଙ୍ଗୀର, ବରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ୫ ଜିଲାର ୧,୩୪୦ଟି ପଞ୍ଚାୟତରେ ୩୦୧ଟି ବସ୍ ଚାଲିଛି। ଏହାଦ୍ୱାରା ୮୩ ଲକ୍ଷରୁ ଅଧିକ ଲୋକ ଉପକୃତ ହୋଇଛନ୍ତି। ବଲାଙ୍ଗୀରର ୩୧୩ଟି ପଞ୍ଚାୟତରେ ୪୪ଟି ବସ୍ ଦ୍ୱାରା୧୬.୫୦ ଲକ୍ଷ, ବରଗଡ଼ର ୨୪୩ ପଞ୍ଚାୟତରେ ୬୦ଟି ବସ୍ ଦ୍ୱାରା ୧୪ ଲକ୍ଷ ୨୨ ହଜାର ଲୋକ, କେନ୍ଦୁଝରର ୧୫୮ପଞ୍ଚାୟତରେ ୨୫ଟି ବସ୍ ଦ୍ୱାରା ୧୦ ଲକ୍ଷ ୮୦ ହଜାର ଲୋକ ଉପକୃତ ହୋଇଛନ୍ତି। ସେହିପରି ମୟୂରଭଞ୍ଜ ଜିଲାର ୩୮୬ ପଞ୍ଚାୟତରେ ୧୦୭ବସ୍ ଦ୍ୱାରା ୨୪ ଲକ୍ଷ ୨୦ ହଜାର ଏବଂ ସୁନ୍ଦରଗଡର ୨୪୦ଟି ପଞ୍ଚାୟତରେ ୬୫ଟି ବସ୍ ଚାଲିବା ଦ୍ୱାରା ୧୭ ଲକ୍ଷ ୨୦ ହଜାର ଲୋକ ଉପକୃତ ହୋଇପାରିବେ। ସେହିପରି ଗତ ୧୬ ତାରିଖରେ ଆଉ ୬ ଜିଲାରେ ଲକ୍ଷ୍ମୀ ବସ୍‌ର ଶୁଭାରମ୍ଭ କରାଯାଇଛି। ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା, ଭଦ୍ରକ, ଯାଜପୁର ଓ ନୟାଗଡ଼ ଜିଲା ଲକ୍ଷ୍ମୀ ବସ୍ ଯୋଜନାରେ ଯୋଡ଼ି ହୋଇଯାଇଛି। ଏହି ୬ ଜିଲାର ୧,୩୬୩ ପଞ୍ଚାୟତରେ ୧୯୮ ବସ୍ ଚାଲିଛି। ଏହା ଦ୍ୱାରା ୭୫ ଲକ୍ଷରୁ ଅଧିକ ଲୋକ ଉପକୃତ ହୋଇପାରିବେ।







## ମହିଳା ସଶକ୍ତୀକରଣ

ଲକ୍ଷ୍ମୀ ବସ୍ ଯୋଜନାରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି। ସାରା ରାଜ୍ୟରେ ୧୦୦୦ରୁ ଅଧିକ ବସ୍ ଚାଲିବ। ୫–ଟି ଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚାଳନା ଦାୟିତ୍ୱ ଦିଆଯାଇଛି। ମହିଳାମାନେ କଣ୍ଡକ୍ଟର ଦାୟିତ୍ୱ ତୁଲାଇ ମହିଳା ସଶକ୍ତୀକରଣର ଏକ ଉଦାହରଣ ସୃଷ୍ଟି କରିଛନ୍ତି।



## ବିକାଶର କେନ୍ଦ୍ର ସାଜିବ ପଞ୍ଚାୟତ

ଗାଁର ଅର୍ଥନୀତିକୁ ମଜଭୁତ କରିବାରେ 'ଲକ୍ଷ୍ମୀ ବସ୍' ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ଆମର ଲକ୍ଷ୍ୟ ରହିଛି। ଏହି ଯୋଜନାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଭବ ନେବା ଲାଗି ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍‌ସେବା ଆରମ୍ଭ କରାଯାଇଛି। ଏଥିରେ ମା'ମାନଙ୍କ ପାଇଁ ବସ୍ ଟିକେଟ ମୂଲ୍ୟ ଅଧା କରାଯାଇଛି।

ଗ୍ରାମାଞ୍ଚଳ ଲୋକମାନେ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ତାଙ୍କର ଦୈନନ୍ଦିନ କାର୍ଯ୍ୟ ପାଇଁ ଘର ପାଖରୁ ଏହି ବସ୍‌କୁ ଯେପରି ବ୍ୟବହାର କରିପାରିବେ, ସେହି ଲକ୍ଷ୍ୟରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରାଯାଇଛି।



ଗାଁ ଲୋକମାନେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧାରେ, କମ ଖର୍ଚ୍ଚରେ ଦୈନନ୍ଦିନ କାର୍ଯ୍ୟ କରିପାରିବେ,ଆମର ଜୀବନ ଯାତ୍ରାକୁ ସହଜ କରିବ, ଘରେ ଘରେ ସମୃଦ୍ଧି ଆଣିବା।
– ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ



ଲକ୍ଷ୍ମୀ ବସ୍ ସାରା ରାଜ୍ୟର ସମ୍ପତ୍ତି, ଆପଣମାନଙ୍କ ସମ୍ପତ୍ତି, ଏହା ଆପଣମାନଙ୍କ ସମୃଦ୍ଧିର ବାହକ, ନିଜ ସମ୍ପତ୍ତିର ଆପଣ ଯେପରି ରକ୍ଷଣାବେକ୍ଷଣ କରନ୍ତି, ଠିକ୍ ସେହିପରି ଲକ୍ଷ୍ମୀ ବସର ମଧ୍ୟ ଯତ୍ନ ନିଅନ୍ତୁ।
– କାର୍ତ୍ତିକ ପାଣ୍ଡିଆନ୍, ୫–ଟି ଅଧ୍ୟକ୍ଷ

## ଖୋର୍ଦ୍ଧା ଜିଲା
ପଞ୍ଚାୟତ- ୧୫୪
ବସ୍ ଚଳାଚଳ- ୨୨
ଉପକୃତ ହେବେ- ୧୫.୫୦ଲକ୍ଷ ଲୋକ

## ପୁରୀ
ପଞ୍ଚାୟତ- ୪୩୩
ବସ୍ ଚଳାଚଳ- ୪୪
ଉପକୃତ ହେବେ- ୧୪.୬୦ଲକ୍ଷ ଲୋକ

## କେନ୍ଦ୍ରାପଡ଼ା
ପଞ୍ଚାୟତ- ୧୯୬
ବସ୍ ଚଳାଚଳ- ୩୭
ଉପକୃତ ହେବେ- ୧୧.୩୭ଲକ୍ଷ ଲୋକ

## ଭଦ୍ରକ
ପଞ୍ଚାୟତ- ୧୫୮
ବସ୍ ଚଳାଚଳ- ୨୫
ଉପକୃତ ହେବେ- ୧୦.୮୦ଲକ୍ଷ ଲୋକ

## ଯାଜପୁର
ପଞ୍ଚାୟତ- ୨୩୩
ବସ୍ ଚଳାଚଳ- ୩୯
ଉପକୃତ ହେବେ- ୧୩.୭୦ଲକ୍ଷ ଲୋକ

## ନୟାଗଡ଼
ପଞ୍ଚାୟତ- ୧୮୯
ବସ୍ ଚଳାଚଳ- ୩୧
ଉପକୃତ ହେବେ- ୯.୩୪ଲକ୍ଷ ଲୋକ



## ମୋ ସରକାର ଲୋକଙ୍କ ସରକାର

ମୋ ସରକାର ହେଉଛି ଲୋକଙ୍କ ସରକାର। ଲୋକଙ୍କ ଇଚ୍ଛାକୁ ସମ୍ମାନ ଦେଇ ଓଡ଼ିଶା ସରକାର ଯୋଜନା କରନ୍ତି। ୫–ଟି ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲାଗସ୍ତ ପରେ ଲୋକଙ୍କ ଅସୁବିଧାକୁ ଅନୁଭବ କରାଯାଇପାରିଥିଲା। ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରିବା ସହ ଗାଁ ଲୋକଙ୍କ ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।



## ଲୋକଙ୍କୁ ଲୋକଙ୍କ ସହ ଯୋଡୁଛି

ଗାଁର ରୂପାନ୍ତର ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜାରି ରହିଛି। ଏକ ନୂଆ ଓଡ଼ିଶା ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ଲକ୍ଷ୍ମୀ ବସ୍ ଲୋକଙ୍କୁ ଲୋକଙ୍କ ସହିତ ଯୋଡ଼ିବ। ସାମାଜିକ ଓ ଆର୍ଥିକ ଜୀବନକୁ ମଜଭୁତ କରିବ। ପିଲାଙ୍କୁ ସ୍କୁଲ କଲେଜ ନେବ। ଚାଷୀଙ୍କୁ ମାର୍କେଟ ସହିତ ଯୋଡ଼ିବ। ମା'ମାନେ ଓ ଛାତ୍ରଛାତ୍ରୀମାନେ ମାତ୍ର ୫ ଟଙ୍କା ମୂଲ୍ୟରେ ଏହି ବସ୍‌ରେ ଯିବା ଆସିବା କରିପାରିବେ।



**ସ୍ୱାସ୍ଥ୍ୟ ସଚେତନତା ଶିବିର**

ବାଲିଅନ୍ତା,(ନୀଳମାଧବ ସାହୁ): ଭୁବନେଶ୍ୱରର ଅଗ୍ରଣୀ ହସ- ବ୍ୟାୟାମ ସଂଘ ଏଲ୍ ଏନ୍ ଲାଫଟର ଏକ୍ସରସାଇଜ୍ କ୍ଲବ ଆନୁକୂଲ୍ୟରେ ଗୌତମନଗରସ୍ଥିତ ରାମେଶ୍ୱର ମନ୍ଦିର ପରିସର ଶନିବାର ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜେ.କେ. ରାଜହଂସ, ଯୁଗଳ କିଶୋର ଦାଶ, ଶତ୍ରୁଘ୍ନ ବାହିନୀପତି ଓ ପ୍ରଭାକର ପଣ୍ଡାଙ୍କ ସଂଯୋଜନାରେ ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ୫୦ ଜଣ ସଭ୍ୟାସଭ୍ୟ ଯୋଗଦେଇ ସ୍ୱାସ୍ଥ୍ୟ ପାଇଁ ଯୋଗ ଓ ବ୍ୟାୟାମ ଆବଶ୍ୟକତା ନେଇ ସଚେତନତା ସୃଷ୍ଟି କରିଥିଲେ। ଏହି ଶିବିରକୁ ଯୁଗଳ କିଶୋର ଦାଶ ଓ ପ୍ରଦୀପ ଧଳ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଦେବବ୍ରତ ପାଇଲେ 'ଜଗଦୀଶ କଥା ସମ୍ମାନ'
**ପ୍ରଜ୍ଞାପ୍ରବର୍ତ୍ତିକାଙ୍କୁ 'ଜଗଦୀଶ ଯୁବ ସମ୍ମାନ'**

ଭୁବନେଶ୍ୱର,୧୭।୨(ଶର୍ମିଷ୍ଠା ପାଣିଗ୍ରାହୀ)

ଜଗଦୀଶ ମହାନ୍ତି ଟ୍ରଷ୍ଟ ତରଫରୁ ଜଗଦୀଶ ଜୟନ୍ତୀ ରେଡକ୍ରସ୍ ଭବନଠାରେ ଶନିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଥାକାର ତରୁଣକାନ୍ତି ମିଶ୍ର ଏବଂ ମୁଖ୍ୟବକ୍ତା ଗାଳ୍ପିକ ସଦାନନ୍ଦ ତ୍ରିପାଠୀ ଯୋଗଦେଇ ଜଗଦୀଶ ମହାନ୍ତିଙ୍କ ସୃଜନକୃତି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଚଳିତ ବର୍ଷର ସମ୍ମାନଜନକ 'ଜଗଦୀଶ କଥା ସମ୍ମାନ' ବିଶିଷ୍ଟ ଲେଖକ ଦେବବ୍ରତ ମଦନରାୟଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି 'ଜଗଦୀଶ ଯୁବ ସମ୍ମାନ'ରେ ଗାଳ୍ପିକା ପ୍ରଜ୍ଞା ପ୍ରବର୍ତ୍ତିକା ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ସଭାପତିତ୍ୱ କରିଥିଲେ କଥାକାର ଡ. ସରୋଜିନୀ ସାହୁ। 'ଟ୍ରଷ୍ଟ'ର ସମ୍ପାଦକ ତଥା ଲେଖକ ସରୋଜ ବଳ ଉତ୍ସବ ସଞ୍ଚାଳନ କରିଥିଲେ। କାହାଣୀକାର ପ୍ରାଚୀତାରା ମହାନ୍ତି ଏକ ଗଳ୍ପର ନାଟକୀୟ ଉପସ୍ଥାପନା କରିଥିଲେ। ଉତ୍ସବ ପରିଚାଳନାରେ ଅରୁଣ କୁମାର ଦାସ, ଆଶିଷ କୁମାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

### ଜୟଦେବ ସମାରୋହରେ ବୃନ୍ଦ ଶାସ୍ତ୍ରୀୟ ସଙ୍ଗୀତ ଗାନ

ଭୁବନେଶ୍ୱର,୧୭।୨(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୫୮ତମ ବାର୍ଷିକ ଉତ୍ସବ 'ଜୟଦେବ ସମାରୋହ'ର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ମଣ୍ଡପରେ ଚାଲିଥିବା ଏହି ସମାରୋହରେ ଅତିଥି ଭାବେ ରାଜସ୍ୱ ପରିଷଦର ପୂର୍ବତନ ସଭ୍ୟ ଅଶୋକ ତ୍ରିପାଠୀ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରସନ୍ନ କୁମାର ସ୍ୱାଇଁ, ଓଡିଶା କୋଲ ଆଣ୍ଡ ପାୱାର ଲିମିଟେଡର ନିର୍ଦ୍ଦେଶକ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସାରିପୁତ ମିଶ୍ର, ସମ୍ମାନିତ ଅତିଥି ସଂସ୍କୃତି ବିଭାଗର ଯୁଗ୍ମ ଶାସନ ସଚିବ ଅତସୀ ଦାସ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧକ୍ଷ ବିଜୟ କୁମାର ଜେନା, ଗୁରୁ ରାମହରି ଦାସ, ବିଶିଷ୍ଟ ଓଡିଶୀ ସଙ୍ଗୀତଜ୍ଞ ଗୁରୁ ଚିତ୍ତ ପାଣି ପ୍ରମୁଖ ଯୋଗଦେଇଥିଲେ। ସାଂସ୍କୃତିକ ଉତ୍ସବରେ ଏକକ ତବଲା ବାଦନ ଗୁରୁ ବିନୋଦ ବିହାରୀ ରାଉତ, ବୃନ୍ଦ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ଗୁରୁ ଶ୍ରୀଚନ୍ଦନ କୁମାର ଜେନାଙ୍କ ନିର୍ଦ୍ଦେଶନାରେ ଏବଂ ଛଉ ନୃତ୍ୟ ଗୁରୁ ଗୌରୀ ମୋହନ ମହନ୍ତ, ଗୁରୁ ପ୍ରଦ୍ୟୁମ୍ନ କୁମାର ମହନ୍ତଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଶ୍ରୀନିବାସ ଘଟୁଆର ମଞ୍ଚ ପରିଚାଳନା କରିଥିଲେ।

### ଦଶପଲ୍ଲା ଏନ୍ଏସି ଉପାଧକ୍ଷଙ୍କ ମାଡ଼ରେ ପୌରଯନ୍ତ୍ରୀ ଆହତ

ନିରାକାରପୁର,୧୭।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ଛକରେ ଶୁକ୍ରବାର ବିଳମ୍ବିତ ରାତିରେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଏନ୍ଏସି ଉପାଧକ୍ଷ କିଶୋର ଚନ୍ଦ୍ର ଦାଶଙ୍କ ମାଡ଼ରେ ପୌରଯନ୍ତ୍ରୀ ଅଶୋକ ଦଳବେହେରା ଆହତ ହୋଇଛନ୍ତି। ଏନେଇ ଅଶୋକଙ୍କ ଅଭିଯୋଗକ୍ରମେ ଜଙ୍କିଆ ଥାନା ପୋଲିସ ଏକ ମାମଲା (ନଂ.୭୬/୨୪) ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ଦଶପଲ୍ଲା ଏନ୍ଏସି ପକ୍ଷରୁ ପୌରଯନ୍ତ୍ରୀଙ୍କ ସମେତ ଏନ୍ଏସି କର୍ମକର୍ତ୍ତା ଓ କେତେଜଣ କାଉନ୍ସିଲର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ବସ୍‌ରେ ଯାଇଥିଲେ। ସେଠାରୁ ନୂଆ ଜଗନ୍ନାଥ ସଡ଼କରେ ଫେରୁଥିବା ବେଳେ ଶୁକ୍ରବାର ରାତିରେ ରାମେଶ୍ୱର ଛକରେ ରାତ୍ରଭୋଜନ ପାଇଁ ଅଟକିଥିଲେ। ହେଲେ ପୌରଯନ୍ତ୍ରୀ ଦଳବେହେରା ଦେହ ଅସୁସ୍ଥ ଥିବାରୁ ବସ୍ ଭିତରେ ଥିଲେ। ଏହି ସମୟରେ ଉପାଧକ୍ଷ ଦାଶ ବସ୍ ଭିତରକୁ ଆସି ଖାଇବା କଥା କିଏ ବୁଝୁଛି ବୋଲି ପୌରଯନ୍ତ୍ରୀଙ୍କୁ ପଚାରିଥିଲେ। ଏହା ନୋଡାଲ ଅଫିସର ବୁଝୁଛନ୍ତି ଏବଂ ଏଠାରେ ୩ ନମ୍ବର କାଉନ୍ସିଲର ବୁଝୁଛନ୍ତି ବୋଲି ପୌରଯନ୍ତ୍ରୀ କହିଥିଲେ। ଏହାପରେ ଉପାଧକ୍ଷ ଦାଶ ମୋତେ ଭଡ଼ାଦିଅ ପଳାଇଯିବି ବୋଲି କହିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉପାଧକ୍ଷ ଦାଶ ଉତ୍କ୍ଷିପ୍ତ ହୋଇ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ ବୋଲି ପୌରଯନ୍ତ୍ରୀ ଦଳବେହେରା ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏନେଇ ଜଙ୍କିଆ ଥାନା ଅଧିକାରୀ ପ୍ରଜ୍ଞା ରତ୍ନପ୍ରଭା କର କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ ଏନେଇ ଉପାଧକ୍ଷ ଦାଶଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ୧୦୨୭ କୋଟି ଟଙ୍କାର ବିଏମ୍‌ସି ବଜେଟ

- ପରିମଳ ଓ ବର୍ଜ୍ୟ ସଂଗ୍ରହ ପାଇଁ ୧୧୧.୧୯ କୋଟି
- ଏକାମ୍ର ଯୋଜନା ପାଇଁ ୧୧୩ କୋଟି ଟଙ୍କା




ଭୁବନେଶ୍ୱର, ୧୭।୨ (ବନ୍ଦନା ସେଠୀ)

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଶନିବାର ପୂର୍ଣ୍ଣାଙ୍ଗ ବଜେଟ ପାରିତ ହୋଇଯାଇଛି। ୧ ହଜାର ୨୭କୋଟି ୫୫ଲକ୍ଷ ୨୬ହଜାର ୯୪୧ଟଙ୍କାର ବଜେଟ ରଖାଯାଇଛି, ଯାହା ବିଏମ୍‌ସି ବଜେଟ ଇତିହାସରେ ସର୍ବକାଳୀନ ରେକର୍ଡ। ଚଳିତ ଆର୍ଥିକ ବର୍ଷରେ ବିଏମ୍‌ସି ୧୫୧୪.୪୫ କୋଟି ଟଙ୍କାର ଆୟ ଲକ୍ଷ୍ୟ ରଖିଥିବାବେଳେ ୧ହଜାର ୨୭କୋଟି ଟଙ୍କା ବ୍ୟୟ ଅଟକଳ ରଖିଛି। ତେଣୁ ଏହାକୁ ୪୮୬.୯୦ କୋଟି ଟଙ୍କାର ବଳକା ବଜେଟ ବୋଲି କୁହାଯାଉଛି। ସର୍ବୋପରି ଏହା ଏକ ଲୋକାଭିମୁଖୀ ଓ ବଳକା ବଜେଟ୍ ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ବିଏମ୍‌ସିର ସୁପରିଚାଳନା ପାଇଁ ୧୦୫.୯୬ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବାବେଳେ ପରିମଳ ଓ ବର୍ଜ୍ୟ ସଂଗ୍ରହ ପାଇଁ ୧୧୧.୧୯କୋଟି, ଏକାମ୍ର ଯୋଜନା ପାଇଁ ୧୧୩କୋଟି, ଭୂମି ଅଧିଗ୍ରହଣ ପାଇଁ ୫୦କୋଟି, ପେଭର ବ୍ଲକ୍ ରାସ୍ତା ନିର୍ମାଣ ପାଇଁ ୯୭.୭୨କୋଟି, ଡ୍ରେନ୍ ନିର୍ମାଣ ଓ ଉନ୍ନତିକରଣ ପାଇଁ ୯୧.୪୭କୋଟି, ୱାର୍ଡ ଅଫିସ ନିର୍ମାଣ ପାଇଁ ୨୧କୋଟି, ରାସ୍ତା ଓ ସୌନ୍ଦର୍ଯ୍ୟକରଣ ପାଇଁ ୨୫.୫୧କୋଟି ଏବଂ ପାନୀୟଜଳ, ଆଲୋକୀକରଣ, ଯାନବାହନ କ୍ରୟ ଭଳି ଅନ୍ୟାନ୍ୟ ମୌଳିକ କାର୍ଯ୍ୟ କରାଯିବା ନେଇ ସ୍ଥିର ହୋଇଛି। ଅପରପକ୍ଷେ ଖୁବ୍‌ଶୀଘ୍ର ସହରର ବିଭିନ୍ନ ସ୍ଥାନରେ ପାର୍କ ସହ ୧୦ଟି କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବା ନେଇ ବୈଠକରେ ସ୍ଥିର ହୋଇଥିଲା। ଏଥିସହ ୪ଟି ଅର୍ବାନ ୱେଲ୍‌ନେସ୍ ସେଣ୍ଟର ନିର୍ମାଣ, ବର୍ଷାଦିନେ ଲୋକଙ୍କୁ ଆକସ୍ମିକ ଜଳବନ୍ଦୀରୁ ରକ୍ଷା କରିବାକୁ ପମ୍ପସେଟ୍, ଜରୁରୀକାଳୀନ ପରିସ୍ଥିତି ପାଇଁ ଡିଜି ସେଟ୍ କ୍ରୟ କରିବା ନେଇ ନିଷ୍ପତ୍ତି ହୋଇଛି। ମେୟରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବଜେଟ ବୈଠକରେ କମିଶନର ବିଜୟ ଅମୃତା କୁଲାଙ୍ଗେ, ଫାଇନାନ୍ସ ଷ୍ଟାଣ୍ଡିଂ କମିଟି ଅଧକ୍ଷା ପ୍ରୀତିନନ୍ଦା ରାଉତରାୟ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### କର୍ପୋରେଟରଙ୍କୁ ଅନ୍ଧାରରେ ରଖି ବଜେଟ ପାସ୍

ବଜେଟ୍ ପାରିତ ହେବାବେଳେ କେତେଜଣ କର୍ପୋରେଟର ବିଏମ୍‌ସି କର୍ତ୍ତୃପକ୍ଷଙ୍କ ଆଭିମୁଖ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ବିନା ଆଲୋଚନାରେ ଅନ୍ଧାରରେ ରଖି ଚଳିତ ବଜେଟ୍ ପାସ୍ କରିଥିବା ଅଭିଯୋଗ କରିଥିଲେ। ବଜେଟ୍ ନେଇ ସମସ୍ତ କର୍ପୋରେଟରଙ୍କୁ ସବିଶେଷ ବିବରଣୀ ଦିଆଯାଉ ନାହିଁ। ୨୦୨୩-୨୪ରେ ହୋଇଥିବା ୬୯୦କୋଟି ଟଙ୍କାର ବଜେଟ ଏବଂ ପରେ ୨୯୦କୋଟି ଟଙ୍କାର ସପ୍ଲିମେଣ୍ଟାରୀ ବଜେଟ୍‌ରୁ କେତେ ଟଙ୍କା କେଉଁ ବାବଦରେ ଖର୍ଚ୍ଚ ହୋଇଛି, କେତେ ବଳକା ରହିଛି ତାହାର ହିସାବ ଦିଆଯାଇ ନ ଥିଲା। ଏହାକୁ ନେଇ କର୍ପୋରେଟର ରାମଚନ୍ଦ୍ର ରଣସିଂହ, ଯଶୋଧାରା ପ୍ରଧାନ, ନୃପେଶ ନାୟକ ପ୍ରମୁଖ ସ୍ୱର ଉଠାଇଥିଲେ। ପରେ ସପ୍ଲିମେଣ୍ଟାରୀ ବଜେଟ ସମ୍ବନ୍ଧୀୟ ଏକ କାଗଜ ସେମାନଙ୍କୁ ଧରାଇ ଦିଆଯାଇ ୫ ମିନିଟ୍‌ରେ ଦେଖ ବୋଲି କୁହାଯାଇଥିଲା, ଯାହାକି ସମ୍ଭବ ନୁହେଁ ବୋଲି ଯଶୋଧାରା କହିଛନ୍ତି। ସେହିପରି ସିଏଫ୍‌ଓ, ଫାଇନାନ୍ସ ଅଫିସର ଥିବା ସତ୍ତ୍ୱେ ବଜେଟ୍‌କୁ କାହିଁକି ସରଳ ଭାବରେ ବୁଝାଯାଉନି ବୋଲି କର୍ପୋରେଟରମାନେ ପ୍ରଶ୍ନ କରିଥିଲେ।

### ଯୋଗଦେଲେନି ୩୩ କର୍ପୋରେଟର

ବଜେଟ୍ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିଏମ୍‌ସିର ୩୩ଜଣ କର୍ପୋରେଟର ଯୋଗଦେଇ ନ ଥିଲେ। ମୋଟ ୬୭ ଜଣ କର୍ପୋରେଟରଙ୍କ ମଧ୍ୟରୁ ମାତ୍ର ୩୪ଜଣଙ୍କୁ ନେଇ ଏହି ବଜେଟ୍ ପାସ୍ ହୋଇଥିଲା। ଉପସ୍ଥିତ ଥିବା କର୍ପୋରେଟରଙ୍କ ମଧ୍ୟରେ ୨୯ଜଣ ବିଜେଡି ଓ ୫ଜଣ ଭାଜପାର ଥିଲେ। ତେବେ ଲୋକଙ୍କ ପାଇଁ କାମ କରିବାକୁ ପ୍ରତିନିଧି ହୋଇଥିବା କର୍ପୋରେଟରମାନେ ଏଭଳି ଦିନର ପ୍ରାସଙ୍ଗିକତାକୁ ଉପଲବ୍ଧି କରି ନାହାନ୍ତି ନା ସେମାନଙ୍କ ଉପସ୍ଥିତି/ଅନୁପସ୍ଥିତି ବିଏମ୍‌ସି କର୍ତ୍ତୃପକ୍ଷଙ୍କ ପାଇଁ କୌଣସି ଗୁରୁତ୍ୱ ବହନ କରୁନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଲିଗାଲ ଫି' ବାବଦକୁ ସାଢ଼େ ୪ କୋଟି, ଫଳ ଶୂନ

ଚଳିତ ଆର୍ଥିକ ବର୍ଷରେ ବିଏମ୍‌ସିର ଲିଗାଲ୍ ଫି' ବାବଦରେ ପ୍ରାୟ ସାଢେ ୪କୋଟି ଟଙ୍କା ରଖାଯାଇଛି। ହେଲେ ୧୦୦ରୁ ୯୯ଟି କେସ୍‌ରେ ବିଏମ୍‌ସି ହାରୁଥିବା ଦେଖାଯାଇଛି। ଏପରିକି ବହୁ କେସ୍‌ରେ ବିଏମ୍‌ସି ହାଜର ମଧ ହେଉନାହିଁ। ଅନେକ ବିପଜ୍ଜନକ ସ୍ଥାନରେ ଲୋକମାନେ ଜବରଦଖଲ କରି ରହୁଛନ୍ତି। ହାଇକୋର୍ଟରୁ ଷ୍ଟେ' ଆଣି ବର୍ଷବର୍ଷ ଧରି ଦଖଲରେ ରଖିଥିଲେ ମଧ ବିଏମ୍‌ସି ଅଧିକାରୀମାନେ ଦେଖଣାହାରି ସାଜୁଛନ୍ତି। ଏଥିପାଇଁ ବିଏମ୍‌ସି ନିୟୋଜିତ କରିଥିବା ଓକିଲମାନେ ମଧ କୌଣସି ବାଟ ବାହାର କରିପାରୁନାହାନ୍ତି। ମାତ୍ର ସେମାନଙ୍କ ଫି' ବାବଦରେ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି। ୨୦୨୩-୨୪ରେ ଲିଗାଲ୍ ଫି ବାବଦରେ ପ୍ରାୟ ଦେଢକୋଟି ଟଙ୍କା ଅଟକଳ ରଖାଯାଇଥିବାବେଳେ ୫କୋଟି ୫୩ଲକ୍ଷ ୯୧୧ଟଙ୍କା ଖର୍ଚ୍ଚ କରାଯାଇଛି। ଏହାକୁ ନେଇ କେତେଜଣ କର୍ପୋରେଟର ଅଭିଯୋଗ ଉଠାଇଛନ୍ତି। କର୍ପୋରେଟର ନୃପେଶ ନାୟକ କହିଛନ୍ତି, ୨୦୧୨ରେ ବିଏମ୍‌ସିର ନିୟମିତ ଲ' (ଆଇନ)ଅଧିକାରୀଙ୍କ ମୃତ୍ୟୁ ପରଠାରୁ ଉକ୍ତ ପଦବୀ ଖାଲି ପଡିଛି। ହଜାର ହଜାର କୋଟି ଟଙ୍କାର କାରବାର ସତ୍ତ୍ୱେ ବିଏମ୍‌ସିରେ ଲ' ଅଫିସର କାହିଁକି ନିଯୁକ୍ତ କରାଯାଉ ନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ଖୁବ୍‌ଶୀଘ୍ର ଲ' ଅଧିକାରୀ ନିୟୋଜିତ ହେବା ସହ ଆଉଟ୍‌ସୋର୍ସିଂରେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ନିଯୁକ୍ତି ନେଇ ପ୍ରତିଶ୍ରୁତି ଦିଆଯାଇଥିଲା।

### ବାୟୋମାଇନିଂ ପାଇଁ ୨୦କୋଟି, ଆଜି ବୁଲିଯିବେ କର୍ପୋରେଟର

ବଜେଟ୍‌ରେ ବାୟୋମାଇନିଂ ବାବଦରେ ପ୍ରାୟ ୨୦କୋଟି ଟଙ୍କା ଅଟକଳ ରଖାଯାଇଛି। ଗତବର୍ଷ ୧୫କୋଟି ଖର୍ଚ୍ଚ କରାଯାଇଥିଲା। ତେବେ ବାୟୋମାଇନିଂ କାମ ଠିକ୍ ଭାବେ ଆଗେଇ ପାରୁ ନ ଥିବାବେଳେ ଏତେ ଟଙ୍କା କାହିଁକି ଖର୍ଚ୍ଚ କରାଯାଉଛି ବୋଲି କର୍ପୋରେଟରମାନେ ପ୍ରଶ୍ନ କରିଥିଲେ। ତେଣୁ କର୍ପୋରେଟରଙ୍କୁ ସହରର ପରିମଳ ବ୍ୟବସ୍ଥା ବୁଲାଇ ଦେଖାଇବା ପାଇଁ କର୍ତ୍ତୃପକ୍ଷ ସ୍ଥିର କରିଛନ୍ତି। ରବିବାର ଭୁଆଶୁଣି ବାୟୋମାଇନିଂ, ଟିଟିଏସ୍ ପରିଦର୍ଶନ କାର୍ଯ୍ୟକ୍ରମ ରହିଛି।

## ବିଏମ୍‌ସି ଦକ୍ଷିଣପୂର୍ବ ଜୋନ୍‌ରେ 'ଆମ ଓଡ଼ିଶା ନବୀନ ଓଡ଼ିଶା'



ଭୁବନେଶ୍ୱର, ୧୭।୨ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଶନିବାର ଦକ୍ଷିଣପୂର୍ବ ଜୋନ୍‌ରେ 'ଆମ ଓଡିଶା ନବୀନ ଓଡିଶା' (ସହରୀ) କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମେୟର ସୁଲୋନଚା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ୧୦ବର୍ଷ ପୂର୍ବରୁ ଭୁବନେଶ୍ୱର ଯାହା ଥିଲା, ତା'ର ଚିତ୍ର ଏବେ ସଂପୂର୍ଣ୍ଣ ବଦଳି ଯାଇଛି। ଆଗାମୀ ଦିନରେ ଆହୁରି ବିକାଶ ମୂଳକ କାମ ହେବାକୁ ଯାଉଛି। ଗୋଷ୍ଠୀ, ବିଶେଷକରି ମହିଳାମାନଙ୍କ ଦ୍ୱାରା ଅସମ୍ଭବ କାମ ସମ୍ଭବ ହୋଇପାରିଛି। ଏକାମ୍ର ପ୍ରକଳ୍ପ ମାଧମରେ ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ଚତୁଃପାର୍ଶ୍ୱର ଉନ୍ନତି କରଣ କରାଯିବ ବୋଲି ମେୟର କହିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଦ୍ୱାରା ବିଏମ୍‌ସିର ୱାର୍ଡ ନଂ. ୬୦, ୬୧ ଏବଂ ୬୭ରେ ହୋଇଥିବା ରାସ୍ତାଘାଟ, ଡ୍ରେନ, ଆଲୋକୀକରଣ, ପାନୀୟଜଳ, ମୋ ପାଖରୀ, ଆହାର କେନ୍ଦ୍ର, ଭିକାରି ଥଇଥାନ କେନ୍ଦ୍ର, କୁଷ୍ଠ କଲୋନୀ ଆଦି ବିଭିନ୍ନ ଉନ୍ନତିମୂଳକ କାମର ତଥ୍ୟ ପ୍ରଦାନ କରାଯାଇଥିଲା। ସ୍ଥାନୀୟ କର୍ପୋରେଟର ଶିବ ନାରାୟଣ ରାୟ ଓ ଚନ୍ଦ୍ରଶେଖର ମଲ୍ଲିଆ, ସଂପୃକ୍ତ ଅଞ୍ଚଳର ବରିଷ୍ଠ ନାଗରିକ କୃଷ୍ଣଚନ୍ଦ୍ର ବଡୁ, ଜୋନାଲ ଡେପୁଟି କମିଶନର ରାଜଲକ୍ଷ୍ମୀ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଗୋଷ୍ଠୀ ସଂଗଠିକା ଗଙ୍ଗୋତ୍ରୀ ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ।

### ସରସ୍ୱତୀ ପୂଜା ଭସାଣ: କଳାହାଣ୍ଡିର ସିଂହ ବାଦ୍ୟ ଆକର୍ଷଣ ସାଜିବ

ପୁରୁଣା ଭୁବନେଶ୍ୱର,୧୭।୨(ସୁବାସ ଚନ୍ଦ୍ର ପ୍ରଧାନ)

ବଡ଼ଗଡ଼ସ୍ଥିତ ବାପୁଜୀ ଯୁବକ ସଙ୍ଘ ପକ୍ଷରୁ ଆୟୋଜିତ ସରସ୍ୱତୀ ପୂଜା ଉପଲକ୍ଷେ ରବିବାର ଭସାଣ ଉତ୍ସବ ଅନୁଷ୍ଠିତ ହେବ। ଭସାଣରେ ନାଗ ନାଚ, ବଗ ବଗୁଲି, ଭୁତ ଭୁତିଆଣୀ, ଡୁରୀ ଢୋଲ ବାଦ୍ୟ, ଘୋଡା ନାଚ, ଷଣ୍ଢ ନାଚ ଆଦି ନୃତ୍ୟ ଥିବା ବେଳେ କଳାହାଣ୍ଡିର ସିଂହ ବାଦ୍ୟ, ଘଣ୍ଟ ବାଦ୍ୟ, କଟକର ନଟରାଜ ମ୍ୟୁଜିକାଲ ପାର୍ଟିର ଆକର୍ଷଣ ସାଜିବ। ଅପରାହ୍ନ ୩ଟାରୁ ରାତି ୧୦ଟା ମଧ୍ୟରେ ଏହି ଶୋଭାଯାତ୍ରା ସମଗ୍ର ଗ୍ରାମ ପରିକ୍ରମା କରିବ। ଏଥିରେ ଗ୍ରାମର ମୁରବିମାନଙ୍କ ସହିତ ୩୦ରୁ ଉର୍ଦ୍ଧ୍ୱ ଭଲ୍ୟୁଣ୍ଟର ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ଟ୍ରାଫିକ ନିୟନ୍ତ୍ରଣ କରିବେ ବୋଲି ଶନିବାର କ୍ଲବ ପରିସରରେ ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ସମ୍ପାଦକ ସଂଗ୍ରାମ ମାର୍ଥା ସୂଚନା ଦେଇଛନ୍ତି। ଲିଙ୍ଗରାଜ ମହାପାତ୍ରଙ୍କ ସମେତ ଅନ୍ୟମାନେ ବୈଠକରେ ଉପସ୍ଥିତ ଥିଲେ।

## ସଂସ୍କାର, ଶିକ୍ଷା ବିଦ୍ୟାର୍ଥୀଙ୍କୁ ଶୃଙ୍ଖଳିତ କରେ



ବାଲିପାଟଣା,୧୭।୨(ଅଭିମନ୍ୟୁ ନାୟକ)

ବାଲିପାଟଣାର ବାଗ୍‌ଦେବୀ ବିଦ୍ୟା ମନ୍ଦିରର ୩୧ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଦୁର୍ଗାମାଧବ କଲ୍ୟାଣମଣ୍ଡପଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ପରିଷଦ ସଭାପତି ଦିଲୀପ କୁମାର ଓଝାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ସଂସ୍କାର ଦେଲେ ସେମାନେ ଭଲ ପାଠ ପଢ଼ିବା ସହିତ ଭଲ ମଣିଷ ହୋଇପାରିବେ ବୋଲି ଉପସ୍ଥିତ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥିଭାବେ ଶିଶୁ ଅନନ୍ତ ମହାବିଦ୍ୟାଳୟ ଅଧକ୍ଷ ନିମାଇଁ ଚରଣ ଜେନା ଯୋଗଦେଇ ମତବ୍ୟକ୍ତ କରିଥିଲେ। ଓଜେଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ତଥା ବିଦ୍ୟାଳୟର ପୂର୍ବତନ ଛାତ୍ରୀ ଦୀକ୍ଷା ରାଉତରାୟ ଅତିଥିଭାବେ ଯୋଗଦେଇ କଠିନ ପରିଶ୍ରମ କଲେ ସଫଳତା ନିଶ୍ଚିତ ମିଳିବ ବୋଲି କହିଥିଲେ। ପ୍ରାରମ୍ଭରେ ସମ୍ପାଦକ ଅଭିମନ୍ୟୁ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧକ୍ଷା ପବିତ୍ରା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ସେହିପରି ଶିକ୍ଷୟିତ୍ରୀ ଲିପିକା ପ୍ରଧାନ ସଂଯୋଜନା କରିଥିବା ବେଳେ ପୁଷ୍ପାଞ୍ଜଳି ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପୂର୍ବତନ ଛାତ୍ରୀ ଦୀକ୍ଷା ରାଉତରାୟଙ୍କ ସମେତ ଚଳିତ ବର୍ଷ ମେଧା ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୪ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ନିର୍ଦ୍ଦେଶକ ଗଙ୍ଗାଧର ଓଝା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଛବିତା ମହାପାତ୍ର, ରଞ୍ଜୁଲତା ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## 'ଅନ୍ୟଜାତି ଭଳି ଯାଦବଙ୍କୁ ସମାନ ଅଧିକାର ମିଳୁ'

ଭୁବନେଶ୍ୱର, ୧୭।୨ (ବନ୍ଦନା ସେଠୀ)

ରାଜ୍ୟର ମୋଟ୍ ଜନସଂଖ୍ୟାର ଏକ ପଞ୍ଚମାଂଶ ଅର୍ଥାତ୍ ପ୍ରାୟ ୯୦ଲକ୍ଷ ମତଦାତା ଥିବା ଯାଦବମାନଙ୍କୁ ଅନ୍ୟ ଜାତିଙ୍କ ଭଳି ଅଧିକାର ମିଳିବା ଦରକାର। ରାଜ୍ୟରେ ପଛୁଆ ବର୍ଗର ବିଭିନ୍ନ ଜାତିଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ଯେପରି ସହାୟତା ଯୋଗାଇ ଦେଉଛନ୍ତି ସେହିପରି ଏମାନଙ୍କୁ ମଧ ସମସ୍ତ ସୁବିଧା ମିଳିବା ଦରକାର ବୋଲି ଶନିବାର ସୂଚନା ଭବନଠାରେ ଆୟୋଜିତ ଯାଦବ ମହାସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଦାବି କରାଯାଇଛି। ମହାସଂଘର ରାଜ୍ୟ ସମ୍ମିଳନୀରେ ପାରିତ ପ୍ରସ୍ତାବ ଅନୁଯାୟୀ ଲୋକକଳାର ମାନ୍ୟତା ପାଇଥିବା ଲଉଡ଼ି ଖେଳର ବିକାଶ ତଥା ଏହା ଉପରେ ଗବେଷଣା ପାଇଁ ସରକାର ଭୁବନେଶ୍ୱରରେ ଏକ ଗବେଷଣା କେନ୍ଦ୍ର ସ୍ଥାପନ କରିବାକୁ ଦାବି କରାଯାଇଛି। ଏଥିସହ ଅନ୍ୟ ଜାତିଙ୍କ ପରି ଯାଦବଙ୍କ ପାଇଁ ପୁରୀଠାରେ ଏକ ଭବନ ନିର୍ମାଣ କ୍ଷେତ୍ରରେ ପଦକ୍ଷେପ ନେବାକୁ ସଂଘର ସାଧାରଣ ସମ୍ପାଦକ ଆଲେକ୍‌ଜାଣ୍ଡାର ଦାସ ଦାବି କରିଥିଲେ। ସେହିପରି ରାଜ୍ୟରେ ଦୁଗ୍ଧଚାଷୀମାନେ ଉଚିତ ମୂଲ୍ୟ ପାଉ ନ ଥିବାରୁ ସେମାନଙ୍କ ପାଇଁ ପ୍ରତିବର୍ଷ ଦୁଗ୍ଧର ସହାୟକ ମୂଲ୍ୟ ବୃଦ୍ଧି କରାଯିବା, ଯାଦବ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଏସ୍ଏଚ୍‌ଜି ଗଠନ କରାଯାଇ ଡାଏରୀ ଫାର୍ମ ଓ ଅନ୍ୟାନ୍ୟ ଆର୍ଥିକ ସ୍ୱାବଲମ୍ବନ ପନ୍ଥା ଯୋଗାଇ ଦେବାକୁ ରାଜ୍ୟ ସଭାପତି ଦଶରଥ ପରୁଆ ଦାବି କରିଥିଲେ। ମହାସଂଘର କାର୍ଯ୍ୟକାରୀ ସଭାପତି ଶିଶିରକାନ୍ତ ବେହେରା, ସଂଗଠନ ସମ୍ପାଦକ ରାମଚନ୍ଦ୍ର ବେହେରା, ଦିଲୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱକେଶଙ୍କ ବିୟୋଗରେ ଆଇପିଏସ୍ ସଂଘର ଶୋକ



ଭୁବନେଶ୍ୱର,୧୭।୨(ସୂର୍ଯ୍ୟକାନ୍ତ ବେହେରା)

ପୂର୍ବତନ ଆଇଜିପି ବିଶ୍ୱକେଶ ତ୍ରିପାଠୀଙ୍କ ଶନିବାର ସକାଳେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ରାଜ୍ୟ ଆଇପିଏସ୍ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ପୋଲିସ ସେବା ଭବନଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଅରୁଣ ଷଡଙ୍ଗୀଙ୍କ ଅଧକ୍ଷତାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ୱର୍ଗତ ତ୍ରିପାଠୀଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା ପୂର୍ବକ ସ୍ମୃତିଚାରଣ କରାଯାଇଥିଲା। ଏହାସହ ସଂଘ ପକ୍ଷରୁ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରାଯାଇଥିଲା। ବିଶ୍ୱକେଶଙ୍କ ବିୟୋଗ ସମାଜ ପାଇଁ ଅପୂରଣୀୟ କ୍ଷତି ବୋଲି ଡିଜିପି ଷଡ଼ଙ୍ଗୀ କହିଥିଲେ। ଏହି ଶୋକସଭାରେ ସଂଘ ସମ୍ପାଦକ ତଥା ରାଜ୍ୟ ଗୋଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଡିଜି(ମୁଖ୍ୟାଳୟ) ଆର୍.କେ.ଶର୍ମା, ଅତିରିକ୍ତ ଡିଜି (କାରାଗାର ଏବଂ ସଂସ୍କାର ସେବା) ଦୀପ୍ତେଶ କୁମାର ପଟ୍ଟନାୟକ, ଅତିରିକ୍ତ ଡିଜି(ଅପରେଶନ) ଏସ୍.ଦେବଦତ୍ତ ସିଂ, ଅତିରିକ୍ତ ଡିଜି (ଆଧୁନୀକିକରଣ) ଦୟାଲ ଗଙ୍ଗୱାର, ଆଇଜିପି(ବିପିଏସ୍‌ପିଏ) ଏସ୍.ସାଇନ, ଅତିରିକ୍ତ ପୋଲିସ କମିଶନର ଅବିନାଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଏଲ୍ ଆଣ୍ଡ ବି ପୀଡ଼ା ନିବାରକ କର୍ମଶାଳା

**ଜର୍ମାନୀର ପ୍ରସିଦ୍ଧ ପୀଡ଼ା ନିବାରଣ ବିଶେଷଜ୍ଞଙ୍କ ଯୋଗଦାନ**

ବାରଙ୍ଗ,୧୭।୨(ଲିଙ୍ଗରାଜ ରାଉତ)




ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଶନିବାର 'ଇଣ୍ଟ୍ରୋଡ୍ୟୁଶନ ଟୁ ଏଲ୍ ଆଣ୍ଡ ବି ପେନ୍ ଥେରାପି' ଉପରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏସିଆ ମହାଦେଶରେ ଏହି ଧରଣର କର୍ମଶାଳା ଆୟୋଜନ କରିବା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ହେଉଛି ପ୍ରଥମ। କର୍ମଶାଳାରେ ବହୁ ବିଶେଷଜ୍ଞ, ମେଡିକାଲ ଛାତ୍ରୀଛାତ୍ରଙ୍କ ସମେତ ବିଶ୍ୱବିଦ୍ୟାଳୟର ଡୁଙ୍ଗ ସ୍ଥାନୀୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଏଥିରେ 'ଲିବଶ୍ଚର୍ ବ୍ରାଟ୍ ପେନ୍ ଥେରାପି'ର ପ୍ରତିଷ୍ଠାତା ତଥା ଜର୍ମାନୀର ପ୍ରସିଦ୍ଧ ପୀଡ଼ା ନିବାରଣ ବିଶେଷଜ୍ଞ ଡା. ରୋଲାଣ୍ଡ ଲିବସର୍ ବ୍ରାଟ୍ ଅତିଥି ଭାବେ ଯୋଗଦେଇ ସାରା ବିଶ୍ୱରେ ପୀଡ଼ା ନିବାରଣ ଚିକିତ୍ସା କ୍ଷେତ୍ରରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଉପରେ ମତବ୍ୟକ୍ତ କରିଥିଲେ। ତାଙ୍କ ଅଭିଜ୍ଞତା, ପୀଡ଼ା ଚିକିତ୍ସା କ୍ଷେତ୍ରରେ ବିଶେଷଜ୍ଞତା ଏବଂ ନୂତନ ଦୃଷ୍ଟିଭଙ୍ଗୀ ଦ୍ୱାରା ଉପସ୍ଥିତ ବ୍ୟକ୍ତିଙ୍କୁ ବିଭିନ୍ନ ପରାମର୍ଶ ଓ ଉଦାହରଣ ଦେଇ ବୁଝାଇଥିଲେ। ଏହାଦ୍ୱାରା ମାନସିକ ଶାନ୍ତି ନିମନ୍ତେ ମଧ ପଥ ଉନ୍ମୁକ୍ତ ହେବ ବୋଲି ସେ ମତ ପ୍ରକାଶ କରିଥିଲେ। ଶରୀରର ଏଭଳି ୭୨ଟି ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରି ସେ ତହିଁରେ ଚିକିତ୍ସା ଆରମ୍ଭ କରି ଆଶାତୀତ ସଫଳତା ପ୍ରାପ୍ତ ହୋଇଛନ୍ତି। ଡା. ବ୍ରାଟ୍ ସାରା ବିଶ୍ୱର ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଜର୍ମାନ୍ ଭାଷାଭାଷୀ ଲୋକଙ୍କ ଜୀବନକୁ ପୀଡ଼ା ମୁକ୍ତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ୟୁରୋପରେ ଏହି ଚିକିତ୍ସା ପଦ୍ଧତି ଖୁବ୍ ଲୋକପ୍ରିୟତା ହାସଲ କରିଥିବାବେଳେ ୧୩ ହଜାରରୁ ଅଧିକ ଡାକ୍ତରଙ୍କୁ ସେ ତାଲିମ ପ୍ରଦାନ କରିଛନ୍ତି। କର୍ମଶାଳାରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଧକ୍ଷା ପ୍ରଫେସର ରଜିତା କୁଲକର୍ନୀ ବିଶ୍ୱର ସର୍ବଶ୍ରେଷ୍ଠ ପ୍ରଫେସନାଲଙ୍କୁ ଓଡ଼ିଶା ଆଣିବା ସାଙ୍ଗକୁ ରାଜ୍ୟର ସର୍ବଶ୍ରେଷ୍ଠ ପ୍ରଫେସନାଲଙ୍କୁ ମଧ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ମତବ୍ୟକ୍ତ କରିଥିଲେ। କୁଳପତି ପ୍ରଫେସର ବି. ଆର୍. ଶର୍ମା ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ହେଉଥିବା ଉଦ୍ୟମ ସମ୍ପର୍କରେ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗର ଏସିଷ୍ଟାଣ୍ଟ ପ୍ରଫେସର ଡା. ନିକିତା ମିରାଜକର ନିଜ ଅଙ୍ଗେନିଭା ଅନୁଭୂତି କଥା ବର୍ଣ୍ଣନା କରିଥିଲେ।

# ଚୋଡ଼ଗଙ୍ଗ ଦେବଙ୍କ ୯୪୬ତମ ରାଜ୍ୟାଭିଷେକ ଦିବସ ପାଳିତ

**ପୁରୀ,୧୭।୨(ଅଜିତ୍ ମହାନ୍ତି):**

ଚୁଡ଼ଙ୍ଗସାହି ବଡୁ ମହାପାତ୍ର ଜାଗାରେ ଶନିବାର ମହାନ୍ ଗଙ୍ଗବଂଶୀ ସମ୍ରାଟ ତଥା ଶ୍ରୀଜଗନ୍ନାଥ ମନ୍ଦିରର ନିର୍ମାତା ଅନନ୍ତବର୍ମନ ଚୋଡ଼ଗଙ୍ଗ ଦେବଙ୍କ ୯୪୬ତମ ରାଜ୍ୟାଭିଷେକ ଦିବସ ଉତ୍ସବ ପାଳିତ ହୋଇଛି। ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପ୍, ବଡୁ ମହାପାତ୍ର ଜାଗା ଓ ଇଣ୍ଟାକ ଓଡ଼ିଶା ସଦସ୍ୟମାନଙ୍କ ମିଳିତ ଆନୁକୂଲ୍ୟରେ ଏହି ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ବଡୁ ମହାପାତ୍ର ଜାଗାରେ ପୂର୍ବରୁ ପୂଜା ପାଇ ଆସୁଥିବା ସମ୍ରାଟ ଚୋଡ଼ଗଙ୍ଗ ଦେବଙ୍କ ପ୍ରାଚୀନ ପ୍ରତିମାକୁ ଅଭିଷେକ କରାଯାଇଥିଲା। ଗଙ୍ଗବଂଶୀୟ ଏହି ଶ୍ରେଷ୍ଠ ସମ୍ରାଟଙ୍କ ସିଂହାସନ ଆରୋହଣ ୧୦୭୮ ଖ୍ରୀଷ୍ଟାବ୍ଦ ଫେବୃଆରୀ ୧୭ରେ ହୋଇଥିଲା। ମାତ୍ର ୫ବର୍ଷ ବୟସରେ ସିଂହାସନ ଆରୋହଣ କରିଥିବା ଚୋଡ଼ଗଙ୍ଗ ଅନେକ ସଂଘର୍ଷ ମଧ୍ୟରେ ଗତି କରି ମାତୁଳ ଚୋଳ ରାଜକୁମାର ବୀରଚୋଡ଼ଙ୍କ ତତ୍ତ୍ୱାବଧାନରେ ବିରାଟ ଗଙ୍ଗ ସାମ୍ରାଜ୍ୟ ସ୍ଥାପନ କରିପାରିଥିଲେ। ଯାହାକି ଉତ୍ତରରେ ଗଙ୍ଗାନଦୀଠାରୁ ଆରମ୍ଭ ଦକ୍ଷିଣରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା। ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜୀର୍ଣ୍ଣ ମନ୍ଦିରର ପୁନରୁଦ୍ଧାର କରି ସେ ଅଧୁନାର ଭବ୍ୟ ଶ୍ରୀମନ୍ଦିର ଗଢ଼ି ଅକ୍ଷୟ କୀର୍ତ୍ତି ରଚିଯାଇଛନ୍ତି। ପୁରୀସ୍ଥିତ ଚୁଡଙ୍ଗସାହିର ବଡୁ ମହାପାତ୍ର ଜାଗା ସହିତ ଚୋଡ଼ଗଙ୍ଗ ଦେବଙ୍କର ଥିଲା ନିବିଡ଼ ସମ୍ପର୍କ। କୁହାଯାଏ ଚୋଡ଼ଗଙ୍ଗ ନିଜେ ଜଣେ ବିଶିଷ୍ଟ କୁସ୍ତିଯୋଦ୍ଧା ଥିଲେ। ପୁରୀ ତଥା ଶ୍ରୀଜଗନ୍ନାଥ ମନ୍ଦିରକୁ ବାହ୍ୟ ଶତ୍ରୁଙ୍କଠାରୁ ରକ୍ଷା କରିବା ପାଇଁ ସେ ସହରରେ ଅନେକ ଜାଗାଘର ପ୍ରତିଷ୍ଠା କରିଥିଲେ। ସେଠାକୁ ନିଜେ ମହାରାଜା ଚୋଡ଼ଗଙ୍ଗ ମଲ୍ଲଯୁଦ୍ଧ ଓ କୁସ୍ତି ପାଇଁ ନିୟମିତ ଆସୁଥିବା କିମ୍ବଦନ୍ତୀ ରହିଛି। ତେଣୁ ଚୋଡଗଙ୍ଗଙ୍କ ଏକ ରାଜକୀୟ ପ୍ରତିମାକୁ ବଡୁ ମହାପାତ୍ର ଜାଗାର ସଦସ୍ୟମାନେ ଆଜି ମଧ୍ୟ ପୂଜା କରନ୍ତି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଇଣ୍ଟାକ ଓଡ଼ିଶାର ସହ–ଆବାହକ ତଥା ଐତିହାସିକ ଅନିଲ ଧୀର ଯୋଗ ଦେଇ ପୁରୀ, କଟକ ଓ ଭୁବନେଶ୍ୱରରେ ଚୋଡ଼ଗଙ୍ଗ ଦେବଙ୍କର ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏଥିସହ ଖାରବେଳ, ନରସିଂହ ଦେବ, କପିଳେନ୍ଦ୍ର ଦେବଙ୍କ ପରି ମହାନ ଓଡ଼ିଆ ସମ୍ରାଟଙ୍କ ଜନ୍ମଦିବସ ବା ରାଜ୍ୟାଭିଷେକ ଦିବସ ପ୍ରତି ଜିଲାସ୍ତରରେ ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଅପରପକ୍ଷେ ଉତ୍ସବକୁ ସଞ୍ଚାଳନ କରୁଥିବା ରିଡିସ୍କଭର ଲିଷ୍ଟ ହେରିଟେଜ ଗ୍ରୁପର ପ୍ରତିଷ୍ଠାତା ସଦସ୍ୟ ତଥା ଐତିହ୍ୟ ଗବେଷକ ଦୀପକ କୁମାର ନାୟକ କହିଥିଲେ, ଅନନ୍ତବର୍ମନ୍ ଚୋଡ଼ଗଙ୍ଗ ଦେବ ହେଉଛନ୍ତି ଓଡ଼ିଶା ଇତିହାସର ଅନ୍ୟତମ ଶ୍ରେଷ୍ଠ ସମ୍ରାଟ। ସେ ପ୍ରଥମେ ଶୈବଧର୍ମ ପ୍ରତି ଅଧିକ ଆନୁଗତ୍ୟ ଥିଲେ ମଧ୍ୟ ପୁରୀରେ ଶ୍ରୀଜଗନ୍ନାଥଙ୍କ ବିଶାଳ ବୈଷ୍ଣବ ମନ୍ଦିର ପ୍ରତିଷ୍ଠା କରି ଅଞ୍ଚଳବାସୀଙ୍କ ପ୍ରିୟଭାଜନ ହୋଇପାରିଥିଲେ। ବଡୁ ମହାପାତ୍ର ଜାଗାର ସଦସ୍ୟ ଆଦିତ୍ୟ ନାରାୟଣ ବାରିକ କହିଛନ୍ତି, ଏହି କାର୍ଯ୍ୟକ୍ରମ ଦ୍ୱାରା ଯୁବପିଢ଼ି ଇତିହାସ ଓ ଐତିହ୍ୟକୁ ଜାଣିପାରିବେ। ଗତବର୍ଷଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ଫେବୃୟାରୀ ୧୭ରେ ଅଧିକ ଭବ୍ୟ ଢଙ୍ଗରେ ଏଠାରେ ପାଳନ କରାଯିବ ବୋଲି ସେ କହିଛନ୍ତି। ଇଣ୍ଟାକ୍ର ସଦସ୍ୟ ବିକ୍ରମ କୁମାର ନାୟକ କହିଛନ୍ତି, ଚୋଡ଼ଗଙ୍ଗଙ୍କ ପରି ମହାନ୍ ବ୍ୟକ୍ତିଙ୍କ ସମ୍ପର୍କରେ ଇତିହାସ ପୁସ୍ତକରେ ଅଧିକ ତଥ୍ୟ ପ୍ରଦାନ କରିବା ଉଚିତ। ଏହି ଅବସରରେ ବଡୁ ମହାପାତ୍ର ଜାଗାରେ ଚୋଡ଼ଗଙ୍ଗଙ୍କ ସମ୍ପର୍କିତ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବାକୁ ନିରବଚ୍ଛିନ୍ନ ଉଦ୍ୟମ କରିଆସିଥିବା କେତେଜଣ ବିଶିଷ୍ଟ ସଦସ୍ୟ ଓ ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ବଡୁ ମହାପାତ୍ର ଜାଗାଠାରେ ଗଙ୍ଗବଂଶୀ ସମ୍ରାଟ ତଥା ଶ୍ରୀଜଗନ୍ନାଥ ମନ୍ଦିରର ନିର୍ମାତା ଅନନ୍ତବର୍ମନ ଚୋଡ଼ଗଙ୍ଗ ଦେବଙ୍କ ୯୪୬ ତମ ରାଜ୍ୟାଭିଶେକ ଉତ୍ସବ ପାଳନ ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୨।୨୦୨୪

| ୫,୫୨,୬୮୯ ଟଙ୍କା | |
|---|---|
| ସୁନା | ୧୪୮ ଗ୍ରାମ୍ |
| ରୁପା | ୯୨.୪୦୦ ଗ୍ରାମ୍ |

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୮୦ ତମ ବାର୍ଷିକ କ୍ରୀଡ଼ା ଉତ୍ସବ

**ପୁରୀ,୧୭।୨(ଅଜିତ୍ ମହାନ୍ତି):**

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ୮୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଶ୍ରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବରେ ଜିଲା ଶିକ୍ଷାମଣ୍ଡଳର ଶାରୀରିକ ଶିକ୍ଷା ଇନ୍ସପେକ୍ଟର ମହେନ୍ଦ୍ର କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ କୁମାର ପ୍ରଧାନ, ବିଦ୍ୟାଳୟର ପୁରାତନ ଛାତ୍ରୀ ସଂସଦର ସଭାପତି ସୁଶ୍ରୀ ରୀନାମଣି ସାହୁ, ସମ୍ପାଦିକା ସୁଶ୍ରୀ ପ୍ରମୋଦିନୀ ସିହ୍ନା ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଅତିଥିମାନେ ନିଜ ନିଜ ଅଭିଭାଷଣରେ ଜୀବନରେ କ୍ରୀଡ଼ାର ଉପଯୋଗିତା ସମ୍ପର୍କରେ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ଅଳକାନନ୍ଦା ମଞ୍ଚ ପରିଚାଳନା କରିଥିବା ବେଳେ କ୍ରୀଡ଼ା ଉତ୍ସବକୁ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ପ୍ରିୟମ୍ବଦା ଜେନା ପରିଚାଳନା କରିଥିଲେ।


ଶନିବାର ଯୁକ୍ତ –୨ କଳା ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ପୁରୀ ଏସ୍‌ସିଏସ୍ କଲେଜ ପରିସରରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବାକୁ ଅପେକ୍ଷା କରିଛନ୍ତି ।

# ବିଜେଡି–ଭାଜପାର ବାହାଘର କଲା କଂଗ୍ରେସ


ପୁରୀ କଂଗ୍ରେସ ପକ୍ଷରୁ ବିଜେଡି ଓ ଭାଜପା ମଧ୍ୟରେ ବିବାହ କରାଯାଉଛି ।

**ପୁରୀ,୧୭।୨(ଅଜିତ୍ ମହାନ୍ତି):**

ବିଜେଡି ଓ ଭାଜପା ଭାଇ ଭାଇ ହୋଇ ଓଡ଼ିଶାବାସୀଙ୍କୁ ଠକୁଛନ୍ତି। ବିଜେଡି ଓ ଭାଜପା ଭାଇଭାଇ ଏବଂ ଏକ ମୁଦ୍ରାର ଦୁଇ ପାର୍ଶ୍ୱ। ଏହା ବହୁଦିନ ଧରି ଦୁଇ ଦଳର କାର୍ଯ୍ୟକ୍ରମ ଦ୍ୱାରା ପ୍ରମାଣିତ ହୋଇସାରିଲାଣି। ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ଭାଜପା ସରକାର ସହିତ ହାତ ମିଳାଇ ଯେଉଁଭଳି ଭାବରେ ଓଡ଼ିଶା ଓ ଓଡ଼ିଶାର ଅସ୍ମିତାକୁ ଧ୍ୱଂସ କରୁଛି ତାହା ସଦ୍ୟ ଅଶ୍ୱିନୀ ବୈଷ୍ଣବଙ୍କ ରାଜ୍ୟ ସଭା ପ୍ରାର୍ଥିତ୍ୱକୁ ବିଜେଡିର ସମର୍ଥନ ଦ୍ୱାରା ପ୍ରମାଣିତ ହୋଇଯାଇଛି। ଏହା ବିରୋଧରେ କଂଗ୍ରେସର ଲଢ଼େଇ ଜାରି ରହିଛି ଓ ରହିବ। ବିଜେଡି ଓ ଭାଜପାର ଏପରି କାର୍ଯ୍ୟକୁ ସମାଲୋଚନା କରି ଜିଲା କଂଗ୍ରେସ ପକ୍ଷରୁ ଶନିବାର ଶୋଭାଯାତ୍ରା କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କଂଗ୍ରେସ କାର୍ଯ୍ୟାଳୟ ଇନ୍ଦିରା ଭବନଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କାର୍ତ୍ତିକ ପାଣ୍ଡିଆନଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହାପରେ କଂଗ୍ରେସ ପକ୍ଷରୁ ବିଜେଡି ଓ ଭାଜପାର ବିବାହ ଶୋଭାଯାତ୍ରା ବାହାରି ଥିଲା। ଶୋଭାଯାତ୍ରା ବଡ଼ଦାଣ୍ଡସ୍ଥିତ ମେଡିକାଲ ଛକରୁ ବାହାରି ମୁକ୍ତାକାଶ ରଙ୍ଗମଞ୍ଚଠାରେ ପହଞ୍ଚି ବିବାହ କାର୍ଯ୍ୟ ସମ୍ପାଦନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ଜୟନାରାୟଣ ପଟ୍ଟନାୟକ, ସୁଜିତ୍ ମହାପାତ୍ର, ବରିଷ୍ଠ ନେତା ବିନାୟକ ଦାସ ମହାପାତ୍ର, ରାଜେଶ ମିଶ୍ର, ବିଦ୍ୟୁଲତା ଆଚାର୍ଯ୍ୟ, ଜିଲା ଉପସଭାପତି ଗୁଣନିଧି ପ୍ରଧାନ, ନିରଞ୍ଜନ ରଥ, ପୁଷ୍କର ମହାପାତ୍ର, ଭୀମସେନ ପ୍ରଧାନ, ବିଶ୍ୱକେଶନ ହରିଚନ୍ଦନ, ସେକ୍ ସଫିକ୍ ଉଦ୍ଦିନ୍, ନଗର ସଭାପତି(ଖ) ଅମରେନ୍ଦ୍ର ପାଇକରାୟ ଏବଂ ଜିଲା ମୁଖପାତ୍ର ସ୍ୱାଧୀନ କୁମାର ପଣ୍ଡାଙ୍କ ସମେତ କଂଗ୍ରେସର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ବଡ଼ ଓଡ଼ିଆ ମଠରେ ଅତିବଡ଼ୀଙ୍କ ମହାପ୍ରୟାଣ ଦିବସ

**ପୁରୀ,୧୭।୨(ଅଜିତ୍ ମହାନ୍ତି):**

ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ଓ ବଡ଼ ଓଡ଼ିଆ ମଠର ମିଳିତ ଆନୁକୂଲ୍ୟରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ମହାପ୍ରୟାଣ ଦିବସ ବଡ଼ଓଡ଼ିଆ ମଠର ନୂତନ ସମ୍ମିଳନୀ କକ୍ଷରେ ପାଳିତ ହୋଇଛି। ଓଡ଼ିଆ ମଠର ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେହିପରି ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ରବୀନ୍ଦ୍ରନାଥ ପଟ୍ଟନାୟକ ଏବଂ ଅନାମଚନ୍ଦ୍ର ସାହୁ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ସଦାଶିବ ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ଅତିବଡ଼ି ଜଗନ୍ନାଥ ଦାସଙ୍କ କୃତ ଶ୍ରୀମଦ୍ ଭାଗବତର ମହିମା, ମହତ୍ତ୍ୱ ଓ ମୂଲ୍ୟବୋଧ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସମ୍ପାଦକ କୃଷ୍ଣଚନ୍ଦ୍ର ରଥ ସ୍ୱାଗତ ଭାଷଣ ଦେଇଥିଲେ। ସଂଗଠନ ସଂପାଦକ ସୁରେଶ କୁମାର ପଟ୍ଟନାୟକ ଭାଗବତ ପାଠ କରିଥିଲେ। ପରେ ଭକ୍ତି କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସଂଯୋଜକ ଭାବେ ଅଧ୍ୟାପକ ଭାରତୀ ଭୂଷଣ ଦାସ ଓ କବି ମନୋରମା ଆଚାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ। କବି କାଶିନାଥ ଖୁଣ୍ଟିଆ, ଯୋଗେନ୍ଦ୍ର ନାଥ ସାହୁ, ରୋଜାଲିନ୍ ପଣ୍ଡା, ଫୁଲରାଣୀ ପାଳ, ପୂଜା ପ୍ରଧାନ, ଭାଗୀରଥି ମହାନ୍ତି, ଯୋଗେଶ୍ୱର ପ୍ରହରାଜ, ସର୍ବେଶ୍ୱର ପାଳ, ମହେଶ୍ୱର ଜେନା, ଡ. ଉଦୟନାଥ ରଥ, ପ୍ରତିମା ସୁଆରଙ୍କ ସମେତ ପାଖାପାଖି ୩୦ଜଣ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରାବନ୍ଧିକ ସତ୍ୟ ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଦଇତାପତି ପ୍ରିମିୟର ଲିଗ୍ ଉଦ୍‌ଘାଟିତ

**ପୁରୀ,୧୭।୨(ଅଜିତ୍ ମହାନ୍ତି):**

ଦଇତାପତି ନିଯୋଗ ପକ୍ଷରୁ ନିଯୋଗର ପ୍ରଥମ କ୍ରିକେଟ୍ ପ୍ରିମିୟର ଲିଗ୍–୨୦୨୪ ଶନିବାର ପେଣ୍ଠକଟାସ୍ଥିତ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଛି। ପ୍ରତିଯୋଗିତାକୁ ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଶ୍ରୀମନ୍ଦିର ରାଜସ୍ୱ ପ୍ରଶାସକ ଭବତାରଣ ସାହୁ, ପ୍ରଶାସକ ସରୋଜ କୁମାର ରାୟଙ୍କ ସମେତ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ଦଇତାପତି ନିଯୋଗର ସଭାପତି, ସମ୍ପାଦକ, ନିଯୋଗର ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ସମୁଦାୟ ୪ ଗୋଟି ଦଳ ଅଂଶଗ୍ରହଣ କରିଛନ୍ତି।

## ରେଳ ଓଭରବ୍ରିଜ୍ ପାଇଁ ୨୯ରେ ଜନ ଶୁଣାଣି

**ସାକ୍ଷୀଗୋପାଳ,୧୭।୧ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର):**

ସାକ୍ଷୀଗୋପାଳ ବଜାରରେ ପ୍ରସ୍ତାବିତ ରେଳ ଓଭର ବ୍ରିଜ୍ ନିମନ୍ତେ ପ୍ରସ୍ତୁତି ଜୋର୍‌ଦାର ଚାଲିଥିବାବେଳେ ଆସନ୍ତା ୨୯ ତାରିଖରେ ଏଥିନେଇ ଜନଶୁଣାଣି ହେବ ବୋଲି ଜଣାପଡ଼ିଛି। ଜମି ଅଧିଗ୍ରହଣ ବିଭାଗ ପୁରୀ ପକ୍ଷରୁ ସାକ୍ଷୀଗୋପାଳ ପୂର୍ତ୍ତ ବିଭାଗ ଜନଗହଳି ସ୍ଥାନଗୁଡ଼ିକରେ ଏହି ନୋଟିସ୍ ଲଗାଇଛି। ପେଣ୍ଠପଡା ପଞ୍ଚାୟତ ନିମନ୍ତେ ସେହି ପଞ୍ଚାୟତ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ଟା ସମୟରେ ଏହି ଶୁଣାଣି ହେବ। ଜୟପୁର ପଞ୍ଚାୟତ ନିମନ୍ତେ ସତ୍ୟବାଦୀ ବ୍ଲକ ଛକ ନିକଟରେ ଥିବା ବାଟ ମହାବୀର ମନ୍ଦିର ପ୍ରାଙ୍ଗଣରେ ଅପରାହ୍ନ ୩ଟାରେ ଜନ ଶୁଣାଣି କରାଯିବ। ନୋଟିସର ଏକ ନକଲ ଜୟପୁର ଓ ପେଣ୍ଠପଡା ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଉଭୟ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କୁ ପ୍ରଦାନ କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ସାକ୍ଷୀଗୋପାଳ ଦେଇ ପ୍ରତିଦିନ ୧୨୦ ଟ୍ରେନ ଚଳାଚଳ କରୁଛି। ତେଣୁ ଏହି ରେଳ ଓଭର ବ୍ରିଜ୍ ନିର୍ମାଣ ହେଲେ ସତ୍ୟବାଦୀ ଅଞ୍ଚଳର ୨ ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବା ସହ ରେଳ ଫାଟକ ପଡୁଥିବା ସମୟରେ ଅପେକ୍ଷା କରୁଥିବା ଲୋକଙ୍କ ସମୟ ଅପଚୟରୁ ରକ୍ଷା ମିଳିବ। ବିଶେଷକରି ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ପାଇଁ ଏହା ଲାଭଦାୟକ ହେବ।

## ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟରେ 'ନୂଆ–ଓ' ସାହିତ୍ୟ ପ୍ରତିଯୋଗିତା

**ପୁରୀ,୧୭।୨(ଅଜିତ୍ ମହାନ୍ତି):**

ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ପ୍ରଫେସର କିଶୋର ଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ 'ନୂଆ –ଓ' ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାଜ୍ୟ ସିଲେକ୍ସନ୍ ବୋର୍ଡର ସଚିବ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ପ୍ରାଚୀନତ୍ୱ, ଶାସ୍ତ୍ରୀୟତା ଓ ସ୍ୱାତନ୍ତ୍ର୍ୟ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଦୁର୍ଗା ଚରଣ ଷଡ଼ଙ୍ଗୀ ଯୋଗଦେଇ ବ୍ୟବହାର ଦ୍ୱାରା ଭାଷା ବଞ୍ଚି ରହେ। ତେଣୁ ଆମ ମାତୃଭାଷା ଆମର ଗର୍ବ ଓ ଗୌରବ ବୋଲି ପ୍ରତ୍ୟେକ ଓଡ଼ିଆ ଅନୁଭବ କରି ଏହାର ଲିଖନ ପଠନ ଓ ପ୍ରଚାର ପ୍ରସାର ପାଇଁ ଯତ୍ନ କରିବା ଉଚିତ୍ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବରେ ବରିଷ୍ଠ ଖବରଦାତା ତଥା କିଟ୍ ବିଶ୍ୱବିଦ୍ୟାଳୟର ଗଣମାଧ୍ୟମ ଯୋଗାଯୋଗ ବିଭାଗର ଅଧ୍ୟାପକ ପ୍ରଦ୍ୟୁମ୍ନ କୁମାର ସାଥୁଆ ଯୋଗଦେଇ ସାହିତ୍ୟ ପ୍ରତିଭାକୁ ବିକଶିତ କରିବାରେ ସହାୟକ ହୋଇଛି ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷା ହରପ୍ରିୟା ଦାଶ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ପ୍ରତିଯୋଗିତାରେ ନୋଡାଲ ଅଫିସର ଭାବରେ ଓଡ଼ିଆ ବିଭାଗର ଜ୍ୟୋତିସ୍ନିଗ୍ଧା ସାହୁ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। ପ୍ରାଧ୍ୟାପକ ଡ.ରବିଶଙ୍କର ମିଶ୍ର କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତକୁ ଗଡ଼ିଲା ଲକ୍ଷ୍ମୀ ବସ୍

**ଅସ୍ତରଙ୍ଗ,(ପ୍ରଦୀପ୍ତ ଦୀକ୍ଷିତ)/ ସାକ୍ଷୀଗୋପାଳ(ଭରତ ରାଉତ)/ ଡେଲାଙ୍ଗ(ରଶ୍ମିରଞ୍ଜନ ପ୍ରଧାନ)୧୭।୨:**

ପୁରୀ ଜିଲାରେ ଲକ୍ଷ୍ମୀ ବସ୍ ଚଳାଚଳ ପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀରେ ଜନସାଧାରଣଙ୍କ ଗମନାଗମନ ପାଇଁ ଲକ୍ଷ୍ମୀ ବସ୍ ଲୋକାର୍ପିତ କରିଥିଲେ। ଶନିବାରଠାରୁ ଅସ୍ତରଙ୍ଗ, ସତ୍ୟବାଦୀ, କଣାସ ଓ ଡେଲାଙ୍ଗ ବ୍ଲକରୁ ପଞ୍ଚାୟତକୁ ଲକ୍ଷ୍ମୀ ବସ୍ ଗଡ଼ିଛି। ପ୍ରଥମ ପର୍ଯ୍ୟାୟରେ ଶନିବାର ଅସ୍ତରଙ୍ଗ, ସତ୍ୟବାଦୀ, କଣାସକୁ ୩ଟି ଲକ୍ଷ୍ମୀ ବସ୍ ଚଳାଚଳ ଆରମ୍ଭ ହୋଇଛି। ଗୋଟିଏ ବସ୍ ଅସ୍ତରଙ୍ଗ ବ୍ଲକରୁ ଶିଶୁଅ ପଞ୍ଚାୟତ, ଅସ୍ତରଙ୍ଗ ବ୍ଲକରୁ କଣମଣ ଛକ ଓ ଅସ୍ତରଙ୍ଗ ବ୍ଲକରୁ ନଗର ପଞ୍ଚାୟତକୁ ଚଳାଚଳ ଆରମ୍ଭ କରିଛି। ସତ୍ୟବାଦୀରେ ଏହି ବସ୍ ସେବାକୁ ବିଧାୟକ ଉମାକାନ୍ତ ସାମନ୍ତରାୟ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ, ବିଡିଓ ଲିପ୍ସା ରାୟଙ୍କ ସହିତ ବିଜେଡି ଯୁବ ସଭାପତି ଶରତ ରାଉତରାୟ, ପୂର୍ବତନ ସରପଞ୍ଚ ପ୍ରକାଶ ଖଟେଇ, ସୁବାସ ପ୍ରଧାନ, ଦେବେନ୍ଦ୍ର ମହାପାତ୍ରଙ୍କ ସମେତ ବ୍ଲକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଡେଲାଙ୍ଗ ବ୍ଲକରୁ ସମସ୍ତ ପଞ୍ଚାୟତକୁ ୨ଟି ଲକ୍ଷ୍ମୀ ବସ୍ ଚଳାଚଳ ଆରମ୍ଭ ହୋଇଛି। ପୂର୍ବାହ୍ନ ୧୦ଟା ସମୟରେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ ଏହାର ସ୍ୱାଗତ କରିଥିଲେ। ମିଶନଶକ୍ତିମାନେ ନଡ଼ିଆ ବାଡେଇ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଉପାଧ୍ୟକ୍ଷ ଦୂର୍ବାଶା ନିଶଙ୍କ, ସମବାୟ ସମିତି ସଭାପତି ଚିତ୍ରସେନ ନିଶଙ୍କ, ସରପଞ୍ଚ ମାର୍କଣ୍ଡ ମଙ୍ଗରାଜ, ସୁଜନପୁର ପଞ୍ଚାୟତର ସମିତି ସଭ୍ୟା ସୁଜାତା ରାଉତରାୟ କଲ୍ୟାଣପୁର ସମିତିସଭ୍ୟ ସୁଶାନ୍ତ ଦାସ, ମୁନିନ୍ଦାର ପୂର୍ବତନ ସରପଞ୍ଚ ନରେନ୍ଦ୍ର ପରିଡ଼ା, ଏବିଡିଓ ପ୍ରଦୀପ ନାୟକ ଜିପିଓ ରତିକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ପରିସରରୁ ବାହାରି ୨ଟି ବସ୍ ଅରିଶଲ, କଲ୍ୟାଣପୁର, ମୁନିନ୍ଦା, ସାଉରିଆ, ଘଣ୍ଟିପୁର, ମୋଟରି ଆଦି ପଞ୍ଚାୟତକୁ ପରିକ୍ରମା କରିଥିଲା।


ପ୍ରଥମ ପର୍ଯ୍ୟାୟରେ ବ୍ଲକରୁ ପଞ୍ଚାୟତକୁ ଲକ୍ଷ୍ମୀ ବସ୍ ଗଡ଼ିବା ଆରମ୍ଭ କରିଛି ।

# କାୟାକଳ୍ପ ଟିମ୍‌ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନୁଧାନ

**କଣାସ(ବିଭୂତି ଭୂଷଣ ତ୍ରିପାଠୀ)/ ଗୋପ(ଭାରତୀ ଭୂଷଣ ଉପାଧ୍ୟାୟ)/ ଡେଲାଙ୍ଗ(ରଶ୍ମିରଞ୍ଜନ ପ୍ରଧାନ)୧୭।୨:**


କାୟାକଳ୍ପ ଟିମ୍‌ର ୩ ଜଣିଆ ସଦସ୍ୟ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଛନ୍ତି ।

ତିନି ଜଣିଆ ରାଜ୍ୟସ୍ତରୀୟ କାୟାକଳ୍ପ ଟିମ୍ ଶନିବାର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନୁଧ୍ୟାନ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡା. ସୁବାଶିଷ ମହାନ୍ତିଙ୍କ ନିର୍ଦ୍ଦେଶରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଞ୍ଜାଲ କାମୁଲି ଓ ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ରାଜ୍ୟ ବିଦ୍ୟାଳୟ ସ୍ୱାସ୍ଥ୍ୟ ପରାମର୍ଶଦାତା ପ୍ରଶାନ୍ତ ଦାସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବିଭିନ୍ନ ବିଭାଗକୁ ଯାଇ ଅନୁଧାନ କରିବା ସହିତ ପଚରା ଉଚରା କରିଥିଲେ। ସର୍ବପ୍ରଥମେ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ରମେଶ ଚନ୍ଦ୍ର ବେହେରା ଅନୁଧାନ ଟିମ୍‌କୁ ସ୍ୱାଗତ କରିବା ସହିତ ଡାକ୍ତରଖାନା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଡା. ସମ୍ବିତରଞ୍ଜନ ପ୍ରଧାନ ଏଥିରେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ। ହୋଇଥିବା ସୌନ୍ଦର୍ଯ୍ୟକରଣ, ରକ୍ଷଣାବେକ୍ଷଣ, ସ୍ୱଚ୍ଛତା ଆଦି କାର୍ଯ୍ୟରେ ସମସ୍ତ କର୍ମଚାରୀ ନିଷ୍ଠାପର ସହିତ କାର୍ଯ୍ୟ କରିଥିବାରୁ ଜିଲା ଆଶା ମ୍ୟାନେଜର ଅଶୋକ ସାହୁ ଓ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଜିଲା ମ୍ୟାନେଜର ପ୍ରଶାନ୍ତ ପରିଡ଼ା ସନ୍ତୋଷ ପ୍ରକାଶ କରିଥିଲେ। ବିପିଏମ୍ ଧନେଶ୍ୱର ସ୍ୱାଇଁ, ଆକାଉଣ୍ଟସ ମ୍ୟାନେଜର ଶିବପ୍ରସାଦ ଦୀକ୍ଷିତ୍, ପିଏଚ୍‌ଓ ସ୍ୱର୍ଣ୍ଣଲତା ରଥ, ଡା. ବିଶ୍ୱରଞ୍ଜନ ଜେନା, ଦୁର୍ଗାପ୍ରସାଦ ବେହେରା ପ୍ରମୁଖ ଟିମ୍‌କୁ ସମସ୍ତ ବିଭାଗ ବୁଲାଇ ଦେଖାଇଥିଲେ। କଣାସ ଡାକ୍ତରଖାନାରେ କରାଯାଇଥିବା କଣ୍ଟାଜାତୀୟ ଉଦ୍ୟାନ, ଆରୋଗ୍ୟ ଉଦ୍ୟାନ, ଫାଉଣ୍ଟେନ ଓ ମା' କ୍ଷୀର ଅମୃତ ସମ୍ମାନ ଷ୍ଟାଚ୍ୟୁ ଆଦିକୁ ଦେଖି ଅନୁଧାନ ଟିମ୍ ଖୁସି ହୋଇଥିଲେ। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶନିବାର କାୟାକଳ୍ପ ପ୍ରତିନିଧି ଦଳ ଆସି ଅନୁଧାନ କରିଛନ୍ତି। ଦଳକୁ ସ୍ୱାସ୍ଥ୍ୟ ଅଧିକାରିଣୀ ଡା. ଜସ୍ମିନ ଆପ୍ରୋଜ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଡ. ଶିବ ପ୍ରସାଦ ମଙ୍ଗରାଜ, ସରିତା ମିଶ୍ର, ସୁଶାନ୍ତ ରାଉତଙ୍କ ସହିତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରତିନିଧି ଦଳର ସଦସ୍ୟା ସଦସ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ୱାର୍ଡ ବୁଲିବା ସହିତ ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟସେବା ସହିତ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସ୍ୱାସ୍ଥ୍ୟ ଯୋଜନାଗୁଡିକ ସମ୍ପର୍କ ରେ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟ ସେବା ସମ୍ପର୍କରେ କାଗଜପତ୍ର ଯାଞ୍ଚ ପରେ ସମସ୍ତ କର୍ମଚାରୀଙ୍କୁ ନେଇ ଏକ ବୈଠକରେ ସବିଶେଷ ସୂଚନା ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସେବା ବାବଦରେ ଅବଗତ ହୋଇ ସନ୍ତୋଷ ପ୍ରକାଶ କରିଥିଲେ। ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ଟିମ୍‌ର ବିଶେଷଜ୍ଞ ପରିଦର୍ଶନ କରିଥିଲେ। ଏହି ଟିମ୍‌ରେ ଡ. ସୁବାଶିଷ ମହାନ୍ତି, ପ୍ରଞ୍ଜାଲ ତାମରୀ, ଡ. ପ୍ରଶାନ୍ତ ଦାଶ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ବୁଲି ଦେଖିବା ସହ ଔଷଧ ଓ ଇଞ୍ଜେସନଗୁଡ଼ିକୁ ଯାଞ୍ଚ କରିଥିଲେ। ପାନୀୟ ଜଳ ପରିମଳ ଓ କୋଠରି ବୁଲି ଦେଖିଥିଲେ। ପରିଶେଷରେ ରୋଗୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷ ଡ. ସନ୍ତୋଷ ତ୍ରିପାଠୀ, ଡ. ଅମ୍ଲାନ ଜଗଦେବ, ଲିପ୍ସା ପ୍ରିୟଦର୍ଶନୀ, ଶାନ୍ତନୁ ଜେନା, ପ୍ରଶାନ୍ତ ପରିଡ଼ା, ବିପିଏମ୍ ଦିଲୀପ ପରିଡ଼ା ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶ୍ରୀଦୁର୍ଗା ସାହିତ୍ୟ ସଂସଦର ଦେଶବନ୍ଦନା

କଟକ,୧୭।୨(କାର୍ତ୍ତିକ ସାହୁ)

ଖପୁରିଆସ୍ଥିତ ଶ୍ରୀଦୁର୍ଗା ସାହିତ୍ୟ ସଂସଦ ପକ୍ଷରୁ ଦେଶ ବନ୍ଦନା କାର୍ଯ୍ୟକ୍ରମ ସ୍ଥାନୀୟ ସିଦ୍ଧିଦୁର୍ଗା ମଣ୍ଡପରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂସଦର ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁ, ମହେନ୍ଦ୍ର ପ୍ରସାଦ ମହାପାତ୍ର, ବ୍ରହ୍ମାନନ୍ଦ ମହାନ୍ତି ଓ ପଣ୍ଡିତ ନୀଳକଣ୍ଠ ରାଉତ ପ୍ରମୁଖ ଯୋଗଦେଇ ଭାଷାଭିତ୍ତିକ ପ୍ରଦେଶ ଗଠନରେ ଓଡ଼ିଆ ଜାତୀୟତାବାଦ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ବୋଲି କହିଥିଲେ। ପ୍ରମିଳା ପତି ଓ ନିରୁପମା ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ମନୋରଞ୍ଜନ ପଣ୍ଡା କବିତାଗୁଡ଼ିକର ସମୀକ୍ଷା କରିଥିଲେ। ମୈତ୍ରୀଭୂଷଣ ଖୁଣ୍ଟିଆ ସ୍ୱାଗତ ଭାଷଣ ଓ ସଙ୍ଗଠନ ସମ୍ପାଦକ ଅଶ୍ୱିନୀ କୁମାର ସେଠୀ ଧନ୍ୟବାଦ ଦେଇଥିଲେ। ସାଇ ନାରାୟଣ ସାହୁ, ସତ୍ୟଶୈଳ ମହାନ୍ତି, ସୁରେନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସ୍ୱାସ୍ଥ୍ୟସେବା ଶିବିର

ଖୁଣ୍ଟୁଣୀ, ୧୭।୨(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ କଟକିଆସାହି ପଞ୍ଚାୟତ ଅଧୀନ ବଉଳପଦାଠାରେ ଶ୍ରୀରାମ ବୈଦ୍ୟରାଜ ଆୟୁର୍ବେଦ ସେବା ସଂସ୍ଥା ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। କବିରାଜ ଉଲ୍ଲାସ କୁମାର ପଣ୍ଡାଙ୍କ ପକ୍ଷରୁ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା ଯୋଗଦେଇ କହିଛନ୍ତି, କବିରାଜ ପଣ୍ଡା ପ୍ରାୟ ୨୦ ବର୍ଷ ଧରି ଏହି ଆୟୁର୍ବେଦ ଚିକିତ୍ସା ମାଧ୍ୟମରେ ରକ୍ତହୀନତା, ହୃଦ୍‌ରୋଗ, ଉଚ୍ଚ ଓ ନିମ୍ନ ରକ୍ତଚାପ, ହାତ ଥରିବା, ଝିମ୍‌ଝିମା ପଣ, ବାତ ରୋଗର ଚିକିତ୍ସା କରି ଆସୁଛନ୍ତି। ଏଥିରେ ଅନେକ ରୋଗୀ ଆରୋଗ୍ୟ ଲାଭ କରିଥିବା ନଜିର ଅଛି। ଏଥିରେ ସମ୍ମାନିତ ଅତିଥି ଭାବେ ଡା. ଅଜୟ କୁମାର ମହାପାତ୍ର, ଟେକ୍ନିସିଆନ ଖଗେଶ୍ୱର ବେହେରା, ଅନନ୍ତ ସଙ୍ଗୀତ ମହାବିଦ୍ୟାଳୟର ସମ୍ପାଦକ ଦୁଷ୍ମନ୍ତ ଦତ୍ତ, ଶିକ୍ଷୟିତ୍ରୀ ପୁରବୀ ଦତ୍ତ, ସର୍ବେଶ୍ୱର ସଙ୍ଗୀତ ବିଦ୍ୟାଳୟର ସମ୍ପାଦକ ଦୀପକ ରାଉତ, ରଜନୀକାନ୍ତ ଜେନା, ଆଇନଜୀବୀ ଆଦିତ୍ୟ ଗଡନାୟକ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଏହି ଅବସରରେ ସଂସ୍ଥା ପକ୍ଷରୁ ଖବରଦାତା ପଣ୍ଡା, ଡା. ମହାପାତ୍ର, ଟେକ୍ନିସିଆନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ନନ୍ଦନକାନନରେ ବିଶ୍ୱ ବଜ୍ରକାପ୍ତା ଦିବସ

ବାରଙ୍ଗ,୧୭।୨(ଲିଙ୍ଗରାଜ ରାଉତ)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବିଶ୍ୱ ବଜ୍ରକାପ୍ତା ଦିବସ ଶନିବାର ପାଳିତ ହୋଇଯାଇଛି। ଏଥିରେ ନନ୍ଦନକାନନ ଉପନିର୍ଦ୍ଦେଶକ ସନତ ନାରାୟଣଙ୍କ ସମେତ ପଦାଧିକାରୀ ଉପସ୍ଥିତ ଥିଲେ। ଏଥିରେ ନନ୍ଦନକାନନର ସ୍ୱେଚ୍ଛାସେବୀ, ବନ ବିଭାଗର ସୁରକ୍ଷା କର୍ମୀ, ଛାତ୍ରୀଛାତ୍ରଙ୍କୁ ନେଇ ଦିନିକିଆ କର୍ମଶାଳା ଆୟୋଜିତ ହୋଇଥିଲା। ବଜ୍ରକାପ୍ତାକୁ ନେଇ ଆୟୋଜିତ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନନ୍ଦନକାନନରେ ଥିବା ବଜ୍ରକାପ୍ତା ପ୍ରଜନନ ଓ ସଂରକ୍ଷଣ କେନ୍ଦ୍ର ବିଷୟରେ ଦାୟିତ୍ୱରେ ଥିବା ଅଧିକାରୀ ବୁଝାଇଥିଲେ। ପରେ ବଜ୍ରକାପ୍ତା ସୁରକ୍ଷାକୁ ନେଇ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା।

# ‘ଶିକ୍ଷା, ରାଜସ୍ୱ ଆଦାୟରେ ଓଡ଼ିଶା ଉଦାହରଣ ପାଲଟିଛି’

କଟକ,୧୭।୨(ଶିଲ୍ପା ପ୍ରିୟଦର୍ଶିନୀ)


ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ଉତ୍ସବରେ ଅତିଥି ଓ ଅନ୍ୟମାନେ।

**ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ସମ୍ବର୍ଦ୍ଧନା ଉତ୍ସବ**

କଟକ ତୁଳସୀପୁରସ୍ଥିତ ଓଡ଼ିଶା ପୋଲିସ ହାଇସ୍କୁଲ ୫-ଟି ବିଦ୍ୟାଳୟ ରୂପାନ୍ତରୀକରଣ ଉପକ୍ରମରେ ଶନିବାର ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ୍ ଭରଦ୍ୱାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର ୧୪ଟି ବ୍ଲକରୁ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୬୨୨ଟି ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାରେ ଗ୍ରାମପଞ୍ଚାୟତ ପୁରସ୍କାର, ଛାତ୍ର ଶିକ୍ଷା ପୁରସ୍କାର, ଛାତ୍ର ନେତୃତ୍ୱ ପୁରସ୍କାର, ବିଦ୍ୟାଳୟ ପୁରସ୍କାର, ପ୍ରଧାନ ଶିକ୍ଷକ ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ସିଏମ୍‌ସି ମେୟର ସୁବାସ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶା ସମଗ୍ର ଭାରତବର୍ଷରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହୋଇଛି। ଶିକ୍ଷା, ରାଜସ୍ୱ ଆଦାୟ କ୍ଷେତ୍ରରେ ଓଡ଼ିଶା ଭାରତରେ ପ୍ରଥମ ସ୍ଥାନ ଅଧିକାର କରିଛି। ଯାହାକି ଅନ୍ୟାନ୍ୟ ରାଜ୍ୟ ପାଇଁ ଏକ ଉଦାହରଣ ପାଲଟିଛି। ବିଭିନ୍ନ ପ୍ରକଳ୍ପର ରୂପାନ୍ତରୀକରଣ, ୫-ଟି ବିଦ୍ୟାଳୟ ଏକ ସଫଳ କାର୍ଯ୍ୟକ୍ରମ ହୋଇଛି ବୋଲି ସେ କହିଛନ୍ତି। ସେହିପରି ଜିଲାପାଳ ଭରଦ୍ୱାଜ କହିଛନ୍ତି, ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ୫-ଟି ବିଦ୍ୟାଳୟ ରୂପାନ୍ତରୀକରଣ କରାଯାଉଛି। ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଅବ୍ୟାହତ ରହିବ। ଏଥିରେ ଅନ୍ୟ ଅତିଥି ଭାବେ ରାଜଯୋଗିନୀ ବି. କେ. ଗୀତାଞ୍ଜଳି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଦୀପ୍ତିମୟୀ ଶୁଭଦର୍ଶିନୀ, ସୋନାମିକା ରାଏ, ଡ. ସନ୍ତୋଷ କୁମାର ରାଉତ, ଜିଲା ବିଜ୍ଞାନ ସୁପରଭାଇଜର ଅକ୍ଷୟ କୁମାର ନନ୍ଦ ଯୋଗଦେଇ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

ପ୍ରାରମ୍ଭରେ ଶିକ୍ଷକ ବିଶ୍ୱନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ରେଭେନ୍‌ଶା କଲିଜିଏଟ ସ୍କୁଲର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଓ ଖାନ୍‌ନଗର ହାଇସ୍କୁଲ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ଅଧିବେଶନରେ ହାସ୍ୟ ଅଭିନେତା ଶଙ୍କର୍ଷଣ ପ୍ରଧାନ, କଣ୍ଠଶିଳ୍ପୀ ବିଶ୍ୱନାଥ ମିଶ୍ର, ବିଷ୍ଣୁମୋହନ କବି, ସାଗରିକା ମିଶ୍ର, ଦେବସ୍ମିତା ମିଶ୍ର ଏବଂ ଚନ୍ଦ୍ରଭାନୁ ନାୟକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଓଡ଼ିଶା ପୋଲିସ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଜାତା ବେହେରା ଧନ୍ୟବାଦ ଦେଇଥିଲେ।

# ୩ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

କଟକ ସଦର, ୧୭।୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ବ୍ରହ୍ମପୁର, ବେଣ୍ଟକାର ଓ ଖାରକଟା ପଞ୍ଚାୟତରେ ଶନିବାର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତରେ ହୋଇଥିବା ଜନକଲ୍ୟାଣ କାର୍ଯ୍ୟକ୍ରମ ଓ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦିଆଯାଇଥିଲା। ସମସ୍ତ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଉଦ୍‌ଘାଟକ ଭାବେ ଯୋଗ ଦେଇଥିବାବେଳେ ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ, ଡ. ଶୁଭାଶିଷ ଶତପଥୀ, ବ୍ଲକ ଉପାଧ୍ୟକ୍ଷା ଅମ୍ବିକା ପାତ୍ର, ସୌମ୍ୟା ସୁଚରିତା ବିଷୋୟୀ, ସୋନାଲି ପ୍ରିୟଦର୍ଶିନୀ, ଜିଲା ପରିଷଦ ସଭ୍ୟା ସସ୍ମିତା ମାହାର୍ଥା ଉପସ୍ଥିତ ଥିଲେ। ବ୍ରହ୍ମପୁର ପଞ୍ଚାୟତରେ ସରପଞ୍ଚ ରବୀନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମିତି ସଭ୍ୟା ମିନା ସିଂ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୁକଦେବ ବେହେରା, ଚନ୍ଦ୍ରମଣି ଦେବତା, ନିରଞ୍ଜନ ପଣ୍ଡା ଯୋଗଦେଇଥିଲେ। ସେହିପରି ବେଣ୍ଟକାରଠାରେ ଅନୁଷ୍ଠିତ ସଭାରେ ସରପଞ୍ଚ ଶିବ ଶଙ୍କର ମଲ୍ଲିକ, ସମିତି ସଭ୍ୟ ବିନୋଦ ବେହେରା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ସ୍ୱାଇଁ, ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ମିହିର ରଞ୍ଜନ ପତି ଯୋଗଦେଇଥିଲେ। ଏହି ଅବସରରେ ଅଗ୍ରଣୀ ଚାଷୀ, ସ୍ୱାସ୍ଥ୍ୟକର୍ମୀ, ସାମାଜିକ କର୍ମୀ ଓ ଶିକ୍ଷାବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖାରକଟାଠାରେ ସରପଞ୍ଚ ଶିଶିର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମିତି ସଭ୍ୟ ଜୟନ୍ତ କୁମାର ଦାସ, ପୂର୍ବତନ ସରପଞ୍ଚ ବୀରବର ଲେଙ୍କା, ସୁକାନ୍ତ ପାତ୍ର, ପ୍ରଦ୍ୟୁମ୍ନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବାବାଜୀ ବେଶରେ ମୋବାଇଲ ଚୋରି

କଟକ ସଦର, ୧୭।୨(ସୁଶାନ୍ତ କୁମାର ଜେନା)

**ଅଭିଯୁକ୍ତ ଗିରଫ**

ବାବାଜୀ ବେଶରେ ଭିକ୍ଷା ମାଗିବାବେଳେ ଜଣେ ବ୍ୟକ୍ତିଙ୍କ ଦାମୀ ମୋବାଇଲ ଫୋନ୍ ଚୋରି କରିବା ଅଭିଯୋଗରେ କିଶନନଗର ପୋଲିସ ଶନିବାର ଜଣେ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ଅଭୟଚାନ୍ଦପୁର ଥାନା ଅଧୀନ ଡିଙ୍କିଆ ଗ୍ରାମର ସୁରେନ୍ଦ୍ର ମିଶ୍ର। ତାଙ୍କ ନାମରେ ଅଭୟଚାନ୍ଦପୁର ଥାନାରେ ୪ଟି ମାମଲା ରହିଥିବା ଥାନାଧିକାରୀ ରଶ୍ମିରଞ୍ଜନ ଦାଶ କହିଛନ୍ତି। ଶୁକ୍ରବାର ସକାଳେ ଅଭିଯୁକ୍ତ ଜଣଙ୍କ ବାବାଜୀ ବେଶରେ ଏହି ଥାନା ଅନ୍ତର୍ଗତ ସୋମପୁର ଗ୍ରାମର ସ୍ମୃତିରଞ୍ଜନ ପ୍ରଧାନଙ୍କ ଘରକୁ ଯାଇ ଦକ୍ଷିଣା ଆଣିବା ସହ କୌଶଳକ୍ରମେ ଏକ ମୋବାଇଲ ଫୋନ୍ ଚୋରି କରି ଆଣି ପାଖରେ ଥିବା ବିଲରେ ଫୋପାଡି ଦେଇଥିଲେ। ଫୋନ୍ ନ ମିଳିବାରୁ ପରିବାର ଲୋକମାନେ ବାବାଜୀଙ୍କ ଉପରେ ସନ୍ଦେହ କରିଥିଲେ। କିଛି ସମୟ ପରେ ବାବାଜୀ ବେଶ ବଦଳାଇ ପ୍ୟାଣ୍ଟ, ଶାର୍ଟ ପିନ୍ଧି ବିଲରେ ସୁରେନ୍ଦ୍ର ମୋବାଇଲ ଫୋନ ଖୋଜୁଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୫୫/୨୪) ରୁଜୁ ହୋଇଛି।


ମଧୁପାଟଣା ଥାନା ବାଲିସାହି ଅଞ୍ଚଳରେ ଘଟିଥିବା ନାବାଳିକା ବଳାତ୍କାର ଘଟଣାରେ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ପ୍ରଦାନ ଓ ପୀଡିତା ପରିବାରକୁ କ୍ଷତିପୂରଣ ଦେବା ଦାବି ନେଇ ହିନ୍ଦୁ ସେନା ପକ୍ଷରୁ ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### କଂଗ୍ରେସ ପକ୍ଷରୁ କୁଶପୁତ୍ତଳିକା ଦାହ

କଟକ, ୧୮।୨(ଶିଲ୍ପା ପ୍ରିୟଦର୍ଶିନୀ)

କଟକ ନଗର ଜିଲା କଂଗ୍ରେସ କମିଟି ପକ୍ଷରୁ ଶନିବାର କଲେଜ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। କଟକ ନଗର ଜିଲା କଂଗ୍ରେସ କମିଟି ସଭାପତି ସୁରେଶ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ କଲେଜଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରୁ ଶୋଭାଯାତ୍ରା ବାହାରି ନେତାଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପହଞ୍ଚିଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭାଗୀଦାରି ଶାସନ ଓଡ଼ିଶାର ଅସ୍ମିତାକୁ ଧ୍ୱଂସ କରୁଛି। ଭାଜପା ଓ ବିଜେଡି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟ ସଭା ପ୍ରାର୍ଥୀ ଭାବେ ଚୟନରେ ବିଜେଡିର ସମର୍ଥନ ଏହାକୁ ପ୍ରମାଣିତ କରିଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଏହି କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦିକା ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ, ମୁଖପାତ୍ର ମାନସ ପରିଡା, ନଗର କଂଗ୍ରେସ କୋଷାଧ୍ୟକ୍ଷ ଉତ୍ତମ ବେହେରା, କଳ୍ପନା ସେନ, ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଶେଖ୍ ଜାଫର, ବିପିନ ପଶାୟତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ। ସେହିପରି ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ ମଧୁପାଟଣା ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ପିସିସି ସମ୍ପାଦକ ପ୍ରିୟଜିତ୍ ରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ଉପ ସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ, ରାଜେଶ ସ୍ୱାଇଁ, ସଦର ବ୍ଲକ କଂଗ୍ରେସ ସଭାପତି ରାମଚନ୍ଦ୍ର ଗୋଚ୍ଛାୟତ, ଆଇନଜୀବୀ ଆଲୋକ ପ୍ରସାଦ ନନ୍ଦ, ଉଗ୍ରସେନ ଭୂୟାଁ, ଦୀପକ ସାହୁ, ସଚ୍ଚିଦାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଗାନ୍ଧିଜୀଙ୍କ ମୂର୍ତ୍ତି ନିକଟରେ ଭାଜପାର ଧାରଣା


ଗାନ୍ଧିଜୀଙ୍କ ମୂର୍ତ୍ତି ନିକଟରେ ଭାଜପା କର୍ମୀମାନେ ଧାରଣା ଦେଇଛନ୍ତି।

ଚୌଦ୍ୱାର,୧୭।୨(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବଧି ପଡିଆଠାରେ ୱେଲସ୍ପନ ଇଣ୍ଟିଗ୍ରେଟେଡ୍ ଟେକ୍ସଟାଇଲ କମ୍ପ୍ଲେକ୍ସର ଶିଳାନ୍ୟାସ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶିଳାନ୍ୟାସ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଚୌଦ୍ୱାର ଭାଜପା ପକ୍ଷରୁ ଉପବାସ ଓ ଧାରଣା ଦିଆଯାଇଥିଲା। ରାଜ୍ୟ ସରକାର ଯେଉଁ କମ୍ପାନୀ ପାଇଁ ଶିଳାନ୍ୟାସ କରିବେ ତାହା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ, ଓଟିଏମ୍‌ର ୫୨୨ ଏକର ଜମିରୁ କେଉଁ କମ୍ପାନୀକୁ କେତେ ଜମି ଦିଆଯାଇଛି, ଓଟିଏମ୍‌ରେ ଦୀର୍ଘଦିନ କାର୍ଯ୍ୟ କରିଥିବା ଶ୍ରମିକମାନଙ୍କୁ ଥଇଥାନ, ନୂତନ ଶିଳ୍ପ ସଂସ୍ଥାରେ ସ୍ଥାନୀୟ କେତେଜଣ ଯୁବତୀ, ଯୁବକ ନିଯୁକ୍ତି ପାଇବେ ତାହାର ତଥ୍ୟ ପ୍ରଦାନ, ଏକ କମ୍ପୋଜିଟ୍ ମିଲ୍ ଥିବା ଓଟିଏମ୍ ଭଳି ନୂତନ ଶିଳ୍ପ ହେବ ନା ବାହାରୁ କପଡ଼ା ଆଣି ସେଥିରୁ ଗାର୍ମେଣ୍ଟ ପ୍ରସ୍ତୁତ ହେବ, ପ୍ରତ୍ନତତ୍ତ୍ୱ ବିଭାଗ ବନ୍ଦ କରିଥିବା ଜମିରେ ଶିଳ୍ପ ପ୍ରତିଷ୍ଠା ହେବ ନା ନିଜସ୍ୱ ଜମିରେ ହେବ ଏବଂ କେତେ ଦିନ ମଧ୍ୟରେ ନୂତନ ଶିଳ୍ପ କାର୍ଯ୍ୟକାରୀ ହେବ ସେ ନେଇ ଏକ ଶ୍ୱେତପତ୍ର ପ୍ରକାଶ କରିବାକୁ ଭାଜପା ପକ୍ଷରୁ ଗତ ୧୫ ତାରିଖରେ ଦାବି କରାଯାଇଥିଲା। ହେଲେ ଏନେଇ ସ୍ପଷ୍ଟୀକରଣ ନ ମିଳିବାରୁ ଭାଜପା ନେତା ନୟନ କିଶୋର ମହାନ୍ତିଙ୍କ ନେତୃତ୍ୱରେ ବହୁ କର୍ମୀ ଗାନ୍ଧୀଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଧାରଣା ଦେବା ସହିତ ୪ଦଫା ସମ୍ବଳିତ ଦାବି ଉପସ୍ଥାପନ କରିଥିଲେ। ପ୍ରାୟ ୪ଘଣ୍ଟା ଧରି ଧାରଣା ଦେଇଥିବା କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ଥାନ ପରେ ଧାରଣାରୁ ହଟିଥିଲେ।

# କାଜିବଜାର ବାଳିକା ବିଦ୍ୟାଳୟ ପ୍ରଥମ


ଜିଲାସ୍ତରୀୟ ପ୍ରଦର୍ଶନୀ କବାଡ଼ି ମ୍ୟାଚ୍‌ରେ ଭାଗ ନେଇଥିବା ପ୍ରତିଯୋଗୀ।

କଟକ,୧୭।୨(କାର୍ତ୍ତିକ ସାହୁ)

**ଜିଲାସ୍ତରୀୟ ବାଳିକା ପ୍ରଦର୍ଶନୀ କବାଡ଼ି**

ଜିଲା ଶିଶୁ ସୁରକ୍ଷା ସେଲ୍ ପକ୍ଷରୁ ବାଳିକାଙ୍କ ପାଇଁ ଜିଲାସ୍ତରୀୟ ପ୍ରଦର୍ଶନୀ କବାଡ଼ି ମ୍ୟାଚ୍ ବାରବାଟୀ ଷ୍ଟାଡିୟମସ୍ଥିତ କବାଡ଼ି ଗ୍ରାଉଣ୍ଡରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଜିବଜାର ବାଳିକା ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସୟଦ ସେମିନାରୀ ସ୍କୁଲ ଦ୍ୱିତୀୟ ଓ ବିଡ଼ାନାସୀ ମ୍ୟୁନିସିପାଲ୍ ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଛି। ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ବେଟି ବଚାଓ ବେଟି ପଢ଼ାଓ ଯୋଜନାର ଅଂଶବିଶେଷ ବାଳିକାମାନଙ୍କ ମଧ୍ୟରେ କ୍ରୀଡ଼ା ଦକ୍ଷତାର ବିକାଶ କରାଇବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ଅତିଥି ଭାବେ ଯୋଗ ଦେଇ ଜିଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ କହିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, ଶିଶୁ ମଙ୍ଗଳ କମିଟି ସଦସ୍ୟ ହରିହର ନାୟକ ଓ ଅନୁସୂୟା ମହାନ୍ତିଙ୍କ ସମେତ ଜିଲା ଶିଶୁ ମଙ୍ଗଳ ଓ ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥିରେ ୧୦ଟି ସ୍କୁଲର ୧୦୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରୀମାନେ ଉନ୍ନତ ପ୍ରଦର୍ଶନ କରି ଭବିଷ୍ୟତରେ ଜାତୀୟ ସ୍ତରରେ ଭାଗନେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ।

# ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

କଟକ,୧୭।୨ (କାର୍ତ୍ତିକ ସାହୁ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ୭୨ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା କଟକ ସତ୍ୟବ୍ରତ ଷ୍ଟାଡିୟମଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ ଓ ସମ୍ମାନିତ ଅତିଥି ଭାବେ ଭାରତୀୟ ରେସ୍‌ଲିଂ ଟିମ୍‌ର କୋଚ୍ ଅମ୍ବାଲିକା ଜେନା ଯୋଗଦେଇଥିଲେ। ୧୪ଟି ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଯୁକ୍ତ ୩ ଦ୍ୱିତୀୟ ବର୍ଷ ବାଣିଜ୍ୟ ଛାତ୍ରୀ ଶ୍ୱେତା ପ୍ରଧାନ ଚାମ୍ପିୟନ୍ ହୋଇଥିଲେ। ସେହିପରି ଯୁକ୍ତ ୩ ଦ୍ୱିତୀୟ ବର୍ଷ ବାଣିଜ୍ୟ ଛାତ୍ରୀ ନଗିରାନା ପରବିନ୍ ଇଣ୍ଟରନ୍ୟାଶନାଲ ମାର୍ସାଲ ଆର୍ଟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବାରୁ ସମ୍ମାନିତ କରାଯାଇଥିଲା। କ୍ରୀଡ଼ା ପ୍ରଶିକ୍ଷିକା ସ୍ୱର୍ଣ୍ଣଲତା ବଳ, ଆଥ୍‌ଲେଟିକ୍ ସୋସାଇଟିର ଉପସଭାପତି ସୁରେନ୍ଦ୍ର ପ୍ରସାଦ ଜେନା, ଡ. ପ୍ରୀତିପ୍ରଜ୍ଞା ରାୟ, ମମତାରାଣୀ ସାହୁ, ନିର୍ମଳା ରାୟ, ନରେନ୍ଦ୍ରନାଥ ନାୟକ, ପ୍ରତାପ କୁମାର ସାମଲ, ଡ. କବିରାଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ଦୀପ୍ତି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡ. ଯୋଗମାୟା ପଣ୍ଡା ଧନ୍ୟବାଦ ଦେଇଥିଲେ।



ବାର୍ଷିକ କ୍ରୀଡ଼ା ଉତ୍ସବରେ ଉପସ୍ଥିତ ବିଚାରକଙ୍କ ସମେତ ଅତିଥିମାନେ।

# ଫୁଡ୍, ଟ୍ରେଡ୍ ଲାଇସେନ୍ସ ଯାଞ୍ଚ ପାଇଁ ଚଢ଼ାଉ

କଟକ,୧୭।୨ (କାର୍ତ୍ତିକ ସାହୁ)

- ୯୦୦୦ ଜରିମାନା ଆଦାୟ
- ଆଇନ ଉଲ୍ଲଂଘନକାରୀଙ୍କୁ ତାଗିଦ୍ ସହ ନୋଟିସ
- ଚା’ ଦୋକାନ ସିଲ୍

କଟକ ମହାନଗର ନିଗମ(ସିଏମ୍‌ସି)ର ଖାଦ୍ୟ ସୁରକ୍ଷା, ରାଜସ୍ୱ ଓ ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ କଲେଜ ଛକସ୍ଥିତ କେତେକ ବ୍ୟବସାୟ ପ୍ରତିଷ୍ଠାନରେ ଶନିବାର ଚଢ଼ାଉ କରାଯାଇଛି। କଲେଜ ଛକ ଦୁର୍ଗା ମନ୍ଦିରଠାରୁ ବମ୍ବେ ହୋଟେଲ ପର୍ଯ୍ୟନ୍ତ ଚଢ଼ାଉବେଳେ ବିଭାଗୀୟ ଅଧିକାରୀମାନେ ଟ୍ରେଡ୍ ଲାଇସେନ୍ସ, ଫୁଡ୍ ଲାଇସେନ୍ସ ଓ ହୋଲ୍ଡିଂ ଟିକସ ଦେୟ ରସିଦ ଯାଞ୍ଚ କରିଥିଲେ। ତେବେ ଏମ୍‌ବିଏ ଚା’ ବାଲା ଦୋକାନର କୌଣସି କାଗଜପତ୍ର ନ ଥିବାରୁ ତାହାକୁ ସିଲ୍ କରାଯାଇଥିବା ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର କହିଛନ୍ତି। ଏଥିସହ ଉକ୍ତ ଦୋକାନର ମାଲିକଙ୍କଠାରୁ ୫୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି କେତେକ ହାର୍ଡୱାର୍ ଷ୍ଟୋର୍ ଯାଞ୍ଚ କରାଯାଇଥିଲା। ସେଥିମଧ୍ୟରୁ ଦୁଇଟି ଦୋକାନର ନଥିପତ୍ର ନ ଥିବାରୁ ୨ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଥିଲା। ଏଥିସହ ଆଇନ ଉଲ୍ଲଂଘନ ନ କରିବାକୁ ବ୍ୟବସାୟୀମାନଙ୍କୁ ତାଗିଦ ଓ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ସହ ଧାର୍ଯ୍ୟ ସମୟ ମଧ୍ୟରେ ଟ୍ରେଡ୍ ଲାଇସେନ୍ସ, ଫୁଡ୍ ଲାଇସେନ୍ସ ଓ ହୋଲ୍ଡିଂ ଟିକସ ଦାଖଲ କରିବା ପାଇଁ ଚେତାବନୀ ଦିଆଯାଇଛି। ସିଏମ୍‌ସି ଡେପୁଟି କମିଶନର (ରାଜସ୍ୱ) ସୁମନ୍ତ କର, ଡେପୁଟି କମିଶନର (ଏନ୍‌ଫୋର୍ସମେଣ୍ଟ) ଅଜୟ କୁମାର ମହାନ୍ତି, ଖାଦ୍ୟ ସୁରକ୍ଷା ଅଧିକାରୀ ରଶ୍ମିତା ବେହେରା ଓ ମିଥୁନ ସାହା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।


କଲେଜ ଛକ ଅଞ୍ଚଳର ଏକ ଦୋକାନରେ ଚଢ଼ାଉ କରାଯାଉଛି।

## ସଂକ୍ଷେପରେ

### ଖଣ୍ଡଗିରି-ଉଦୟଗିରି ମହୋତ୍ସବ ଆରମ୍ଭ

**ଭୁବନେଶ୍ୱର,୧୭।୨(ଶର୍ମିଷ୍ଠା ପାଣିଗ୍ରାହୀ)**

ପ୍ରସିଦ୍ଧ କୁମ୍ଭମେଳା ଅବସରରେ ଖଣ୍ଡଗିରି-ଉଦୟଗିରି ମହୋତ୍ସବ ଶନିବାର ଖଣ୍ଡଗିରି ପାଣ୍ଠିକାଠାରେ ଆରମ୍ଭ ହୋଇଯାଇଛି। ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଲ୍ୟାଣ ପକ୍ଷରୁ ଆୟୋଜିତ ଏହି ମେହାତ୍ସବ ସନ୍ଧ୍ୟାକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, କୃଷି ଉନ୍ନୟନ ନିଗମ ଉପାଧ୍ୟକ୍ଷ ଡ଼ ସନ୍ତୋଷ ବେଜ, କର୍ପୋରେଟର ସଂଯୁକ୍ତା ସୁନ୍ଦରାୟ, ଅନୁଷ୍ଠାନର ସମ୍ପାଦକ ଦୀପକ ମହାପାତ୍ର, ଦାଶରଥି ଗରାବଡ୍ଡୁ, ଅଶ୍ୱିନୀ ସୁନ୍ଦରାୟ, ହୃଦୟ ବଲ୍ଲଭ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ କୋକିଳା ଡାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶୀ ନୃତ୍ୟ ଷଡ଼ଋତୁ ଏବଂ କୁନି କୁନି ପିଲାଙ୍କ ଦ୍ୱାରା ଦେଶାତ୍ମକ ବୋଧକ ନୃତ୍ୟ ପରିବେଷିତ ହୋଇଥିଲା। ପରେ ସୁର ସାଗର ମ୍ୟୁଜିକାଲ ଗ୍ରୁପ୍ ଦାରା ବର୍ଣ୍ଣାଢ଼୍ୟ ସଙ୍ଗୀତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ଗୀତ ଦର୍ଶକଙ୍କୁ ମୁଗ୍ଧ କରିଥିଲା।

### ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୧୭।୨(ଶର୍ମିଷ୍ଠା ପାଣିଗ୍ରାହୀ)**

ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ସାଂସ୍କୃତିକ ପରିଷଦର ୨୨ତମ ବାର୍ଷିକ ଉତ୍ସବ ଶନିବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଭାଗର କମିଶନର ତଥା ଶାସନ ସଚିବ ଆର୍. ଏସ୍. ଗୋପାଳନ, ମୁଖ୍ୟ ବକ୍ତା ଶ୍ରମ କମିଶନର ଅନୁପମ ସାହା, ସମ୍ମାନିତ ଅତିଥି ଭାବେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଉପ ଶାସନ ସଚିବ ନୀତିରଞ୍ଜନ ସେନ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗର ଅନୁ ଶାସନ ସଚିବ ପିୟୁଷ ରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିବାବେଳେ ଉପ ବିଭାଗ ଅଧିକାରୀ ଦିଲୀପ ପ୍ରଧାନ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରମ ବିଭାଗ ଅଧିକାରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ସହ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏଥିସହ ପରିଷଦ ମୁଖପତ୍ର 'ଶ୍ରମ ବର୍ତ୍ତିକା' ଉନ୍ମୋଚନ କରାଯାଇଥିଲା। କାର୍ତ୍ତିକ ଚନ୍ଦ୍ର ରଥଙ୍କ ରଚିତ ନାଟକ 'ପାଦତଳର ଆକାଶ' ପ୍ରୀତିରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶନାରେ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶ୍ୟାମଳୀ ପଟ୍ଟନାୟକ ସଂଯୋଜନା କରିଥିଲେ ।

### ୫ମ ଲୋକକଳା ମହୋତ୍ସବ ଉଦ୍‌ଯାପିତ

**କୋଣାର୍କ,୧୭।୨(ଜ୍ୟୋତିରାଜ ମହାନ୍ତି):** କୋଣାର୍କର ନାଟ୍ୟଦୀପ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ୩ ଦିନିଆ ପଞ୍ଚମ ଲୋକକଳା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ବରିଷ୍ଠ ମଞ୍ଚ ଅଭିନେତା, ନିର୍ଦ୍ଦେଶକ ତଥା ନାଟ୍ୟକାର ପ୍ରଦୀପ ବିଶ୍ୱାଳ, ଗବେଷକ ସଞ୍ଜୟ ବରାଳ, ଟିମ୍ ଅନୁଷ୍ଠାନ ନିର୍ଦ୍ଦେଶକ ଶତ୍ରୁଘ୍ନ ସାମଲ ପ୍ରମୁଖ ଯୋଗଦେଇଥିଲେ। ହଜି ଯାଉଥିବା ଲୋକକଳାକୁ ମହୋତ୍ସବ ମାଧ୍ୟମରେ ପ୍ରଚାର ପ୍ରସାର କରିବା ସହ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇବାକୁ ନାଟ୍ୟଦୀପ ଅନୁଷ୍ଠାନକୁ ପ୍ରଶଂସା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଗୁରୁ ହରିହର ମହନ୍ତ ଓ ଗ୍ରୁପ ଦ୍ୱାରା ସୁନ୍ଦରଗଡ଼ର ସାରଳା ଝୁମର ଦଳ ପକ୍ଷରୁ ପାରମ୍ପରିକ ଝୁମର ନୃତ୍ୟ ପରିବେଷଣ କରାଯାଇଥିଲା। ଯାହା ସାଂସ୍କୃତିକ ପରିବେଶକୁ ବହୁତ ମନୋରଞ୍ଜନ ଯୋଗାଇଥିଲା। ପରେ ପରେ ଦେବାଂଶୀ ସ୍ୱାଇଁଙ୍କ ନୃତ୍ୟ ନିର୍ଦ୍ଦେଶନାରେ ସତ୍ୟସାଇ ଡାନ୍ସ ଏକାଡେମୀ ଗୋପ ପକ୍ଷରୁ ମାହାରୀ ନୃତ୍ୟ ପରିବେଷଣ ଆକର୍ଷଣ ସାଜିଥିଲା।

# ଦାବି ଜଣାଇଲା ଶିକ୍ଷକ ସଂଘ

**ଖୋର୍ଦ୍ଧା,୧୭।୨ (ପ୍ରଭାତ ପାଣିଗ୍ରାହୀ)**

ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ନିଷ୍ପତ୍ତିକ୍ରମେ ଖୋର୍ଦ୍ଧା ବ୍ଲକ ପକ୍ଷରୁ ରାଜ୍ୟ ସଂଘ ଉପସଭାପତି ଅଗାଧୁ ସେଠୀ, ବ୍ଲକ ସଭାପତି ସ୍ୱପ୍ନେଶ୍ୱର ପ୍ରଧାନ, ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ନେତୃତ୍ୱରେ ୫ଦଫା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ଏବଂ ଆନ୍ଦୋଳନ ସମୟରେ ଛୁଟିରେ ଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ୫ଦିନ ବକେୟା ଦରମା, ୬ମାସର ୨୫୦ ଶିକ୍ଷକମାନଙ୍କ ବେତନ ବୃଦ୍ଧି(ଇନକ୍ରିମେଣ୍ଟ) ନେଇ ୧୫୦ରୁ ଊର୍ଦ୍ଧ୍ୱ ଶିକ୍ଷକ, ଶିକ୍ଷୟିତ୍ରୀ ଜିଲାପାଳ ଏବଂ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଶନିବାର ଅପରାହ୍ନରେ ଶିକ୍ଷକମାନେ ପ୍ରଥମେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିକଟରେ ୫ଦଫା ଦାବିପତ୍ର ଦେଇଥିଲେ। ସେଠାରୁ ପ୍ରଥମେ ଡିଇଓ ପରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ଦେଇଥିଲେ। ଦାବିଗୁଡ଼ିକ ମଧ୍ୟରେ ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ ନିଯୁକ୍ତି ବାତିଲ କରି ନିୟମିତ ଶିକ୍ଷକ ନିଯୁକ୍ତି, ଶିକ୍ଷା ସହାୟକ ୬ବର୍ଷ କାର୍ଯ୍ୟକାଳକୁ ବେତନ ବୃଦ୍ଧି ସହ ମୂଳ ଚାକିରୀରେ ଗଣନା କରାଯାଉ। କନିଷ୍ଠ ଶିକ୍ଷକଙ୍କୁ ନିୟମିତ, କଳା, କ୍ରୀଡ଼ା ଶିକ୍ଷକ ମାନଙ୍କ କ୍ୟାରିୟର ଆଡଭାନ୍ସ ପଲିସି ନିର୍ଦ୍ଧାରଣ ସହ ଏକ୍ସକ୍ୟାଡର ଶିକ୍ଷକମାନଙ୍କୁ କ୍ୟାଡରଭୁକ୍ତ କରାଯାଉ। ସମସ୍ତ ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରାଯାଉ। ନୂତନ ପେନସନ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇ ପୁରୁଣା ପେନସନ ପ୍ରଚଳନ, ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ ବ୍ୟୟ ବରାଦ ବୃଦ୍ଧି ସହ ସମସ୍ତ ପ୍ରାଥମିକ ବିଦ୍ୟାଳୟକୁ ୫-ଟି ଅର୍ନ୍ତଭୂକ୍ତ ଲାଗି ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ମନୋଜ ଦାଶ, ସୁଶାନ୍ତ ସାହୁ, ମଙ୍ଗୁଳି ନିଶଙ୍କ, ଶୁଭ୍ରାଂଶୁ ପାଲାଟାସିଂ, ମିନାକ୍ଷୀ ମିଶ୍ର, ଦୀପ୍ତିଦେବୀ, ସୁଦର୍ଶନ ବିଶ୍ୱାଳ, ଦେବାଶିଷ ପଟ୍ଟନାୟକ, କ୍ଷଣପ୍ରଭା ସାହୁ, ସୁଜାତା ମିଶ୍ର, ଲକ୍ଷ୍ମୀନାରାୟଣ ମହାପାତ୍ର, ପ୍ରକାଶ ମୁଦୁଲି, ହାଡିବନ୍ଧୁ ବେହେରା, ପ୍ରହ୍ଲାଦ ମହାରଣା, ପ୍ରବୋଧ ମିଶ୍ର, ସସ୍ମିତା ମହାପାତ୍ରଙ୍କ ସମେତ ଶତାଧିକ ଶିକ୍ଷକ, ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।


ଦାବିପତ୍ର ବୋକୁ ଆସିଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନେ।

### ଶିକ୍ଷା ନିର୍ଦ୍ଦେଶକଙ୍କ ଆଦେଶ ମାନୁନାହାନ୍ତି ବିଇଓ

ଜିଲାପାଳ ଏବଂ ଡିଇଓଙ୍କୁ ଦିଆଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଓଡ଼ିଶା ପକ୍ଷରୁ ଦିଆଯାଇଥିବା ଆଦେଶକୁ ବିଇଓ ଅଣଦେଖା କରୁଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ କରୁଛନ୍ତି। ଗତ ସେପ୍ଟେମ୍ବରରେ ପ୍ରାଥମିକ ଶିକ୍ଷକ, ଶିକ୍ଷୟିତ୍ରୀମାନେ ବିଭିନ୍ନ ଦାବି ନେଇ ଭୁବନେଶ୍ୱରଠାରେ ଆନ୍ଦୋଳନରେ ଯୋଗଦେଇଥିଲେ। ଏହି ଅବଧି ସମୟରେ ଶିକ୍ଷକମାନେ ସମୂହ ଛୁଟିରେ ରହିଥିଲେ। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା ପକ୍ଷରୁ ଚିଠି କମାଙ୍କ ୨୪୫/୪.୧.୨୪ ପ୍ରକାରେ ଗତ ୧୯.୯.୨୩ ଠାରୁ ୨୩.୯.୨୩ ୫ଦିନ ଆନ୍ଦୋଳନରେ ରହିଥିବା ଅବଧିକୁ ଛୁଟି ମଞ୍ଜୁର ପାଇଁ ଖୋର୍ଦ୍ଧା ବିଇଓଙ୍କୁ ଚିଠି କରିଥିଲେ। ତେବେ ଏପର୍ଯ୍ୟନ୍ତ ବିଇଓ ଶିକ୍ଷା ନିର୍ଦ୍ଦେଶକଙ୍କ ଆଦେଶକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଦିନ ଗଡାଇ ଚାଲିଛନ୍ତି। ଶିକ୍ଷା ନିର୍ଦ୍ଦେଶକଙ୍କ ଚିଠି ପ୍ରକାରେ ସେପ୍ଟେମ୍ବର ମାସରେ ବନ୍ଦ ହୋଇଥିବା ଏହି ୫ଦିନ ଦରମା କରୁନାହାନ୍ତି। ଫଳରେ ସେପ୍ଟେମ୍ବର ମାସରୁ ଫେବୃଆରୀ ପର୍ଯ୍ୟନ୍ତ ୨୫୦ରୁ ଊର୍ଦ୍ଧ୍ୱ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ବେତନ ବୃଦ୍ଧି ମଧ୍ୟ ହୋଇନାହିଁ। ଏଦିଗରେ ଶିକ୍ଷକମାନେ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

# ଦଶପଲ୍ଲା ଏନ୍‌ଏସି ଉପାଧ୍ୟକ୍ଷଙ୍କ ମାଡ଼ରେ ପୌରଯନ୍ତ୍ରୀ ଆହତ

**ନିରାକାରପୁର,୧୭।୨(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ରାମେଶ୍ୱର ଛକରେ ଶୁକ୍ରବାର ବିଳମ୍ବିତ ରାତିରେ ନୟାଗଡ଼ ଜିଲା ଦଶପଲ୍ଲା ଏନ୍‌ଏସି ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶଙ୍କ ମାଡ଼ରେ ପୌରଯନ୍ତ୍ରୀ ଅଶୋକ ଦଳବେହେରା ଆହତ ହୋଇଛନ୍ତି। ଏନେଇ ଅଶୋକଙ୍କ ଅଭିଯୋଗକ୍ରମେ ଜଙ୍କିଆ ଥାନା ପୋଲିସ ଏକ ମାମଲା (ନଂ.୭୬/୨୪) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଦଶପଲ୍ଲା ଏନ୍‌ଏସି ପକ୍ଷରୁ ପୌରଯନ୍ତ୍ରୀଙ୍କ ସମେତ ଏନ୍‌ଏସି କର୍ମକର୍ତ୍ତା ଓ କେତେଜଣ କାଉନସିଲର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ବସ୍‌ରେ ଯାଇଥିଲେ। ସେଠାରୁ ନୂଆଜଗନ୍ନାଥ ସଡ଼କରେ ଫେରୁଥିବା ବେଳେ ଶୁକ୍ରବାର ରାତିରେ ରାମେଶ୍ୱର ଛକରେ ରାତ୍ର ଭୋଜନ ପାଇଁ ଅଟକିଥିଲେ। ହେଲେ ପୌର ଯନ୍ତ୍ରୀ ଦଳବେହେରା ଦେହ ଅସୁସ୍ଥ ଥିବାରୁ ବସ୍ ଭିତରେ ଥିଲେ। ଏହି ସମୟରେ ଉପାଧ୍ୟକ୍ଷ ଦାଶ ବସ୍ ଭିତରକୁ ଆସି ଖାଇବା କଥା କିଏ ବୁଝୁଛି ବୋଲି ପୌରଯନ୍ତ୍ରୀଙ୍କୁ ପଚାରିଥିଲେ। ଏହା ନୋଡାଲ ଅଫିସର ବୁଝୁଛନ୍ତି ଏବଂ ଏଠାରେ ୩ ନମ୍ବର କାଉନସିଲର ବୁଝୁଛନ୍ତି ବୋଲି ପୌରଯନ୍ତ୍ରୀ କହିଥିଲେ। ଏହା ପରେ ଉପାଧ୍ୟକ୍ଷ ଦାଶ ମୋତେ ଭଡ଼ାଦିଅ ପଳାଇଯିବି ବୋଲି କହିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉପାଧ୍ୟକ୍ଷ ଦାଶ ଉତ୍‌କ୍ଷିପ୍ତ ହୋଇ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ ବୋଲି ପୌରଯନ୍ତ୍ରୀ ଦଳବେହେରା ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏନେଇ ଜଙ୍କିଆ ଥାନା ଅଧିକାରୀ ପ୍ରଜ୍ଞା ରତ୍ନମ୍ବରା କର କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ ଏନେଇ ଉପାଧ୍ୟକ୍ଷ ଦାଶଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଖୋର୍ଦ୍ଧାରେ ଶ୍ରୀଜଗନ୍ନାଥ ରଥକୁ ଭବ୍ୟ ସ୍ୱାଗତ




**ଖୋର୍ଦ୍ଧା,୧୭।୨(ପ୍ରଭାତ ପାଣିଗ୍ରାହୀ)**

ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ରୋଟାରୀ କ୍ଲବ ଅଫ ଆମିଟି ଭୁବନେଶ୍ୱର ପକ୍ଷରୁ ଗତ ୬ତାରିଖରେ ଶ୍ରୀକ୍ଷେତ୍ରରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ନେଇ ଯାତ୍ରାରେ ବାହାରିଥିବା ଶ୍ରୀଜଗନ୍ନାଥ ରଥକୁ ଶନିବାର ରୋଟାରୀ କ୍ଲବଠାରେ ଭବ୍ୟ ସ୍ୱାଗତ କରାଯାଇଛି। କ୍ଲବର ସମସ୍ତ ସଦସ୍ୟା ସଦସ୍ୟମାନେ ଉପସ୍ଥିତ ରହି ରଥକୁ ପାଛୋଟି ନେଇଥିଲେ। ମହାପ୍ରଭୁଙ୍କ ଆଳତି ସହ ଜୟ ଜୟକାରରେ କମ୍ପିଥିଲା ପରିବେଶ। କ୍ଲବର ପୂର୍ବତନ ସଭାପତି ତଥା ପୌର ଉପାଧ୍ୟକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ରୋଟାରିଆନ ଦେବୀ ପ୍ରସାଦ ମଜୁମଦାର, ସବ୍ୟସାଚୀ ଚକ୍ରବର୍ତ୍ତୀ, ସମ୍ବିତ କୁମାର ବେହେରା, ଲୋକେଶ ନାୟକ, ପ୍ରିୟବ୍ରତ ରାଉତ, ଜଗନାଥ ମହାରଣା, ମନୋଜ ଦାସ, ଆଶୁତୋଷ ପଟ୍ଟନାୟକ, ମହିଳା ସଭ୍ୟା ମୌସୁମୀ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯାତ୍ରା ରୋଟାରୀ ଡିସଟ୍ରିକ୍ଟ ୩୨୬୨ ଅନ୍ତର୍ଗତ ସମସ୍ତ ୧୧୫ଟି ରୋଟାରୀ କ୍ଲବ ପରିଭ୍ରମଣ କରି ମହାପ୍ରଭୁ ଜଗନ୍ନାଥଙ୍କ ମହିମା ଓ ସଂସ୍କୃତିର ପ୍ରଚାର ସହ ବିଶ୍ୱଭାତୃତ୍ୱ ଭାଇଚାରା ଭାବ ଜାଗ୍ରତ କରୁଛି। ଏହି ଯାତ୍ରା ପୁରୀ ଶ୍ରୀକ୍ଷେତ୍ରରୁ ରୋଟାରିଆନ(ଡିଜି) ଜୟଶ୍ରୀ ମହାନ୍ତି, ଡିଜି ରୋଟାରିଆନ ଯଜ୍ଞାଶୀଷ ମହାପାତ୍ର ଓ ଡିଜିଏନଡି ରୋଟାରିଆନ ଅନିଲ କୁମାର ସାମଲ ଯାତ୍ରା ଶୁଭାରମ୍ଭ କରିଥିଲେ। ରୋଟାରିଆନ ବିଘ୍ନେଶ୍ୱର ବେହେରା ଓ ରୋଟାରିଆନ ମନମୋହନ ପଣ୍ଡାଙ୍କ ନେତୃତ୍ୱରେ ପରିଚାଳନା ହେଉଛି।

### ସଂସ୍କାର, ଶିକ୍ଷା ବିଦ୍ୟାର୍ଥୀକୁ ଶୃଙ୍ଖଳିତ କରେ

**ବାଲିପାଟଣା,୧୭।୨(ଅଭିମନ୍ୟୁ ନାୟକ)**

ବାଲିପାଟଣାର ବାଗ୍‌ଦେବୀ ବିଦ୍ୟା ମନ୍ଦିରର ୩୧ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଦୁର୍ଗାମାଧବ କଲ୍ୟାଣମଣ୍ଡପଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ପରିଷଦ ସଭାପତି ଦିଲୀପ କୁମାର ଓଝାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ସଂସ୍କାର ଦେଲେ ସେମାନେ ଭଲ ପାଠ ପଢ଼ିବା ସହିତ ଭଲ ମଣିଷ ହୋଇପାରିବେ ବୋଲି ଉପସ୍ଥିତ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥିଭାବେ ଶିଶୁ ଅନନ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ନିମାଇଁ ଚରଣ ଜେନା ଯୋଗଦେଇ ମତବ୍ୟକ୍ତ କରିଥିଲେ। ଓଜେଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ତଥା ବିଦ୍ୟାଳୟର ପୂର୍ବତନ ଛାତ୍ରୀ ଦୀକ୍ଷା ରାଉତରାୟ ଅତିଥିଭାବେ ଯୋଗଦେଇ କଠିନ ପରିଶ୍ରମ କଲେ ସଫଳତା ନିଶ୍ଚିତ ମିଳିବ ବୋଲି କହିଥିଲେ। ପ୍ରାରମ୍ଭରେ ସମ୍ପାଦକ ଅଭିମନ୍ୟୁ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷା ପବିତ୍ରା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ସେହିପରି ଶିକ୍ଷୟିତ୍ରୀ ଲିପିକା ପ୍ରଧାନ ସଂଯୋଜନା କରିଥିବା ବେଳେ ପୁଷ୍ପାଞ୍ଜଳି ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପୂର୍ବତନ ଛାତ୍ରୀ ଦୀକ୍ଷା ରାଉତରାୟଙ୍କ ସମେତ ଚଳିତ ବର୍ଷ ମେଧା ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୪ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ନିର୍ଦ୍ଦେଶକ ଗଙ୍ଗାଧର ଓଝା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଛବିତା ମହାପାତ୍ର, ରଞ୍ଜୁଲତା ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### 'ମାତାପିତା ସ୍ୱର୍ଗଠାରୁ ମହାନ୍'


ପିଲାମାନେ ମା'ବାପାଙ୍କୁ ପୂଜା କରୁଛନ୍ତି।

**ଖୋର୍ଦ୍ଧା,୧୭।୨(ପ୍ରଭାତ ପାଣିଗ୍ରାହୀ)**

ମାତାପିତା ସ୍ୱର୍ଗଠାରୁ ମହାନ। ବାଲ୍ମିକୀ ରାମାୟଣରେ ମହର୍ଷି ବାଲ୍ମିକୀ ଶ୍ରୀରାମଙ୍କ ମାତୃପିତୃ ଭକ୍ତି, ଅଯୋଧ୍ୟା ମାଟି ପୂଜନକୁ ଦର୍ଶାଇଛନ୍ତି। ମାତୃଭୂମି ଏବଂ ମାଆ ହେଉଛନ୍ତି ବନ୍ଦନୀୟ। ମହାନ ବ୍ୟକ୍ତିବିଶେଷ, ମହାପୁରୁଷ, ସାଧୁସନ୍ଥଙ୍କ ପଛରେ ସେମାନଙ୍କ ମାତାପିତାଙ୍କ ଆଶୀର୍ବାଦ, ପ୍ରେରଣା ରହିଛି ବୋଲି ଖୋର୍ଦ୍ଧା ଉପକଣ୍ଠ ଗଙ୍ଗପଡା ସ୍ଥିତ ମହାବୀର ପବ୍ଲିକ ସ୍କୁଲରେ ମାତୃପିତୃ ପୂଜନ ଉତ୍ସବରେ ମତପ୍ରକାଶ ପାଇଛି। ବିଶ୍ୱହିନ୍ଦୁ ପରିଷଦ ଜଟଣୀ ପ୍ରଖଣ୍ଡ, ଆରଏସଏସ ଜିଲା ମୁଖ୍ୟମାର୍ଗ ବିଭାଗ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ବିଏଚପି ବିଭାଗ ସମ୍ପାଦକ ବିଭୂରେନ୍ଦ୍ର ବିଦ୍ୟାଧର, ଜିଲା ଉପସଭାପତି ନରେନ୍ଦ୍ର ସାହୁ, ବଜରଙ୍ଗ ଦଳ ଜିଲା ସଂଯୋଜକ ନୃତ୍ୟଜିତ ଚମ୍ପତି, ଗୁରୁଜଙ୍ଗ ଶିଶୁ ମନ୍ଦିର ସମ୍ପାଦକ ସମରେନ୍ଦ୍ର ଶତପଥି, ଜିଲାମୁଖ୍ୟମାର୍ଗ ପ୍ରମୁଖ ପ୍ରଭାତ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପିଲାଙ୍କୁ ମାର୍ଗଦର୍ଶନ କରିଥିଲେ। ମାତାପିତାଙ୍କ ଆଶୀର୍ବାଦ ଜୀବନରେ ଆଗକୁ ବଢିବାକୁ ମାର୍ଗଦର୍ଶନ ସହ ସଫଳତା ଆଣିଥାଏ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ପିଲାମାନେ ମାତାପିତାଙ୍କ ଚରଣ ବନ୍ଦନା ସହ ୩ଥର ପରିକ୍ରମା କରିଥିଲେ। ଫୁଲ,ଚନ୍ଦନ,ଅକ୍ଷତ ଦେଇ ପୂଜା କରିଥିଲେ। ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଭବାନୀ ସେବିକା ମହାନ୍ତି, ସସ୍ମିତା ପଣ୍ଡା, ସୁଧାଂଶୁବାଳା ମାଝି, ସନ୍ଧ୍ୟାରାଣୀ ପ୍ରଧାନ, ଯାଜ୍ଞସେନୀ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବହୁ ଅଭିଭାବିକା, ଅଭିଭାବକ ଯୋଗ ଦେଇଥିଲେ।

# ବାବାଜୀ ବେଶରେ ମୋବାଇଲ ଚୋରି

**କଟକ ସଦର, ୧୭।୨(ସୁଶାନ୍ତ କୁମାର ଜେନା)**

**ଅଭିଯୁକ୍ତ ଗିରଫ**

ବାବାଜୀ ବେଶରେ ଭିକ୍ଷା ମାଗିବାବେଳେ ଜଣେ ବ୍ୟକ୍ତିଙ୍କ ଦାମୀ ମୋବାଇଲ ଫୋନ୍ ଚୋରି କରିବା ଅଭିଯୋଗରେ କିଶନନଗର ପୋଲିସ ଶନିବାର ଜଣେ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ଅଭୟଚାନ୍ଦପୁର ଥାନା ଅଧୀନ ଡିଙ୍କିଆ ଗ୍ରାମର ସୁରେନ୍ଦ୍ର ମିଶ୍ର। ତାଙ୍କ ନାମରେ ଅଭୟଚାନ୍ଦପୁର ଥାନାରେ ୪ଟି ମାମଲା ରହିଥିବା ଥାନାଧିକାରୀ ରଶ୍ମିରଞ୍ଜନ ଦାଶ କହିଛନ୍ତି। ଶୁକ୍ରବାର ସକାଳେ ଅଭିଯୁକ୍ତ ଜଣଙ୍କ ବାବାଜୀ ବେଶରେ ଏହି ଥାନା ଅନ୍ତର୍ଗତ ସୋମପୁର ଗ୍ରାମର ସ୍ମୃତିରଞ୍ଜନ ପ୍ରଧାନଙ୍କ ଘରକୁ ଯାଇ ଦକ୍ଷିଣା ଆଣିବା ସହ କୌଶଳକ୍ରମେ ଏକ ମୋବାଇଲ ଫୋନ୍ ଚୋରି କରି ଆଣି ପାଖରେ ଥିବା ବିଲରେ ଫୋପାଡି ଦେଇଥିଲେ। ଫୋନ୍ ନ ମିଳିବାରୁ ପରିବାର ଲୋକମାନେ ବାବାଜୀଙ୍କ ଉପରେ ସନ୍ଦେହ କରିଥିଲେ। କିଛି ସମୟ ପରେ ବାବାଜୀ ବେଶ ବଦଳାଇ ପ୍ୟାଣ୍ଟ, ଶାର୍ଟ ପିନ୍ଧି ବିଲରେ ସୁରେନ୍ଦ୍ର ମୋବାଇଲ ଫୋନ ଖୋଜୁଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୫୫/୨୪) ରୁଜୁ ହୋଇଛି।

### ଦେବବ୍ରତ ପାଇଲେ 'ଜଗଦୀଶ କଥା ସମ୍ମାନ'

**ଭୁବନେଶ୍ୱର,୧୭।୨(ଶର୍ମିଷ୍ଠା ପାଣିଗ୍ରାହୀ)**

ଜଗଦୀଶ ମହାନ୍ତି ଟ୍ରଷ୍ଟ ତରଫରୁ ଜଗଦୀଶ ଜୟନ୍ତୀ ରେଡକ୍ରସ ଭବନଠାରେ ଶନିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଥାକାର ତରୁଣକାନ୍ତି ମିଶ୍ର ଏବଂ ମୁଖ୍ୟବକ୍ତା ଗାଳ୍ପିକ ସଦାନନ୍ଦ ତ୍ରିପାଠୀ ଯୋଗଦେଇ ଜଗଦୀଶ ମହାନ୍ତିଙ୍କ ସୃଜନକୃତି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଚଳିତ ବର୍ଷର ସମ୍ମାନଜନକ 'ଜଗଦୀଶ କଥା ସମ୍ମାନ' ବିଶିଷ୍ଟ ଲେଖକ ଦେବବ୍ରତ ମଦନରାୟଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି 'ଜଗଦୀଶ ଯୁବ ସମ୍ମାନ'ରେ ଗାଳ୍ପିକା ପ୍ରଜ୍ଞା ପ୍ରବର୍ତ୍ତିକା ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ସଭାପତିତ୍ୱ କରିଥିଲେ କଥାକାର ଡ. ସରୋଜିନୀ ସାହୁ। 'ଟ୍ରଷ୍ଟ'ର ସମ୍ପାଦକ ତଥା ଲେଖକ ସରୋଜ ବଳ ଉତ୍ସବ ସଞ୍ଚାଳନ କରିଥିଲେ। କାହାଣୀକାର ପ୍ରାଚୀତାରା ମହାନ୍ତି ଏକ ଗଳ୍ପର ନାଟକୀୟ ଉପସ୍ଥାପନା କରିଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ଟାଙ୍ଗୀ/ନିରାକାରପୁର,୧୭।୨**
**(ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)**

ଟାଙ୍ଗୀ ବ୍ଲକ ୯ ନମ୍ବର ଜିଲା ପରିଷଦ ଜୋନ୍‌ର ବଡ଼ପୋଖରିଆ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସହ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, ସମ୍ମାନିତ ଅତିଥି ୧୨ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲ୍‌ଟାସିଂହ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ସାଗର ବଳିୟାରସିଂହ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ବଡ଼ପୋଖରିଆ ପଞ୍ଚାୟତର ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟଙ୍କ ସହ ବହୁ ଜନସାଧାରଣ ଯୋଗଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।


ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଅନ୍ୟମାନେ।

# ଦୋକାନ ଉଚ୍ଛେଦ ବେଳେ ବିଷ ପିଇଲେ ମହିଳା

**ବେଗୁନିଆ,୧୭।୨(ହର ପ୍ରସନ୍ନ ପଣ୍ଡା)**

- ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି
- ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଉଚ୍ଛେଦ ସ୍ଥଗିତ

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅନ୍ତର୍ଗତ କୋଚିଆଖାଲ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ପ୍ରଶାସନ ପକ୍ଷରୁ ସରକାରୀ ଜମିରୁ ଦୋକାନ ଗୃହ ଉଚ୍ଛେଦ ବେଳେ ଜଣେ ମହିଳା ବିଷ ପିଇଦେଇଥିଲେ। ସେ ହେଲେ କୃଷ୍ଣଚନ୍ଦ୍ର ପାଟଶାଣୀଙ୍କ ସ୍ତ୍ରୀ ମିତା ପାଟଶାଣୀ। ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଅଘଟଣକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ ରଖାଯାଇଛି।

ପ୍ରକାଶଥାଉ କି, ବେଗୁନିଆ ତହସିଲ ଅନ୍ତର୍ଗତ କୁରୁମ(କୋଚିଆଖାଲ) ରାଜସ୍ୱ ଗ୍ରାମର କୃଷ୍ଣଚନ୍ଦ୍ର ପାଟଶାଣୀ ସରକାରୀ ସ୍ଥାନରେ ଦୋକାନ ଗୃହ ନିର୍ମାଣ ସହ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ପରେ ସରକାରୀ ସ୍ଥାନରୁ ଜବରଦଖଲ ହଟାଇବାକୁ ଅଭିଯୋଗ ହୋଇଥିଲା। ତହସିଲ ପକ୍ଷରୁ ଜାଗା ମାପ କରାଯାଇ ଉକ୍ତ ସ୍ଥାନରୁ ଜବରଦଖଲ ହଟାଇବାକୁ କୃଷ୍ଣଚନ୍ଦ୍ରଙ୍କୁ ନୋଟିସ ଜାରି ହୋଇଥିଲା। ହେଲେ ସେ ନିର୍ଦ୍ଧାରିତ ସମୟ ମଧ୍ୟରେ ହଟାଇ ନ ଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ତହସିଲଦାର ତାପସ ବିଶି ଏବଂ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସହିତ ଅନ୍ୟ କର୍ମଚାରୀମାନେ ଶନିବାର ପହଞ୍ଚି ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଥିଲେ। କୃଷ୍ଣଚନ୍ଦ୍ରଙ୍କ ପରିବାର ଉଚ୍ଛେଦ ନ କରିବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ନିବେଦନ କରିଥିଲେ। ହେଲେ ପ୍ରଶାସନିକ ଅଧିକାରୀ ଉଚ୍ଛେଦ ଜାରି ରଖିଥିଲେ। ଏହି ସମୟରେ ମାନସିକ ଭାରସାମ୍ୟ ହରାଇ କୃଷ୍ଣଚନ୍ଦ୍ରଙ୍କ ସ୍ତ୍ରୀ ମିତା ପ୍ରଶାସନ ଆଗରେ ବିଷ ପିଇ ଦେଇଥିଲେ। ତାଙ୍କୁ ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ତହସିଲଦାର ବିଶି କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଉଚ୍ଛେଦ କରାଯାଇଥିଲା। ସେଠାରେ ବିଶୃଙ୍ଖଳା ପରିସ୍ଥିତି ଉପୁଜିବାରୁ ଉଚ୍ଛେଦ କାର୍ଯ୍ୟ ସ୍ଥଗିତ ରଖାଯାଇଛି।


ପ୍ରଶାସନିକ ଅଧିକାରୀଙ୍କୁ ଉଚ୍ଛେଦ ନ କରିବାକୁ ନିବେଦନ କରୁଛନ୍ତି।

## ଭାରତୀୟ କନ୍ୟୁର ମୃତ

ବାରଙ୍ଗ,(ଲିଙ୍ଗରାଜ ରାଉତ): ପ୍ରାଣୀଉଦ୍ୟାନ ନନ୍ଦନକାନନର ପକ୍ଷୀ ସାରଣୀର ୧୧ନଂ. ଏନ୍‌କ୍ଲୋଜରରେ ରହୁଥିବା ଏକ ହଳଦିଆ ନାଲି ରଙ୍ଗମିଶା ଭାରତୀୟ କନ୍ୟୁର (ଭାରତୀୟ ଶୁଆ)ର ଶନିବାର ମୃତ୍ୟୁ ଘଟିଛି। ସୁସ୍ଥ ସବଳ ଭାବେ ତା' ଏନ୍‌କ୍ଲୋଜରରେ ବିଚରଣ କରୁଥିବାବେଳେ ହଠାତ୍ ଶନିବାର ଅସୁସ୍ଥ ହୋଇପଡ଼ିଥିଲା। ଖବରପାଇ ଚିକିତ୍ସକ କନ୍ୟୁରର ପ୍ରାଥମିକ ଚିକିତ୍ସା କରି ଫେରିଥିଲେ। ଫେରିବାର କିଛି ସମୟ ପରେ କନ୍ୟୁରଟି ମରି ପଡ଼ିଥିବା ଜଣାପଡ଼ିଥିଲା।

## ସଂକ୍ଷେପରେ

### ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୭।୨(ଶର୍ମିଷ୍ଠା ପାଣିଗ୍ରାହୀ)– ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ସାଂସ୍କୃତିକ ପରିଷଦର ୨୨ତମ ବାର୍ଷିକ ଉତ୍ସବ ଶନିବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଭାଗର କମିଶନର ତଥା ଶାସନ ସଚିବ ଆର୍. ଏସ୍. ଗୋପାଳନ, ମୁଖ୍ୟବକ୍ତା ଶ୍ରମ କମିଶନର ଅନୁପମ ସାହା, ସମ୍ମାନିତ ଅତିଥି ଭାବେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଉପ ଶାସନ ସଚିବ ନୀତିରଞ୍ଜନ ସେନ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗର ଅନୁ ଶାସନ ସଚିବ ପୀୟୁଷ ରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିବାବେଳେ ଉପ ବିଭାଗ ଅଧିକାରୀ ଦିଲୀପ ପ୍ରଧାନ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରମ ବିଭାଗ ଅଧିକାରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ସହ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏଥିସହ ପରିଷଦ ମୁଖପତ୍ର 'ଶ୍ରମ ବର୍ତ୍ତିକା' ଉନ୍ମୋଚନ କରାଯାଇଥିଲା। କାର୍ତ୍ତିକ ଚନ୍ଦ୍ର ରଥଙ୍କ ରଚିତ ନାଟକ 'ପାଦତଳର ଆକାଶ' ପ୍ରୀତିରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶନାରେ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶ୍ୟାମଳୀ ପଟ୍ଟନାୟକ ସଂଯୋଜନା କରିଥିଲେ ।

### ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସମସ୍ତଙ୍କ ସହଯୋଗ ଦରକାର

ବାଲିଅନ୍ତା,୧୭।୨(ନୀଳମାଧବ ସାହୁ): ବାଲିଅନ୍ତା ଥାନାର ନୂତନ ଥାନା ଅଧିକାରୀଙ୍କୁ ସ୍ୱାଗତ ଓ ବଦଳି ଥାନା ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପାଇଁ ଶୁକ୍ରବାର ଏକ ସଭା ଆୟୋଜିତ ହୋଇଥିଲା। ଶ୍ରୀତ୍ରିନାଥ ପୂଜା କମିଟି ପକ୍ଷରୁ ଥାନା ପରିସରରେ ଆୟୋଜିତ ଏହି ଉତ୍ସବରେ ବିଭିନ୍ନ ପଞ୍ଚାୟତରୁ ଶତାଧିକ ବ୍ୟକ୍ତି ଯୋଗଦେଇ ଅଧିକାରୀ ଦ୍ୱୟଙ୍କୁ ଫୁଲତୋଡା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ, ଏସିପି ଶୁଭ୍ରାଂଶୁ ନାୟକ, ନୂତନ ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର, ପ୍ରାକ୍ତନ ଥାନା ଅଧିକାରୀ ଯୁବରାଜ ସ୍ୱାଇଁ, ସରପଞ୍ଚ କୃଷ୍ଣ କେଶବ ଆପଟ, କମିଟି ସଭାପତି ଶିବ ଚରଣ ସାହୁ, ଉପସଭାପତି ମହେଶ ଚନ୍ଦ୍ର ରାୟ ପ୍ରମୁଖ ଯୋଗଦେଇଥିଲେ। ଥାନା ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ସମସ୍ତ ଜନସାଧାରଣଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାକ୍ତନ ଥାନା ଅଧିକାରୀ ଯୁବରାଜ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଭଲ ପାଇବାକୁ କେବେ ଭୁଲି ପାରିବେ ନାହିଁ ବୋଲି କହିଥିଲେ। ବର୍ତ୍ତମାନର ଥାନା ଅଧିକାରୀଙ୍କୁ ସମ୍ପୂର୍ଣ୍ଣ ରୂପେ ସହଯୋଗ ପାଇଁ ଉପସ୍ଥିତ ଲୋକଙ୍କୁ ସେ ଆହ୍ୱାନ ଦେଇଥିଲେ। ସଭାକୁ କମିଟିର ସମ୍ପାଦକ ସିଦ୍ଧେଶ୍ୱର ନାଥ ପରିଚାଳନା କରିଥିବାବେଳେ ତାଙ୍କୁ ଦିଲୀପ ସାହୁ ଓ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ। କମିଟି କୋଷାଧକ୍ଷ ତୈଲୋକ୍ୟ ମଙ୍ଗରାଜ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳର ବହୁ ନିର୍ବାଚିତ ଲୋକ ପ୍ରତିନିଧି ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।


ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳାରେ ଲୋକଙ୍କ ଭିଡ଼।


ଖଣ୍ଡଗିରି-ଉଦୟଗିରି ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଖଣ୍ଡଗିରି-ଉଦୟଗିରି ମହୋତ୍ସବ ଆରମ୍ଭ


ମହୋତ୍ସବର ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସହ ଅନ୍ୟ ଅତିଥିବୃନ୍ଦ।

ଭୁବନେଶ୍ୱର,୧୭।୨ (ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରସିଦ୍ଧ କୁମ୍ଭମେଳା ଅବସରରେ ଖଣ୍ଡଗିରି-ଉଦୟଗିରି ମହୋତ୍ସବ ଶନିବାର ଖଣ୍ଡଗିରି ପାଛିକାଠାରେ ଆରମ୍ଭ ହୋଇଯାଇଛି। ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଲ୍ୟାଣ ପକ୍ଷରୁ ଆୟୋଜିତ ଏହି ମେହାତ୍ସବ ସନ୍ଧ୍ୟାକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷା ଶ୍ରୀମୟୀ ମିଶ୍ର, କୃଷି ଉନ୍ନୟନ ନିଗମ ଉପାଧକ୍ଷ ଡ଼ ସନ୍ତୋଷ ବେଜ, କର୍ପୋରେଟର ସଂଯୁକ୍ତା ସୁନ୍ଦରାୟ, ଅନୁଷ୍ଠାନର ସମ୍ପାଦକ ଦୀପକ ମହାପାତ୍ର, ଦାଶରଥି ଗରାବଡୁ, ଅଶ୍ୱିନୀ ସୁନ୍ଦରାୟ, ହୃଦୟ ବଲ୍ଲଭ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ କୋକିଳା ଡାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶୀ ନୃତ୍ୟ ଷଡ଼ରତୁ ଏବଂ କୁନି କୁନି ପିଲାଙ୍କ ଦ୍ୱାରା ଦେଶାତ୍ମକ ବୋଧକ ନୃତ୍ୟ ପରିବେଷିତ ହୋଇଥିଲା। ପରେ ସୁର ସାଗର ମ୍ୟୁଜିକାଲ ଗ୍ରୁପ୍ ଦ୍ୱାରା ବର୍ଣ୍ଣାଢ଼୍ୟ ସଙ୍ଗୀତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ଗୀତ ଦର୍ଶକଙ୍କୁ ମୁଗ୍ଧ କରିଥିଲା।


କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ସଙ୍ଗୀତ ପରିବେଷଣ କରୁଛନ୍ତି।

## ଆଜିଠୁ ଯାତ୍ରା ମହାସମର

ଖଣ୍ଡଗିରି କୁମ୍ଭମେଳାରେ ଅନନ୍ୟ ଆକର୍ଷଣ ହେଉଛି ଖଣ୍ଡଗିରି ଯାତ୍ରା। ରବିବାରଠାରୁ ପାହାଡ଼ ପାଦଦେଶରେ ଆରମ୍ଭ ହେଉଛି ଯାତ୍ରା ମହାସମର। ୨୯ ତାରିଖ ପର୍ଯ୍ୟନ୍ତ ଯାତ୍ରା ମହାସମରରେ ୧୨ ଅପେରା ପାର୍ଟି ଲୋକଙ୍କ ମନୋରଞ୍ଜନ କରିବେ। ଦମଦାର ଡାଏଲଗ, ମନଛୁଆଁ କାହାଣୀ, ମେଲୋଡିରେ ପୂରା ଅଞ୍ଚଳ କମ୍ପିବ। ଆଇଗିଣିଆ ଗ୍ରାମ ପକ୍ଷରୁ ମହତାବ ପେଣ୍ଡାଲରେ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ସାଇ ସମ୍ରାଟ, ୨୧ରୁ ଅଶୋକ ସମ୍ରାଟ, ୨୫ରୁ ୨୯ ପର୍ଯ୍ୟନ୍ତ ତୁଳସୀ ଗଣନାଟ୍ୟ ପଡ଼ିବ। ଘାଟିକିଆ ଗ୍ରାମ ପକ୍ଷରୁ ସନାତନ ମଣ୍ଡପରେ ୧୮ରୁ ୨୩ ତାରିଖ ପର୍ଯ୍ୟନ୍ତ କୋଣାର୍କ ଗଣନାଟ୍ୟ ଓ ୨୪ରୁ ୨୯ ପର୍ଯ୍ୟନ୍ତ ଅପେରା ସୂର୍ଯ୍ୟମନ୍ଦିର ଚାଲିବ। ଜାଗମରା ଗ୍ରାମ ପକ୍ଷରୁ ଇନ୍ଦିରା ସାଂସ୍କୃତିକ ମଣ୍ଡପରେ ୧୮ରୁ୨୨ ପର୍ଯ୍ୟନ୍ତ କଳିଙ୍ଗ ଗଣନାଟ୍ୟ ଓ ୨୩ରୁ ୨୯ ଶିବାନୀ ଗଣନାଟ୍ୟ ନାଟକ ପରିବେଷଣ କରିବ। କେସିସି ପଡ଼ିଆ ମା' ମଙ୍ଗଳା ମଣ୍ଡପରେ ୧୮ରୁ ୨୩ ପର୍ଯ୍ୟନ୍ତ ଦୁର୍ଗା ମନ୍ଦିର ଏବଂ ୨୪ରୁ ୨୯ ପର୍ଯ୍ୟନ୍ତ ସ୍ୱର୍ଣ୍ଣ ମହଲ ଚାଲିବ। ଜୟଦୁର୍ଗା ମଣ୍ଡପରେ ୧୮ରୁ ୨୩ ପର୍ଯ୍ୟନ୍ତ ଗୌରୀ ଗଣନାଟ୍ୟ ଏବଂ ୨୪ରୁ ୨୯ ପର୍ଯ୍ୟନ୍ତ ସ୍ୱପ୍ନ ମହଲ ଚାଲିବ। ସାଇ ନୀଳାଦ୍ରି ଯାତ୍ରା କମିଟି ପକ୍ଷରୁ ୨୪ରୁ ୨୯ ପର୍ଯ୍ୟନ୍ତ ରଙ୍ଗମହଲ ଯାତ୍ରା ପରିବେଷଣ କରିବ।

## ଯାତ୍ରାରେ ଅଶ୍ଳୀଳତା ମନା

ଯାତ୍ରା ପରିବେଷଣ ସମୟରେ ଯେଭଳି କୌଣସି ଅଶ୍ଳୀଳତା ପ୍ରଦର୍ଶନ ନ ହୁଏ କିମ୍ବା କୌଣସି ଅପ୍ରୀତିକର ପରିସ୍ଥିତି ନ ହୁଏ, ସେ ନେଇ ବିଏମ୍‌ସି ପକ୍ଷରୁ ଏସ୍‌ଓପି ଜାରି କରାଯାଇଛି। କୌଣସି ଯାତ୍ରାପାର୍ଟି ଲୋକଙ୍କ ଭାବାବେଗକୁ ଆଘାତ ଦେବାଭଳି କିମ୍ବା ଅଶ୍ଳୀଳ ନୃତ୍ୟ କିମ୍ବା ଯାତ୍ରା ପରିବେଷଣ କରିପାରିବେ ନାହିଁ। ସେହିପରି ଲୋକଙ୍କ ଗହଳିକୁ ଦେଖି ଯାତ୍ରାପାର୍ଟି ମାଲିକମାନେ ଆବଶ୍ୟକ ସଂଖ୍ୟକ ସ୍ୱେଚ୍ଛାସେବୀ ବା ସିକ୍ୟୁରିଟି ଗାର୍ଡ ନିୟୋଜିତ କରିବେ। ଯେପରି କୌଣସି ଆପରାଧିକ ଘଟଣା ନ ଘଟେ ତାହା ଉପରେ ମଧ ନଜର ରଖିବେ। ଯାତ୍ରା ପାଇଁ ପ୍ରଚାର ସମୟରେ ଅତ୍ୟଧିକ ସାଉଣ୍ଡ କରିବେ ନାହିଁ। ଯାତ୍ରା ପେଣ୍ଡାଲ ପାଖରେ ପର୍ଯ୍ୟାପ୍ତ ଅଗ୍ନିନିର୍ବାପକ ଯନ୍ତ୍ର ରଖିବା, ଆବଶ୍ୟକ ସଂଖ୍ୟକ ସିସିଟିଭି ଓ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା କରିବା, ଦର୍ଶକଙ୍କ ପାଇଁ ପେଣ୍ଡାଲ ପାଖରେ ପାନୀୟଜଳ ବ୍ୟବସ୍ଥା କରିବା, ଡଷ୍ଟବିନ୍ ରଖିବା ଆଦି ବିଭିନ୍ନ ଦିଗ ପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ରହିଛି।

## ଜଳବାୟୁ ପରିବର୍ତ୍ତନ ନେଇ ମିଡିଆ ରାଉଣ୍ଡ ଟେବୁଲ୍


ପ୍ରେସ କ୍ଲବଠାରେ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ କର୍ମଶାଳାରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୧୭।୨(ଅସମାପିକା ସାହୁ)

ଭିଆଇଇଡବ୍ଲ୍ୟୁଏସ୍ ଏବଂ ୟୁଏସ୍ କନସୁଲେଟ ଜେନେରାଲ ହାଇଦ୍ରାବାଦ ପକ୍ଷରୁ ଶନିବାର ପ୍ରେସ କ୍ଲବଠାରେ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ଲାଇମେଟ ପଲିସି ଆଣ୍ଡ ଆକ୍ସନ ଉପରେ ଏକ ମିଡିଆ ରାଉଣ୍ଡ ଟେବୁଲ ଆୟୋଜନ ହୋଇଥିଲା। ଉଦ୍‌ଘାଟନୀ ଅଧିବେଶନରେ 'କ୍ଲାଇମେଟ୍ ପଲିସିଜ୍ ଇନ୍ ଓଡ଼ିଶା : ଇସ୍ୟୁଜ୍ ଆଣ୍ଡ ଚାଲେଞ୍ଜେସ' ଶୀର୍ଷକ ଆଲୋଚନା ହୋଇଥିଲା। ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ଅରବିନ୍ଦ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାରେ ପରିବେଶବିତ ଡ. ଜୟକୃଷ୍ଣ ପାଣିଗ୍ରାହୀ, ପଦ୍ମଶ୍ରୀ ସାବରମତି, ଏସ୍‌ଏସ୍‌ଇପିଡି ଡେପୁଟି ସେକ୍ରେଟାରି ସନ୍ନ୍ୟାସୀ ବେହେରା ପ୍ରମୁଖ ଯୋଗଦେଇ ଜଳବାୟୁ ପରିବର୍ତ୍ତନର ବିଭିନ୍ନ ଦିଗ ସହିତ କ୍ଲାଇମେଟ ପଲିସି ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ରିପୋର୍ଟିଂ କରିଥିବା ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶିଶୁକନ୍ୟାଙ୍କୁ ଧରମ ବାପାଙ୍କ ଅସଦାଚରଣ

ବାଲକାଟୀ,୧୭।୨(ମନୋଜ ମଣ୍ଡଳ): ୭ ବର୍ଷୀୟ ଶିଶୁକନ୍ୟାଙ୍କୁ ଅସଦାଚରଣ ଅଭିଯୋଗରେ ଧରମ ବାପାକୁ ବାଲିଅନ୍ତା ପୋଲିସ ଅଟକ ଶନିବାର ପଚରାଉଚରା ଚଳାଇଛି। ଏନେଇ ୭୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବାଲକାଟୀ ଫାଣ୍ଡି ନିକଟରେ ଏହି ଘଟଣା ଘଟିଥିବାବେଳେ ସମ୍ପୃକ୍ତ ଧରମ ବାପାଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଜଣେ ଯୁବତୀ ନାବାଳିକା ପ୍ରକାଶ କରିଥିବା ଭିଡିଓ ବାର୍ତ୍ତାର ପ୍ରମାଣ ସହିତ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଧରମ ବାପା ଜଣକ ଉକ୍ତ ଶିଶୁକନ୍ୟାଙ୍କୁ ଧରି ପ୍ରାୟ ସପ୍ତାହେ ହେବ ରହୁଛନ୍ତି। ଘରେ ଶିଶୁକନ୍ୟାଙ୍କୁ ତାଲା ପକାଇ କାମକୁ ପଳାନ୍ତି। ଶୁକ୍ରବାର ନାବାଳିକା ଜଣଙ୍କ ପାଚେରି ଡେଇଁ ବାହାରକୁ ଆସି ଉକ୍ତ ଯୁବତୀ ଓ ତାଙ୍କ ସାଙ୍ଗଙ୍କ ଆଗରେ କାନ୍ଦି କାନ୍ଦି ଧରମ ବାପାଙ୍କ ଅସଦାଚରଣ ବିଷୟରେ କହିଥିଲେ।

## ମାସ୍ ଇଭେଣ୍ଟସ୍ ପକ୍ଷରୁ ଯୁବ ପ୍ରେରଣା ସମ୍ମାନ




ଭୁବନେଶ୍ୱର,୧୭।୨(ଶର୍ମିଷ୍ଠା ପାଣିଗ୍ରାହୀ)

ମାସ୍ ଇଭେଣ୍ଟସ୍ ତରଫରୁ ଯୁବ ପ୍ରେରଣା ସମ୍ମାନ କାର୍ଯ୍ୟକ୍ରମ ଶନିବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ମୁଖ୍ୟ ମୀର ଅହମ୍ମଦ ଅଲ୍ଲୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କଂଗ୍ରେସ ମୁଖପାତ୍ର ପ୍ରଶାନ୍ତ କୁମାର ଶତପଥୀ, ଅଭିନେତା ଚନ୍ଦନ କର, ସମାଜସେବୀ ସଫଦର ହାସିନ୍, ଟେଲିଭିଜନ ଉପସ୍ଥାପକ ଭବାନୀ ଶଙ୍କର ମହାପାତ୍ର, ହାସ୍ୟ ଅଭିନେତା ଜ୍ଞାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଯୁବ ଆଇନ୍‌ଜୀବୀ ଶ୍ୟାମପ୍ରସାଦ ଭୂୟାଁ, ବରିଷ୍ଠ ନେତା ମହମ୍ମଦ ଅଲ୍ଲୀ, ସମାଜସେବୀ ନିରୋଜାଲକ୍ଷ୍ମୀ ମହାପାତ୍ର, ସମାଜସେବୀ ରୀନାରାଣୀ ନାୟକ, ଦୀପ୍ତିରଞ୍ଜନ ପରିଡ଼ା, ଶିକ୍ଷାବିତ୍ ସତ୍ୟବ୍ରତ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ କମଳା ନେହେରୁ ଏନ୍‌ଏସ୍‌ଏସ୍ ଟିମ୍, ଦେବରାୟ ନୟାପଲ୍ଲୀ କଲେଜ, ଫ୍ରେଣ୍ଡ ଫାଉଣ୍ଡେଶନ୍, ସେବା ହିଁ ସେବା ଟ୍ରଷ୍ଟ, ସେଣ୍ଟର ଫର୍ ଭଲ୍ୟୁଣ୍ଟାରୀ ସର୍ଭିସ୍, ସବୁଜ ବାହିନୀ, ଓଡ଼ିଶା ଡିଜିଟାଲ୍ ମିଡ଼ିଆ ପ୍ରମୁଖଙ୍କୁ ମଧ ସମ୍ମାନିତ କରାଯାଇଥିଲା ।

## ନନ୍ଦନକାନନରେ ବିଶ୍ୱ ବଜ୍ରକାପ୍ତା ଦିବସ

ବାରଙ୍ଗ,୧୭।୨(ଲିଙ୍ଗରାଜ ରାଉତ)

ବିଶ୍ୱ ବଜ୍ରକାପ୍ତା ଦିବସ ଶନିବାର ନନ୍ଦନକାନନରେ ପାଳିତ ହୋଇଯାଇଛି। ଏଥିରେ ନନ୍ଦନକାନନ ଉପନିର୍ଦ୍ଦେଶକ ସନତ ନାରାୟଣଙ୍କ ସମେତ ପଦାଧିକାରୀ ଉପସ୍ଥିତ ଥିଲେ। ଏଥିରେ ଯୋଗଦେଇଥିବା ନନ୍ଦନକାନନ ସ୍ୱେଚ୍ଛାସେବୀ, ବନ ବିଭାଗର ସୁରକ୍ଷା କର୍ମୀ, ଛାତ୍ରୀଛାତ୍ରଙ୍କୁ ନେଇ ଏକ ଦିନିକିଆ କର୍ମଶାଳା ଆୟୋଜିତ ହୋଇଥିଲା। ଏହି ଅବସରରେ ବଜ୍ରକାପ୍ତାକୁ ନେଇ ଆୟୋଜିତ ଏକ କୁଇଜ୍ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପାଙ୍ଗୋଲିନ୍ କିଟ୍, ବ୍ୟାଜ୍ ଏବଂ କଲମ ସହିତ ସମ୍ମାନିତ କରାଯାଇଥିଲା। ନନ୍ଦନକାନନରେ ଥିବା ବଜ୍ରକାପ୍ତା ପ୍ରଜନନ ଓ ସଂରକ୍ଷଣ କେନ୍ଦ୍ର ବିଷୟରେ ଦାୟିତ୍ୱରେ ଥିବା ଅଧିକାରୀ ବୁଝାଇଥିଲେ। ପରେ ବଜ୍ରକାପ୍ତା ସୁରକ୍ଷାକୁ ନେଇ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା। ନନ୍ଦନକାନନକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କୁ ବଜ୍ରକାପ୍ତାର ସୁରକ୍ଷା ଓ ଆଶ୍ୟକତା ଉପରେ କର୍ମଚାରୀ ବୁଝାଇଥିଲେ।


ପୂର୍ବ ଏବଂ ଉତ୍ତରପୂର୍ବର ବ୍ରିଟିଶ ଡେପୁଟି ହାଇକମିଶନର ଡକ୍ଟର ଅଣ୍ଡ୍ରିୟୁ ଫ୍ଲେମିଂ ଶନିବାର ସ୍ୱେଚ୍ଛାସେବୀ ସଂଗଠନ ପିକକ୍‌ର କାର୍ଯ୍ୟାଳୟ ପରିଦର୍ଶନରେ ଆସି ପିଲାମାନଙ୍କ ସହ ଭାବ ବିନିମୟ କରୁଛନ୍ତି।

# ଶିକ୍ଷାର ଚମକ କେବେ ସରେନି

### ଔର ଆଦିତ୍ୟ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ

ବାଲକାଟୀ,୧୭।୨(ମନୋଜ ମଣ୍ଡଳ)


ଔର ଆଦିତ୍ୟ ବିଦ୍ୟାଳୟର ପଞ୍ଚମ ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

ବାଲିଅନ୍ତା ବ୍ଲକ ଅଧୀନ ସିଙ୍ଗିରି ଶାସନ ଗ୍ରାମରେ ଔର ଆଦିତ୍ୟ ବିଦ୍ୟାଳୟର ପଞ୍ଚମ ବାର୍ଷିକୋତ୍ସବ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁବାସ ମୁଦୁଲି ସଭାପତିତ୍ୱ କରିଥିଲେ। ସଭା ପ୍ରାରମ୍ଭରେ ସ୍କୁଲର କୁନିକୁନି ଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ହେବା ପରେ ସଭା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ଶାସନ ସଚିବ ସହଦେବ ସାହୁ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ବୃତ୍ତିଗତ ଶିକ୍ଷା ସହିତ ନୈତିକ ମୂଲ୍ୟ ବୋଧ ଭିତ୍ତିକ ଶିକ୍ଷା ବ୍ୟବସ୍ଥା ଓ ଏଥି ସହିତ ନିଷ୍ଠା ଏକାଗ୍ରତା ବଳରେ ସେମାନେ ନିଜ ଲକ୍ଷ୍ୟରେ ପହଞ୍ଚିପାରିବେ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଜଣେ କୁନି ଛାତ୍ରୀ ତାଙ୍କ ଭାଷଣରେ ଶିକ୍ଷାର ଚମକ କେବେ ସରେନାହିଁ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ସ୍ପେଶାଲ ବ୍ରାଞ୍ଚ ଡ. କିଶୋର ପାଣିଗ୍ରାହୀ, ଅନୁଷ୍ଠାନ ସମ୍ପାଦିକା ସୁଜାତା ଦାଶ, ଚିନ୍ତା ଓ ଚେତନାର ରାଷ୍ଟ୍ରୀୟ ମହା ସଚିବ ସୁରେନ୍ଦ୍ର ଦାଶ, ପୁରୋହିତପୁର ସରପଞ୍ଚ ଭଗବାନ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହାଦେବ ସାହୁ, ବଂଶୀଧର ବେହେରା ଓ ବିଦ୍ୟାଳୟର ପରିଚାଳନା କମିଟି ଅଧକ୍ଷା ରେଣୁକା ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ, କଳସ ଶୋଭାଯାତ୍ରା

ଖୁଣ୍ଟୁଣୀ, ୧୭।୨(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ଧୂରୁଷିଆ ପାହାଡ଼ ଉପରେ ସ୍ଥାପିତ ହନୁମାନଜୀଉଙ୍କ ସପ୍ତଦଶ ବିଗ୍ରହ ପତିଷ୍ଠା ଉତ୍ସବ ଓ ଅଷ୍ଟମ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧୂରୁଷିଆ, ଅନନ୍ତପୁର, ଘଣ୍ଟିଖାଲ ଓ କଟକିଆସାହି ପଞ୍ଚାୟତର ୩୦୮ ମହିଳା ଯୋଗଦେଇଥିଲେ। ମହାନଦୀରୁ କଳସରେ ଜଳ ଆଣି ଯଜ୍ଞବେଦୀରେ ସ୍ଥାପନ କରାଯାଇଥିଲା। ପଣ୍ଡିତ ଭାଗବତ ପତିଙ୍କ ଦ୍ୱାରା ଯଜ୍ଞ କରାଯାଇଥିଲା। ଆସନ୍ତା ୨୦ତାରିଖରେ ଯଜ୍ଞର ପୂର୍ଣ୍ଣାହୁତି ହେବ। ପ୍ରତିଦିନ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହେବ। ଆସନ୍ତା ୨୦ ତାରିଖ ସନ୍ଧ୍ୟାରେ ଅଞ୍ଚଳର କେତେଜଣ ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ବିଶ୍ୱ ଶାନ୍ତି ମହାଯଜ୍ଞରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେବାକୁ ସଙ୍କଟ ମୋଚନ କୃପା ପରିଷଦର ସଭାପତି ନିରାକାର ଲେଙ୍କା, ସମ୍ପାଦକ ଅନ୍ତର୍ଯ୍ୟାମୀ ବେହେରା, ମନ୍ଦିର ପ୍ରତିଷ୍ଠାତା ବ୍ରଜବନ୍ଧୁ ଲେଙ୍କା, ସନ୍ତୋଷ ରଥ, ଗ୍ରାମ୍ୟ କମିଟି ସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ଜୟନ୍ତ ରାଉତ, ରଶ୍ମିରେଖା ଶତପଥୀ ଓ ରୁଦ୍ର ନାରାୟଣ ରାଉତ ପ୍ରମୁଖ ନିବେଦନ କରିଛନ୍ତି।

### କୃଷକ, ମହିଳାଙ୍କ ଉନ୍ନତିରେ ସମବାୟ ବ୍ୟାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ

ବଡ଼ମ୍ବା,୧୭।୨(ମାୟାଧର ମଲ୍ଲିକ)

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ, ବଡ଼ମ୍ବା ଶାଖା ଆନୁକୂଲ୍ୟରେ ଋଣ ଓ ସହାୟତା ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶାଖା ପରିସରରେ ଏକ ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, କୃଷକ ଓ ମହିଳାଙ୍କ ଉନ୍ନତି ପାଇଁ ସମବାୟ ବ୍ୟାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେ ବଡ଼ମ୍ବା ଶାଖାର ନୂତନ ଏଟିଏମ୍‌କୁ ଉଦDଘାଟନ କରିବା ସହ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ୨୭ ପାକ୍ସକୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ବାଙ୍କୀକେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ମୁଖ୍ୟ ପରିଚାଳକ ଅଚ୍ୟୁତାନନ୍ଦ ପାତ୍ର, ବଡ଼ମ୍ବା ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ଏଆର୍‌ସିଏସ, ଆଠଗଡ଼ ବିଜେନ୍ଦ୍ର କୁମାର ମହାନ୍ତି, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଉପ ସଭାପତି ସୁଷମା ମହାରଣା ପ୍ରମୁଖ ଯୋଗ ଦେଇ ଏହାର ଆଭିମୁଖ୍ୟ ଓ ସମବାୟ ବ୍ୟାଙ୍କର ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ସାମଲ ବିବରଣୀ ପାଠ କରିଥିଲେ। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଜ୍ଞାନ ରଞ୍ଜନ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳାରେ ଲୋକଙ୍କ ଭିଡ଼।



ଖଣ୍ଡଗିରି-ଉଦୟଗିରି ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଖଣ୍ଡଗିରି-ଉଦୟଗିରି ମହୋତ୍ସବ ଆରମ୍ଭ



ମହୋତ୍ସବର ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସହ ଅନ୍ୟ ଅତିଥିବୃନ୍ଦ।

ଭୁବନେଶ୍ୱର,୧୭।୨
(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରସିଦ୍ଧ କୁମ୍ଭମେଳା ଅବସରରେ ଖଣ୍ଡଗିରି-ଉଦୟଗିରି ମହୋତ୍ସବ ଶନିବାର ଖଣ୍ଡଗିରି ପାଦ୍ଥିକାଠାରେ ଆରମ୍ଭ ହୋଇଯାଇଛି। ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଲ୍ୟାଣ ପକ୍ଷରୁ ଆୟୋଜିତ ଏହି ମେହାତ୍ସବ ସନ୍ଧ୍ୟାକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷା ଶ୍ରୀମୟୀ ମିଶ୍ର, କୃଷି ଉନ୍ନୟନ ନିଗମ ଉପାଧକ୍ଷ ଡ଼ ସନ୍ତୋଷ ବେଜ, କର୍ପୋରେଟର ସଂଯୁକ୍ତା ସୁନ୍ଦରାୟ, ଅନୁଷ୍ଠାନର ସମ୍ପାଦକ ଦୀପକ ମହାପାତ୍ର, ଦାଶରଥି ଗରାବଡ୍ଡୁ, ଅଶ୍ୱିନୀ ସୁନ୍ଦରାୟ, ହୃଦୟ ବଲ୍ଲଭ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ କୋକିଳା ଡାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶୀ ନୃତ୍ୟ ଷଡ଼ଋତୁ ଏବଂ କୁନି କୁନି ପିଲାଙ୍କ ଦ୍ୱାରା ଦେଶାତ୍ମକ ବୋଧକ ନୃତ୍ୟ ପରିବେଷିତ ହୋଇଥିଲା। ପରେ ସୁର ସାଗର ମ୍ୟୁଜିକାଲ ଗ୍ରୁପ୍ ଦାରା ବର୍ଣ୍ଣାଢ଼୍ୟ ସଙ୍ଗୀତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ଗୀତ ଦର୍ଶକଙ୍କୁ ମୁଗ୍ଧ କରିଥିଲା।



କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ସଙ୍ଗୀତ ପରିବେଷଣ କରୁଛନ୍ତି।

## ଆଜିଠୁ ଯାତ୍ରା ମହାସମର

ଖଣ୍ଡଗିରି କୁମ୍ଭମେଳାରେ ଅନନ୍ୟ ଆକର୍ଷଣ ହେଉଛି ଖଣ୍ଡଗିରି ଯାତ୍ରା। ରବିବାରଠାରୁ ପାହାଡ଼ ପାଦଦେଶରେ ଆରମ୍ଭ ହେଉଛି ଯାତ୍ରା ମହାସମର। ୨୯ ତାରିଖ ପର୍ଯ୍ୟନ୍ତ ଯାତ୍ରା ମହାସମରରେ ୧୨ ଅପେରା ପାର୍ଟି ଲୋକଙ୍କ ମନୋରଞ୍ଜନ କରିବେ। ଦମଦାର ଡାଏଲଗ, ମନଛୁଆଁ କାହାଣୀ, ମେଲୋଡିରେ ପୂରା ଅଞ୍ଚଳ କମ୍ପିବ। ଆଇଗିଣିଆ ଗ୍ରାମ ପକ୍ଷରୁ ମହତାବ ପେଣ୍ଡାଲରେ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ସାଇ ସମ୍ରାଟ, ୨୧ରୁ ଅଶୋକ ସମ୍ରାଟ, ୨୫ରୁ ୨୯ ପର୍ଯ୍ୟନ୍ତ ତୁଳସୀ ଗଣନାଟ୍ୟ ପଡ଼ିବ। ଘାଟିକିଆ ଗ୍ରାମ ପକ୍ଷରୁ ସନାତନ ମଣ୍ଡପରେ ୧୮ରୁ ୨୩ ତାରିଖ ପର୍ଯ୍ୟନ୍ତ କୋଣାର୍କ ଗଣନାଟ୍ୟ ଓ ୨୪ରୁ ୨୯ ପର୍ଯ୍ୟନ୍ତ ଅପେରା ସୂର୍ଯ୍ୟମନ୍ଦିର ଚାଲିବ। ଜାଗମରା ଗ୍ରାମ ପକ୍ଷରୁ ଇନ୍ଦିରା ସାଂସ୍କୃତିକ ମଣ୍ଡପରେ ୧୮ରୁ୨୨ ପର୍ଯ୍ୟନ୍ତ କଳିଙ୍ଗ ଗଣନାଟ୍ୟ ଓ ୨୩ରୁ ୨୯ ଶିବାନୀ ଗଣନାଟ୍ୟ ନାଟକ ପରିବେଷଣ କରିବ। କେସିସି ପଡ଼ିଆ ମା' ମଙ୍ଗଳା ମଣ୍ଡପରେ ୧୮ରୁ ୨୩ପର୍ଯ୍ୟନ୍ତ ଦୁର୍ଗା ମନ୍ଦିର ଏବଂ ୨୪ରୁ ୨୯ ପର୍ଯ୍ୟନ୍ତ ସ୍ୱର୍ଣ୍ଣ ମହଲ ଚାଲିବ। ଜୟଦୁର୍ଗା ମଣ୍ଡପରେ ୧୮ରୁ ୨୩ ପର୍ଯ୍ୟନ୍ତ ଗୌରୀ ଗଣନାଟ୍ୟ ଏବଂ ୨୪ରୁ ୨୯ ପର୍ଯ୍ୟନ୍ତ ସ୍ୱପ୍ନ ମହଲ ଚାଲିବ। ସାଇ ନୀଳାଦ୍ରି ଯାତ୍ରା କମିଟି ପକ୍ଷରୁ ୨୪ରୁ ୨୯ ପର୍ଯ୍ୟନ୍ତ ରଙ୍ଗମହଲ ଯାତ୍ରା ପରିବେଷଣ କରିବ।

## ଯାତ୍ରାରେ ଅଶ୍ଳୀଳତା ମନା

ଯାତ୍ରା ପରିବେଷଣ ସମୟରେ ଯେଭଳି କୌଣସି ଅଶ୍ଳୀଳତା ପ୍ରଦର୍ଶନ ନ ହୁଏ କିମ୍ବା କୌଣସି ଅପ୍ରୀତିକର ପରିସ୍ଥିତି ନ ହୁଏ, ସେ ନେଇ ବିଏମ୍‌ସି ପକ୍ଷରୁ ଏସ୍‌ଓପି ଜାରି କରାଯାଇଛି। କୌଣସି ଯାତ୍ରାପାର୍ଟି ଲୋକଙ୍କ ଭାବାବେଗକୁ ଆଘାତ ଦେବାଭଳି କିମ୍ବା ଅଶ୍ଳୀଳ ନୃତ୍ୟ କିମ୍ବା ଯାତ୍ରା ପରିବେଷଣ କରିପାରିବେ ନାହିଁ। ସେହିପରି ଲୋକଙ୍କ ଗହଳିକୁ ଦେଖି ଯାତ୍ରାପାର୍ଟି ମାଲିକମାନେ ଆବଶ୍ୟକ ସଂଖ୍ୟକ ସ୍ୱେଚ୍ଛାସେବୀ ବା ସିକ୍ୟୁରିଟି ଗାର୍ଡ ନିୟୋଜିତ କରିବେ। ଯେପରି କୌଣସି ଆପରାଧିକ ଘଟଣା ନ ଘଟେ ତାହା ଉପରେ ମଧ ନଜର ରଖିବେ। ଯାତ୍ରା ପାଇଁ ପ୍ରଚାର ସମୟରେ ଅତ୍ୟଧିକ ସାଉଣ୍ଡ କରିବେ ନାହିଁ। ଯାତ୍ରା ପେଣ୍ଡାଲ ପାଖରେ ପର୍ଯ୍ୟାପ୍ତ ଅଗ୍ନିନିର୍ବାପକ ଯନ୍ତ୍ର ରଖିବା, ଆବଶ୍ୟକ ସଂଖ୍ୟକ ସିସିଟିଭି ଓ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା କରିବା, ଦର୍ଶକଙ୍କ ପାଇଁ ପେଣ୍ଡାଲ ପାଖରେ ପାନୀୟଜଳ ବ୍ୟବସ୍ଥା କରିବା, ଡଷ୍ଟବିନ୍ ରଖିବା ଆଦି ବିଭିନ୍ନ ଦିଗ ପ୍ରତି ଧାନ ଦେବାକୁ ନିର୍ଦ୍ଦେଶ ରହିଛି।

## ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଜାଗା ମିଶନକୁ ଗୁରୁତ୍ୱ

ବାଙ୍କୀ,୧୭।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଏନ୍‌ଏସିସ୍ଥିତ ମହାରଣା ମଣ୍ଡପରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସିର ୱାର୍ଡ ନଂ. ୭,୮,୯,୧୦ ଓ ୧୧ ଏବଂ ବସ୍ତିଅଞ୍ଚଳ ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥିଭାବେ ରାଜ୍ୟ ନଗର ଉନ୍ନୟନ ବିଭାଗର ଜାଗା ମିଶନ୍ ଉପଦେଷ୍ଟା ଶାଶ୍ୱତୀ ମିଶ୍ର, ନଗରପାଳ ମାଣିକ ସାହୁ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, ଆଇନଜୀବୀ ହରେକୃଷ୍ଣ ଦାଶ, କାଉନସିଲର ରାଜେନ୍ଦ୍ର ମହାପାତ୍ର, ପଠାଣି ବେହେରା, ସଞ୍ଜୟ ପୃଷ୍ଟି, ମନୋରମା ବେହେରା, ବିକଳ ଗୋଛି ପ୍ରମୁଖ ଯୋଗଦେଇଥିଲେ। ମିଶନ ଶକ୍ତି ସଦସ୍ୟ ଜ୍ୟୋତିର୍ମୟୀ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। କାଉନସିଲର ପଠାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସ୍ଥାନୀୟ ରଚିକ ହାଟ ପରିସରରେ ୱାର୍ଡ ନମ୍ବର ୧୨ ଓ ୧୩ ସହ ଶ୍ରୀଚନ୍ଦନପୁର ବସ୍ତିବାସିନ୍ଦା ତଥା ବିଜୁ ଆଦର୍ଶ କଲୋନୀ ଅଞ୍ଚଳ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଜାଗାମିଶନ୍ ଉପଦେଷ୍ଟା ଶାଶ୍ୱତୀ ମିଶ୍ର, ନଗରପାଳ ମାଣିକ ସାହୁ, କାଉନସିଲର ସଞ୍ଜୟ ପୃଷ୍ଟି, ବିକଳ ଗୋଛି, ରାଜେନ୍ଦ୍ର ମହାପାତ୍ର, ପୂର୍ବତନ ଉପନଗରପାଳ ଭାଗୀରଥି ବିଶ୍ୱାଳ, ପୂର୍ବତନ ଉପନଗରପାଳିକା ପ୍ରୀତିଲତା ଗିରି, ପବିତ୍ର ମୋହନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବସ୍ତି ଉନ୍ନୟନ ସଂଘର ସଭାନେତ୍ରୀ ସରସ୍ୱତୀ ଦାସ ନିଜେ ଭୂମିହୀନ ହୋଇ ଜାଗା ମିଶନ ଦ୍ୱାରା କିପରି ବାସସ୍ଥାନ ପାଇଥିଲେ ସେ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ଅକ୍ଷୟ ମିଶ୍ର ଯୋଗଦେଇ ଜାଗା ମିଶନ୍ ଉପରେ ଗୁରତ୍ୱାରୋପ କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ଉପନଗରପାଳ ସନ୍ତୋଷ କୁମାର ରଣା ସଭାପତିତ୍ୱ କରିଥିଲେ। କାଉନ୍‌ସିଲର ସନାତନ ବେହେରା ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ ବିବରଣୀ ପାଠ କରିଥିଲେ। ବାଙ୍କୀ ଏନ୍‌ଏସିରେ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସବିଶେଷ ତଥ୍ୟ ଫଟୋ ସହ ଏକ ପୁସ୍ତିକାକୁ ମୁଖ୍ୟଅତିଥି ତ୍ରିପାଠୀ ଉନ୍ମୋଚନ କରିଥିଲେ। ଏହି ପରିପ୍ରେକ୍ଷୀରେ ନୃତ୍ୟ ପରିବେଷଣ କରିଥିବା ଶିଶୁକଳାକାରମାନଙ୍କୁ ବିଧାୟକ ତ୍ରିପାଠୀ ସମ୍ବର୍ଦ୍ଧିତ କରିଥିଲେ।

## ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ ପରୀକ୍ଷା ଦେଲେ ୧୩୭୭ ଛାତ୍ରୀଛାତ୍ର

ବାଙ୍କୀ,୧୭।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଯୁକ୍ତ୨ କଳା ଓ ବାଣିଜ୍ୟ ପରୀକ୍ଷା ଶନିବାର ଆରମ୍ଭ ହୋଇଛି। ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କଳାରେ ୪୯୯ ଓ ବାଣିଜ୍ୟରେ ୭୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ କଳାପଥର ଧଳାପଥର ଉଚ୍ଚବିଦ୍ୟାଳୟରେ କଳାରେ ୨୨୨ ଓ ବାଣିଜ୍ୟରେ ୭, ରାଣୀଶୁକଦେଈ ଉଚ୍ଚବିଦ୍ୟାଳୟରେ କଳାରେ ୧୬୩, ବୈଦ୍ୟେଶ୍ୱର ଉଚ୍ଚବିଦ୍ୟାଳୟରେ କଳାରେ ୧୬୦, ଡମପଡ଼ା ଆଞ୍ଚଳିକ ଉଚ୍ଚବିଦ୍ୟାଳୟରେ କଳାରେ ୧୫୧,ଗୋଡିସାହି ଉଚ୍ଚବିଦ୍ୟାଳୟ କଳାରେ ୧୦୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ବାଙ୍କୀ ଉଚ୍ଚବିଦ୍ୟାଳୟରେ ଅଧକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ଉପାଧକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପରୀକ୍ଷା ପରିଚାଳକ ସମୀର ମହାପାତ୍ର ଏହାକୁ ପରିଚାଳନା କରିଥିଲେ।

## ଭାଜପା-ବିଜେଡି ବିବାହ କରାଇଲା କଂଗ୍ରେସ

ନିଶ୍ଚିନ୍ତକୋଇଲି,୧୭।୨
(ଅଶୋକ କୁମାର ମହାପାତ୍ର)



ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧନ ମଣ୍ଡପରେ ଏକ ନିଆରା ବାହାଘର ଦେଖିବାକୁ ମିଳିଛି। ଏହି ବାହାଘରକୁ କଂଗ୍ରେସ ନେତୃମଣ୍ଡଳୀ ଓ କର୍ମୀ ଆୟୋଜନ କରିଛନ୍ତି। କଂଗ୍ରେସ ପିସିସି ସଭ୍ୟ ପ୍ରଦୀପ୍ତ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାଜପା ଓ ବିଜେଡି ମଧ୍ୟରେ ପ୍ରତୀକାତ୍ମକ ବାହାଘର କରାଯାଇଛି। ଏହି ଅବସରରେ କଂଗ୍ରେସ ପକ୍ଷରୁ ମଣ୍ଡପ ବେଦୀ,ପୁରୋହିତ ଓ ଭୋଜିଭାତ କରାଯାଇଛି। ବରଭାବେ କୃଷ୍ଣଚନ୍ଦ୍ର ପଣ୍ଡା ନରେନ୍ଦ୍ର ମୋଦିଙ୍କ ମୁଖା ଓ ସରସ୍ୱତୀ ପଣ୍ଡା ନବୀନ ପଟ୍ଟନାୟକଙ୍କ ମୁଖା ପିନ୍ଧି ବେଦୀକୁ ଆସିଥିଲେ। ପୁରୋହିତ ଭାବେ ପବିତ୍ର ମୋହନ ଶତପଥୀ ସେମାନଙ୍କ ମଧ୍ୟରେ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହାପରେ ଭୋଜିଭାତ ହୋଇଥିଲା। ବିଜେଡି ଓ ଭାଜପା ମିଳିମିଶି ଓଡ଼ିଶାବାସୀଙ୍କୁ ବୋକା ବନାଉଥିବାରୁ ଏଭଳି ପ୍ରତିବାଦ କରାଯାଇ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହାପରେ ପଥପ୍ରାନ୍ତ ସଭା କରାଯାଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ଏହି ଅବସରରେ ବ୍ଲକ ଛକ ନିକଟରୁ ଏକ ଶୋଭାଯାତ୍ରା ବାହାରି ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରା ପ୍ରାରମ୍ଭରେ ପିସିସି ସଭାପତି ଶରତ ପଟ୍ଟନାୟକ ଯୋଗଦେଇ କର୍ମୀ ଓ ନେତୃମଣ୍ଡଳୀକୁ ଉତ୍ସାହିତ କରିଥିଲେ।

## ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଏଲ୍ ଆଣ୍ଡ ବି ପୀଡ଼ା ନିବାରକ କର୍ମଶାଳା

ବାରଙ୍ଗ,୧୭।୨(ଲିଙ୍ଗରାଜ ରାଉତ):




କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଶନିବାର 'ଇଣ୍ଟ୍ରୋଡ୍ୟୁଶନ ଟୁ ଏଲ୍ ଆଣ୍ଡ୍ ବି ପେନ୍ ଥେରାପି' ଉପରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଏସିଆ ମହାଦେଶରେ ଏହି ଧରଣର କର୍ମଶାଳା ଆୟୋଜନ କରିବା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ହେଉଛି ପ୍ରଥମ। କର୍ମଶାଳାରେ ବହୁ ବିଶେଷଜ୍ଞ, ମେଡିକାଲ ଛାତ୍ରୀଛାତ୍ରଙ୍କ ସମେତ ବିଶ୍ୱବିଦ୍ୟାଳୟର ତୁଙ୍ଗ ସ୍ଥାନୀୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଏଥିରେ 'ଲିବସର୍ ବ୍ରାଟ୍ ପେନ୍ ଥେରାପି'ର ପ୍ରତିଷ୍ଠାତା ତଥା ଜର୍ମାନୀର ପ୍ରସିଦ୍ଧ ପୀଡ଼ା ନିବାରଣ ବିଶେଷଜ୍ଞ ଡା. ରୋଲାଣ୍ଡ ଲିବଶ୍ଚର୍ ବ୍ରାଟ୍ ଅତିଥି ଭାବେ ଯୋଗଦେଇ ସାରା ବିଶ୍ୱରେ ପୀଡ଼ା ନିବାରଣ ଚିକିତ୍ସା କ୍ଷେତ୍ରରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଉପରେ ମତବ୍ୟକ୍ତ କରିଥିଲେ। ତାଙ୍କ ଅଭିଜ୍ଞତା, ପୀଡ଼ା ଚିକିତ୍ସା କ୍ଷେତ୍ରରେ ବିଶେଷଜ୍ଞତା ଏବଂ ନୂତନ ଦୃଷ୍ଟିଭଙ୍ଗୀ ଦ୍ୱାରା ଉପସ୍ଥିତ ବ୍ୟକ୍ତିଙ୍କୁ ବିଭିନ୍ନ ପରାମର୍ଶ ଓ ଉଦାହରଣ ଦେଇ ବୁଝାଇଥିଲେ। ଏହାଦ୍ୱାରା ମାନସିକ ଶାନ୍ତି ନିମନ୍ତେ ମଧ ପଥ ଉନ୍ମୁକ୍ତ ହେବ ବୋଲି ସେ ମତ ପ୍ରକାଶ କରିଥିଲେ। ଶରୀରର ଏଭଳି ୭୨ଟି ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରି ସେ ତହିଁରେ ଚିକିତ୍ସା ଆରମ୍ଭ କରି ଆଶାତୀତ ସଫଳତା ପ୍ରାପ୍ତ ହୋଇଛନ୍ତି। ଡା. ବ୍ରାଟ୍ ସାରା ବିଶ୍ୱର ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଜର୍ମାନ୍ ଭାଷାଭାଷୀ ଲୋକଙ୍କ ଜୀବନକୁ ପୀଡ଼ା ମୁକ୍ତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ୟୁରୋପରେ ଏହି ଚିକିତ୍ସା ପଦ୍ଧତି ଖୁବ୍ ଲୋକପ୍ରିୟତା ହାସଲ କରିଥିବାବେଳେ ୧୩ ହଜାରରୁ ଅଧିକ ଡାକ୍ତରଙ୍କୁ ସେ ତାଲିମ ପ୍ରଦାନ କରିଛନ୍ତି। କର୍ମଶାଳାରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ ବିଶ୍ୱର ସର୍ବଶ୍ରେଷ୍ଠ ପ୍ରଫେସନାଲଙ୍କୁ ଓଡ଼ିଶା ଆଣିବା ସାଙ୍ଗକୁ ରାଜ୍ୟର ସର୍ବଶ୍ରେଷ୍ଠ ପ୍ରଫେସନାଲଙ୍କୁ ମଧ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ମତବ୍ୟକ୍ତ କରିଥିଲେ। କୁଳପତି ପ୍ରଫେସର ବି. ଆର୍. ଶର୍ମା ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ହେଉଥିବା ଉଦ୍ୟମ ସମ୍ପର୍କରେ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗର ଏସ୍ୱିଟାଣ୍ଟ ପ୍ରଫେସର ଡା. ନିକିତା ମିରାଜକର ନିଜ ଅଙ୍ଗେନିଭା ଅନୁଭୂତି କଥା ବର୍ଣ୍ଣନା କରିଥିଲେ।

## 'ଯୋଜନାର ସଫଳ ରୂପାୟନ ପାଇଁ ଓଡ଼ିଶା ବିକଶିତ'

ନିଶ୍ଚିନ୍ତକୋଇଲି,୧୭।୨
(ଅଶୋକ କୁମାର ମହାପାତ୍ର)



ବିଧାୟକ ପ୍ରତାପ ଜେନା ଓ ଅନ୍ୟମାନେ ସରକାରୀ ଯୋଜନା ସମ୍ପର୍କିତ ପୁସ୍ତକ ପ୍ରଦର୍ଶନ କରୁଛନ୍ତି।

ରାଜ୍ୟ ସରକାର ଯୋଜନା କିପରି ତୃଣମୂଳସ୍ତରରେ ଥିବା ଲୋକଙ୍କ ପାଖରେ ପହଞ୍ଚିବ ସେନେଇ ପ୍ରୟାସ କରୁଛନ୍ତି। ଲୋକପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀମାନେ ମଧ ଏହି ଯୋଜନାକୁ ସଫଳ ରୂପାୟନ ପାଇଁ ପ୍ରୟାସ କରୁଛନ୍ତି। ବିଭିନ୍ନ ବିଭାଗକୁ ୫-ଟି ଯୋଜନାରେ ସାମିଲ କରି ସାଧାରଣ ଲୋକଙ୍କୁ ତ୍ୱରିତ ସେବା ଯୋଗାଇବାରେ ସକ୍ଷମ ହେଉଛନ୍ତି। ଫଳରେ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଯୋଜନା ଗରିବ ଲୋକପାଖରେ ପହଞ୍ଚିପାରିଛି। ଏଥିପାଇଁ ସାଧାରଣ ଲୋକେ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହୋଇଥିବାରୁ ରାଜ୍ୟ ବିକଶିତ ହୋଇଛି ବୋଲି ବିଧାୟକ ପ୍ରତାପ ଜେନା ମତବ୍ୟକ୍ତ କରିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକର ବରାଦୋ, ଫଗୋଳ ଓ ଜୟରାମପୁର ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା ପଞ୍ଚାୟତସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ରାଜ୍ୟ ସରକାରଙ୍କର ଯୋଜନା ଓ ମୁଖ୍ୟମନ୍ତ୍ରୀଙ୍କ ବିକାଶର ଗାଥା ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ରୋଜି ସେଠୀ. ଉପାଧକ୍ଷ ଅଶୋକ ଓଝା, ରମାକାନ୍ତ ମହାନ୍ତି, ଜିଲା ପରିଷଦ ସଭ୍ୟ ବିପ୍ଳବ କାପ, ବିଡିଓ ଧର୍ମରଞ୍ଜନ ପଣ୍ଡା, ସିଡିପିଓ ସତ୍ୟଭାମା ବିଶୋଇ, ମିଶନ ଶକ୍ତି ମହାସଂଘ ସଭାପତି କନକଲତା ଭୂୟାଁ ପ୍ରମୁଖ ଯୋଗଦେଇ ସରକାରୀ ଯୋଜନାରୁ କିପରି ସୁଫଳ ପାଇପାରିବେ ସେନେଇ ଅବଗତ କରାଇଥିଲେ। ବରାଦ ପଞ୍ଚାୟତରେ ପୂର୍ବତନ ସରପଞ୍ଚ ନୃସିଂହ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଅତିଥିଭାବେ ମଧୁସୂଦନ ସେଠୀ, ସମିତି ସଭ୍ୟ ଶୁଭଶ୍ରୀ ସାହୁ, ପ୍ରଦୀପ୍ତ ରାଉତ, ରତ୍ନାକର ବିଶ୍ୱାଳ, ବିଶ୍ୱରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ। ଫଗୋଳ ପଞ୍ଚାୟତରେ ସରପଞ୍ଚ ବୈଷ୍ଣବ ଚରଣ ସାମଲ, ସମିତି ସଭ୍ୟ ନୃସିଂହ ଚରଣ ମିଶ୍ର, ହିମାଂଶୁ ଶେଖର ପୃଷ୍ଟି, ରଞ୍ଜନ ସାମଲ ,ସେକ ଅବଦୁଲ ନିଶାଲ, ସୁରେନ୍ଦ୍ରନାଥ ନିହାଣ ପ୍ରମୁଖ କାର୍ଯ୍ୟକ୍ରମକୁ ପରଚାଳନା କରିଥିଲେ। ଜୟରାମପୁର ପଞ୍ଚାୟତରେ ପୂର୍ବତନ ସରପଞ୍ଚ ଉପେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ସମିତି ସଭ୍ୟ ଲକ୍ଷ୍ମୀପ୍ରିୟା ଦାସ, ଚକ୍ରଧର ଦାସ, ଆବୁତାଲିବ, ସେକ ସମସର, ସେକ ଜାହିରଙ୍କ ସମେତ ବହୁ ଲୋକପ୍ରତିନିଧି ଯୋଗଦେଇ ସରକାରୀ ଯୋଜନାରୁ ଲୋକେ କିପରି ଉପକୃତ ହୋଇପାରିବେ ସେନେଇ ଅବଗତ କରାଇଥିଲେ। ଏହି ଅବସରରେ ନୂତନ ଭତ୍ତା, ରାଶନକାର୍ଡ ହିତାଧିକାରୀଙ୍କୁ ବ୍ୟାଗ ଓ ୧ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ଗୋରୁ ବୋଝେଇ ଗାଡ଼ି ଜବତ ଘଟଣା, ୩ ଗିରଫ

ନିରାକାରପୁର,୧୭।୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ଗୋରୁ ବୋଝେଇ ଗାଡ଼ି ଜବତ ଘଟଣାରେ ଜଙ୍କିଆ ଥାନା ପୋଲିସ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ବେଗୁନିଆ ଥାନା ଅଧୀନ କୁଶପଲ୍ଲା ଗ୍ରାମର ଏସ୍‌. କେ ନୂଆସଦ(୩୭) ଓ ସୁମନ୍ତ ପଟ୍ଟନାୟକ(୩୦), ତେଲେଙ୍ଗାନା ରାଜ୍ୟ କଳାକୋଣ୍ଡା ଜିଲା ମହାବବ ନଗର ଅଞ୍ଚଳର ଶବଭଥ ସୁରେଶ (୨୧)। ଏନେଇ ଥାନାରେ ଏକ ମାମଲା (ନଂ.୭୩/୨୪)ରୁଜୁ ହୋଇଛି। ପ୍ରକାଶ ଯେ, ଗୁରୁବାର ବିଳମ୍ବିତ ରାତିରେ କୌଣସି ସୂତ୍ରରୁ ଖବରପାଇ ପୋଲିସ ଛଣଗିରି ଓ ରମାବିଲି ମଧ୍ୟବର୍ତ୍ତୀ ରାସ୍ତାର ନୂଆ ଜଗନ୍ନାଥ ସଡ଼କରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଟିଏସ୍‌-୧୧-ଓସି-୯୧୭୫ ନମ୍ବର ବିଶିଷ୍ଟ ଗାଡ଼ିରେ ୭୦ଟି ଗାଈ, ବଳଦ, ଷଣ୍ଢ, ବାଛୁରି ଆଦି ଥିବା ଦେଖିବାକୁ ମିଳିଥିଲା। ଏହାପରେ ପୋଲିସ ଗାଡ଼ି ଜବତ କରି ଥାନାକୁ ଆଣିଥିଲା। ଶୁକ୍ରବାର ଉଦ୍ଧାର ଗୋରୁଙ୍କୁ ଭୁବନେଶ୍ୱର ସିଜୁଆ ଗୋଶାଳାରେ ଛଡ଼ାଯାଇଛି।

### ଉଗ୍ରତାରା ଛକରେ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ

ଟାଙ୍ଗୀ,୧୭।୨ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସାନରାଉତପଡ଼ା ପଞ୍ଚାୟତର ମା’ ଉଗ୍ରତାରା ଛକରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସହ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ କିଶୋର ଚନ୍ଦ୍ର ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ନାଥଶର୍ମା, ୧୨ ନମ୍ବର ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲ୍‌ଟାସିଂହ, ସମିତିସଭ୍ୟ କାଦିର ଖାଁ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଅତିଥିମାନେ ମନ୍ତବ୍ୟ ରଖିଥିଲେ। ପଞ୍ଚାୟତର ସମସ୍ତ ୱାର୍ଡମେମ୍ବରଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ, ମହିଳାମାନେ ଉପସ୍ଥିତ ଥିଲେ।

# ଗ୍ରାମୀଣ ସଂସ୍କୃତିର ବିକାଶ, ଭାଇଚାରା ସୃଷ୍ଟିକରେ ମହୋତ୍ସବ

ଖୋର୍ଦ୍ଧା,୧୭।୨ (ପ୍ରଭାତ ପାଣିଗ୍ରାହୀ)


ବସନ୍ତ ପଞ୍ଚମୀ ମହୋତ୍ସବର ୩ୟ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ବସନ୍ତ ପଞ୍ଚମୀ ମହୋତ୍ସବର ୩ୟ ସନ୍ଧ୍ୟା**

■ କୋରାପୁଟ ଢେମସା, ସୋନପୁର ଦୁଲଦୁଲି ମନ ମୋହିଲା

ବେଗୁନିଆ ବ୍ଲକ ମଲ୍ଲୀପଦର ବାସୁଦେବପୁର ତ୍ରିନାଥ କ୍ଲବ ଆନୁକୂଲ୍ୟରେ ଚାଲିଥିବା ବସନ୍ତ ପଞ୍ଚମୀ ମହୋତ୍ସବର ଶନିବାର ଥିଲା ତୃତୀୟ ସନ୍ଧ୍ୟା। କୋରାପୁଟର ଢେମସା ନୃତ୍ୟରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଆଦିବାସୀ ପାରମ୍ପରିକ ଲୋକ ସଂସ୍କୃତିର ଝଲକ ଏହି ନୃତ୍ୟରେ ଦେଖିବାକୁ ମିଳିଥିଲା, ଯାହାକି ଦର୍ଶକଙ୍କ ମନ ଜିଣିଥିଲା। ସୋନପୁରର ପାରମ୍ପରିକ ଲୋକବାଦ୍ୟ ଦୁଲଦୁଲି ମହୋତ୍ସବର ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ସାଜିଥିଲା। କଳାକାରମାନଙ୍କ ବାଦ୍ୟ ତାଳେ ତାଳେ ଦର୍ଶକ ଝୁମିଥିଲେ। ଆୟୋଜିତ ଉତ୍ସବରେ ଅନୁଷ୍ଠାନର ସଭାପତି କୁଞ୍ଜବିହାରୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଉତ୍କର୍ଷର କ୍ଷେତ୍ର ଉତ୍କଳ। ଉତ୍କଳୀୟ କଳା, ସଂସ୍କୃତି, ଭାସ୍କର୍ଯ୍ୟ, ସ୍ଥାପତ୍ୟ ଅନନ୍ୟ। ଓଡ଼ିଶା କଳା ସଂସ୍କୃତିରେ ସମୃଦ୍ଧ। ମହୋତ୍ସବ ଗ୍ରାମୀଣ ସଂସ୍କୃତିର ବିକାଶ ସହ ଗ୍ରାମାଞ୍ଚଳରେ ଭାଇଚାରା ଭାବ ସୃଷ୍ଟି କରିଥାଏ। ସମ୍ମାନିତ ଅତିଥିଭାବେ ଅନୁ ନିବନ୍ଧକ ଅମିତ ସେଠୀ ଯୋଗଦେଇ କହିଥିଲେ, କର୍ମଯନ୍ତ୍ରଣାଳର ଚାପଗ୍ରସ୍ତ ଜୀବନରେ ମହୋତ୍ସବର ମନୋରଞ୍ଜନ ମାନସିକ ଶାନ୍ତି, ଆନନ୍ଦ ଭରିଥାଏ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ଉପଦେଷ୍ଟା ଭଗବାନ ଦାଶ, ଉପସଭାପତି ଅମୀୟ ଭୂଷଣ ପଣ୍ଡା, ସହ ସମ୍ପାଦକ ସବ୍ୟସାଚୀ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଖବରଦାତା ଦୁର୍ଗାପ୍ରସାଦ ଦାସ, ସଫଳ ଚାଷୀ ପଞ୍ଚୁ ପ୍ରଧାନ, ଶିକ୍ଷକ ପ୍ରସନ୍ନ କୁମାର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ପଣ୍ଡା ସଂଯୋଜନା ସହ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱର୍ଗତ ଭକ୍ତଚରଣ ତ୍ରିପାଠୀଙ୍କ ସ୍ମୃତିରେ କୁନି କୁନି ପିଲାମାନଙ୍କ ମଧ୍ୟରେ ଜଣାଅଜଣା କୁଇଜ ଅନୁଷ୍ଠିତ ହୋଇଥିଲା। କୃତୀ ପିଲାଙ୍କୁ ପୁରସ୍କୃତ କରାଯାଇଥିଲା। ମନୋରଞ୍ଜନ ପଣ୍ଡା, ଜନ୍ମେଜୟ ପଣ୍ଡା, ଇଂ.ରାମ ମାନସ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲୋକକଳା ମାଧ୍ୟମରେ ସଚେତନତା

କୃଷ୍ଣପ୍ରସାଦ,୧୭।୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମକୁ ଆହୁରି ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଲୋକକଳା ମାଧ୍ୟମରେ ସଚେତନ କରାଯାଉଛି। ଏହି ପରିପ୍ରେକ୍ଷୀରେ କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଡ଼ଅଁଳ ପଞ୍ଚାୟତର ଜାଗିରିକୁଦା ଓ କୃଷ୍ଣପ୍ରସାଦ ପଞ୍ଚାୟତର ଦଳବେହେରା ସାହି, ନୂଆସାହି, ପାଇକସାହିଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସତ୍ୟନାରାୟଣ ପାଲା ସଂସଦ ଗାୟକ ଡ. ଅଶ୍ୱିନୀ କୁମାର ଆଚାର୍ଯ୍ୟ ଓ ସାଥୀ ତ୍ରିନାଥ ମାଝୀ, କବିର ଖୁଣ୍ଟିଆ, ଅଜୟ ବିଶ୍ୱାଳ, ବୁଲୁ ମହାରଣା ପ୍ରମୁଖ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଅଭିନୟ ମାଧ୍ୟମରେ ଜନସଚେତନତା ସୃଷ୍ଟି କରିଥିଲେ।


ଲୋକକଳା ମାଧ୍ୟମରେ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ସଚେତନ କରାଯାଉଛି।

# ମାମୁ-ଭଣଜା ହିଲ୍‌ ପାର୍କ ସମେତ ୫ ପ୍ରକଳ୍ପ ଲୋକାର୍ପିତ



ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ମାମୁ ଭଣଜା ହିଲ୍‌ ପାର୍କର ଉଦ୍‌ଘାଟନ କରୁଛନ୍ତି।

ବାଲୁଗାଁ,୧୭।୨ (ସଂଗ୍ରାମ ପାଇକରାୟ)

ଦୀର୍ଘବର୍ଷ ହେବ ବାଲୁଗାଁରେ ଏକ ପାର୍କ ନିର୍ମାଣ ଲାଗି ଅଞ୍ଚଳବାସୀଙ୍କ ପକ୍ଷରୁ ଦାବିହୋଇ ଆସୁଥିଲା। ଏହି ପରିପ୍ରେକ୍ଷୀରେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଶନିବାର ମାମୁ-ଭଣଜା ପାହାଡ଼ ପାଦଦେଶରେ ମାମୁ ଭଣଜା ହିଲ୍‌ ପାର୍କ ଲୋକାର୍ପିତ ହୋଇଯାଇଛି। ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ, ବାଲୁଗାଁ ନଗରପାଳିକା ସୁକାନ୍ତି ପାଇକରାୟ ଯୋଗଦେଇ ଏହି ପାର୍କର ଉଦ୍‌ଘାଟନ କରିଥିଲେ। ସରକାରଙ୍କ ପକ୍ଷରୁ ରାଜ୍ୟରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଜାରି ରହିଛି। ବାଲୁଗାଁ ଏକ ମୁଖ୍ୟ ପର୍ଯ୍ୟଟନସ୍ଥଳ ଏବଂ ମାଛ ବ୍ୟବସାୟ କେନ୍ଦ୍ର ହୋଇଥିବାରୁ ଏଠାରେ ଆଗକୁ ଆହୁରି ବହୁମୁଖୀ ଯୋଜନା କାର୍ଯ୍ୟକାରୀ ନିମନ୍ତେ ପ୍ରସ୍ତାବ ରହିଛି ବୋଲି ମଙ୍ଗରାଜ କହିଛନ୍ତି। ଏଥିସହ ଆଉ ୪ଟି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିଲା। ପାର୍କ ନିକଟରେ ମୁକ୍ତାକାଶ ବ୍ୟାୟାମଶାଳା, ଚିଲିକା କୂଳଠାରେ ପର୍ଯ୍ୟଟକଙ୍କ ନିମନ୍ତେ ପରିସ୍ରାଗାର, ଚିଲିକା କୂଳ ପାର୍ଶ୍ୱରେ ଚଲାପଥ ଏବଂ ନୂଆଗାଁ ମିଶନ ଶକ୍ତି ଗୃହ ପ୍ରକଳ୍ପ ଲୋକାର୍ପଣ ହୋଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷାଙ୍କ ପ୍ରତିନିଧି ସନ୍ତୋଷ ପାଇକରାୟ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ୍‌, ଉପାଧ୍ୟକ୍ଷ ଭଗବାନ ପ୍ରଧାନ, ଜୟନ୍ତ ସ୍ୱାଇଁ, ଅକ୍ଷୟ ରଣସିଂହଙ୍କ ସମେତ ସମସ୍ତ କାଉନ୍‌ସିଲର ଓ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରକାଶ ଯେ, ୫୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପାର୍କରେ ଶିଶୁମାନଙ୍କ ନିମନ୍ତେ ଦୋଳି, ଅନ୍ୟାନ୍ୟ ଖେଳ ସୁବିଧା କରାଯାଇଥିବା ବେଳେ ବରିଷ୍ଠଙ୍କ ପାଇଁ ବ୍ୟାୟାମ ସାମଗ୍ରୀ ଖଞ୍ଜାଯାଇଛି। ବିଭିନ୍ନ ପ୍ରକାର ଆଲୋକମାଳାରେ ପାର୍କକୁ ସଜ୍ଜିତ କରାଯାଇଛି । ପାହାଡ଼ ପାଦଦେଶରେ ଥିବା ବଡ଼ ବଡ଼ ପଥରରେ ସୁନ୍ଦର ଛବି ଓ କଳାକୃତି ଅଙ୍କନ କରାଯାଇଛି, ଯାହା ପାର୍କର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଛି।

### ପ୍ରାଥମିକ ଶିକ୍ଷକ ସଂଘର ଶାନ୍ତିପୂର୍ଣ୍ଣ ଧାରଣା

ଟାଙ୍ଗୀ,୧୭।୨ (ରଘୁନାଥ ସାହୁ)

୫ ଦଫା ଦାବି ନେଇ ଟାଙ୍ଗୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣଭାବେ ଧାରଣା ଦେଇଥିଲା। ଏହି ଅବସରରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫-ଟି ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ ନିଯୁକ୍ତି ବାତିଲକରି ନିୟମିତ ଶିକ୍ଷକ ନିଯୁକ୍ତ କରାଯାଉ, ଶିକ୍ଷା ସହାୟକଙ୍କ ୬ବର୍ଷ କାର୍ଯ୍ୟକାଳକୁ ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା, ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, ପୁରୁଣା ପେନ୍‌ସନ ପ୍ରଚଳନ କରାଯାଉ, ଛାତ୍ରୀଛାତ୍ରଙ୍କ ଦୈନିକ ମଧ୍ୟାହ୍ନଭୋଜନ ବ୍ୟୟ ବରାଦ ବୃଦ୍ଧି କରାଯାଉ, ସମସ୍ତ ପ୍ରାଥମିକ ବିଦ୍ୟାଳୟକୁ ୫-ଟିରେ ଅନ୍ତର୍ଭୁକ୍ତ କରିବା ଆଦି ଦାବି ରହିଛି। ରାଜ୍ୟ କୋଷାଧ୍ୟକ୍ଷ ଗୋପାଳ ସେଣ, ବ୍ଲକ ଆବାହକ ଦେବାନନ୍ଦ ବେହେରା, ପ୍ରଶାନ୍ତ କୁମାର ରାୟ, ଅମରେନ୍ଦ୍ର ସିଂ, ଅଶୋକ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ଟାଙ୍ଗୀ,୧୭।୨ (ରଘୁନାଥ ସାହୁ)

ଆମ ଓଡ଼ିଶା ନବୀନ ଓଡ଼ିଶା ଟାଙ୍ଗୀ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ବଳରାମ ଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ କିଶୋର କୁମାର ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ବିଡିଓ ରେଶ୍ମା ଟେଟେ, ସମିତିସଭ୍ୟା ଅନ୍ନପୂର୍ଣ୍ଣା ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳଗୁଡ଼ିକର ରୂପାନ୍ତରୀକରଣ, ମହିଳା ସଶକ୍ତୀକରଣ ଓ ଭିତ୍ତିଭୂମିର ବିକାଶ, ବ୍ୟାଙ୍କିଙ୍ଗ୍‌ ଭିତ୍ତିଭୂମିର ବିକାଶ, ବିଦ୍ୟାଳୟର ରୂପାନ୍ତରଣ, କ୍ରୀଡ଼ା ଭିତ୍ତିଭୂମିର ବିକାଶ ସମ୍ପର୍କରେ ଆଲୋଚନା ମାଧ୍ୟମରେ ସଚେତନ କରାଯାଇଥିଲା। ପ୍ରାରମ୍ଭରେ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା, ଯୁବକ ଯୋଗଦେଇଥିଲେ। ବିଜେଡି ନେତା ବିଜୟ କୁମାର ମହାପାତ୍ର, ମହେନ୍ଦ୍ର କୁମାର ସାହୁ, ସୁନୀଲ ମହାନ୍ତି, ପ୍ରଦୀପ ମହାପାତ୍ରଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡମେମ୍ବର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ପଞ୍ଚାୟତସ୍ତରୀୟ ସଚେତନତା ଶିବିରରେ ଯୋଗଦେଇଥିବା ମହିଳା ଏବଂ ଅନ୍ୟମାନେ।

# ଭାଜପା-ବିଜେଡି ବାହାଘର କଲା ଛାତ୍ର କଂଗ୍ରେସ

ଖୋର୍ଦ୍ଧା/ ବୋଲଗଡ଼,୧୭।୨ (ପ୍ରଭାତ ପାଣିଗ୍ରାହୀ/ ଦେବବ୍ରତ ହୋତା)




ଖୋର୍ଦ୍ଧା ଛାତ୍ର କଂଗ୍ରେସ ଉଭୟ କେନ୍ଦ୍ର ଓ ରାଜ୍ୟର ଶାସକ ଦଳ ବିରୋଧରେ ଅଭିନବ ପ୍ରତିବାଦ କରିଛି। ଛାତ୍ର କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ବରାଳଙ୍କ ତତ୍ତ୍ୱାବଧାନରେ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପା ଓ ବିଜେଡିର ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୁମ୍ଭ କଳସ ବାଡ଼ି, ଝୋଟି ଚିତା ଆଙ୍କି ବ୍ରାହ୍ମଣ ମାଧ୍ୟମରେ ହୋମଯଜ୍ଞ କରାଇଥିଲେ। ଉଭୟ ଦଳର ଦଳୀୟ ଚିହ୍ନ ମୁଖରେ ଲଗାଇ ବରକନ୍ୟା ସାଜିବା ସହ ଫୁଲମାଳ ପିନ୍ଧାଇଥିଲେ। ଅନ୍ୟପଟେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଲୋକେ ଦେଖିବା ସହ ଏହାର ମଜା ଉଠାଇଥିଲେ। ଅନେକେ ଏହାକୁ ମୋବାଇଲରେ ରେକର୍ଡିଂ କରୁଥିବା ମଧ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ରସିକ୍‌ ଚାନ୍ଦ ପଟ୍ଟନାୟକ, ପିସିସି ସମ୍ପାଦକ ଶିଶିର ପରିଡ଼ା, ଖୋର୍ଦ୍ଧା ବ୍ଲକ ସଭାପତି ରଘୁନାଥ ମଙ୍ଗରାଜ, ଜିଲା ଯୁବ କଂଗ୍ରେସ ସଭାପତି ସ୍ୱୟଂ ସ୍ୱାଇଁ, ପିସିସି ସଦସ୍ୟା ନିରୁପମା ପାତ୍ର, ହାଲିମ ଖାନ୍‌, ବିକାଶ ରାଉତ, ପବିତ୍ର ପାଟଶାଣୀ, ଜିତ୍‌ ଜୟ ପ୍ରକାଶ, କ୍ରିଷ୍ଣାକାନ୍ତ ସାମନ୍ତରାୟ, ଜିତେନ୍ଦ୍ର ଚମ୍ପତି, ଜୟନ୍ତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କଂଗ୍ରେସ ସଭାପତି ରସିକ୍‌ ଚାନ୍ଦ କହିଥିଲେ, ୨୩ ବର୍ଷର ଶାସନରେ ଶାସକ ଦଳ ଏକଚ୍ଛତ୍ରବାଦୀ ହୋଇପଡ଼ିଛି। ବିକାଶ ଆଳରେ ହରିଲୁଟ୍‌ ଚାଲିଛି। ଯୋଜନା ଆଳରେ ଭୋଟ ବ୍ୟାଙ୍କ ରାଜନୀତି ଚଳାଇଛନ୍ତି। ଅନ୍ୟପଟେ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡିର ଆଗୁଆ ସମର୍ଥନରୁ ଉଭୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିଛି। ଏମାନଙ୍କ ମଧ୍ୟରେ ସ୍ୱାମୀ-ସ୍ତ୍ରୀ ଭଳି ସମ୍ପର୍କ ରହିଛି। ତେଣୁ ଛାତ୍ର କଂଗ୍ରେସ ଏହି ଦୁଇ ଦଳର ବିବାହ ଆୟୋଜନ କରିଥିଲା ବୋଲି ସେ କହିଛନ୍ତି।

ସେହିପରି ବୋଲଗଡ଼ ସଦର ମହକୁମାସ୍ଥିତ ରଜପଡିଆରେ ପ୍ରତୀକାତ୍ମକଭାବେ ଭାଜପା ଓ ବିଜେଡିର ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଆଇସିସିସଭ୍ୟ ତାରାପ୍ରସାଦ ପଟ୍ଟନାୟକ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଗଦାଧର ଚମ୍ପତି, ବ୍ଲକ ଯୁବ କଂଗ୍ରେସ ଉପସଭାପତି ନିରଞ୍ଜନ ସାମନ୍ତରାୟ, ଛବି ମହାନ୍ତି, ବୁଢା ହରିଚନ୍ଦନଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

# ମଙ୍ଗଳା କପ୍‌ କ୍ରିକେଟ୍‌ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ସେମିରେ ନରେନ୍ଦ୍ରପୁର, ଡେଙ୍ଗେରାଗୋଡ଼ି**

ବୋଲଗଡ଼,୧୭।୨ (ଦେବବ୍ରତ ହୋତା)



ବୋଲଗଡ଼ ବ୍ଲକ ଅନ୍ତର୍ଗତ ଖଣ୍ଡୁରିଆ ଗ୍ରାମ ମା’ ମଙ୍ଗଳା କ୍ଲବ ଆନୁକୂଲ୍ୟରେ ଶନିବାର ସ୍ଥାନୀୟ ବଡ଼ତୋଟା ଖେଳପଡ଼ିଆରେ ମା’ ମଙ୍ଗଳା କପ୍‌ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଦୁଇଟି କ୍ୱାର୍ଟର ଫାଇନାଲ ମ୍ୟାଚ୍‌ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ନରେନ୍ଦ୍ରପୁର କ୍ରିକେଟ କ୍ଲବ ଟସ୍‌ ଜିତି ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ବିନିମୟରେ ୧୧୦ ରନ୍‌ ସଂଗ୍ରହ କରିଥିଲା। ଜବାବରେ କାଦୁଆ କ୍ରିକେଟ କ୍ଲବ ୧୦ ଓଭରରେ ୬ ଉଇକେଟ ହରାଇ ୯୩ ରନ୍‌ ସଂଗ୍ରହ କରି ପରାଜିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ମର୍ଦ୍ଦରାଜପୁର କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂକରି ୧୦ ଓଭରରେ ୯ ଉଇକେଟ ବିନିମୟରେ ୬୬ ରନ୍‌ ସଂଗ୍ରହ କରିଥିଲା। ଜବାବରେ ଡେଙ୍ଗେରାଗୋଡ଼ି କ୍ରିକେଟ କ୍ଲବ ୯ ଓଭରରେ ୬ ଉଇକେଟ ହରାଇ ୬୭ ରନ୍‌ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜେତା ନରେନ୍ଦ୍ରପୁର ଓ ଡେଙ୍ଗେରାଗୋଡ଼ି ଟିମ୍‌ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବବୁଲ ମହାନ୍ତି ଓ ସନ୍ତୋଷ ପରିଡ଼ା ମ୍ୟାଚ୍‌ ପରିଚାଳନା କରିଥିଲେ। ଅତିଥିଭାବେ ନିରଞ୍ଜନ ନାୟକ ଓ ନିରଞ୍ଜନ ସୁବୁଦ୍ଧି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୁବାସ ଚନ୍ଦ୍ର ବେହେରା, ଦିପୁ ମହାପାତ୍ର, ମିଥୁନ ସାମନ୍ତରାୟ ମ୍ୟାଚ୍‌ ପରିଚାଳନାରେ ସହଯୋଗ କରିଥିଲେ।

# ଫାଇନାଲରେ ସ୍ୱପ୍ନେଶ୍ୱର କ୍ଲବ ଖୋର୍ଦ୍ଧା

**ସଞ୍ଜୀବ ମେମୋରିଆଲ କ୍ରିକେଟ୍‌**

ନିରାକାରପୁର,୧୭।୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଲେଣ୍ଡୁ ପଞ୍ଚାୟତରେ ଥିବା ଘୋଡ଼ାଶାଳ ଖେଳପଡ଼ିଆରେ ଲେଣ୍ଡୁ କ୍ରିକେଟ ଆସୋସିଏଶନ ପକ୍ଷରୁ ଚାଲିଥିବା ସଞ୍ଜୀବ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ ବାଲିଗାଡ଼ିଆ କ୍ରିକେଟ କ୍ଲବ ଓ ସ୍ୱପ୍ନେଶ୍ୱର କ୍ଲବ ଖୋର୍ଦ୍ଧା ମଧ୍ୟରେ ହୋଇଥିଲା। ଟସ୍‌ ଜିତି ବାଲିଗାଡ଼ିଆ ଟିମ୍‌ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୨ ଓଭରରେ ୯୪ ରନ୍‌ ସଂଗ୍ରହ କରିଥିଲା। ଜବାବରେ ସ୍ୱପ୍ନେଶ୍ୱର କ୍ଲବ ୧୧ ଓଭରରେ ୯୭ ରନ୍‌ ସଂଗ୍ରହ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ସୁଶାନ୍ତ ସାମନ୍ତରାୟ ଓ ହାପି ପ୍ରଧାନ ରାୟ ମ୍ୟାଚ୍‌ ପରିଚାଳନା କରିଥିଲେ। ସାମାଜିକ କର୍ମୀ ଦେବାଶିଷ ବିଶ୍ୱାଳ ଅତିଥିଭାବେ ଯୋଗଦେଇ ନିଖିଲ ଦାସଙ୍କୁ ମ୍ୟାନ୍‌ ଅଫ୍‌ ଦି ମ୍ୟାଚ୍‌ ପୁରସ୍କାର ପ୍ରଦାନ କରିଥିଲେ। ଦେବାଶିଷ ପ୍ରଧାନ, ରୋଶନ ମଙ୍ଗରାଜ, ଚିନୁ ପ୍ରଧାନ, ବବୁଲ ଖୁଣ୍ଟିଆ, ସୁମ ସ୍ୱାଇଁ, ଓମ୍‌ ବିଶ୍ୱାଳ, ଶକ୍ତି ମହାନ୍ତି, ପପୁ ଛୋଟରାୟ, ବାବୁ ରାଉତରାୟ, ସାନୁ ବିଶ୍ୱାଳ, ପ୍ରମୋଦ ଭୁଜବଳ, ଶୋନୁ ହରିଚନ୍ଦନ ରାୟ, ରାଜୁ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଜଣେ ଖେଳାଳି ମ୍ୟାନ୍‌ ଅଫ୍‌ ଦି ମ୍ୟାଚ୍‌ ଟ୍ରଫି ଗ୍ରହଣ କରୁଛନ୍ତି।

# କରଡ଼ାପଲ୍ଲୀ ନିଉ ୟୁଥ୍‌ କ୍ଲବ ଚାମ୍ପିୟନ

**କୋଲୁହାପାଟଣା ଫୁଟ୍‌ବଲ ଟୁର୍ନାମେଣ୍ଟ**

ବେଗୁନିଆ,୧୭।୨ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମସ୍ଥିତ ଖେଳପଡିଆରେ ମା’ତାରିଣୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟ୍‌ବଲ ଟୁର୍ନାମେଣ୍ଟରେ କରଡାପଲ୍ଲୀ ନିଉ ୟୁଥ କ୍ଲବ ଚାମ୍ପିୟନ ହୋଇଛି। ଶନିବାର ଫାଇନାଲ ମ୍ୟାଚ୍‌ ଭୁବନେଶ୍ୱର ଉପକଣ୍ଠର ମହାବୀର କ୍ଲବ ବିନ୍ଧ୍ୟଗିରି ଓ ନିଉ ୟୁଥ କ୍ଲବ କରଡାପଲ୍ଲୀ ମଧ୍ୟରେ ହୋଇଥିଲା। କରଡ଼ାପଲ୍ଲୀ ଟିମ୍‌ ପ୍ରଥମାର୍ଦ୍ଧରେ ୨ଟି ଏବଂ ଦ୍ୱିତୀୟାର୍ଦ୍ଧରେ ୧ଟି ଗୋଲ ଦେଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ବିନ୍ଧ୍ୟଗିରି ଟିମ୍‌ ଗୋଲ ଦେଇପାରି ନ ଥିଲା। ଫଳରେ ୩-୦ ଗୋଲରେ କରଡ଼ାପଲ୍ଲୀ ଟିମ୍‌ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଚିତ୍ତରଞ୍ଜନ ପରିଡା ମ୍ୟାଚ ପରିଚାଳନା କରିଥିବା ବେଳେ ପ୍ରକାଶ ନାୟକ ଓ ରାଘବ ନାୟକ ଲାଇନ୍ସରେ ସହାୟତା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହ, ସ୍ଥାନୀୟ ସରପଞ୍ଚ ଅସିତ କୁମାର ତ୍ରିପାଠୀ, ସିମୋର ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ବାଘମାରୀ ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ଗେଡିଆପଲ୍ଲି ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ, ସାମାଜିକ କର୍ମୀ ରାମଚନ୍ଦ୍ର ମହାପାତ୍ର, ବନ ବିହାରୀ ପଣ୍ଡା, ବଂଶୀଧର ଦଳେଇ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍‌ ଟିମକୁ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରିଥିଲେ। ଶିକ୍ଷକ ପବିଧର ପରିଡ଼ା, ତ୍ରିନାଥ ପରିଡା, ଚିନ୍ତାମଣି ପରିଡ଼ା, ନିରଞ୍ଜନ ଛାଟୋଇ ଉପସ୍ଥିତ ଥିଲେ। ପ୍ରତାପ ପରିଡ଼ାଙ୍କ ସମେତ ଆୟୋଜକ କ୍ଲବର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

# ବାଗଲପୁର ଫାଇନାଲରେ

**ବେଗୁନିଆ କ୍ରିକେଟ ଟୁର୍ନାମେଣ୍ଟ**

ବେଗୁନିଆ,୧୭।୨ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମରେ ଚାଲିଥିବା ବେଗୁନିଆ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଥିଲା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌। ସନରାଇଜ ସ୍ପୋର୍ଟ୍ସ ଆସୋସିଏଶନ ଏବଂ ବେଗୁନିଆ କ୍ରିକେଟ ଆସୋସିଏଶନ ସହଭାଗିତାରେ ଆୟୋଜିତ ଟୁର୍ନାମେଣ୍ଟର ୬ଷ୍ଠ ଦିବସର ମ୍ୟାଚ୍‌ ବାଗଲପୁର କ୍ରିକେଟ କ୍ଲବ ଓ ପତନିବର କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା। ଟସ୍‌ ଜିତି ପତନିବର କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ବିନିମୟରେ ୧୫୦ରନ ସଂଗ୍ରହ କରିଥିଲା। ଜବାବରେ ବାଗଲପୁର କ୍ଲବ ୧୪.୫ଓଭରରେ ୯ଉଇକେଟ ବିନିମୟରେ ୧୫୧ରନ ସଂଗ୍ରହ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ପିଙ୍କନ ପାତ୍ର ଏବଂ ସୋମେଶ ଚନ୍ଦ୍ର ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେ। ଭାଜପା କର୍ମୀ ପ୍ରକାଶ ଚନ୍ଦ୍ର ରଣବିଜୁଳି ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବର ସଦସ୍ୟ ପ୍ରଭୁ କଲ୍ୟାଣ ତ୍ରିପାଠୀ, ସତ୍ୟଜିତ ସାହୁ, ଆଦିତ୍ୟ ଦାସ, ବିଶ୍ୱଜିତ ବଳିୟାରସିଂହ, ପ୍ରମୋଦ ମହାନ୍ତି ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିବା ବେଳେ ହରିଶ ହୃଦାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।



## ସଂକ୍ଷେପରେ

### ମା' ମଙ୍ଗଳା ଇଂଲିଶ ମିଡିୟମ ସ୍କୁଲର ବାର୍ଷିକୋତ୍ସବ

**ପିପିଲି,୧୭।୨ (ଦୁର୍ଗାମାଧବ ସାହୁ):**

ପିପିଲି ବ୍ଲକ ଅଧୀନ ଆଶ୍ରମପାଟଣାସ୍ଥିତ ମା' ମଙ୍ଗଳା ଇଂଲିଶ ମିଡିୟମ ସ୍କୁଲର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ଡ. ରଘୁନାଥ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବୈଜ୍ଞାନିକ ରବୀନ୍ଦ୍ର ନାଥ ସ୍ୱାଇଁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ଏବଂ ସମ୍ମାନିତ ଅତିଥି ଭାବେ ପିପିଲି ଏସ୍‌ଡିପିଓ ବିରଞ୍ଚିନାରାୟଣ ପତି, ବିମ୍ବାଧର ବେହେରା ଏବଂ ସ୍କୁଲ ସମ୍ପାଦକ ଗୋଲଖ ବିହାରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେବା ସହ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ରୀ ତଥା ବର୍ତ୍ତମାନ ଜଣେ ଡାକ୍ତରୀ ଛାତ୍ରୀ ସହ ମଡେଲିଂରେ ନାଁ ରଖିଥିବା ପୂଜାରାଣୀ ନାୟକଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ ଅଧକ୍ଷ ସୁକାନ୍ତ ବାରିକ୍ ବିବରଣୀ ପାଠ ସହ ସଭା ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଖୁବ୍ ଚିତାକର୍ଷକ ହୋଇଥିଲା। ଶେଷରେ ଏସ୍‌କେ ସଲିମ ଧନ୍ୟବାଦ୍ ଦେଇଥିଲେ।

### ୧୫୭ ଛାତ୍ରୀଛାତ୍ର ପାଇବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ସାକ୍ଷୀଗୋପାଳ,୧୭।୨ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର):**

୨୦୨୨-୨୩ ବର୍ଷ ମାଟ୍ରିକ ପରୀକ୍ଷାରେ ସତ୍ୟବାଦୀ ବ୍ଲକସ୍ତରରୁ ଏକାଡେମିକରେ ୧୦୧ ଓ ବେଷ୍ଟ ଲିଡରଶିପ ଭାବେ ୪୮, ଏକାଡେମିକ୍‌ରେ ଜିଲାସ୍ତରରୁ ୮ ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହା ବ୍ୟତୀତ ସତ୍ୟବାଦୀର ୩ଟି ହାଇସ୍କୁଲ ଯଥା ବଳପୁର, ଜାଗେଶ୍ୱରୀ ବିଦ୍ୟାପୀଠ ଓ ବୀରଗୋବିନ୍ଦପୁର ହାଇସ୍କୁଲ ସମେତ ୨ଟି ପ୍ରାଥମିକ ବିଦ୍ୟାଳୟ ଯଥା ପରାହାଟ, ନହଳା ଓ ପୁରୁଣା ସମେଶ୍ୱରପୁର ବିଦ୍ୟାଳୟକୁ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ପୁରସ୍କାର ଦିଆଯିବ। ସତ୍ୟବାଦୀ ହାଇସ୍କୁଲ ଶିକ୍ଷୟିତ୍ରୀ ତପସ୍ୱିନୀ ତ୍ରିପାଠୀ, ଭଲ ଆଲୁମିନା କମିଟି ଭାବେ ତୃତୀୟା ଦେବ ହାଇସ୍କୁଲ ଓ ଭଲ ଅଭିଭାବକ କମିଟି ଭାବେ ବଳପୁର ସ୍କୁଲକୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିପାଇଁ ସତ୍ୟବାଦୀ ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନଙ୍କ ତତ୍ତ୍ୱାବଧାନରେ ରବିବାର ସତ୍ୟବାଦୀ ହାଇସ୍କୁଲରୁ ୪ ଗୋଟି ବସ୍‌ରେ ଛାତ୍ରୀଛାତ୍ର ପୁରୀ ଭୋଳନାଥ ବିଦ୍ୟାପୀଠକୁ ସକାଳ ୮ଟା ସମୟରେ ଯିବେ। ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ନେବା ଆଣିବାକୁ ଗାଇଡ୍ ଶିକ୍ଷକଙ୍କ ସହ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଯିବେ। ଛାତ୍ରୀଛାତ୍ରଙ୍କ ଏହି କୃତିତ୍ୱ ପାଇଁ ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳାରେ ଲୋକଙ୍କ ଭିଡ଼।



ଖଣ୍ଡଗିରି-ଉଦୟଗିରି ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଖଣ୍ଡଗିରି-ଉଦୟଗିରି ମହୋତ୍ସବ ଆରମ୍ଭ



ମହୋତ୍ସବର ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସହ ଅନ୍ୟ ଅତିଥିବୃନ୍ଦ।

**ଭୁବନେଶ୍ୱର,୧୭।୨ (ଶର୍ମିଷ୍ଠା ପାଣିଗ୍ରାହୀ)**

ପ୍ରସିଦ୍ଧ କୁମ୍ଭମେଳା ଅବସରରେ ଖଣ୍ଡଗିରି-ଉଦୟଗିରି ମହୋତ୍ସବ ଶନିବାର ଖଣ୍ଡଗିରି ପାଣ୍ଟିକାଠାରେ ଆରମ୍ଭ ହୋଇଯାଇଛି। ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଲ୍ୟାଣ ପକ୍ଷରୁ ଆୟୋଜିତ ଏହି ମେହାତ୍ସବ ସନ୍ଧ୍ୟାକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷା ଶ୍ରୀମୟୀ ମିଶ୍ର, କୃଷି ଉନ୍ନୟନ ନିଗମ ଉପାଧକ୍ଷ ଡ଼ ସନ୍ତୋଷ ବେଜ, କର୍ପୋରେଟର ସଂଯୁକ୍ତା ସୁନ୍ଦରାୟ, ଅନୁଷ୍ଠାନର ସମ୍ପାଦକ ଦୀପକ ମହାପାତ୍ର, ଦାଶରଥି ଗରାବଡ୍ଡୁ, ଅଶ୍ୱିନୀ ସୁନ୍ଦରାୟ, ହୃଦୟ ବଲ୍ଲଭ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ କୋକିଳା ଡାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶୀ ନୃତ୍ୟ ଷଡ଼ରତ୍ନ ଏବଂ କୁନି କୁନି ପିଲାଙ୍କ ଦ୍ୱାରା ଦେଶାତ୍ମକ ବୋଧକ ନୃତ୍ୟ ପରିବେଷିତ ହୋଇଥିଲା। ପରେ ସୁର ସାଗର ମ୍ୟୁଜିକାଲ ଗ୍ରୁପ୍ ଦାରା ବର୍ଣ୍ଣାଢ଼୍ୟ ସଙ୍ଗୀତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ଗୀତ ଦର୍ଶକଙ୍କୁ ମୁଗ୍ଧ କରିଥିଲା।



କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ସଙ୍ଗୀତ ପରିବେଷଣ କରୁଛନ୍ତି।

## ଆଜିଠୁ ଯାତ୍ରା ମହାସମର

ଖଣ୍ଡଗିରି କୁମ୍ଭମେଳାରେ ଅନନ୍ୟ ଆକର୍ଷଣ ହେଉଛି ଖଣ୍ଡଗିରି ଯାତ୍ରା। ରବିବାରଠାରୁ ପାହାଡ଼ ପାଦଦେଶରେ ଆରମ୍ଭ ହେଉଛି ଯାତ୍ରା ମହାସମର। ୨୯ ତାରିଖ ପର୍ଯ୍ୟନ୍ତ ଯାତ୍ରା ମହାସମରରେ ୧୨ ଅପେରା ପାର୍ଟି ଲୋକଙ୍କ ମନୋରଞ୍ଜନ କରିବେ। ଦମଦାର ଡାଏଲଗ, ମନଛୁଆଁ କାହାଣୀ, ମେଲୋଡିରେ ପୂରା ଅଞ୍ଚଳ କମ୍ପିବ। ଆଇଗିଣିଆ ଗ୍ରାମ ପକ୍ଷରୁ ମହତାବ ପେଣ୍ଡାଲରେ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ସାଇ ସମ୍ରାଟ, ୨୧ରୁ ଅଶୋକ ସମ୍ରାଟ, ୨୫ରୁ ୨୯ ପର୍ଯ୍ୟନ୍ତ ତୁଳସୀ ଗଣନାଟ୍ୟ ପଡ଼ିବ। ଘାଟିକିଆ ଗ୍ରାମ ପକ୍ଷରୁ ସନାତନ ମଣ୍ଡପରେ ୧୮ରୁ ୨୩ ତାରିଖ ପର୍ଯ୍ୟନ୍ତ କୋଣାର୍କ ଗଣନାଟ୍ୟ ଓ ୨୪ରୁ ୨୯ ପର୍ଯ୍ୟନ୍ତ ଅପେରା ସୂର୍ଯ୍ୟମନ୍ଦିର ଚାଲିବ। ଜାଗମରା ଗ୍ରାମ ପକ୍ଷରୁ ଇନ୍ଦିରା ସାଂସ୍କୃତିକ ମଣ୍ଡପରେ ୧୮ରୁ୨୨ ପର୍ଯ୍ୟନ୍ତ କଳିଙ୍ଗ ଗଣନାଟ୍ୟ ଓ ୨୩ରୁ ୨୯ ଶିବାନୀ ଗଣନାଟ୍ୟ ନାଟକ ପରିବେଷଣ କରିବ। କେସିସି ପଡ଼ିଆ ମା' ମଙ୍ଗଳା ମଣ୍ଡପରେ ୧୮ରୁ ୨୩ ପର୍ଯ୍ୟନ୍ତ ଦୁର୍ଗା ମନ୍ଦିର ଏବଂ ୨୪ରୁ ୨୯ ପର୍ଯ୍ୟନ୍ତ ସ୍ୱର୍ଣ୍ଣ ମହଲ ଚାଲିବ। ଜୟଦୁର୍ଗା ମଣ୍ଡପରେ ୧୮ରୁ ୨୩ ପର୍ଯ୍ୟନ୍ତ ଗୌରୀ ଗଣନାଟ୍ୟ ଏବଂ ୨୪ରୁ ୨୯ ପର୍ଯ୍ୟନ୍ତ ସ୍ୱପ୍ନ ମହଲ ଚାଲିବ। ସାଇ ନୀଳାଦ୍ରି ଯାତ୍ରା କମିଟି ପକ୍ଷରୁ ୨୪ରୁ ୨୯ ପର୍ଯ୍ୟନ୍ତ ରଙ୍ଗମହଲ ଯାତ୍ରା ପରିବେଷଣ କରିବ।

## ଯାତ୍ରାରେ ଅଶ୍ଳୀଳତା ମନା

ଯାତ୍ରା ପରିବେଷଣ ସମୟରେ ଯେଭଳି କୌଣସି ଅଶ୍ଳୀଳତା ପ୍ରଦର୍ଶନ ନ ହୁଏ କିମ୍ବା କୌଣସି ଅପ୍ରୀତିକର ପରିସ୍ଥିତି ନ ହୁଏ, ସେ ନେଇ ବିଏମ୍‌ସି ପକ୍ଷରୁ ଏସ୍‌ଓପି ଜାରି କରାଯାଇଛି। କୌଣସି ଯାତ୍ରାପାର୍ଟି ଲୋକଙ୍କ ଭାବାବେଗକୁ ଆଘାତ ଦେବାଭଳି କିମ୍ବା ଅଶ୍ଳୀଳ ନୃତ୍ୟ କିମ୍ବା ଯାତ୍ରା ପରିବେଷଣ କରିପାରିବେ ନାହିଁ। ସେହିପରି ଲୋକଙ୍କ ଗହଳିକୁ ଦେଖି ଯାତ୍ରାପାର୍ଟି ମାଲିକମାନେ ଆବଶ୍ୟକ ସଂଖ୍ୟକ ସ୍ୱେଚ୍ଛାସେବୀ ବା ସିକ୍ୟୁରିଟି ଗାର୍ଡ ନିୟୋଜିତ କରିବେ। ଯେପରି କୌଣସି ଆପରାଧିକ ଘଟଣା ନ ଘଟେ ତାହା ଉପରେ ମଧ ନଜର ରଖିବେ। ଯାତ୍ରା ପାଇଁ ପ୍ରଚାର ସମୟରେ ଅତ୍ୟଧିକ ସାଉଣ୍ଡ କରିବେ ନାହିଁ। ଯାତ୍ରା ପେଣ୍ଡାଲ ପାଖରେ ପର୍ଯ୍ୟାପ୍ତ ଅଗ୍ନିନିର୍ବାପକ ଯନ୍ତ୍ର ରଖିବା, ଆବଶ୍ୟକ ସଂଖ୍ୟକ ସିସିଟିଭି ଓ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା କରିବା, ଦର୍ଶକଙ୍କ ପାଇଁ ପେଣ୍ଡାଲ ପାଖରେ ପାନୀୟଜଳ ବ୍ୟବସ୍ଥା କରିବା, ଡଷ୍ଟବିନ୍ ରଖିବା ଆଦି ବିଭିନ୍ନ ଦିଗ ପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ରହିଛି।

# ୫ମ ଲୋକକଳା ମହୋତ୍ସବ ଉଦ୍‌ଯାପିତ

**କୋଣାର୍କ,୧୭।୨ (ଜ୍ୟୋତିରାଜ ମହାନ୍ତି):**

କୋଣାର୍କର ନାଟ୍ୟଦୀପ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ୩ ଦିନିଆ ପଞ୍ଚମ ଲୋକକଳା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ବରିଷ୍ଠ ମଞ୍ଚ ଅଭିନେତା, ନିର୍ଦ୍ଦେଶକ ତଥା ନାଟ୍ୟକାର ପ୍ରଦୀପ ବିଶ୍ୱାଳ, ଗବେଷକ ସଞ୍ଜୟ ବରାଳ, ଟିମ୍ ଅନୁଷ୍ଠାନ ନିର୍ଦ୍ଦେଶକ ଶତ୍ରୁଘ୍ନ ସାମଲ ପ୍ରମୁଖ ଯୋଗଦେଇଥିଲେ। ହଜି ଯାଉଥିବା ଲୋକକଳାକୁ ମହୋତ୍ସବ ମାଧ୍ୟମରେ ପ୍ରଚାର ପ୍ରସାର କରିବା ସହ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇବାକୁ ନାଟ୍ୟଦୀପ ଅନୁଷ୍ଠାନକୁ ପ୍ରଶଂସା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଗୁରୁ ହରିହର ମହନ୍ତ ଓ ଗ୍ରୁପ ଦ୍ୱାରା ସୁନ୍ଦରଗଡ଼ର ଶାରଳା ଝୁମର ଦଳ ପକ୍ଷରୁ ପାରମ୍ପରିକ ଝୁମର ନୃତ୍ୟ ପରିବେଷଣ କରାଯାଇଥିଲା। ଯାହା ସାଂସ୍କୃତିକ ପରିବେଶକୁ ବହୁତ ମନୋରଞ୍ଜନ ଯୋଗାଇଥିଲା। ପରେ ପରେ ଦେବାଂଶୀ ସ୍ୱାଇଁଙ୍କ ନୃତ୍ୟ ନିର୍ଦ୍ଦେଶନାରେ ସତ୍ୟସାଇ ଡ୍ୟାନ୍ସ ଏକାଡେମୀ ଗୋପ ପକ୍ଷରୁ ମାହାରୀ ନୃତ୍ୟ ପରିବେଷଣ ଆକର୍ଷଣ ସାଜିଥିଲା। ଶେଷ ପର୍ଯ୍ୟାୟରେ ନାଟ୍ୟଦୀପ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ମହୋତ୍ସବକୁ ନାଟ୍ୟଦୀପ ଅନୁଷ୍ଠାନ ନିର୍ଦ୍ଦେଶକ କାଳନ୍ଦୀ ଚରଣ ସ୍ୱାଇଁ, ସମ୍ପାଦକ ନିତ୍ୟାନନ୍ଦ ମହାରଣା ପରିଚାଳନା କରିଥିବାବେଳେ ଶିକ୍ଷକ ପ୍ରତାପ ରାଉତ ମଞ୍ଚ ସଂଯୋଜନା କରିଥିଲେ।




ଲୋକକଳା ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ବିକାଶମୂଳକ କାର୍ଯ୍ୟକୁ ସହିପାରୁ ନାହାନ୍ତି ବିରୋଧୀ

**ଗୋପ,୧୭।୨ (ଭାରତୀ ଭୂଷଣ ଉପାଧ୍ୟାୟ):**

ରାଜ୍ୟ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟକୁ ନିମାପଡ଼ା ନିର୍ବାଚନମଣ୍ଡଳୀରେ ବିରୋଧୀ ସହିପାରୁ ନାହାନ୍ତି। ଏରବଙ୍ଗ ପଞ୍ଚାୟତ ହାଇସ୍କୁଲ ପଡ଼ିଆରେ ଶନିବାର ଅନୁଷ୍ଠିତ ଆମ ଓଡ଼ିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଏହା କହିଥିଲେ। ନିମାପଡ଼ା ନିର୍ବାଚନମଣ୍ଡଳୀରେ ସରକାରଙ୍କ ଦ୍ୱାରା ୧୦୦ରୁ ଅଧିକ ବିକାଶ ମୂଳକ କାର୍ଯ୍ୟର ଲମ୍ବା ହିସାବ ତାଲିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଗୋପ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ୍, ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ସରପଞ୍ଚ ରଶ୍ମୀ ରେଖା ଦାସ, ସମିତି ସଭ୍ୟା ରଞ୍ଜୁଲତା ଭୋଇ, ପୂର୍ବତନ ସରପଞ୍ଚ ବିଭୁତି ଭୂଷଣ ସାହୁଙ୍କ ସମେତ ଯୁବ ନେତୃତ୍ୱମାନେ ଉପସ୍ଥିତ ଥିଲେ।

## ଖୁବ୍‌ଶୀଘ୍ର ନବୀନ କାର୍ଡର ଶୁଭାରମ୍ଭ ହେବ

**ପିପିଲି,୧୭।୨ (ପ୍ରଭାତ ମହାପାତ୍ର):**

ପିପିଲି ଏନ୍‌ଏସି ୨ ନଂ. ୱାର୍ଡ କମ୍ୟୁନିଟି ହଲ୍‌ରେ ତୃତୀୟ ପର୍ଯ୍ୟାୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ପିପିଲି ସହରାଞ୍ଚଳରେ ପାର୍କ, ହସ୍ପିଟାଲ ଆଦିର ଉନ୍ନତୀକରଣ ବାବଦରେ ଆଲୋକପାତ କରିଥିଲେ। ପିପିଲି ଚାନ୍ଦୁଆ ନଗରୀରେ ଏକ ଚାନ୍ଦୁଆ ହବ ପ୍ରତିଷ୍ଠା ପାଇଁ ପୂର୍ବରୁ ରାଜ୍ୟ ସରକାର ୧୨.୫୦ କୋଟି ଟଙ୍କା ମଞ୍ଜୁର କରିଥିବାବେଳେ ଏବେ ଏହାକୁ ସରକାର ୨୨. ୫୮ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ସେହିପରି ମାଗଣା ଚିକିତ୍ସା ସୁବିଧା ପାଇଁ ସରକାର ନିକଟରେ ନବୀନ କାର୍ଡର ଶୁଭାରମ୍ଭ କରିଛନ୍ତି। ଖୁବ୍‌ଶୀଘ୍ର ପିପିଲି ଏନ୍‌ଏସିରେ ଏହା କାର୍ଯ୍ୟକାରୀ କରାଯିବ ବୋଲି ବିଧାୟକ କହିଛନ୍ତି। କାର୍ଯ୍ୟକ୍ରମରେ ଜିଲା ସହରାଞ୍ଚଳ ବିକାଶ ସଂସ୍ଥା, ପୁରୀର ପ୍ରକଳ୍ପ ନିର୍ଦ୍ଦେଶକ ଅକ୍ଷୟ ମହାନ୍ତି ଯୋଗଦେଇ ସରକାରୀ ଯୋଜନାର ଲାଭ ପାଇବାରୁ କେହି ଯୋଗ୍ୟ ହିତାଧିକାରୀ ଯେପରି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ସବୁ ଜନପ୍ରତିନିଧି ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପିପିଲି ଏନ୍‌ଏସି ଅଧକ୍ଷ ସେକ୍ ବାବୁ ଯୋଗଦେଇ ସରକାରୀ ଯୋଜନାକୁ ଲୋକାଭିମୁଖୀ କରିବାକୁ ଏହି ମଞ୍ଚ ଏକ ଉତ୍ତମ ମାଧ୍ୟମ ବୋଲି କହିଥିଲେ। ନିଜର ଉଦ୍‌ବୋଧନରେ ନଗରପାଳ ସରକାର ସ୍ୱୟଂ ସହାୟକ ମହିଳାଙ୍କ ୟୁନିଫର୍ମ ପାଇଁ ୧ ହଜାର ଟଙ୍କା ଲେଖାଏ ଅନୁଦାନ ଘୋଷଣା କରି ଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶ୍ରୀ ପଲ୍ଲବୀ ବେହେରା ଯୋଗଦେଇ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ୨୫ ହକରଙ୍କୁ ମାଗଣା ସାଇକେଲ ବଣ୍ଟନ

**ନିମାପଡ଼ା,୧୭।୨ (ରଞ୍ଜନ ପଟ୍ଟନାୟକ):**

ନିମାପଡ଼ା, ବଳଙ୍ଗା ଓ ଚାରିଛକ ଅଞ୍ଚଳର ୨୫ଜଣ ଖବରକାଗଜ ବଣ୍ଟନକାରୀ (ହକର)ଙ୍କୁ ମାଗଣାରେ ନୂତନ ସାଇକେଲ ଶନିବାର ବଣ୍ଟନ କରାଯାଇଛି। ଖରା ବର୍ଷାରେ ଅବିଚ୍ଛିନ୍ନ ଭାବେ ସେବା ଯୋଗାଇ ଦେଇଆସୁଥିବା ହକର ଭାଇମାନେ ବଣ୍ଟନ ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି। ନିମାପଡ଼ା ଗୋପ ଅଞ୍ଚଳର ଶହେରୁ ଊର୍ଦ୍ଧ୍ୱ କ୍ଷୁଦ୍ର ବ୍ୟବସାୟୀ ଓ ଚାଷୀଙ୍କୁ ପୁରୁଣା ଦଣ୍ଡି ଓ ବଟକରା ବଦଳରେ ନୂତନ କମ୍ପ୍ୟୁଟର ଦଣ୍ଡି ବଣ୍ଟନ କରାଯାଇଛି। ଏତଦ୍‌ବ୍ୟତୀତ ୧୦ଜଣ ଦିବ୍ୟାଙ୍ଗ ମହିଳା ପୁରୁଷଙ୍କୁ ୩ଚକିଆ ସାଇକେଲ ମଧ ପ୍ରଦାନ କରାଯାଇଥିଲା। ମଧ୍ୟାହ୍ନ ୧୨ଟା ସମୟରେ ଭାଣପୁରସ୍ଥିତ ଏକ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୁବ ସାମାଜିକ କର୍ମୀ ଜିତେନ୍ଦ୍ର ମହାନ୍ତି ଏହି ସବୁ ସାମଗ୍ରୀ ହିତାଧିକାରୀଙ୍କୁ ବଣ୍ଟନ କରିଛନ୍ତି। ଖବରଦାତା ଅକ୍ଷୟ ନାୟକ, ଉଲ୍ଲାସ ପ୍ରଧାନ, ସୁବ୍ରତ ପଟ୍ଟନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ସାମାଜିକ କର୍ମୀ ମହାନ୍ତି କହିଛନ୍ତି, ପିଲାଟି ଦିନରୁ ଅନ୍ୟକୁ ସାହାଯ୍ୟ କରିବା ମୋର ସଉକ ରହିଛି। ଆଜି ସେହିମାନଙ୍କ ଆଶୀର୍ବାଦ ଯୋଗୁଁ ଭଲରେ ରହିଛି। ଆଗାମୀ ଦିନରେ ଏହିଭଳି ଧାରା ଚାଲୁ ରହିବ ବୋଲି ମହାନ୍ତି ପ୍ରକାଶ କରିଛନ୍ତି।



ସାମାଜିକ କର୍ମୀ ଜିତେନ୍ଦ୍ର ମହାନ୍ତି ସାଇକେଲ ପ୍ରଦାନ କରୁଛନ୍ତି ।

## ମା' କନକଦୁର୍ଗା ମନ୍ଦିରର ରତ୍ନମୁଦ ଉତ୍ସବ ଶେଷ

**ଚାରିଛକ,୧୭।୨ (ଶିଶିର ସ୍ୱାଇଁ):**

ନିମାପଡ଼ା ବ୍ଲକ ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ତୁଳସୀପୁର ବ୍ରାହ୍ମଣ ଶାସନ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କନକଦୁର୍ଗା ମନ୍ଦିରର ରତ୍ନମୁଦ ଉତ୍ସବ ଶନିବାର ଶେଷ ହୋଇଛି। ଗାଁର ତେଲେଙ୍ଗା ପୋଖରୀରୁ ପାଣି ତୋଳା କାର୍ଯ୍ୟ କରାଯାଇ ଏହି ଧାର୍ମିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ମନ୍ଦିର ପୂଜକ ଭାବେ ପୂର୍ଣ୍ଣ ପାଣି କାର୍ଯ୍ୟ କରିଥିବାବେଳେ କୃଷ୍ଣଚନ୍ଦ୍ର ମିଶ୍ର, ଅନ୍ତର୍ଯ୍ୟାମୀ କର, ବସୁଦେବ ମିଶ୍ର, ବିଜୟ ମିଶ୍ର, ସଞ୍ଜୟ ମିଶ୍ର, ଚନ୍ଦ୍ର ଶେଖର ମିଶ୍ର, ଲୋଚନ ମିଶ୍ର ପ୍ରମୁଖ ପଣ୍ଡିତ ମନ୍ଦିର ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ, ମନ୍ଦିରର ରତ୍ନମୁଦ କାର୍ଯ୍ୟ, ମନ୍ଦିରର ପାଶ୍ୱ ଦେବୀଙ୍କ ସ୍ଥାପନା, ମନ୍ଦିର ପରିସରସ୍ଥ ଶ୍ରୀରାମ ମନ୍ଦିରରେ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ କରିଥିଲେ। ହରିହର ସାହୁ, କ୍ଷମାନିଧି ତ୍ରିପାଠୀ, ଅବନିନ୍ଦ୍ର ତ୍ରିପାଠୀ, ବନ ବିହାରୀ ଦାଶ, ଗୌରୀ ପ୍ରସାଦ ତ୍ରିପାଠୀ, ବୀରବର ସାହୁ, ଦ୍ୱିଜବର ସାହୁ, ରଜନୀକାନ୍ତ ତ୍ରିପାଠୀ ପ୍ରମୁଖ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ମନୋଜ ଦାଶ ଓ କର୍ତ୍ତ୍ରି ଭାବେ ଗୀତାଞ୍ଜଳି ଦାଶ ଏହି ଧାର୍ମିକ କାର୍ଯ୍ୟକ୍ରମ କରିଥିଲେ।

# ବିଧାୟକଙ୍କୁ ଗିରଫ ଦାବିରେ ଭାଜପା କର୍ମୀଙ୍କ ଧାରଣା

**ଗୋପ,୧୭।୨ (ଭାରତୀ ଭୂଷଣ ଉପାଧ୍ୟାୟ):**

ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଶନିବାର ପୂର୍ବାହ୍ନରେ ଗୋପ ବ୍ଲକ ଅଧୀନ ଏରବଙ୍ଗ ପଞ୍ଚାୟତକୁ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଥିବାବେଳେ ତାଙ୍କୁ ୪/୫ ଜଣ ଭାଜପା କର୍ମୀ କଳା ପତାକା ପ୍ରଦର୍ଶନ କରିଥିଲେ। ବିଧାୟକଙ୍କ ସାଙ୍ଗରେ ଯାଉଥିବା ବିଜେଡି କର୍ମୀ କଳାପତାକା ପ୍ରଦର୍ଶନ କରୁଥିବା ଭାଜପା କର୍ମୀଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ପୋଲିସ ଏହି ସମୟରେ ଭାଜପା କର୍ମୀଙ୍କୁ ବିଜେଡି କର୍ମୀଙ୍କ କବଳରୁ ଉଦ୍ଧାର କରିଥିଲା। ପରେ ଆହତ ଭାଜପା କର୍ମୀଙ୍କୁ ସହଯୋଗୀ ଦଳୀୟ କର୍ମୀ ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଜଣେ ଭାଜପା କର୍ମୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ୬ ନମ୍ବର ହସ୍ପିଟାଲ ପଠାଯାଇଥିଲା। ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି। ୪୦ରୁ ଅଧିକ ଭାଜପା କର୍ମୀ ଆକ୍ରମଣକାରୀ ବିଜେଡି କର୍ମୀଙ୍କ ସହିତ ବିଧାୟକ ସମୀର ରଞ୍ଜନ ଦାଶଙ୍କୁ ଗିରଫ ଦାବିରେ ଥାନା ସମ୍ମୁଖରେ ବିକ୍ଷୋଭ କରିବା ସହ ଧାରଣାରେ ବସିଛନ୍ତି। ଏପରି ଘଟଣାକୁ ନେଇ ଉଭୟ ପକ୍ଷରୁ ୨ଟି ପୃଥକ୍ ପୃଥକ୍ ଭାବେ ପୋଲିସ ମକଦ୍ଦମା ୭୬/୨୪ ଏବଂ ୭୭/୨୪ ରୁଜୁ କରିଛି।



ଗୋପ ଥାନା ସମ୍ମୁଖରେ ଭାଜପା କର୍ମୀମାନେ ଧାରଣାରେ ବସିଛନ୍ତି ।

# ୯୩ ଉପକୂଳବର୍ତ୍ତୀ ଅଞ୍ଚଳରେ ଆର୍ଟିଫିସିଆଲ୍ ରିଫ୍ ସ୍ଥାପନ ହେବ

**ମତ୍ସ୍ୟ-ପ୍ରାଣୀ ସମାବେଶ ଦ୍ୱିତୀୟ ଦିବସ**

ଭୁବନେଶ୍ୱର, ୧୭।୨ (ଅସମାପିକା ସାହୁ)

ରାଜ୍ୟର ୯୩ଟି ବିଭିନ୍ନ ଉପକୂଳବର୍ତ୍ତୀ ଅଞ୍ଚଳରେ ଆର୍ଟିଫିସିଆଲ୍ ରିଫ୍ ସ୍ଥାପନ କରାଯିବ। ଭୁବନେଶ୍ୱର ଜନତା ମଇଦାନଠାରେ ଚାଲୁଥିବା ମତ୍ସ୍ୟ-ପ୍ରାଣୀ ସମାବେଶର ଦ୍ୱିତୀୟ ଦିବସ ସମାରୋହରେ ଏନେଇ ସିଏସ୍ଆଇଆର୍-ଏନ୍ଆଇଓ, ଗୋଆ ସହିତ ରାଜ୍ୟ ସରକାରଙ୍କ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସମୁଦ୍ରରେ ଆର୍ଟିଫିସିଆଲ୍ ରିଫ୍ ସ୍ଥାପନ ମାଛର ସାମୁଦ୍ରିକ ବାସସ୍ଥାନ ତଥା ଜୈବବିବିଧତାକୁ ପ୍ରୋତ୍ସାହିତ କରିବ। ଏଥିସହିତ ସମୁଦ୍ର ତଟ ସୁରକ୍ଷା, ପର୍ଯ୍ୟଟନ, ନିରନ୍ତର ମତ୍ସ୍ୟ ଉତ୍ପାଦନ, ସାମୁଦ୍ରିକ ପରିବେଶର ସୁରକ୍ଷାକୁ ପ୍ରୋତ୍ସାହନ ମିଳିବ। ୨୮ କୋଟି ୮୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକ ୧ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ ବୋଲି ସୂଚନା ଦିଆଯାଇଛି।

ପୂର୍ବାହ୍ନ ଅଧିବେଶନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଗ୍ରାମପଞ୍ଚାୟତ ପୋଖରୀଗୁଡ଼ିକରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଛଚାଷ ଦ୍ୱାରା ମହିଳାମାନେ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେଉଛନ୍ତି। ଏଥିସହିତ ରାଜ୍ୟ ସରକାରଙ୍କ ମହିଳା ସଶକ୍ତୀକରଣ ଲକ୍ଷ୍ୟ ସାଧିତ ହୋଇପାରିଛି। କୃତ୍ରିମ ପ୍ରଜନନ, ମୋବାଇଲ୍ ଭେଟେରିନାରି ୟୁନିଟ୍, ବାୟୋଫ୍ଲକ୍ ଓ କେଜ୍ କଲଚର ପଦ୍ଧତିରେ ମାଛଚାଷ ଯୋଗୁ ରାଜ୍ୟରେ ଦୁଗ୍ଧ, କୁକୁଡ଼ା, ଅଣ୍ଡା, ମାଂସ ଓ ମାଛ ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ୍ ଆଲାମ୍ କହିଲେ, ବିଗତ ୨୦ ବର୍ଷରେ ମାଛ ଉତ୍ପାଦନ ପ୍ରାୟ ୫ ଗୁଣ ଓ ମାଛ ଯାଆଁଳ ଉତ୍ପାଦନ ପ୍ରାୟ ୧୦ ଗୁଣ ବୃଦ୍ଧି ପାଇଛି। ସମ୍ମାନିତ ଅତିଥି ଭାବେ ଓମ୍ଫେଡ୍‌ର ସଭାପତି କିଶୋର ଚନ୍ଦ୍ର ପ୍ରଧାନ ଯୋଗଦେଇ ଅଧିକରୁ ଅଧିକ ଦୁଗ୍ଧଚାଷୀଙ୍କୁ ଓମ୍ଫେଡ୍‌ର ପରିସରଭୁକ୍ତ କରିବା ପାଇଁ ପଦକ୍ଷେପ ନିଆଯାଇଥିବା କହିଥିଲେ। ଫିଶ୍‌ଫେଡ୍ ସଭାପତି ସସ୍ମିତା ରାଉତ ରାଜ୍ୟର ସମସ୍ତ ଜିଲାରେ ଚିଲିକା ଫ୍ରେଶ୍ ଆଉଟ୍‌ଲେଟ୍ ଖୋଲିବାର ଆବଶ୍ୟକତା ଉପରେ କହିଥିଲେ। କଟକ ଜିଲାର ମହିଳା ଚାଷୀ ଶାନ୍ତିଲତା ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଖୋର୍ଦ୍ଧା ଜିଲାର ଅଗ୍ରଣୀ ମହିଳା ଚାଷୀ ସୌଭାଗ୍ୟଲକ୍ଷ୍ମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟର ଚାମ୍ପିୟନ୍ ଘୋଷିତ ପ୍ରାଣୀପାଳକ ଓ ମାଛଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଉଦ୍ୟୋଗୀମାନଙ୍କୁ ସବ୍‌ସିଡି ରାଶିର ଚେକ୍ ପ୍ରଦାନ କରାଯାଇଥିଲା।

ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଲେ, ମାଛଚାଷ ଓ ପ୍ରାଣୀପାଳନକୁ ପ୍ରୋତ୍ସାହିତ କରିବା ପାଇଁ ଅନେକଗୁଡ଼ିଏ ଯୋଜନା ପ୍ରସ୍ତୁତ କରାଯାଇ ଆକର୍ଷଣୀୟ ରିହାତି ପ୍ରଦାନର ବ୍ୟବସ୍ଥା କରାଯାଇଛି। ଏହାର ଉପଯୋଗ କରି ଚାଷୀମାନେ ଲାଭବାନ ହୋଇପାରିବେ। କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏଥିରେ ପୌରୋହିତ୍ୟ କରି କହିଲେ, ମତ୍ସ୍ୟ ଓ ପ୍ରାଣୀ ପାଳନ ଗ୍ରାମାଞ୍ଚଳର ଲୋକଙ୍କୁ ବର୍ଷସାରା ରୋଜଗାର ଦେବା ସହିତ ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିପାରିଛି। ମତ୍ସ୍ୟ-ପ୍ରାଣୀ ସମାବେଶ ମତ୍ସ୍ୟଚାଷୀଙ୍କୁ ନୂତନ ଜ୍ଞାନକୌଶଳ ବ୍ୟବହାର ନିମନ୍ତେ ନିଶ୍ଚିତ ରୂପେ ପ୍ରୋତ୍ସାହିତ କରିବ। ରାଜ୍ୟ ଖାଦ୍ୟ କମିଶନର ଅଧ୍ୟକ୍ଷ ଅବନିକାନ୍ତ ସାହୁ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜ୍‌ରା, ଓପିଡିସି ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପାତ୍ର ଓ ଓପୋଲୋଫେଡ୍ ଅଧ୍ୟକ୍ଷ ଭୋଳେଶ୍ୱର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାଛଚାଷ ଓ ପ୍ରାଣୀପାଳନ କ୍ଷେତ୍ରରେ ରାଜ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଚାମ୍ପିୟନ୍ ମାଛଚାଷୀ ଓ ପ୍ରାଣୀପାଳକ ଏବଂ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିବା ମତ୍ସ୍ୟ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଉଦ୍ୟୋଗୀମାନଙ୍କୁ ସବ୍‌ସିଡି ରାଶିର ଚେକ୍ ପ୍ରଦାନ କରାଯାଇଥିଲା। ପୁରୀର ମହିଳା ଚାଷୀ ସୀମା ମିଶ୍ର ସ୍ୱାଗତ ଭାଷଣ ଓ ବାଲେଶ୍ୱରର ମହିଳା ଚାଷୀ ଶୁଭସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଜଣେ ମହିଳା ଉଦ୍ୟୋଗୀଙ୍କୁ ସବ୍‌ସିଡି ରାଶିର ଚେକ୍ ପ୍ରଦାନ କରୁଛନ୍ତି।

## ଭଡ଼ାଘରୁ ଶିକ୍ଷକଙ୍କ ମୃତଦେହ ଜବତ

**ନିରାକାରପୁର, ୧୭।୨ (ମାନସ ଚନ୍ଦ୍ର ପଟ୍ଟନାୟକ):** ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ କ୍ଷେତ୍ରବାସୀ କଲେଜ ଖେଳପଡ଼ିଆର ପଶ୍ଚିମପାର୍ଶ୍ୱରେ ଥିବା ଏକ ଭଡ଼ାଘରୁ ଜଣେ ଶିକ୍ଷକଙ୍କ ମୃତଦେହ ଶନିବାର ପୋଲିସ ଜବତ କରିଛି। ସେ ହେଲେ ଯାଜପୁର ଜିଲା ଚଣ୍ଡିଖୋଲ ଥାନା ଅନ୍ତର୍ଗତ କଣ୍ଟିଗାଡ଼ିଆ ଗ୍ରାମର ସତ୍ୟାନନ୍ଦ ବ୍ରହ୍ମା (୫୭)। ପୁରୀ ଜିଲା କଣାସ ବ୍ଲକ ଦିବ୍ୟସିଂପୁର ପଞ୍ଚାୟତ ଅନ୍ତର୍ଗତ କନକଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟରେ ସେ ଶିକ୍ଷକତା କରୁଥିବା ବେଳେ ଉକ୍ତ ଘରେ ଭଡ଼ାରେ ରହିଆସୁଥିଲେ। ଉକ୍ତ ସ୍କୁଲ୍‌ର କେତେଜଣ ଶିକ୍ଷକଙ୍କ କହିବା ଅନୁଯାୟୀ, ଶିକ୍ଷକ ସତ୍ୟାନନ୍ଦ ଗତ ଗୁରୁବାର ସ୍କୁଲକୁ ଆସି ଅପରାହ୍ନ ୪ଟାରେ ଘରକୁ ଫେରିଥିଲେ। ହେଲେ ଶୁକ୍ରବାର ସ୍କୁଲ ନ ଆସିବାରୁ ବାରମ୍ବାର ତାଙ୍କ ମୋବାଇଲ ନମ୍ବରକୁ କଲ୍ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ତେଣୁ ଶନିବାର ସନ୍ଧ୍ୟାରେ କେତେଜଣ ଶିକ୍ଷକ ସ୍କୁଲ ନ ଆସିବାର କାରଣ ଜାଣିବାକୁ ସତ୍ୟାନନ୍ଦ ରହୁଥିବା ଭଡ଼ାଘରେ ପହଞ୍ଚିଥିଲେ। ଘରର ଗ୍ରୀଲ୍ ଖୋଲି ଦେଖିବା ବେଳକୁ ସତ୍ୟାନନ୍ଦଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ନିରାକାରପୁର ପୋଲିସକୁ ଜଣାଇଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖବରପାଇ ପରିବାର ଲୋକେ ମଧ୍ୟ ପହଞ୍ଚିଛନ୍ତି। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ଏଏସ୍‌ଆଇ ତପନ ପ୍ରଧାନ ସୂଚନା ଦେଇଛନ୍ତି।

## ଭ୍ରମଣରେ ବାହାରିଲେ ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର

**ଓଡ଼ିଶା ଦର୍ଶନ ଓ ଯୁବବିନିମୟ କାର୍ଯ୍ୟକ୍ରମ ଆରମ୍ଭ**

ଭୁବନେଶ୍ୱର, ୧୭।୨ (ଅସମାପିକା ସାହୁ)

ଜାତୀୟ ସେବା ଯୋଜନା ଶାଖା(ଏନ୍‌ଏସ୍‌ଏସ୍ ସେଲ୍)ର ପ୍ରାୟ ୩୦୦ଜଣ ଛାତ୍ରୀଛାତ୍ର ଓଡ଼ିଶା ଦର୍ଶନ ଓ ଯୁବବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶାର ବିଭିନ୍ନ ସ୍ଥାନ ଦର୍ଶନ ପାଇଁ ଶନିବାର ଯାତ୍ରା ଆରମ୍ଭ କରିଛନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ପରାମର୍ଶକ୍ରମେ ଏବଂ ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଆୟୋଜନ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଛାତ୍ରୀଛାତ୍ରମାନେ ଚାନ୍ଦିପୁର, ମା' ତାରିଣୀ ମନ୍ଦିର, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, କୋଣାର୍କ, ବାରବାଟୀ ଦୁର୍ଗ, ରତ୍ନଗିରି, ଲଳିତଗିରି, ଯୋରନ୍ଦା ଆଦି ବିଭିନ୍ନ ଦର୍ଶନୀୟ ସ୍ଥାନ ଓ ବିଶ୍ୱବିଦ୍ୟାଳୟ ପରିଭ୍ରମଣ କରିବେ। ଏଥିଲାଗି ସେମାନଙ୍କୁ ୪ଟି ଦଳରେ ଭାଗ କରାଯାଇଥିବାବେଳେ ୬ଟି ବସ୍‌ର ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମ ୨୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଯାତ୍ରାରମ୍ଭ ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ରମାକାନ୍ତ ନାୟକ କହିଲେ, ଏନ୍‌ଏସ୍‌ଏସ୍‌ର ଓଡ଼ିଶା ଦର୍ଶନ ଓ ଯୁବବିନିମୟ କାର୍ଯ୍ୟକ୍ରମ ଏକ ଅଭିନବ ପଦକ୍ଷେପ। ସ୍ୱେଚ୍ଛାସେବୀମାନେ ପ୍ରାୟତଃ ଅଧିକାଂଶ ସମୟ ସେବାରେ ଦିଅନ୍ତି, କିନ୍ତୁ ଏଥର ସେମାନେ କିଛି ସମୟ ରାଜ୍ୟର ବିଭିନ୍ନ ଦର୍ଶନୀୟ ସ୍ଥାନ ପରିଭ୍ରମଣ କରିବା ପୂର୍ବକ ଭାବର ଆଦାନପ୍ରଦାନ ସହ ଅଧିକ ଜ୍ଞାନ ଆହରଣ କରିବେ। ଛାତ୍ରୀଛାତ୍ରଙ୍କ ସହ ଦୁଇଜଣ ଲେଖାଏ ଅଫିସର ଗାଇଡ୍ ଭାବେ ସାଙ୍ଗରେ ଯାଇଛନ୍ତି। ଓଡ଼ିଶାର ଭୌଗୋଳିକ, ସାଂସ୍କୃତିକ, ସାମାଜିକ ଚଳଣିଗତ ବିବିଧତା ଅନୁଭବପୂର୍ବକ ଏନ୍‌ଏସ୍‌ଏସ୍ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ସ୍ୱେଚ୍ଛାସେବୀମାନେ ଭାବବିନିମୟ କରି ଅଧିକ ଜ୍ଞାନ ଆହରଣ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଯାତ୍ରାର ସମସ୍ତ ଖର୍ଚ୍ଚ ସରକାର ଓ ଉଚ୍ଚଶିକ୍ଷା ବିଭାଗ ବହନ କରିଛନ୍ତି ବୋଲି ସଚିବ କହିଛନ୍ତି। ଏନ୍‌ଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ପୂର୍ବତନ ରାଜ୍ୟ ଏନ୍‌ଏସ୍‌ଏସ୍ ଅଫିସର ସୁରେଖା ସୁନ୍ଦରୀ ସ୍ୱାଇଁ, ରାଜ୍ୟ ଏନ୍‌ଏସ୍‌ଏସ୍ ଅଫିସର ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଓଡ଼ିଶା ଦର୍ଶନ ଓ ଯୁବବିନିମୟ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରୁଛନ୍ତି।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟରେ ଦୁର୍ନୀତି ନେଇ ସିବିଆଇରେ ଅଭିଯୋଗ

**ଭୁବନେଶ୍ୱର, ୧୭।୨ (ସୂର୍ଯ୍ୟକାନ୍ତ ବେହେରା):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଶହ ଶହ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ କରି ଭୁବନେଶ୍ୱର ସିବିଆଇ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରୀ ଜଗନ୍ନାଥ ସେନା ପକ୍ଷରୁ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ସିବିଆଇ ଏସ୍‌ପିଙ୍କୁ ଭେଟି ଅଭିଯୋଗପତ୍ର ଦିଆଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ସେନାର ରାଷ୍ଟ୍ରୀୟ ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପରେ ୪ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିବା ରାଜ୍ୟ ସରକାର ଦର୍ଶାଉଛନ୍ତି। କିନ୍ତୁ କାର୍ତ୍ତିକ ପାଣ୍ଡିଆନ ପ୍ରକଳ୍ପ ନାମରେ ଶହ ଶହ କୋଟି ଟଙ୍କା ଲୁଟି ନେଇଛନ୍ତି। ୪ଟି ପାଇଖାନା, ବାହାର ବେଢ଼ା ଓ ଗୋଟିଏ ସେତୁରେ ୪୨୦୦ କୋଟି ଟଙ୍କା ଖର୍ଚ୍ଚ କରିଥିବା କହୁଛନ୍ତି। ଏହାସହ ଗାଁ ଗାଁ ଅର୍ପଣ ରଥରେ ଶ୍ରୀ ଜଗନ୍ନାଥଙ୍କୁ ବୁଲାଇ ଗୁଆ ଚାଉଳ ସଂଗ୍ରହ କରିବାରେ ୧୩୫ କୋଟି ୮୮ ଲକ୍ଷ ଓ ବିଜେଡି କର୍ମୀଙ୍କୁ ପୁରୀ ବୁଲାଇବାକୁ ୩୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଲୋକଙ୍କୁ ପୁରୀ ବୁଲାଇବାରେ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ସାଧାରଣ ଲୋକଙ୍କ ଟ୍ୟାକ୍ସ ପଇସାରେ ସରକାରର ନିର୍ବାଚନ ପ୍ରଚାର କରୁଛନ୍ତି। ଖର୍ଚ୍ଚ ଟଙ୍କା ମଧ୍ୟରୁ ପ୍ରାୟ ୭୫ ପ୍ରତିଶତ ହେରଫେର ହୋଇଥିବା ଅଭିଯୋଗପତ୍ରରେ ଦର୍ଶାଇଛି ଜଗନ୍ନାଥ ସେନା। ପୂର୍ବରୁ ଦିଲ୍ଲୀର ସିବିଆଇ ମୁଖ୍ୟ କାର୍ଯ୍ୟାଳୟରେ ମଧ୍ୟ ଏନେଇ ଅଭିଯୋଗ ହୋଇଥିଲା।

## ମହୁମାଛି ଆକ୍ରମଣରେ ବୃଦ୍ଧଙ୍କ ଜୀବନ ଗଲା

**କଣାସ, ୧୭।୨ (ବିଭୂତି ଭୂଷଣ ତ୍ରିପାଠୀ):** ମହୁମାଛି ଆକ୍ରମଣରେ ଗୁରୁତର ହୋଇ ଜଣେ ବୃଦ୍ଧଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା କଣାସ ବ୍ଲକ ଦେଇପୁର ପଞ୍ଚାୟତର ବିରତୋଇ ଗ୍ରାମର ପଞ୍ଚୁ ସାହୁ(୮୨)। ସୂଚନା ମୁତାବକ, ପଞ୍ଚୁ ଓ ତାଙ୍କ ପୁଅ ଚନ୍ଦ୍ରଶେଖର ସାହୁ(୫୩) ଗୁରୁବାର ନିକଟ ବଗିଚାକୁ ଜାଳେଣୀ କାଠ ସଂଗ୍ରହ କରିବାକୁ ଯାଇଥିଲେ। ସେଠାରେ ସେମାନଙ୍କୁ ବାଘୁଆ ମହୁମାଛି ଆକ୍ରମଣ କରିଥିଲା। ଦୁହିଁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱର ଏମ୍‌ସକୁ ନିଆଯାଇଥିଲା। ଶୁକ୍ରବାର ବାପା, ପୁଅ ସୁସ୍ଥ ହେବାରୁ ଉଭୟ ଘରକୁ ଫେରି ଆସିଥିଲେ। ସେହି ରାତିରେ ପଞ୍ଚୁଙ୍କ ରକ୍ତ ବାନ୍ତି ହେବାରୁ ତାଙ୍କୁ ପୁନଶ୍ଚ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ପଞ୍ଚୁଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ପଞ୍ଚୁଙ୍କୁ ଘରକୁ ଅଣାଯାଇ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଛି। ପଞ୍ଚୁ ଜଣେ ଭୂମି ହୀନ ବ୍ୟକ୍ତି ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଯୁକ୍ତ୨ କଳା, ବାଣିଜ୍ୟ ପରୀକ୍ଷା ଆରମ୍ଭ

**କପି କରି ଧରାପଡ଼ିଲେ ୫୪**

ଭୁବନେଶ୍ୱର, ୧୭।୨ (ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଚାଲିଛି। ଶନିବାର କଳା ଓ ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ରଙ୍କ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିନରେ ସେମାନେ ମାତୃଭାଷା ବିଷୟରେ ପରୀକ୍ଷା ଦେଇଛନ୍ତି। ପରୀକ୍ଷା ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହୋଇଥିଲା। ଏହି ଦୁଇଟି ବିଭାଗରେ ମୋଟ ୫୪ଜଣ କପି କରି ଧରାପଡ଼ିଛନ୍ତି। ସମ୍ବଲପୁର ଜୋନ୍‌ରେ ସର୍ବାଧିକ ୨୨ଜଣ ଥିବାବେଳେ ସେଣ୍ଟ୍ରାଲ ଜୋନ୍‌ରୁ ୨୦, ବ୍ରହ୍ମପୁର ଏବଂ ବାରିପଦା ଜୋନରୁ ୬ ଜଣ ଲେଖାଏ ପରୀକ୍ଷାର୍ଥୀ କପି କରି ଧରାପଡ଼ିଛନ୍ତି। ଚଳିତବର୍ଷ ୩ ଲକ୍ଷ ୮୬ ହଜାର ୨୫୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ପଞ୍ଜୀକରଣ କରିଥିଲେ। କଳାରେ ୨ ଲକ୍ଷ ୩୭ ହଜାର ୭୫୦, ବିଜ୍ଞାନରେ ୧ ଲକ୍ଷ ୧୬ ହଜାର ୬୨୦, ବାଣିଜ୍ୟରେ ୨୬ ହଜାର ୮୯ ଜଣ ରହିଥିବାବେଳେ ଧନ୍ଦାମୂଳକରେ ୫ହଜାର ୭୯୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ଏହା ମାର୍ଚ୍ଚ ୨୦ ଯାଏ ଚାଲିବ।

## ପରୀକ୍ଷାମୂଳକ ଭାବେ ଚାଲିଲା ଏଆଇ କଣ୍ଟ୍ରୋଲ ରୁମ୍

**ମାଟ୍ରିକ ପରୀକ୍ଷା ପ୍ରସ୍ତୁତି**

**ଅସ୍ଥାୟୀ ସିସିଟିଭି କ୍ୟାମେରା ସ୍ଥାପନ ସରିଲା**

କଟକ, ୧୭।୨ (କାର୍ତ୍ତିକ ସାହୁ)

ଚଳିତବର୍ଷର ମାଟ୍ରିକ, ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଆସନ୍ତା ୨୦ରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପରୀକ୍ଷା ପରିଚାଳନା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। କଟକସ୍ଥିତ ବୋର୍ଡ ମୁଖ୍ୟାଳୟରେ ସିସିଟିଭି କଣ୍ଟ୍ରୋଲ ରୁମ୍ ପରୀକ୍ଷାମୂଳକ ଭାବେ ଶନିବାର ଚାଲିଛି। ପ୍ରଥମଥର ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ପ୍ରୟୋଗରେ ସିସିଟିଭି କ୍ୟାମେରାଗୁଡ଼ିକର ସ୍ଥାପନା ଶେଷ ହୋଇଛି ବୋଲି ବୋର୍ଡ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

ଚଳିତବର୍ଷ ପରୀକ୍ଷା ପରିଚାଳନାରେ ସୁଧାର ଓ ସଂସ୍କାର ଆଣିବା ପାଇଁ ବୋର୍ଡ ପକ୍ଷରୁ ନୋଡାଲ ସେଣ୍ଟର ଓ ସମ୍ବେଦନଶୀଳ କେନ୍ଦ୍ରଗୁଡ଼ିକରେ ପ୍ରାୟ ୬୦୦ଟି ସିସିଟିଭି କ୍ୟାମେରା ଲଗାଯାଇଛି। ଏଗୁଡ଼ିକର ନିୟନ୍ତ୍ରଣ ପାଇଁ କଣ୍ଟ୍ରୋଲ ରୁମ୍ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ ରହିଛି। କଣ୍ଟ୍ରୋଲ ରୁମ୍‌ର ଡ୍ରାଏ ରନ୍ ଟେଷ୍ଟିଂ କରାଯାଇଛି। ବୋର୍ଡ କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୦ ଜଣ ଅବଜର୍ଭର ଏହି କମାଣ୍ଡ କଣ୍ଟ୍ରୋଲ ରୁମ୍‌କୁ ପରିଚାଳନା କରିବେ। ବିଶେଷକରି ପ୍ରତ୍ୟେକ ପରୀକ୍ଷାର୍ଥୀ ଓ ସ୍କୁଲ କର୍ମଚାରୀମାନଙ୍କ ଗତିବିଧିକୁ ସିସିଟିଭି କ୍ୟାମେରା ନଜର ରଖିବ। ଏଥର ୫ ଲକ୍ଷ ୫୧ ହଜାର ୬୧୧ ଜଣ ମାଟ୍ରିକ, ୬୮୩୧ ଜଣ ମୁକ୍ତ ବିଦ୍ୟାଳୟ ଓ ୩୦୩୭ ଜଣ ମଧ୍ୟମା ପରୀକ୍ଷାର୍ଥୀ ଫର୍ମ ପୂରଣ କରିଛନ୍ତି। ସେମାନଙ୍କ ପାଇଁ ରାଜ୍ୟରେ ମୋଟ୍ ୩୦୪୭ ପରୀକ୍ଷା କେନ୍ଦ୍ର ଓ ପ୍ରଶ୍ନପତ୍ର ରଖିବା ନିମନ୍ତେ ୩୧୩ ନୋଡାଲ ସେଣ୍ଟର କରାଯାଇଛି। ସକାଳ ୭ଟା ୩୦ ମିନିଟ୍‌ରେ ପରୀକ୍ଷା କେନ୍ଦ୍ରର ଫାଟକ ଖୋଲାଯାଇ ପରୀକ୍ଷାର୍ଥୀମାନଙ୍କୁ ଯାଞ୍ଚ ପରେ ଭିତରକୁ ଛଡାଯିବ। ୮ଟା ୩୦ ମିନିଟ୍‌ରେ ପରୀକ୍ଷାର୍ଥୀମାନଙ୍କୁ ଓଏମ୍‌ଆର୍ ଶିଟ୍ ପ୍ରଦାନ କରାଯିବ। ଚଳିତବର୍ଷ ମଧ୍ୟ ପରୀକ୍ଷା କାର୍ଯ୍ୟରେ ନିୟୋଜିତ ଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନେ ମୋବାଇଲ ସାଙ୍ଗରେ ନେଇ ପରୀକ୍ଷା ହଲ୍‌କୁ ଯାଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷାରେ ଅସାଧୁ ଉପାୟ ତଥା କପି ରୋକିବା ପାଇଁ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଥିବା ଜଣାପଡିଛି।

**ସେଲ୍ଫି କର୍ନର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com


@ ମୁରଲୀ


@ ସୂର୍ଯ୍ୟକାନ୍ତ


@ ସନ୍ତୋଷ


@ ପ୍ରଭାସିନୀ


@ ଲିଜାରାଣୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ତାତି ବଢ଼ିବ, ଘନକୁହୁଡ଼ି ପାଇଁ ୟେଲୋ ୱାର୍ନିଂ

**୨୩ରୁ ବର୍ଷା ସମ୍ଭାବନା**

ଭୁବନେଶ୍ୱର, ୧୭।୨ (ଅନୁରାଧା ମହାରଣା)

ଗୁରୁଚାପ ବଳୟ ପ୍ରଭାବରେ ରାଜ୍ୟ ମଧ୍ୟକୁ ବଙ୍ଗୋପସାଗର ଅଞ୍ଚଳରୁ କ୍ରମାଗତ ଭାବେ ଜଳୀୟବାଷ୍ପ ପୂର୍ଣ୍ଣ ଉଷ୍ମ ବାୟୁ ପ୍ରବେଶ କରୁଥିବାରୁ ରାତ୍ରି ତାପମାତ୍ରାରେ ଆହୁରି ୨ ରୁ ୩ ଡ଼ିଗ୍ରୀ ଯାଏ ବୃଦ୍ଧି ସମ୍ଭାବନା ରହିଛି। ଏଥିସହ ଆଗାମୀ ୭ ଦିନ ଯାଏ ଶୀତର କୌଣସି ସମ୍ଭାବନା ନ ଥିବାବେଳେ ବିଭିନ୍ନ ଅଞ୍ଚଳରେ ଘନ କୁହୁଡ଼ି ଦେଖାଦେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପଧରୁ ସୂଚନା ଦିଆଯାଇଛି। ଘନ କୁହୁଡି ସମୟରେ ଦୃଶ୍ୟମାନ ଦୂରତା ୨୦୦ ମିଟରରୁ ୫୦ ମିଟର ମଧ୍ୟରେ ସୀମିତ ରହୁଥିବାରୁ ଯାତାୟାତ ତଥା ଜାତୀୟ ରାଜପଥଗୁଡିକରେ ପରିବହନରେ ବାଧା ଉପୁଜିପାରେ। ତେଣୁ ରବିବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଜଗତ୍‌ସିଂହପୁର, ଭଦ୍ରକ, କଟକ, ଅନୁଗୋଳ, ଢ଼େଙ୍କାନାଳ, କେନ୍ଦ୍ରାପଡ଼ା, କନ୍ଧମାଳ, ସୋନପୁର, ବୌଦ୍ଧ, ଯାଜପୁର ଓ ରାୟଗଡ଼ା ଆଦି ଜିଲାରେ ଘନ କୁହୁଡି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୯ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କୋରାପୁଟ୍, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ସୋନପୁର, ବୌଦ୍ଧ, ସମ୍ବଲପୁର, ଅନୁଗୋଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡ଼ା ଆଦି ଜିଲାକୁ ମଧ୍ୟ ସତର୍କ କରାଯାଇଛି। ୨୦ ତାରିଖରେ ମଧ୍ୟ ଉପକୂଳ ଓଡ଼ିଶା ସମେତ ଅନ୍ୟାନ୍ୟ ଜିଲାରେ କୁହୁଡ଼ି ପ୍ରଭାବ ରହିବ। ତେବେ ୨୩ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବାଲେଶ୍ୱର ଆଦି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଅସୁସ୍ଥ ଦନ୍ତାକୁ ଟ୍ରାଙ୍କୁଲାଇଜ କଲା ବନ ବିଭାଗ



ଟ୍ରାଙ୍କୁଲାଇଜ ପରେ ଅସୁସ୍ଥ ଦନ୍ତା ହାତୀର ଚିକିତ୍ସା କରାଯାଉଛି।

**ଛେଣ୍ଡିପଦା, ୧୭।୨ (ଅଜିତ ଧଳ)**

- ମୁଣ୍ଡରେ ରହିଛି ୬ରୁ ଉର୍ଦ୍ଧ୍ୱ କ୍ଷତ
- ଚିକିତ୍ସା ଚଳାଇଛି ବନ ବିଭାଗ
- ମୁଣ୍ଡରେ ବାଜିଛି ଦେଶୀ ବନ୍ଧୁକ ଛେଲା ଗୁଳି

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳରେ ଗତ ୩ଦିନ ହେବ ଅସୁସ୍ଥ ହୋଇ ଘୂରି ବୁଲୁଥିବା ଏକ ଗୋଠ ଛଡା ଦନ୍ତା ହାତୀକୁ ଛେଣ୍ଡିପଦା ସପୋଇସାହି ନିକଟରେ ଶନିବାର ମଧ୍ୟାହ୍ନରେ ବନବିଭାଗ ଟ୍ରାଙ୍କୁଲାଇଜ କରିଛି। ଅନୁଗୋଳ ଡିଏଫଓ ବିବେକ କୁମାରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ହାତୀକୁ ଟ୍ରାଙ୍କୁଲାଇଜ ପରେ ନନ୍ଦନକାନନ, ଢେଙ୍କାନାଳ ଓ ଅନୁଗୋଳ ସାତକୋଶିଆ ଅଭୟାରଣ୍ୟରୁ ଆସିଥିବା ପ୍ରାଣୀ ଚିକିତ୍ସକମାନେ ହାତୀର ଚିକିତ୍ସା କରିଥିଲେ। ଚିକିତ୍ସା ଚାଲିଥିବା ସମୟରେ ହାତୀ ମୁଣ୍ଡରେ ୬ରୁ ଉର୍ଦ୍ଧ୍ୱ ଗଭୀର କ୍ଷତ ରହିଥିବା ଦେଖିବାକୁ ମିଳିଥିଲା। ମୁଣ୍ଡରେ ଗୁଳିଥିବା ସନ୍ଦେହ କରି ଡାକ୍ତରୀ ଦଳ ମେଟାଲ ଡିଟେକ୍ଟର ମାଧ୍ୟମରେ ନିରୀକ୍ଷଣ କରିବା ସହ ହାତୀକୁ ସାଲାଇନ ଏବଂ ଆଣ୍ଟିବାଓଟିକ ଦେଇ ଚିକିତ୍ସା କରିଥିଲେ। ଦୀର୍ଘ ୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଅସୁସ୍ଥ ହାତୀର ଚିକିତ୍ସା କରାଯାଇଥିଲା। ଚିକିତ୍ସା ପରେ ହାତୀ ଉପରେ ଡାକ୍ତର ଦଳ ତୀକ୍ଷ୍ଣ ନଜର ରଖିଛନ୍ତି। ଏ ନେଇ ଅନୁଗୋଳ ଡିଏଫଓ ବିବେକ କୁମାର କହିଛନ୍ତି, ହାତୀ ମୁଣ୍ଡରେ ଛେଲା ବନ୍ଧୁକ ଗୁଳି ବାଜି ଆହତ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଚିକିତ୍ସା ସମୟରେ ହାତୀ ମୁଣ୍ଡରେ ଗୁଳି ନ ଥିବାବେଳେ ଡାକ୍ତରୀ ଦଳ ହାତୀର ଚିକିତ୍ସା ଜାରି ରଖିଛନ୍ତି। ହାତୀର ସମ୍ପୂର୍ଣ୍ଣ ଚିକିତ୍ସା ସରିବା ପର୍ଯ୍ୟନ୍ତ ହାତୀକୁ ସେଠାରେ ରଖାଯାଇ ଚିକିତ୍ସା କରାଯିବ। ଏହି ଘଟଣାର ତଦନ୍ତ ଜାରି ରହିଛି।

# ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ସ୍ଥଗିତ

**ଭୁବନେଶ୍ୱର, ୧୭।୨ (ଅସମାପିକା ସାହୁ)**

ଦୀର୍ଘ ୩୧ଦିନର ଆନ୍ଦୋଳନରୁ ଓହରିଛନ୍ତି ପ୍ରାଣୀ ଚିକିତ୍ସକ। ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ଓଡ଼ିଶା ଭେଟେରିନାରି ସର୍ଭିସ୍ ଆସୋସିଏଶନ ପକ୍ଷରୁ କୁହାଯାଇଛି। ସଂଘର ସୂଚନାନୁସାରେ, ଶନିବାର ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିବାବେଳେ ସରକାରଙ୍କ ପକ୍ଷରୁ ଆଲୋଚନା ପାଇଁ ଡକରା ଆସିଥିଲା। ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତାଙ୍କ ସମେତ ବିଭାଗୀୟ ତଥା ଅନ୍ୟ ଅଧିକାରୀଙ୍କ ସହ ସଂଘର ସକାରାତ୍ମକ ଆଲୋଚନା ହୋଇଥିଲା। ଖୁବ୍‌ଶୀଘ୍ର ପର୍ଯ୍ୟାୟକ୍ରମେ ଦାବିଗୁଡ଼ିକ ପୂରଣ ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ସଂଘ ଆନ୍ଦୋଳନକୁ ସ୍ଥଗିତ ରଖିବା ସହିତ ପ୍ରାଣୀ ଚିକିତ୍ସକମାନେ ନିଜ କାର୍ଯ୍ୟରେ ଯୋଗଦେବେ ବୋଲି ସଭାପତି ଡା. ଯଦୁନାଥ ପରିଡ଼ା କହିଛନ୍ତି। ସୂଚନାଯୋଗ୍ୟ, ପ୍ରାଣୀ ଚିକିତ୍ସକମାନେ ଦୁଇବର୍ଷ ହେବ ୪ଦଫା ଦାବି ପୂରଣ ପାଇଁ ସରକାରଙ୍କୁ ନିବେଦନ କରି ଆସୁଛନ୍ତି। ବିଭାଗୀୟ ରୂପାନ୍ତରୀକରଣ ଯଥା ନିଃଶୁଳ୍କ ଚିକିତ୍ସା, ବିଶେଷଜ୍ଞ ଚିକିତ୍ସା, ୨୪ ଘଣ୍ଟିଆ ସେବା ସହିତ ଓଡ଼ିଶାରେ ପ୍ରାଣୀ ଚିକିତ୍ସକଙ୍କୁ କେନ୍ଦ୍ରୀୟ ହାରରେ ପଦୋନ୍ନତି ସୁବିଧା, ନନ୍ ପ୍ରାକ୍ଟିସିଂ ଭତ୍ତା ଓ କ୍ୟାଡର ପୁନର୍ଗଠନ ପାଇଁ ସଂଘ ଦାବି ଜଣାଇଆସୁଛି। କିନ୍ତୁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ସଂଘ ପକ୍ଷରୁ ଗତ ୧୮ ତାରିଖରୁ ଆନ୍ଦୋଳନ କରାଯାଇଥିଲା। ଏଥିରେ ୧,୨୩୫ଜଣ ପ୍ରାଣୀ ଚିକିତ୍ସକ ସାମିଲ ହୋଇଥିଲେ। ପ୍ରାଣୀ ଚିକିତ୍ସକମାନେ କାର୍ଯ୍ୟ ବନ୍ଦ କରି ଜିଲା ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟରେ ଧାରଣା ଦେଉଥିଲେ। ଗତ ଶୁକ୍ରବାର ରାଜସ୍ତରୀୟ ଅର୍ଥାତ୍ କଟକସ୍ଥିତ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଆଗରେ ଧାରଣା ଦିଆଯାଇଥିଲା। ଏଥିସହ ଭୁବନେଶ୍ୱରର ଲୋୟର ପିଏମ୍‌ଜିରେ ଧାରଣା ଓ ବିକ୍ଷୋଭ ଜାରି ରହିଥିଲା। ଦୀର୍ଘ ଏକମାସ ଧରି ପ୍ରାଣୀ ଚିକିତ୍ସକମାନେ ଆନ୍ଦୋଳନରେ ରହିବାରୁ ସାରା ରାଜ୍ୟରେ ପ୍ରାଣୀ ଚିକିତ୍ସା ସେବା ଠପ୍ ହୋଇଯାଇଥିଲା।

**'ପୃଷ୍ଠା-୩'ର ଅବଶିଷ୍ଟାଂଶ**

## ୭୩ ରୂପାନ୍ତରିତ...

ଅଞ୍ଜଳି ସ୍ୱାଇଁ, ଗଞ୍ଜାମ କେଲୁଆପଲ୍ଲୀରେ ବିଧାୟକ ବିକ୍ରମ ପଣ୍ଡା, ପଦ୍ମପୁରରେ ବିଧାୟିକା ବର୍ଷା ସିଂହ ବରିହା, କୁଚିଣ୍ଡାରେ ବିଧାୟକ କିଶୋର ଚନ୍ଦ୍ର ନାୟକ, ଗୁଣୁପୁରରେ ବିଧାୟକ ରଘୁନାଥ ଗମାଙ୍ଗୋ, ପରଜଙ୍ଗରେ ବିଧାୟକ ନୃସିଂହ ଚରଣ ସାହୁ, କଳାହାଣ୍ଡିରେ ଏମ୍‌ପି ସୁଜିତ କୁମାର, ଜଗତ୍‌ସିଂହପୁରରେ ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ଖରିଆରରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ବଡ଼ଗାଁରେ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ମୟୂରଭଞ୍ଜର ଶୀର୍ଷାଠାରେ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗଦେଇ ଆମ ହସ୍ପିଟାଲରେ ବହୁ ଉନ୍ନତମାନର ସେବା ମିଳୁଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ବୈପ୍ଳବିକ ରୂପାନ୍ତର ଘଟିଛି ବୋଲି ମତ ଦେଇଛନ୍ତି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଜଗତ୍‌ସିଂହପୁର ଜିଲାବାସୀଙ୍କୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଗତ ଜୁନ୍ ୩୦ରେ ଜଗତ୍‌ସିଂହପୁର ଜିଲା ଗସ୍ତ ସମୟରେ ଡାକ୍ତରଖାନା ଜମି ସମସ୍ୟା ବିଷୟରେ ଲୋକେ ଜଣାଇଥିଲେ। ସରକାର ତାହା ଗ୍ରହଣ କରିଛନ୍ତି। ୫ ଏକର ୮୦ ଡିସିମିଲ ଜମି ହସ୍ପିଟାଲକୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଏଥିସହିତ ହିଞ୍ଜିଳିରୁ ଏହି ଯୋଜନା ଆରମ୍ଭ ହୋଇ ଏକ ବର୍ଷ ମଧ୍ୟରେ ଆମେ ସଫଳତାର ସହ ରାଜ୍ୟରେ 'ଆମ ହସ୍ପିଟାଲ' ଯୋଜନା କାର୍ଯ୍ୟକାରୀ କରିଛୁ। ସହଯୋଗ ପାଇଁ ସମସ୍ତଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ସବୁ ଦଳ ପ୍ରତି...

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଏନ୍‌ଫୋର୍ସମେଣ୍ଟ ଏଜେନ୍ସି, ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇଛି। ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ କରିବାକୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲାପାଳ କିମ୍ବା ଏସ୍‌ପି ଅନ୍ୟ ରାଜନୈତିକ ଦଳ କଥା ଶୁଣୁନାହାନ୍ତି। ସରକାରୀ କଳକୁ ନିର୍ବାଚନରେ ବ୍ୟବହାର କରାଯାଉଛି। ସରକାରୀ ଗାଡ଼ି ଓ ଆମ୍ବୁଲାନ୍ସରେ ଟଙ୍କା ନିଆଯାଉଛି। ପ୍ରଶାସନ ନିର୍ବାଚନ ହିଂସା ରୋକିବାରେ ବିଫଳ ହେଉଛି। ନିର୍ବାଚନ ଅବାଧ, ମୁକ୍ତ ଏବଂ ନିରପେକ୍ଷ ହେଉନାହିଁ। ପେଡ୍ ନ୍ୟୁଜ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ସରକାରୀ ବିଜ୍ଞାପନରେ ଦଳୀୟ ଚିହ୍ନ ଦିଆଯାଉଛି। ଆଲୋଚନା ବେଳେ ବିଭିନ୍ନ ରାଜନୈତିକ ଦଳ ଏଭଳି ଅଭିଯୋଗ ଆଣିଥିବା କମିଶନର କହିଛନ୍ତି।

କମିଶନର କହିଛନ୍ତି, ଓଡ଼ିଶାରେ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଛି। ରାଜ୍ୟରେ ମୋଟ ୩ କୋଟି ୩୨ ଲକ୍ଷ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରେ ମହିଳା ଭୋଟରଙ୍କ ସଂଖ୍ୟା ୧.୮୪ କୋଟି ହୋଇଥିବା ବେଳେ ପୁରୁଷ ମତଦାତାଙ୍କ ସଂଖ୍ୟା ୧.୬୮ କୋଟି, ଭିନ୍ନକ୍ଷମ ଭୋଟର ସଂଖ୍ୟା ୪.୮୮ ଲକ୍ଷ ଏବଂ କିନ୍ନର ମତଦାତାଙ୍କ ସଂଖ୍ୟା ୩୩୮୦। ଯୁବ ଭୋଟର(୧୮ରୁ ୧୯ ବର୍ଷ)ଙ୍କ ସଂଖ୍ୟା ୭.୫୫ ଲକ୍ଷ ଥିବାବେଳେ ୯ ହଜାର ୬୦ ଜଣ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ଭୋଟର ଅଛନ୍ତି। ପ୍ରଥମ ଥର ପାଇଁ ୧.୭ ଲକ୍ଷ ଭୋଟର ନିଜର ମତଦାନ ସାବ୍ୟସ୍ତ କରିବେ। ମହିଳା ଭୋଟରଙ୍କ ସଂଖ୍ୟା ୪ ପ୍ରତିଶତ ବୃଦ୍ଧି ପାଇଛି। ମତଦାନ ପାଇଁ ୩୭,୮୦୯ ବୁଥ୍ ବ୍ୟବସ୍ଥା ହୋଇଛି। ୨୨,୬୮୫ ମତଦାନ କେନ୍ଦ୍ରର ୱେବ୍‌କାଷ୍ଟିଂ ହେବ। ୪ ହଜାର ବୁଥ୍‌ରେ ମହିଳା ଅଧିକାରୀ ରହିବେ। ଏଥିସହିତ ୭୦୦ ଆଦର୍ଶ ମତଦାନ କେନ୍ଦ୍ର ହେବ। ମତଦାନ ହାର କମ୍ ଥିବା ଅଞ୍ଚଳ ଉପରେ ଗୁରୁତ୍ୱ ଦିଆଯିବ। ସମସ୍ତ ମତଦାନ କେନ୍ଦ୍ରରେ ପିଇବା ପାଣି, ଶୌଚାଳୟ ବ୍ୟବସ୍ଥା କରାଯିବ। ଏହାଛଡ଼ା ସି-ଭିଜିଲ୍ ଜରିଆରେ ହିଂସାକାଣ୍ଡ, ବୁଥ୍‌ରେ ଗଣ୍ଡଗୋଳ ଉପରେ ନଜର ରଖାଯିବ। କେଉଁଠି କିଛି ସମସ୍ୟା ଦେଖାଦେଲେ ଯେକୌଣସି ବ୍ୟକ୍ତି କମିଶନଙ୍କୁ ଜଣାଇପାରିବେ। ସି-ଭିଜିଲ୍ ଆପ୍ ଜରିଆରେ ନାମ ଗୋପନ ରଖି କମିଶନଙ୍କୁ ଲୋକମାନେ ଅଭିଯୋଗ କରିପାରିବେ। ଯେଉଁଠୁ ଅଭିଯୋଗ ଆସିବ ୧୦୦ ମିନିଟ୍ ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିର୍ଦ୍ଦିଷ୍ଟ ଜାଗାରେ ସଭା ପାଇଁ ଯିଏ ପ୍ରଥମେ ଆବେଦନ କରିବ, ତାଙ୍କୁ ଅଗ୍ରାଧିକାର ଭିତ୍ତିରେ ଅନୁମତି ମିଳିବ। କୌଣସି ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା ଥିଲେ, ସେ ଗଣମାଧ୍ୟମରେ ୩ ଥର ବିଜ୍ଞାପନ ଦେଇ ଜଣାଇବେ। ସବୁ ରାଜନୈତିକ ଦଳ ପ୍ରତି ସମାନ ମନୋଭାବ ପୋଷଣ କରିବା ସହ ସେମାନଙ୍କ ଅଭିଯୋଗ ଶୁଣିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

କୋଟିଆରେ ପୂର୍ବବର୍ଷ ଭଳି ନିର୍ବାଚନ ହେବ। ଆସନ୍ତା ଜୁନ୍ ୨୪ରେ ଓଡ଼ିଶା ବିଧାନସଭାର କାର୍ଯ୍ୟକାଳ ଶେଷ ହେବାକୁ ଥିବାବେଳେ ୧୬ ଜୁନ୍‌ରେ ଲୋକ ସଭା କାର୍ଯ୍ୟକାଳ ଶେଷ ହେବ। ଏହା ପୂର୍ବରୁ ନିର୍ବାଚନ ହେବା ଜରୁରୀ ବୋଲି କହିଛନ୍ତି ମୁଖ୍ୟ ନିର୍ବାଚନ କମିଶନର। ଖବରଦାତା ସମ୍ମିଳନୀରେ ନିର୍ବାଚନ କମିଶନର ଅରୁଣ ଗୋଏଲ, ବରିଷ୍ଠ ଉପନିର୍ବାଚନ କମିଶନର ଧର୍ମେନ୍ଦ୍ର ଶର୍ମା ଓ ନିତେଶ ବ୍ୟାସ୍, ବରିଷ୍ଠ ଡେପୁଟି ନିର୍ବାଚନ କମିଶନର ମନୋଜ କୁମାର ସାହୁ, ଡିଜି ମିଡିଆ ବି.ନାରାୟଣନ୍, ନିର୍ଦ୍ଦେଶକ ପଙ୍କଜ ଶ୍ରୀବାସ୍ତବ, ନିର୍ବାଚନ ଆୟୋଗଙ୍କ ସଚିବ ରାକେଶ କୁମାର ଓ ଡେପୁଟି ଡାଇରେକ୍ଟର ପି. ପାୱନ୍, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍. ତିରୁମାଲା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଫେରିବ ଚୌଦ୍ୱାର...

ଶିଳ୍ପ ବିକାଶ କ୍ଷେତ୍ରରେ ବିଜୁବାବୁଙ୍କ ଉଦ୍ୟମ ଉଲ୍ଲେଖନୀୟ। ଏହି ପ୍ରକଳ୍ପ ଦ୍ୱାରା ୧୦,୦୦୦ ପ୍ରତ୍ୟକ୍ଷ ନିଯୁକ୍ତି ସହିତ ୨୦,୦୦୦ ପରୋକ୍ଷ ନିଯୁକ୍ତି ମିଳିବ। ଓଡ଼ିଶାର କପାଚାଷୀଙ୍କ ଉନ୍ନତି ପାଇଁ ସେ ଉଦ୍ୟମ କରିବେ ବୋଲି କହିଛନ୍ତି। ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି, ଚୌଦ୍ୱାର ହେଉଛି ଓଡ଼ିଶାର ପ୍ରଥମ ଶିଳ୍ପନଗରୀ। ଶନିବାର ପୁଣିଥରେ ଏହା ବିକାଶ ପଥରେ ଅଗ୍ରସର ହେଲା। ଏହି ଶିଳ୍ପ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସହିତ ବ୍ୟାପକ ଆତ୍ମନିଯୁକ୍ତି ମଧ୍ୟ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଜନସାଧାରଣଙ୍କ ସହ ମତ ବିନିମୟ କରି ବିଭିନ୍ନ ଯୋଜନାରେ ବର୍ଦ୍ଧିତ ଅର୍ଥପ୍ରାପ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ମଧୁବାବୁ ପେନ୍‌ସନ୍, ମମତା, ଲକ୍ଷ୍ମୀ ଓ କଳାକାର ଭତ୍ତା ଯୋଜନାରେ ବଢ଼ିଥିବା ଅର୍ଥ ସମ୍ପର୍କରେ ଲୋକଙ୍କୁ ସଚେତନ କରି ଗାଁରେ ଅନ୍ୟମାନଙ୍କୁ ଜଣାଇବାକୁ କହିଥିଲେ। ସେହିପରି ନୂଆ-ଓ ଛାତ୍ରବୃତ୍ତି ଆସନ୍ତା ୨୫ ତାରିଖ ସୁଦ୍ଧା ଛାତ୍ରୀଛାତ୍ରମାନେ ପାଇବେ ବୋଲି କହିଥିଲେ। ଚୌଦ୍ୱାର ବୟନଶିଳ୍ପ ପାଇଁ ୬୫୦ ପରିବାରର ଘର ସମସ୍ୟା ସୃଷ୍ଟି ହେଉଥିବା ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି ସମସ୍ୟା ଶୀଘ୍ର ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ସୌଭିକ୍ ବିଶ୍ୱାଳ, ପ୍ରତାପ ଜେନା, ଚନ୍ଦ୍ରସାରଥି ବେହେରା, ପ୍ରଶାନ୍ତ ବେହେରା, ପ୍ରମୋଦ ମଲ୍ଲିକ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା ଧନ୍ୟବାଦ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ୱେଲ୍‌ସ୍ପନ୍ ଗ୍ରୁପ୍ ବିଶ୍ୱର ଏକ ପ୍ରସିଦ୍ଧ ବୟନ ସାମଗ୍ରୀ ଉତ୍ପାଦନ କମ୍ପାନୀ। ଚୌଦ୍ୱାରରେ ଏହା ଏକ ଇଣ୍ଟିଗ୍ରେଟେଡ୍ ଟେକ୍ସଟାଇଲ ମାନୁଫାକ୍ଚରିଂ ଫାସିଲିଟି ଏବଂ ୱେୟାରହାଉସିଂ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ଯାଉଛି। ଏଥିପାଇଁ କମ୍ପାନୀ ୩୦୫୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରୁଛି। ଏହାଦ୍ୱାରା ସିଧାସଳଖ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟିହେବ। କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକୁ ବ୍ୟାପାର କ୍ଷେତ୍ରରେ ବିପୁଳ ସମ୍ଭାବନା ସୃଷ୍ଟି ହେବା ସହିତ ରାଜ୍ୟର ଶିଳ୍ପ ବାତାବରଣରେ ଉନ୍ନତି ଆସିବ। ୨୦୨୨ ମେକ୍-ଇନ୍-ଓଡ଼ିଶା କାର୍ଯ୍ୟକ୍ରମ ସମୟରେ ରାଜ୍ୟ ଶିଳ୍ପ ବିଭାଗ ଓ ଇପିକଲ ପକ୍ଷରୁ ଏକ ଟିମ୍ ୱେଲ୍‌ସ୍ପନ ଗ୍ରୁପ୍‌ର ଅଧ୍ୟକ୍ଷ ବି.କେ. ଗୋଏଙ୍କାଙ୍କୁ ଓଡ଼ିଶାରେ ଏହି ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇଥିଲେ। ଓଡ଼ିଶାର ଶିଳ୍ପନୀତି ଓ ଅନୁକୂଳ ଶିଳ୍ପ ବାତାବରଣକୁ ଉପଲବ୍ଧି କରି ଏହି ଗ୍ରୁପ୍ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ସମ୍ମତି ପ୍ରକାଶ କରିଥିଲା।

# ପ୍ରଫୁଲ୍ଲ ସାମଲ, ପୁଅ ପ୍ରୟାସକାନ୍ତିଙ୍କୁ ଇଡି ସମନ

**ବରପଦା ଇଞ୍ଜିନିୟରିଂ କଲେଜ ଦୁର୍ନୀତି ଘଟଣା**

**ବିଜେଡି ଜିଲା ପର୍ଯ୍ୟବେକ୍ଷକ ଭେଟିବାକୁ ନେଇ ଚର୍ଚ୍ଚା**



ବିଧାୟକ ପ୍ରଫୁଲ୍ଲ ସାମଲଙ୍କୁ ବିଜେଡି ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା ଭେଟୁଛନ୍ତି।

**ଭୁବନେଶ୍ୱର (ସୂର୍ଯ୍ୟକାନ୍ତ ବେହେରା)/ ଭଦ୍ରକ, ୧୭।୨ (ସନାତନ ରାଉତ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ତାଙ୍କ ପୁଅ ପ୍ରୟାସକାନ୍ତିଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ସମନ କରାଯାଇଥିବା ସୂଚନା ମିଳିଛି। ବରପଦା ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ସୋସାଇଟିର ଆର୍ଥିକ ଅନିୟମିତତା ଅଭିଯୋଗ ଘଟଣାକୁ ନେଇ ଇଡି ଏହି ସମନ କରିଥିବା ଜଣାପଡିଛି। ଡକ୍ୟୁମେଣ୍ଟ ସହ ହାଜର ହେବାକୁ ଉଭୟଙ୍କୁ ସମନ ହୋଇଛି। ତେବେ ବିଧାୟକ ଓ ତାଙ୍କ ପୁଅ ଇଡି ଅଫିସ୍‌ରେ କେବେ ହାଜର ହେବେ ସେନେଇ କୌଣସି ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ ଏହାପୂର୍ବରୁ ପ୍ରଫୁଲ୍ଲ ଓ ପୁଅ ପ୍ରୟାସକାନ୍ତି ଘରେ ଇଡି ଚଢ଼ାଉ କରିଥିଲା। ଏବେ ସମନ ପରେ ଶନିବାର ମଧ୍ୟାହ୍ନରେ ବିଜେଡି ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା ଭଦ୍ରକ ନୂଆବଜାରସ୍ଥିତ ବାସଭବନରେ ତାଙ୍କୁ ଭେଟିଥିବା ସୂଚନା ମିଳିଛି। ଏହି ସମୟରେ ବିଧାୟକଙ୍କ ପୁଅ ପ୍ରୟାସକାନ୍ତି ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଏହି ସାକ୍ଷାତ୍ ସମୟର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ନାନା ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଛି। ପର୍ଯ୍ୟବେକ୍ଷକ ଦାସବର୍ମାଙ୍କ ସହ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଦଳିତ ନେତା ରାଜେନ୍ଦ୍ର ଦାସଙ୍କ ସମେତ ଆଗଧାଡ଼ିର ନେତା ଓ କର୍ମୀମାନଙ୍କୁ ଉକ୍ତ ଭିଡିଓରେ ଦେଖିବାକୁ ମିଳୁଛି। ତେବେ ଜିଲା ପର୍ଯ୍ୟବେକ୍ଷକଙ୍କ ଏହା ସୌଜନ୍ୟମୂଳକ ସାକ୍ଷାତ ବୋଲି ବିଜେଡି ପକ୍ଷରୁ କୁହାଯାଉଥିବାବେଳେ ଇଡି ଚଢ଼ାଉ ପରେ ପର୍ଯ୍ୟବେକ୍ଷକଙ୍କ ଏଭଳି ଗସ୍ତ ନେଇ ନାନା ଆଲୋଚନା ଚାଲିଛି।

ବରପଦା ଇଞ୍ଜିନିୟରିଂ କଲେଜର ଟଙ୍କା ଆତ୍ମସାତ୍, କାଗଜପତ୍ର ହେରଫେର ଏବଂ ଠକେଇ ନେଇ ଇଡିରେ ଅଭିଯୋଗ ହୋଇଥିଲା। କଲେଜ ସୋସାଇଟିର ପୂର୍ବତନ ସଭାପତି ପ୍ରୟାସକାନ୍ତି, ସମ୍ପାଦକ ମନୋଜ କୁମାର ଗୋସ୍ୱାମୀ ଏବଂ ଅନ୍ୟମାନଙ୍କ ନାମରେ କର୍ମଚାରୀମାନେ ଅଭିଯୋଗ ଆଣି ଆନ୍ଦୋଳନକୁ ଓହ୍ଲାଇଥିଲେ। ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଇଡି ଏହି ଘଟଣାର ଖୋଳତାଡ଼ ଆରମ୍ଭ କରିଥିଲା। ଗୁରୁବାର ବିଧାୟକ ପ୍ରଫୁଲ୍ଲଙ୍କ ଭଦ୍ରକ ନୂଆବଜାରସ୍ଥିତ ବାସଭବନ ଓ ତାଙ୍କ ସମ୍ପର୍କୀୟଙ୍କ ଘରେ ଇଡିର ୬ ଜଣିଆ ଟିମ୍ ଚଢ଼ାଉ କରିଥିଲା। ଏଥିସହ ସହରର ୬ଟି ସ୍ଥାନ ଓ ଭୁବନେଶ୍ୱରର ୪ଟି ସ୍ଥାନରେ ଇଡି ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏଥିସହ ଶୁକ୍ରବାର ଭୁବନେଶ୍ୱରର ପଳାସପଲ୍ଲୀରେ ଥିବା ପ୍ରଫୁଲ୍ଲଙ୍କ ପୁଅ ପ୍ରୟାସକାନ୍ତିଙ୍କ ଘରେ ଚଢ଼ାଉ କରାଯାଇ ୯ ଲକ୍ଷ ଟଙ୍କା, ଏକ ଫର୍ଚ୍ୟୁନର କାର୍, ତାରିଖ ନ ଥିବା କିଛି ଚେକ୍, ଜମି କାଗଜପତ୍ର, ଡିଜିଟାଲ ଡିଭାଇସ୍ ସହ ବିଭିନ୍ନ ସାମଗ୍ରୀ ଜବତ କରିଥିଲା।

ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ବାଲେଶ୍ୱର
ସଂଶୋଧନ ପତ୍ର
ଦୈନିକ ଖବରକାଗଜ "ଧରିତ୍ରୀ"ରେ ତା.୧୭.୦୨.୨୦୨୪ରିଖରେ ପ୍ରକାଶିତ ଆମର "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ ଗୋପାଳପୁର ଶାଖାର ଋଣଗ୍ରହୀତା: ମେସର୍ସ ମା ଲକ୍ଷ୍ମୀ ଅଟୋମୋବାଇଲର ଗ୍ୟାରେଣ୍ଟିଦାତାଙ୍କ ନାମ: ଗଜେନ୍ଦ୍ର ନାଥ ଦାସ, ସା/ପୋ: କଲ୍ୟାଣୀ, ଖନ୍ତାପଡା, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୪୪ ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟାବଳୀ ଅପରିବର୍ତ୍ତିତ।
ତାରିଖ: ୧୭.୦୨.୨୦୨୪ କ୍ଷମତାପ୍ରାପ୍ତ ଅଧିକାରୀ

केन्द्रीय विद्यालय, भंजनगर / KENDRIYA VIDYALAYA, BHANJANAGAR
At- Old Boys Hostel, KSUB College Campus, Bhanjanagar, Dist.- Ganjam-761126
प्रत्यक्ष साक्षात्कार / WALK-IN-INTERVIEW
विद्यालय में शैक्षणिक वर्ष 2024-25 में अंशकालीन अनुबंध के आधार पर संविदा शिक्षकों के पैनल तैयार करने हेतु निम्नलिखित पदों हेतु प्रत्यक्ष साक्षात्कार का आयोजन किया जाएगा। इच्छुक एवं योग्य आवेदक (आयु 18 से 65 वर्ष तक) अपने शैक्षणिक योग्यता पत्र, मूल अंक पत्र / प्रमाण पत्र (केवल सत्यापन के लिए), CTET योग्यता प्रमाण पत्र एवं पासपोर्ट साइज की एक फोटो तथा सभी प्रमाण पत्र (Self-Attested Photocopy) के साथ साक्षात्कार में भाग ले सकते हैं। साक्षातकार में उपस्थित होने वाले आवेदकों को यात्रा भत्ता / महंगाई भत्ता देय नहीं होगा। पंजीकरण दिनांक 28.02.2024 प्रातः 08.00 से 10.00 बजे तक। साक्षात्कार 10.00 बजे के अपरांत। (TGT- English, Hindi, Science, Social Science, PRT, Computer Instructor, Special Educator, Nurse, Odia Language Teacher) कृपया योग्यता की जानकारी के लिए विद्यालय की वेबसाइट देखे: https://bhanjnagar.kvs.ac.in .
Sd./- प्राचार्य

# ଚାଷ ଘରେ ଜିଅନ୍ତା ଜଳିଗଲେ ମହିଳା

**ବାଲିଆପାଳ, ୧୭।୨ (ଗୋପାଳ ଚନ୍ଦ୍ର ସାହୁ)**

ବାଲେଶ୍ୱର ଜିଲା ବାଲିଆପାଳ ଥାନା କୁଦମାନସିଂ ଚଢ଼ରେ ଥିବା ଚାଷ ଘରେ ଶନିବାର ପୂର୍ବାହ୍ନରେ ନିଆଁ ଲାଗି ଜଣେ ମହିଳା ଚାଷୀ ଜିଅନ୍ତା ଜଳିଯାଇଛନ୍ତି। ଆଠବାଟିଆ ଗ୍ରାମର ରମେଶ ବାରିକଙ୍କ ସ୍ତ୍ରୀ ଜୟନ୍ତୀ (୫୫) ନିଜ କଖାରୁ ବାଡ଼ିକୁ ଯାଇ ଚାଷ ହୋଇଥିବା ଜମିରେ କାମ କରି ସାରିବା ପରେ ପାଖରେ ଥିବା ଚାଷ ଘରେ ସ୍ୱାମୀଙ୍କ ପାଇଁ ସକାଳ ଖାଇବା ପ୍ରସ୍ତୁତ କରୁଥିଲେ। ଅସାବଧାନତାରୁ ହଠାତ୍ ହଗୁଲା ଓ ଖଡ଼ିରେ ନିର୍ମିତ ପାଲ ଘରେ ନିଆଁ ଲାଗିଯାଇଥିଲା। ପାଖରେ ଥିବା ଲୋକେ ନିଆଁ ଭିତରୁ ଜୟନ୍ତୀଙ୍କୁ ଉଦ୍ଧାର କରି ପାରି ନ ଥିଲେ। ନଦୀପାଖକୁ ଅଣଓସାରିଆ ରାସ୍ତା ହୋଇଥିବାରୁ ଅଗ୍ନିଶମ ଗାଡି ପହଞ୍ଚି ନ ପାରି ଅଧାରାସ୍ତାରେ ଅଟକି ରହିଥିଲା। ବାଲିଆପାଳ ଆରଆଇ କାଳିଚରଣ ମାଝି କ୍ଷୟକ୍ଷତି ଆକଳନ କରିଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପରିବାରର ୪ ଜଣଙ୍କୁ ହତ୍ୟା

**ବଣାଇଁ, ଟେନ୍‌ସା, ୧୭।୨ (ପ୍ରଦୀପ ତ୍ରିପାଠୀ/ ସମୀର କୁମାର ପାଢ଼ୀ)**

- ରେଳ ଧାରଣାରୁ ଖଣ୍ଡବିଖଣ୍ଡିତ ମୃତଦେହ ଜବତ
- ଗୁଣିଗାରେଡି ସନ୍ଦେହରେ ହତ୍ୟା
- ଝାଡ଼ଖଣ୍ଡ ପୋଲିସର ତଦନ୍ତ ଜାରି

ଓଡ଼ିଶା ସୀମାନ୍ତ ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଜିଲାର ଚକ୍ରଧରପୁର ରେଲୱେ ଡିଭିଜନ ଅଧୀନ ତାଲାବୁରୁ ଏବଂ କେନ୍ଦୋପୋସି ଷ୍ଟେଶନ ମଧ୍ୟରେ ଥିବା ରେଳ ଟ୍ରାକରୁ ଶନିବାର ୨ଶିଶୁଙ୍କ ସମେତ ୪ଜଣଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ଜବତ କରାଯାଇଛି। ମୃତକମାନେ ଗୋଟିଏ ପରିବାରର ଏବଂ ସେମାନଙ୍କ ଘର ପଶ୍ଚିମ ସିଂହଭୂମ ଜିଲା ହାଟଗମ୍ଭାରିଆ ଥାନା ନୁରୁଦା ଗ୍ରାମ ଡୁଙ୍ଗୁବାସା ବସ୍ତିରେ। ତେବେ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା ୧୫ ବର୍ଷର ଝିଅ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ଗୁଣିଗାରେଡି ସନ୍ଦେହରେ ପରିବାରର ୪ଜଣଙ୍କୁ ହତ୍ୟା କରି ରେଳଧାରଣାରେ ଫିଙ୍ଗିଦିଆଯାଇଥିବା ସ୍ପଷ୍ଟ ହୋଇଛି। ହତ୍ୟାକାରୀ ଫେରାର ଅଛନ୍ତି। ପଶ୍ଚିମ ସିଂହଭୂମ ଜିଲାର ଡିଏସ୍‌ପି ରାକେଶ ମିଞ୍ଜଙ୍କ ନେତୃତ୍ୱରେ ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାର ତଦନ୍ତ କରୁଛି।

ଏ ସଂକ୍ରାନ୍ତରେ ଝାଡ଼ଖଣ୍ଡ ଜଗନ୍ନାଥପୁର ଏସ୍‌ଡିପିଓ ରାକେଶ ନନ୍ଦନ ମିଞ୍ଜ କହିଛନ୍ତି, ସ୍ଥାନୀୟ ଲୋକେ ଏହି ପରିବାରକୁ ଡାହାଣୀ ସନ୍ଦେହ କରି ପୂର୍ବରୁ ଟାର୍ଗେଟ କରିଥିଲେ। ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ପ୍ରଥମେ ଉକ୍ତ ପରିବାରର ଜଣେ ୮ମାସ ଓ ଅନ୍ୟ ଜଣେ ଅଢେଇ ବର୍ଷର ଶିଶୁକୁ ହତ୍ୟା କରିଥିଲେ। ଏହାପରେ ସେମାନେ ୧୫ ବର୍ଷର ଝିଅକୁ ହତ୍ୟା କରିବା ପାଇଁ ଉଦ୍ୟମ କଲାବେଳେ ସେ କୌଣସିମତେ ଖସି ପଳାଇ ଯାଇଥିଲେ। ପରେ ଦୁର୍ବୃତ୍ତମାନେ ଉକ୍ତ ପରିବାରର ବିନୁ ସିଂ ଓ ତାଙ୍କ ସ୍ତ୍ରୀଙ୍କୁ ଘରୁ ଘୋଷାଡି ନେଇ ନିକଟସ୍ଥ ଜଙ୍ଗଲକୁ ନେଇଥିଲେ ଏବଂ ସେଠାରେ ଏକ ତେନ୍ତୁଳି ଗଛରେ ଉଭୟଙ୍କୁ ବାନ୍ଧି ପିଟିପିଟି ହତ୍ୟା କରିଥିଲେ। ଏହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ୪ଜଣଙ୍କ ମୃତଦେହକୁ ରେଳ ଧାରଣାରେ ପକାଇ ଦେଇଥିଲେ। ଅନ୍ୟପକ୍ଷେ ହତ୍ୟାକାରୀଙ୍କଠାରୁ ବର୍ତ୍ତିଯାଇଥିବା ୧୫ ବର୍ଷର ଝିଅ ଘଟଣା ସମ୍ପର୍କରେ ନିଜ ସମ୍ପର୍କୀୟ ଜୁମ୍ବଲ ସିଂଙ୍କୁ ଜଣାଇବା ପରେ ଉଭୟ ପୋଲିସର ଦ୍ୱାରସ୍ଥ ହୋଇଥିଲେ।

# ମା'ଙ୍କ ମୃତ୍ୟୁ ପରେ ନାବାଳକ ପୁଅର ଆତ୍ମହତ୍ୟା

**ରନ୍ଧନ ଗ୍ୟାସ୍ ଲିକ୍‌ରୁ ନିଆଁ ଲାଗି ମା'ଙ୍କ ମୃତ୍ୟୁ ଘଟିଥିଲା**

**ବେଲପଡ଼ା, ୧୭।୨ (ମନୋଜ କୁମାର ମିଶ୍ର)**



ମୃତ ଦ୍ରୋଣ ମହାଖୁଡ

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ କାନୁଟ ଗ୍ରାମରେ ରନ୍ଧନ ଗ୍ୟାସ ସିଲିଣ୍ଡର ପାଇପ ଲିକ୍ ହୋଇ ନିଆଁ ଲାଗିଯିବାରେ ୪ଜଣଙ୍କ ମୃତ୍ୟୁ ସହ ଯୋଡିହୋଇଛି ଆଉ ଏକ ଦୁଃଖଦ ଘଟଣା। ରାଉରକେଲାରେ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମାଳତୀ ମହାଖୁଡ଼ଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ତାଙ୍କ ପୁଅ ଦ୍ରୋଣ ମହାଖୁଡ଼(୧୭) ଆତ୍ମହତ୍ୟା କରିଛନ୍ତି। ଦ୍ରୋଣଙ୍କ ଝୁଲନ୍ତା ମୃତଦେହ ଶନିବାର ସକାଳେ ତାଙ୍କ ଘରୁ ଜବତ କରାଯାଇଛି। ମା'ଙ୍କ ଶାଢ଼ିକୁ ବେକରେ ବାନ୍ଧି ଘର ଓରାରେ ସେ ଝୁଲି ପଡିଥିବା ପଡୋଶୀମାନେ କହିଛନ୍ତି। ଗ୍ୟାସ୍ ନିଆଁରେ ପୋଡ଼ିହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତାଙ୍କ ପୁଅର ଆତ୍ମହତ୍ୟା କାନୁଟରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଗାଁ ଲୋକଙ୍କଠାରୁ ଖବର ପାଇ ବେଲପଡା ଥାନା ପୋଲିସ ମୃତଦେହ ଜବତ କରି ବେଲପଡା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଥିଲା। ସ୍ୱାମୀ ସୁରଥ ମହାଖୁଡ଼ ଓ ବଡପୁଅ ଲଳିତ ମହାଖୁଡ଼ ରାଉରକେଲାରୁ ମାଳତୀଙ୍କ ମୃତଦେହ ନେଇ କାନୁଟ ଆସୁଛନ୍ତି। ଘରେ ଅନ୍ୟ କେହି ନ ଥିବାରୁ ପୋଲିସ ଦ୍ରୋଣଙ୍କ ମୃତଦେହ ବ୍ୟବଚ୍ଛେଦ କରାଇ ଗାଁ ଲୋକଙ୍କୁ ହସ୍ତାନ୍ତର କରିଛି। ରାତି ୧ଟା ସୁଦ୍ଧା ଏଠାରେ ମାଳତୀଙ୍କ ମୃତଦେହ ପହଞ୍ଚିବ ବୋଲି ଆଶା କରାଯାଉଛି। ଏହାପରେ ଗାଁ ଶ୍ମଶାନରେ ମା' ଓ ପୁଅଙ୍କର ଅନ୍ତିମ ସତ୍କାର କରାଯିବ ବୋଲି ସ୍ଥାନୀୟ ସରପଞ୍ଚ ଅଶୋକ ମହାପାତ୍ର କହିଛନ୍ତି। କାନୁଟ ଗ୍ରାମରେ ଗତ ୧୦ତାରିଖରେ ମହେଶ ଅଦାବରିଆଙ୍କ ଘରେ ରନ୍ଧନ ଗ୍ୟାସ୍ ସିଲିଣ୍ଡର ପାଇପ ଲିକ୍ ହୋଇ ନିଆଁ ଲାଗିଯିବାରେ ୬ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ୧୧ତାରିଖରେ ଭାନୁ ଅଦାବରିଆଙ୍କ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପରେ ଅନ୍ୟ ଆହତମାନଙ୍କୁ ରାଉରକେଲା ଜେପି ବର୍ନ୍ସ ହସ୍ପିଟାଲ ନିଆଯାଇଥିଲା। ୧୫ତାରିଖ ରାତିରେ ମହେଶ ଅଦାବରିଆ ଓ ଭୈରବୀ ଅଦାବରିଆଙ୍କ ମୃତ୍ୟୁ ଘଟିଥିଲା। ୧୬ତାରିଖରେ ମାଳତୀ ମହାଖୁଡ଼ଙ୍କ ସେଠାରେ ମୃତ୍ୟୁ ଘଟିଥିଲା। ସୂଚନାଯୋଗ୍ୟ, ଏହି ଘଟଣାରେ ଏଯାଏ ୪ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ରାଉରକେଲାରେ ଚିକିତ୍ସାଧୀନ ଭାଗ୍ୟବତୀ ଅଦାବରିଆ ଓ ଦୃତି ଅଦାବରିଆଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଭାଗ୍ୟବତୀଙ୍କ ୨ ମାସର ଶିଶୁକନ୍ୟା ରହିଛି।

# ଭାଜପା ନେତାଙ୍କ ଘର ଆଗରେ ଚାଷୀଙ୍କ ବିକ୍ଷୋଭ

## ଏମ୍ଏସ୍ପି ପାଇଁ ଅଧ୍ୟାଦେଶ ଆଣୁ କେନ୍ଦ୍ର: ପାନ୍ଧେର

ଚଣ୍ଡିଗଡ଼,୧୭।୨(ପି.ଟି.)

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଆଇନଗତ ଗ୍ୟାରେଣ୍ଟି ସମେତ ବିଭିନ୍ନ ଦାବି ନେଇ କୃଷକ ସଂଗଠନଗୁଡ଼ିକ 'ଦିଲ୍ଲୀ ଚଲୋ' ଅଭିଯାନ ଶନିବାର ପଞ୍ଚମ ଦିନରେ ପହଞ୍ଚିଛି। ଭାରତୀୟ କିଷାନ ୟୁନିୟନ (ଏକତା ଉଗ୍ରହନ)ର ସଦସ୍ୟମାନେ ଶନିବାର ପଞ୍ଜାବର ୩ ବରିଷ୍ଠ ଭାଜପା ନେତାଙ୍କ ବାସଭବନ ବାହାରେ ଧାରଣାରେ ବସିଛନ୍ତି। ଭାଜପାର ପଞ୍ଜାବ ସଭାପତି ସୁନୀଲ ଜଖରଙ୍କ ଫଜିଲକାର ପଞ୍ଚକୋସିସ୍ଥିତ ବାସଭବନ,



ପଞ୍ଜାବର ଭାଜପା ନେତାଙ୍କ ଘର ଆଗରେ କୃଷକମାନେ ଧାରଣା ଦେଇଛନ୍ତି।

ଭାଜପା ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ପଟିଆଲା ବାସଭବନ ଏବଂ କେୱଲ ଧିଲୋନଙ୍କ ବର୍ନାଲାସ୍ଥିତ ବାସଭବନ ବାହାରେ ବିକେୟୁ ପକ୍ଷରୁ ଦୁଇଦିନିଆ ଧାରଣା ଆରମ୍ଭ ହୋଇଛି। ଏହି ଭାଜପା ନେତାମାନେ କୃଷକ ଆନ୍ଦୋଳନକୁ ସମର୍ଥନ କରୁଥିବା ଜଣାପଡ଼ିଛି।

ସେପଟେ ଦିଲ୍ଲୀ ଚଲୋ ଅଭିଯାନରେ ଥିବା ପଞ୍ଜାବର ଚାଷୀମାନେ ହରିୟାଣାର ଦୁଇଟି ସୀମାରେ ଡେରା ପକାଇ ରହିବା ସହ ଦାବି ପୂରଣ ପାଇଁ ଚାପ ପକାଉଛନ୍ତି। ସୂଚନାଯୋଗ୍ୟ, ଗତ ମଙ୍ଗଳବାର ଚାଷୀମାନେ ଦିଲ୍ଲୀ ଅଭିଯାନରେ ବାହାରିଥିବାବେଳେ ଶମ୍ଭୁ ଏବଂ ଖନୌରି ପଏଣ୍ଟରେ ସୁରକ୍ଷା ବଳ ସେମାନଙ୍କୁ ଅଟକାଇଥିଲା। କୃଷକ ନେତାମାନଙ୍କ ସହ କେନ୍ଦ୍ର ସରକାରଙ୍କ ୩ ପର୍ଯ୍ୟାୟ ଆଲୋଚନା ବିଫଳ ହୋଇଥିବାବେଳେ ରବିବାର ଚତୁର୍ଥ ପର୍ଯ୍ୟାୟ ଆଲୋଚନା ହେବାକୁ ଯାଉଛି। ଏମ୍ଏସ୍ପି ଉପରେ ଆଇନଗତ ଗ୍ୟାରେଣ୍ଟି ପାଇଁ କେନ୍ଦ୍ର ସରକାର ଅଧ୍ୟାଦେଶ ଆଣିବାକୁ କୃଷକ ନେତା ସରୱନ ସିଂ ପାନ୍ଧେର ଶନିବାର ଦାବି କରିଛନ୍ତି। ସରକାର ଚାଷୀ ଆନ୍ଦୋଳନର ସମାଧାନ ଚାହୁଁଥିଲେ ତୁରନ୍ତ ଅଧ୍ୟାଦେଶ ଆଣନ୍ତୁ। ତା'ହେଲେ ଆଲୋଚନା ଆଗେଇବ ବୋଲି ପାନ୍ଧେର କହିଛନ୍ତି।

## ଆସ୍ଥାଭୋଟ ଜିତିଲେ କେଜ୍ରିୱାଲ

ନୂଆଦିଲ୍ଲୀ,୧୭।୨(ପି.ଟି.)

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ବିଧାନସଭାରେ ଆଣିଥିବା ଆସ୍ଥା ଭୋଟରେ ବିଜୟୀ ହୋଇଛନ୍ତି। ଭୋଟ ବେଳେ ଆମ୍ ଆଦ୍ମୀ ପାର୍ଟି (ଏଏପି)ର ୬୨ ବିଧାୟକଙ୍କ ମଧ୍ୟରୁ ୫୪ ଜଣ ଉପସ୍ଥିତ ଥିଲେ। କୌଣସି ଏଏପି ବିଧାୟକ ଦଳ ବଦଳ କରିନାହାନ୍ତି। ୨ ଜଣ ଜେଲରେ ଥିବାବେଳେ କେତେଜଣ ଅସୁସ୍ଥ ଅଛନ୍ତି ଓ ଅନ୍ୟମାନେ ଦିଲ୍ଲୀ ବାହାରେ ରହିଛନ୍ତି ବୋଲି କେଜ୍ରିୱାଲ କହିଥିଲେ।

ଆସ୍ଥା ଭୋଟ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ କହିଥିଲେ, ଏଏପି ହେଉଛି ଭାଜପାର ସବୁଠୁ ବଡ଼ ଚ୍ୟାଲେଞ୍ଜର। ସେଥିପାଇଁ ଏହି ଦଳ ଉପରେ ସବୁ ଦିଗରୁ ଆକ୍ରମଣ ହେଉଛି। ଭାଜପା ଏଥର ଲୋକ ସଭା ନିର୍ବାଚନ ଜିତିଲେ ମଧ୍ୟ ୨୦୨୯ରେ ତାଙ୍କ ଦଳ ଗୈରିକ ଦଳଠାରୁ ଦେଶକୁ ମୁକ୍ତ କରିବ ବୋଲି କେଜ୍ରିୱାଲ କହିଥିଲେ। ବିଧାନସଭାରେ ଏଏପିର ସଂଖ୍ୟାଗରିଷ୍ଠତା ରହିଛି। ତେବେ ତାଙ୍କ ସରକାରକୁ ଭାଙ୍ଗିବା ପାଇଁ ଭାଜପା କେତେଜଣ ବିଧାୟକଙ୍କୁ କିଣିବାକୁ ଉଦ୍ୟମ ଚଳାଇଥିବା ଜଣାପଡ଼ିବା ପରେ ସେ ଆସ୍ଥା ପ୍ରସ୍ତାବ ଆଣିଥିଲେ ବୋଲି କହିଛନ୍ତି।

## ଅଭିନେତ୍ରୀ ସୁହାନି ଭଟ୍ଟନାଗରଙ୍କ ପରଲୋକ

ନୂଆଦିଲ୍ଲୀ,୧୭।୨

'ଦଙ୍ଗଲ'ରେ ବବିତା ଫୋଗଟ ଭୂମିକାରେ ଅଭିନୟ କରିଥିଲେ



ଆମିର ଖାନ୍ଙ୍କ ଚଳଚ୍ଚିତ୍ର 'ଦଙ୍ଗଲ'ରେ ଶିଶୁ କଳାକାର ବବିତା ଫୋଗଟ ଭୂମିକାରେ ଅଭିନୟ କରିଥିବା ସୁହାନି ଭଟ୍ଟନାଗରଙ୍କର ମାତ୍ର ୧୯ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି। ସେ ଏକ ବିରଳ ରୋଗ ଡର୍ମାଟୋମ୍ୟୋସିଟିସ୍ରେ ପୀଡ଼ିତ ଥିଲେ। ଦୁଇ ମାସ ପୂର୍ବରୁ ତାଙ୍କ ହାତ ଫୁଲିବା ଆରମ୍ଭ ହୋଇଥିଲା। ପରେ ତାହା ସାରା ଶରୀରକୁ ବ୍ୟାପିଯାଇଥିଲା ବୋଲି ସୁହାନିଙ୍କ ବାପା ଗଣମାଧ୍ୟମକୁ କହିଛନ୍ତି। ଅନେକ ଡାକ୍ତରଙ୍କ ସହ ପରାମର୍ଶ କରାଯାଇଥିଲେ ରୋଗ ଚିହ୍ନଟ ହୋଇପାରି ନ ଥିଲା। ୧୧ ଦିନ ପୂର୍ବରୁ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିବାବେଳେ ପରୀକ୍ଷା ନିରୀକ୍ଷାରୁ ଡର୍ମାଟୋମ୍ୟୋସିଟିସ୍ ବୋଲି ଜଣାପଡ଼ିଥିଲା। ଏହି ରୋଗର ଏକମାତ୍ର ଚିକିତ୍ସା ଷ୍ଟେରଏଡ୍। ତେବେ ଷ୍ଟେରଏଡ୍ ନେବାରୁ ସୁହାନିଙ୍କ ରୋଗ ପ୍ରତିରୋଧ କ୍ଷମତା କମିଯାଇଥିଲା। ସେ ହସ୍ପିଟାଲରେ ଅନ୍ୟ ରୋଗରେ ସଂକ୍ରମିତ ହେବାରୁ ଫୁସ୍ଫୁସ୍ ଦୁର୍ବଳ ହୋଇପଡ଼ିଲା। ସେଥିରେ ତରଳ ପଦାର୍ଥ ସୃଷ୍ଟି ହେବାରୁ ଶ୍ୱାସକ୍ରିୟାରେ କଷ୍ଟ ହେଲା। ଶୁକ୍ରବାର ସନ୍ଧ୍ୟାରେ ସେ ଆଖି ବୁଜିଲେ ବୋଲି ସୁହାନିଙ୍କ ବାପା କହିଛନ୍ତି।

## ବାଣ କାରଖାନାରେ ବିସ୍ଫୋରଣ, ୧୦ ମୃତ

ଚେନ୍ନାଇ,୧୭।୨

ତାମିଲନାଡୁର ବିରୁଧୁନଗର ଜିଲାର ବେମ୍ବାକୋଟ୍ଟଇଠାରେ ଥିବା ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୧୦ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଥିବାବେଳେ ୬ ଜଣ ଗୁରୁତରଙ୍କୁ ଶିବକାଶୀସ୍ଥିତ ସରକାରୀ ମେଡିକାଲରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣର ସୂଚନା ମିଳିବା ମାତ୍ରେ ପୋଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ବାଣ କାରଖାନାରେ ରହିଥିବା ରାସାୟନିକ ମିଶ୍ରଣ କକ୍ଷରେ ଏହି ବିସ୍ଫୋରଣ ଘଟିଥିବା ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି। ଭୟଙ୍କର ବିସ୍ଫୋରଣରେ କାରଖାନା ପାଖରେ ରହିଥିବା ଏକ ଚାରି ମହଲା କୋଠାକୁ ମଧ୍ୟ କ୍ଷତି ପହଞ୍ଚିଛି। ମୃତ୍ୟୁବରଣ କରିଥିବା ୧୦ ଜଣଙ୍କ ମଧ୍ୟରୁ ୫ ଜଣ ମହିଳା ଶ୍ରମିକ ଥିବା ପୋଲିସ ସୂଚନା ଦେଇଛି। ସମ୍ପୂର୍ଣ୍ଣ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍ ଶୋକ ପ୍ରକାଶ କରିବା ସହ ସମସ୍ତ ମୃତ ଶ୍ରମିକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି।

## ପାରାଦୀପ ଆସୁଥିବା ଜାହାଜକୁ ଆକ୍ରମଣ

### କ୍ଷେପଣାସ୍ତ୍ର ମାଡ଼ କଲେ ହୁତି ଆତଙ୍କବାଦୀ



କାଇରୋ,୧୭।୨

ଗାଜା ଉପରେ ଇସ୍ରାଏଲ୍ର ଆକ୍ରମଣ ଜାରି ରହିଥିବାବେଳେ ୟେମେନ୍ରେ ଥିବା ଇରାନ ସମର୍ଥିତ ହୁତି ଆତଙ୍କବାଦୀମାନେ ଅନ୍ତର୍ଜାତୀୟ ଜାହାଜଗୁଡ଼ିକୁ ଟାର୍ଗେଟ କରିଆସୁଛନ୍ତି। ଭାରତ ଆସୁଥିବା ବ୍ରିଟେନ୍ର ଏକ ତୈଳବାହୀ ଜାହାଜ ଉପରେ ସେମାନେ ଶୁକ୍ରବାର କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। ଲୋହିତ ସାଗରରେ ପୋଲୁକ୍ସ ଟ୍ୟାଙ୍କରକୁ ଟାର୍ଗେଟ କରି ବହୁସଂଖ୍ୟାରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିବା ହୁତିର ସାମରିକ ମୁଖପାତ୍ର କହିଛନ୍ତି। ୟେମେନ ରାଜଧାନୀ ସାନାର ଦକ୍ଷିଣପଶ୍ଚିମରେ ଅବସ୍ଥିତ ଅଲ୍-ମୁଖା ବନ୍ଦରଠାରୁ ୭୦ ନଟିକାଲ ମାଇଲ୍ ଦୂରରେ ଏହି ଆକ୍ରମଣ ହୋଇଥିବା ବ୍ରିଟେନ୍ ସାମୁଦ୍ରିକ ବାଣିଜ୍ୟ ସଂସ୍ଥା ପକ୍ଷରୁ ସ୍ପଷ୍ଟ କରାଯାଇଛି। ଜାନୁଆରୀ ୨୪ରୁ ପୋଲୁକ୍ସ ଜାହାଜ ରୁଷିଆର କୃଷ୍ଣସାଗର ବନ୍ଦର ସହର ନୋଭୋରୋସିୟାସ୍କରୁ ତେଲ ନେଇ ଓଡ଼ିଶାର ପାରାଦୀପ ବନ୍ଦର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଏହା ଫେବୃଆରୀ ୨୮ରେ ପାରାଦୀପରେ ପହଞ୍ଚିଥାନ୍ତା। ଲଣ୍ଡନ ଷ୍ଟକ୍ ଏକ୍ସଚେଞ୍ଜ ଗ୍ରୁପ୍ର ତଥ୍ୟ ଅନୁଯାୟୀ ପୋଲୁକ୍ସ ହେଉଛି ଓସନଫ୍ରଣ୍ଟ ମେରିଟାଇମ୍ କମ୍ପାନୀର ଜାହାଜ, ଯାହାକୁ ସି ଟ୍ରେଡ୍ ମେରାଇନ ଏସ୍ଏ ପରିଚାଳନା କରୁଥିଲା। ଗତ ନଭେମ୍ବର ମଧ୍ୟଭାଗରୁ ହୁତି ବିଦ୍ରୋହୀମାନେ ଲୋହିତ ସାଗରରେ ଜାହାଜ ଚଳାଚଳରେ ବାଧା ସୃଷ୍ଟି କରିଆସୁଛନ୍ତି। ଗାଜା ଉପରେ ଇସ୍ରାଏଲ୍ର ଆକ୍ରମଣ ବନ୍ଦ ନ ହେବା ପର୍ଯ୍ୟନ୍ତ ସେମାନେ ଆକ୍ରମଣ ଜାରି ରଖିବେ ବୋଲି କହିଛନ୍ତି।

## ସେନା ସର୍ତ୍ତରେ ପ୍ରଧାନମନ୍ତ୍ରୀ ଆଶା ଛାଡ଼ିଲେ ନୱାଜ



ଲାହୋର,୧୭।୨

ପାକିସ୍ତାନର ସର୍ବଶକ୍ତିମାନ ସେନାର ସର୍ତ୍ତ ଅନୁଯାୟୀ ନୱାଜ ଶରିଫ୍ଙ୍କୁ ଚତୁର୍ଥ ଥର ପ୍ରଧାନମନ୍ତ୍ରୀ ହେବା ଆଶା ଛାଡ଼ିବାକୁ ପଡ଼ିଥିବା ଜଣାପଡ଼ିଛି। ସେ ତାଙ୍କ ସାନଭାଇ ଶେହବାଜଙ୍କୁ ପ୍ରଧାନମନ୍ତ୍ରୀ ପଦ ପାଇଁ ମନୋନୀତ କରିଛନ୍ତି। ନୱାଜଙ୍କ ଆଗରେ ସେନା ୨ଟି ବିକଳ୍ପ ରଖିଥିଲା। ଯଦି ସେ ପ୍ରଧାନମନ୍ତ୍ରୀ ହେବେ ତେବେ ତାଙ୍କ ଝିଅଙ୍କୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ହେବାକୁ ଦିଆଯିବ ନାହିଁ। ଯଦି ସେ ପ୍ରଧାନମନ୍ତ୍ରୀ ପଦ ଆଶା ତ୍ୟାଗ କରନ୍ତି, ତେବେ ଝିଅଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ ବୋଲି ସେନା କହିଥିଲା। ଝିଅ ମାର୍ୟାମ ନୱାଜଙ୍କୁ ମୁଖ୍ୟମନ୍ତ୍ରୀ କରାଇବା ପାଇଁ ନୱାଜ ନିଜର ପ୍ରଧାନମନ୍ତ୍ରୀ ଆଶାକୁ ଜଳାଞ୍ଜଳି ଦେଇଥିବା ପିଏମ୍ଏଲ୍-ଏନ୍ ସୂତ୍ରରୁ କୁହାଯାଇଛି।

## ଟ୍ରମ୍ପ୍ଙ୍କୁ ୩୬୪ ନିୟୁତ ଡଲାର ଜରିମାନା

### ଜାଲିଆତି ମାମଲା

ନୂଆଦିଲ୍ଲୀ,୧୭।୨

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ଙ୍କୁ ନ୍ୟୁୟର୍କର ଏକ ଜାଲିଆତି ମାମଲାରେ ୩୬୪ ନିୟୁତ ଡଲାର ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ନ୍ୟୁୟର୍କର ଜଣେ ବିଚାରପତି ଶୁକ୍ରବାର ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଟ୍ରମ୍ପ୍ ଏକ ଯୋଜନା ବଳରେ ବ୍ୟାଙ୍କ ଓ ଅନ୍ୟାନ୍ୟ ସଂସ୍ଥାକୁ ଠକି ନିଜର ସମ୍ପତ୍ତି ବଢ଼ାଇଥିଲେ ବୋଲି ବିଚାରପତି କହିଛନ୍ତି। ତାଙ୍କୁ ୩ ବର୍ଷ ପର୍ଯ୍ୟନ୍ତ କୌଣସି ନ୍ୟୁୟର୍କ କର୍ପୋରେଶନର ଅଫିସର କିମ୍ବା ଡାଇରେକ୍ଟର ନ ରଖିବାକୁ କୋର୍ଟ କହିଛନ୍ତି। ଦୀର୍ଘ ଅଢ଼େଇ ମାସର ଶୁଣାଣି ପରେ ବିଚାରପତି ଆର୍ଥର ଏଙ୍ଗୋରନ ଉପରୋକ୍ତ ଦଣ୍ଡ ଶୁଣାଇଛନ୍ତି। ଏହି ଦଣ୍ଡାଦେଶ ଆର୍ଟର୍ନି ଜେନେରାଲ ତଥା ଡେମୋକ୍ରାଟ୍ ନେତା ଲେଟିସିଆ ଜେମ୍ସଙ୍କ ପାଇଁ ବଡ଼ ବିଜୟ। ସେ ଟ୍ରମ୍ପ୍ଙ୍କ ବିରୋଧରେ ମାମଲା ଦାଏର କରିଥିଲେ। ଅନ୍ୟପକ୍ଷରେ ଉକ୍ତ ରାୟକୁ ଉପର ଅଦାଲତରେ ଚ୍ୟାଲେଞ୍ଜ କରାଯିବ ବୋଲି ଟ୍ରମ୍ପ୍ଙ୍କ ଓକିଲ କହିଛନ୍ତି।

## ଟେଣ୍ଟ ଭାଙ୍ଗି ୧୨ ଆହତ

ନୂଆଦିଲ୍ଲୀ, ୧୭।୨

ଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମ ମଧ୍ୟରେ ନିର୍ମାଣ ହେଉଥିବା ଏକ ଅସ୍ଥାୟୀ ଟେଣ୍ଟ ଭୁଶୁଡ଼ିଯିବାରୁ ୧୨ ଜଣ ଆହତ ହୋଇଛନ୍ତି। ଷ୍ଟାଡିୟମର ୨ ନମ୍ବର ଗେଟ ନିକଟରେ ବିବାହ ପାଇଁ ପ୍ରସ୍ତୁତ ହେଉଥିବା ଏକ ପେଣ୍ଡାଲ ଭାଙ୍ଗିଯିବାରୁ ଏହି ଅଘଟଣ ଘଟିଛି। ତେବେ ଘଟଣାସ୍ଥଳରୁ ୨୫ରୁ ୩୦ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ସହ ସମସ୍ତ ଆହତ ଶ୍ରମିକଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିବା ଦକ୍ଷିଣ ଦିଲ୍ଲୀ ଡିଏସ୍ପି ଅଙ୍କିତ ଚୌହାନ ସୂଚନା ଦେଇଛନ୍ତି। ଶନିବାର ପୂର୍ବାହ୍ନରେ ଜବାହରଲାଲ ନେହେରୁ ଷ୍ଟାଡିୟମ ମଧ୍ୟରେ ଏକ ଟେଣ୍ଟ ଭାଙ୍ଗିଯାଇଥିବାରୁ ଏହା ତଳେ କାମ କରୁଥିବା କିଛି ଶ୍ରମିକ ଫସିଯାଇଥିବା ଖବର ପାଇ ଘଟଣାସ୍ଥଳରେ ପୋଲିସ ଓ ଦମକଳ ବାହିନୀର ୨ଟି ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବା ସେ ସୂଚନା ଦେଇଥିଲେ।

## ମହାଦେବ ଆପ୍ ଠକେଇ ମାମଲା: ଆଉ ଜଣେ ଅଭିଯୁକ୍ତ ଗିରଫ

ରାୟପୁର, ୧୭।୨

ମହାଦେବ ବେଟିଂ ଆପ୍ ମାମଲାରେ ଆଉ ଜଣେ ଅଭିଯୁକ୍ତ ନୀତୀଶ ଦିୱାନଙ୍କୁ ରାୟପୁରରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଦିୱାନ୍ଙ୍କୁ ଇଡି ହେପାଜତକୁ ପଠାଇଛନ୍ତି ରାୟପୁରର ସ୍ୱତନ୍ତ୍ର ଅଦାଲତ। ମହାଦେବ ବେଟିଂ ଆପ୍ରେ ହୋଇଥିବା ଠକେଇକୁ ନେଇ ଯାଞ୍ଚ କରୁଥିବା ଇଡି ଦିୱାନ୍ଙ୍କୁ ଗିରଫ କରିବା ସହ ଅନେକ ଖୁଲାସା ମଧ୍ୟ କରିଛି। ଗିରଫ ହୋଇଥିବା ଦିୱାନ୍ ଆପ୍ର ପ୍ରମୋଟର ଥିବା ସୌରଭ ଚନ୍ଦ୍ରାକର ଓ ରବି ଉପ୍ପଲଙ୍କ ଘନିଷ୍ଠ ସହଯୋଗୀ ଥିବା ଦର୍ଶାଇଛି ଇଡି। ଦିୱାନଙ୍କ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ବ୍ୟାଙ୍କ ଆକାଉଣ୍ଟ ଥିବା ସହ ସେଠାରେ ତାଙ୍କ ନାମରେ କମ୍ପାନୀ ମଧ୍ୟ ରହିଛି। ମହାଦେବ ବେଟିଂ ଆପ୍ ପାଇଁ ଦୁବାଇରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଏହି କମ୍ପାନୀ ଭିଜା ସେବା ଯୋଗାଉଥିବା ଇଡି ପକ୍ଷରୁ ପ୍ରକାଶ କରାଯାଇଛି। ସୂଚନାଯୋଗ୍ୟ, ଏହି ମାମଲାରେ ଇଡି ପୂର୍ବରୁ ୭ ଜଣଙ୍କୁ ଗିରଫ କରିଥିଲା।

## ରାଜକୁମାର ସନ୍ତୋଷୀଙ୍କୁ ୨ ବର୍ଷ ଜେଲ



ନୂଆଦିଲ୍ଲୀ,୧୭।୨

ଏକ ଚେକ୍ ବାଉନ୍ସ ମାମଲାରେ ଚଳଚ୍ଚିତ୍ର ନିର୍ମାତା ରାଜକୁମାର ସନ୍ତୋଷୀଙ୍କୁ ଗୁଜରାଟର ଏକ ଅଦାଲତ ୨ ବର୍ଷ ଜେଲଦଣ୍ଡ ସହ ୨ କୋଟି ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଉକ୍ତ ରାୟ ବିରୋଧରେ ଅପିଲ କରିବା ପାଇଁ ତାଙ୍କୁ ୩୦ ଦିନ ସମୟ ଦିଆଯାଇଛି। ରାଜକୁମାର ତାଙ୍କ ଫିଲ୍ମ ପ୍ରୋଜେକ୍ଟ ପାଇଁ ଶିଳ୍ପପତି ଅଶୋକ ଲାଲ୍ଙ୍କଠାରୁ ୧ କୋଟି ଟଙ୍କା ଋଣ ନେଇଥିଲେ। ଋଣ ପରିଶୋଧ ପାଇଁ ସେ ୧୦ ଲକ୍ଷ ଟଙ୍କା ଲେଖାଏ ୧୦ଟି ଚେକ୍ ଦେଇଥିଲେ। ତେବେ ଚେକ୍ ଏନ୍କ୍ୟାସ୍ ପାଇଁ ଗଲାବେଳେ ଆକାଉଣ୍ଟରେ ଟଙ୍କା ନ ଥିବାରୁ ତାହା ବାଉନ୍ସ ହୋଇଥିଲା। ଫଳରେ ଅଶୋକ ରାଜକୁମାରଙ୍କ ବିରୋଧରେ କୋର୍ଟରେ ମୋକଦ୍ଦମା ରୁଜୁ କରିଥିଲେ।



ନୂଆଦିଲ୍ଲୀର ଜଖିରା ନିକଟରେ ଏକ ମାଲବାହୀ ଟ୍ରେନ୍ ଲାଇନ୍ଚ୍ୟୁତ ହୋଇଛି।

## ବାପାଙ୍କ ସମେତ ୧୨ ସମ୍ପର୍କୀୟଙ୍କୁ ଗୁଳିକରି ହତ୍ୟା

ତେହରାନ,୧୭।୨

ଇରାନରେ ଜଣେ ୩୦ ବର୍ଷୀୟ ଯୁବକ ଶନିବାର ତାଙ୍କର ୧୨ ଜଣ ସମ୍ପର୍କୀୟଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଦକ୍ଷିଣପୂର୍ବ ଇରାନର ଏକ ଗାଁରେ ଏଭଳି ହତ୍ୟାକାଣ୍ଡ ଘଟିଛି। ପାରିବାରିକ ବିବାଦକୁ ନେଇ ଅଭିଯୁକ୍ତ ତାଙ୍କ ବାପା, ଭାଇ ଓ ଅନ୍ୟ ସମ୍ପର୍କୀୟଙ୍କ ଉପରକୁ ଗୁଳି ଚଳାଇଥିଲେ ବୋଲି କେର୍ମାନ ପ୍ରଦେଶର ନ୍ୟାୟ ବିଭାଗ ମୁଖ୍ୟ ଇବ୍ରାହିମ୍ ହମିଦି କହିଛନ୍ତି। ଅଭିଯୁକ୍ତ ଏକ କାଲାଶ୍ନିକୋଭ୍ ଆସଲ୍ଟ ରାଇଫଲ ବ୍ୟବହାର କରିଥିଲେ।

## ୨୧ ବୁଲାକୁକୁରଙ୍କୁ ଗୁଳିକରି ହତ୍ୟା

ହାଇଦ୍ରାବାଦ୍, ୧୭।୨

ତେଲଙ୍ଗାନା ମହବୁବ୍ ନଗର ଜିଲାର ପୋନ୍ନାକାଲ ଗ୍ରାମରେ ଜଣେ ଅଜ୍ଞାତ ଯୁବକ ୨୧ କୁକୁରଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଜିଲା ପଶୁପାଳନ ବିଭାଗ ପକ୍ଷରୁ ମୃତ କୁକୁରମାନଙ୍କର ବ୍ୟବଚ୍ଛେଦ କରାଯାଇଥିବାବେଳେ ସେମାନେ ଗୁଳିରେ ମରିଥିବା ଜଣାପଡ଼ିଛି। ଅସ୍ତ୍ରଶସ୍ତ୍ର ଆଇନ ଓ ଜୀବ ନିଷ୍ଠୁରତା ଆଇନ ଅନୁଯାୟୀ ପୋଲିସ ଏତଲା ରୁଜୁ କରିଥିବାବେଳେ ଏପର୍ଯ୍ୟନ୍ତ ଆକ୍ରମଣକାରୀଙ୍କର ପରିଚୟ ମିଳିପାରିନାହିଁ। ତେବେ କୁକୁରମାନଙ୍କୁ ପ୍ରଥମେ ବିଷ ଦିଆଯାଇ ପରେ ବହୁ ପାଖରୁ ଗୁଳି କରାଯାଇଥିବା ସନ୍ଦେହ କରିଛନ୍ତି ସ୍ଥାନୀୟ ପୋଲିସ ସବ୍ଇନସ୍ପେକ୍ଟର ଶ୍ରୀନିବାସ। ରାସ୍ତାରେ ସିସିଟିଭି ଲାଗି ନ ଥିବାରୁ ଅପରାଧୀକୁ ଧରିବା ପୋଲିସ ପାଇଁ ଜଟିଳ ହୋଇ ପଡ଼ିଛି।

## ଭୋଟ ଜାଲିଆତିରେ ପାକ୍ ସିଇସି, ମୁଖ୍ୟ ବିଚାରପତି ସମ୍ପୃକ୍ତ

ଇସ୍ଲାମାବାଦ,୧୭।୨(ପି.ଟି.)

ପାକିସ୍ତାନରେ ଗତ ୮ ତାରିଖରେ ଅନୁଷ୍ଠିତ ନିର୍ବାଚନରେ ବ୍ୟାପକ ଜାଲିଆତି ହୋଇଥିବାବେଳେ ଏଥିରେ ଦେଶର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ମୁଖ୍ୟ ବିଚାରପତି ସମ୍ପୃକ୍ତ ଥିବା ଜଣେ ବରିଷ୍ଠ ପଦାଧିକାରୀ ଅଭିଯୋଗ କରିଛନ୍ତି। ବେଆଇନ କାର୍ଯ୍ୟ ପାଇଁ ନିଜକୁ ଦାୟୀ କରି ରାୱଲପିଣ୍ଡି କମିଶନର ଲିଆକତ୍ ଅଲି ଚଟ୍ଟାହ ଇସ୍ତଫା ଦେଇଛନ୍ତି। ଜେଲରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ଙ୍କ ଦଳ ପାକିସ୍ତାନ ତେହରିକ୍-ଇ-ଇନ୍ସାଫ୍ (ପିଟିଆଇ) ଭୋଟ ରିଗିଂ ବିରୋଧରେ ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ କରିଥିବାବେଳେ ଲିଆକତ୍ ଉପରୋକ୍ତ ଅଭିଯୋଗ ଆଣିଛନ୍ତି। ଯେଉଁ ପ୍ରାର୍ଥୀମାନେ ନିର୍ବାଚନରେ ପରାଜିତ ହେବାକୁ ଯାଉଥିଲେ, ସେମାନଙ୍କୁ ଜିତାଇ ଦିଆଯାଇଥିଲା। ଏହି କାର୍ଯ୍ୟରେ ମୁଖ୍ୟ ନିର୍ବାଚନ କମିଶନର ଏବଂ ମୁଖ୍ୟ ବିଚାରପତି ସମ୍ପୂର୍ଣ୍ଣ ଭାବେ ସମ୍ପୃକ୍ତ ଥିଲେ ବୋଲି ଲିଆକତ୍ ଗଣମାଧ୍ୟମକୁ କହିଛନ୍ତି।

## ଇନ୍ସାଟ୍-୩ଡିଏସ୍ କକ୍ଷପଥରେ ଅବସ୍ଥାପିତ

ଶ୍ରୀହରିକୋଟା,୧୭।୨

ପୃଥିବୀ ଏବଂ ମହାସାଗର ପୃଷ୍ଠ ସମ୍ପର୍କରେ ଅଧ୍ୟୟନ ଲାଗି ମିଶନରେ ଆଗେଇଥିବା ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଶନିବାର ଏହାର ପରବର୍ତ୍ତୀ ପିଢ଼ିର ପାଣିପାଗ ପର୍ଯ୍ୟବେକ୍ଷଣ ସାଟେଲାଇଟ୍ ଇନ୍ସାଟ୍-୩ଡିଏସ୍କୁ ସଫଳତାର ସହ ଲଞ୍ଚ୍ କରିଛି। ଜିଏସ୍ଏଲ୍ଭି ରକେଟ ସହାୟତାରେ ଉକ୍ତ ସାଟେଲାଇଟ୍କୁ ନିର୍ଦ୍ଧାରିତ କକ୍ଷପଥରେ ଅବସ୍ଥାପିତ କରାଯାଇଛି। ଜିଏସ୍ଏଲ୍ଭି ରକେଟ ପ୍ରଯୁକ୍ତି ଏକ ଚ୍ୟାଲେଞ୍ଜ ଥିବାବେଳେ ଶନିବାରର ସଫଳ ମିଶନ ଫଳରେ ଇସ୍ରୋ ଆଶ୍ୱସ୍ତ ହୋଇଛି। ଆଜିର ସଫଳତା ମହାକାଶ ସଂସ୍ଥାକୁ ବଡ଼ ଆତ୍ମବିଶ୍ୱାସ ଦେଇଥିବା ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ କହିଛନ୍ତି। ଜିଏସ୍ଏଲ୍ଭିକୁ ନିସାର୍ ମିଶନରେ ନିୟୋଜିତ କରାଯିବ। ଆମେରିକାର ନାସା ସହାୟତାରେ ଏହି ମିଶନ କାର୍ଯ୍ୟକାରୀ ହେବାକୁ ଯାଉଛି।

ଦୀର୍ଘ ୨୭.୫ ଘଣ୍ଟାର ଅବଗଣନା ପରେ ଶନିବାର ଅପରାହ୍ନ ୫ଟା ୩୫ ମିନିଟ୍ ସମୟରେ ସତୀଶ ଧାୱନ ମହାକାଶ କେନ୍ଦ୍ରର ଦ୍ୱିତୀୟ ଲଞ୍ଚ୍ ପ୍ୟାଡ୍ରୁ ୫୨ ମିଟର ଉଚ୍ଚତା ବିଶିଷ୍ଟ ଜିଏସ୍ଏଲ୍ଭି-ଏଫ୍୧୪ ରକେଟ୍ ଇନ୍ସାଟ୍-୩ଡିଏସ୍କୁ ନେଇ ମହାକାଶକୁ ଯାଇଥିଲା। ୨୦ ମିନିଟ୍ ପରେ ରକେଟରୁ ଏହାର କ୍ରିଓଜେନିକ ଉପର ପର୍ଯ୍ୟାୟ ଅଲଗା ହୋଇ ସାଟେଲାଇଟ୍କୁ ଜିଓସିନ୍କ୍ରୋନୋସ୍ ଟ୍ରାନ୍ସଫର ଅର୍ବିଟରେ ସ୍ଥାପନ କରିଥିଲା।

## ଗୋଟିଏ ଏନ୍କ୍ଲୋଜରରେ ସୀତା, ଆକବର

କୋଲକାତା, ୧୭।୨



ପ୍ରତୀକାତ୍ମକ ଚିତ୍ର

### ହାଇକୋର୍ଟ ଗଲା ଭିଏଚ୍ପି

ପଶ୍ଚିମବଙ୍ଗର ସିଲିଗୁଡ଼ି ସଫାରି ପାର୍କରେ ଏକ ସିଂହୀ ଓ ସିଂହର ନାମକରଣକୁ ନେଇ ବିବାଦ ଦେଖାଦେଇଛି। ସିଂହୀର ନାମ ସୀତା ଓ ସିଂହର ନାଁ ଆକବର ରଖାଯାଇଛି, ଯାହାକୁ ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍ପି) ବିରୋଧ କରିଛି। ଉକ୍ତ ପାର୍କର ସମାନ ଏନକ୍ଲୋଜର ମଧ୍ୟରେ ସୀତା ଓ ଆକ୍ବରକୁ ଏକାଠି ରଖିବା ନେଇ ବନ ବିଭାଗର୍ ନିଷ୍ପତ୍ତି ବିରୋଧରେ ଭିଏଚ୍ପି କୋଲକାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏହା ହିନ୍ଦୁମାନଙ୍କ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଉଥିବା ଅଭିଯୋଗ କରି ହାଇକୋର୍ଟଙ୍କ ଜଳପାଇଗୁଡ଼ି ସର୍କିଟ ବେଞ୍ଚରେ ଭିଏଚ୍ପି ପକ୍ଷରୁ ଏକ ପିଟିଶନ୍ ଦାଖଲ କରାଯାଇଛି। ଜଷ୍ଟିସ ସୌଗତ ଭଟ୍ଟାଚାର୍ଯ୍ୟଙ୍କ ଖଣ୍ଡପୀଠ ମଙ୍ଗଳବାର ଏହାର ଶୁଣାଣି କରିବେ। ରାଜ୍ୟ ବନ ବିଭାଗ ଅଧିକାରୀ ଓ ସଫାରି ପାର୍କର ନିର୍ଦ୍ଦେଶକଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଛି। ତେବେ ଭିଏଚ୍ପିର ଅଭିଯୋଗକୁ ନେଇ ପଶ୍ଚିମବଙ୍ଗ ବନ ବିଭାଗ କହିଛି, ଉଭୟ ସୀତା ଓ ଆକ୍ବରଙ୍କୁ ଗତ ୧୩ ତାରିଖରେ ତ୍ରିପୁରାର ସେପାହିଜାଲା ପ୍ରାଣୀ ଉଦ୍ୟାନରୁ ଅଣାଯାଇଥିଲା। ଏହା ପୂର୍ବରୁ ଉଭୟଙ୍କର ନାମକରଣ ହୋଇଯାଇଥିବା ବନ ବିଭାଗ ସ୍ପଷ୍ଟୀକରଣ ରଖିଛି। ଦେଶରେ ପ୍ରଥମ ଥର ପାଇଁ ବନ୍ୟପ୍ରାଣୀଙ୍କ ନାମକୁ ନେଇ ବିବାଦ ଦେଖାଦେଇଥିବାବେଳେ ସିଂହୀର ନାମ ପରିବର୍ତ୍ତନ କରିବାକୁ ଭିଏଚ୍ପି ଦାବି କରିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଆଜି ସରିବ ମାଇନିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରଦର୍ଶନୀ

ଭୁବନେଶ୍ୱର,୧୭।୨

ଫ୍ୟୁଚରେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଆୟୋଜିତ ୪ ଦିନିଆ ମାଇନିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକଚର ପ୍ରଦର୍ଶନୀ ରବିବାର ଶେଷ ହେଉଛି।

**CLASSIFIED DISPLAY**

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**OAS HUB**
*Make your dreams into reality*
**OAS / IAS**
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**ADMISSION OPEN**
**B.Ed, M.Ed, B.P.Ed.**
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଏଏସିସିଆଇ ମହାରାଷ୍ଟ୍ର ପକ୍ଷରୁ ସଞ୍ଜୀବଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୭।୨



ଦେଶର ପ୍ରମୁଖ ଶିଳ୍ପ ସଙ୍ଗଠନ ତଥା ଏସିଆନ-ଆଫ୍ରିକାନ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଏଏସିସିଆଇ)ର ମହାରାଷ୍ଟ୍ର ଶାଖା (ଚାପ୍ଟର) ପକ୍ଷରୁ ଭିକୋ ଲାବରେଟୋରିଜ୍‌ର ନିର୍ଦ୍ଦେଶକ ସଞ୍ଜୀବ ଗଜାନନ ପେନ୍ଧାରକରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉଲ୍ଲେଖଯୋଗ୍ୟ, ଏଏସିସିଆଇ ମହାରାଷ୍ଟ୍ର ଶାଖା ପକ୍ଷରୁ ମୁମ୍ବାଇଠାରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏଏସିସିଆଇର ସଭାପତି (ପ୍ରେସିଡେଣ୍ଟ) ବ୍ରଜେଶ କୁମାର ଭିକୋ ଲାବରେଟୋରିଜ୍‌ର ନିର୍ଦ୍ଦେଶକ ସଞ୍ଜୀବ ଗଜାନନ ପେନ୍ଧାରକରଙ୍କୁ ଉତ୍ତରୀୟ ସହ ସମ୍ମାନିତ (ସମ୍ବର୍ଦ୍ଧିତ) କରିଥିଲେ।

## ଜେଏସ୍‌ପିକୁ ସିଏସ୍‌ଆର୍ ଆଣ୍ଡ ସଷ୍ଟେନେବିଲିଟି ଆୱାର୍ଡ

ଭୁବନେଶ୍ୱର,୧୭।୨ (ଅଭୟ ଦାଶ)

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ଲିମିଟେଡ୍‌କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ଓ ମାନ୍ୟତା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀଠାରେ ଅଲ ଇଣ୍ଡିଆ ବିଜ୍‌ନେସ ଆଣ୍ଡ କମ୍ୟୁନିଟି ଫାଉଣ୍ଡେଶନ (ଏଆଇବିସିଏଫ୍) ପକ୍ଷରୁ ଏକ ଦିନିକିଆ ଜାତୀୟ ସମ୍ମିଳନୀ 'ଇମ୍ପାକ୍ଟ ଫୁଲ୍ ସଷ୍ଟେନେବଲ୍ ବିଜ୍‌ନେସ ପ୍ରାକ୍ଟିସ ନ୍ୟାଶନାଲ କନ୍‌କ୍ଲେଭ'ର ଆୟୋଜନ କରାଯାଇଥିଲା। ଉକ୍ତ କନ୍‌କ୍ଲେଭରେ ଜେଏସ୍‌ପିକୁ ସିଏସ୍‌ଆର୍ ଆଣ୍ଡ ସଷ୍ଟେନେବିଲିଟି ଆୱାର୍ଡ-୨୦୨୪ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ସମ୍ମାନ





ସମାରୋହ ଉତ୍ସବର ଆୟୋଜନ ହୋଇଥିଲା। ଉକ୍ତ ଉତ୍ସବରେ ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ରେଖା ଶର୍ମା, ଲାଲ ବାହାଦୁର ଶାସ୍ତ୍ରୀ ଫାଉଣ୍ଡେଶନର ସଭାପତି ସୁନୀଲ ଶାସ୍ତ୍ରୀ, ବରିଷ୍ଠ ରାଜନେତା ଡ. ବିଜୟ ଜଲି ଓ ଅନ୍ୟମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜେଏସ୍‌ପିର ପ୍ରତିନିଧି ଅତିଥିମାନଙ୍କଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ନାବାର୍ଡ ସହଭାଗିତାରେ କାର୍ଯ୍ୟକାରୀ ହେଉଥିବା ସମନ୍ୱିତ ଜଳସେଚନ ପରିଚାଳନା ପ୍ରକଳ୍ପ ଓଡ଼ିଶାର ଅନୁଗୋଳ ଜିଲାରେ କୃଷକଙ୍କ ବିକାଶ ପାଇଁ ଉଲ୍ଲେଖନୀୟ ଯୋଗଦାନ ପ୍ରଦାନ କରିଛି। ବିଶେଷକରି ଜଳ ସଂରକ୍ଷଣ ଏବଂ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜେଏସ୍‌ପିକୁ ଉପରୋକ୍ତ ସମ୍ମାନ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଜେଏସ୍‌ପି ଫାଉଣ୍ଡେଶନର ଅଧ୍ୟକ୍ଷା (ଚେୟାରପର୍ସନ) ଶାଲୁ ଜିନ୍ଦଲ କହିଛନ୍ତି, ଆମେ ସ୍ଥାନୀୟ ଲୋକମାନଙ୍କ ଜୀବନରେ ଗୁଣାତ୍ମକ ବିକାଶ ପାଇଁ ପରିବେଶର ନିରନ୍ତର ଉନ୍ନତିରେ ବିଶ୍ୱାସ କରିଥାଉ।

## ପତଞ୍ଜଳିର 'ସୁମଧୁ' ଆପ୍ ପୁରସ୍କୃତ

ଭୁବନେଶ୍ୱର,୧୭।୨(ଅନୁରାଧା ମହାରଣା)

ମହୁର ଶୁଦ୍ଧତା ଏବଂ ଗୁଣ ପରୀକ୍ଷା କରିବାକୁ ଏଆଇ ଆଧାରିତ ପ୍ରଯୁକ୍ତିବିଦ୍ୟା ପାଇଁ ପତଞ୍ଜଳିର 'ସୁମଧୁ' ଆପ୍‌କୁ ପୁରସ୍କୃତ କରାଯାଇଛି। ହାଇଦ୍ରାବାଦସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ଦ୍ୱାରା ଆୟୋଜିତ ବୈଜ୍ଞାନିକ ମଧୁପାଳନ ସମ୍ବନ୍ଧୀୟ ଜାତୀୟ ସେମିନାରରେ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ଏ ଅବସରରେ ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଛନ୍ତି, ସେମିନାରରେ ଦେଶର ବିଭିନ୍ନ ଅନୁଷ୍ଠାନ ତଥା ବୈଜ୍ଞାନିକ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ମହୁର ଶୁଦ୍ଧତା ଏବଂ ଗୁଣ ପାଇଁ ଅନେକ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ଏହି ସେମିନାରରେ, ପତଞ୍ଜଳି ଦ୍ୱାରା ବ୍ୟବହୃତ ହେଉଥିବା ଏଆଇ ଭିତ୍ତିକ ସମାଧାନ ମହୁର ସ୍ୱଚ୍ଛତା ଏବଂ ଗୁଣ ପାଇଁ ସର୍ବୋତ୍ତମ ବୋଲି ବିବେଚନା କରାଯାଇଥିଲା। ବୈଜ୍ଞାନିକ ତଥା ବହୁ ଅନୁଷ୍ଠାନ ଏହାକୁ ସମଗ୍ର ଦେଶରେ କାର୍ଯ୍ୟକାରୀ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ସୂଚନାଥାଉ କି, ପତଞ୍ଜଳି ପ୍ରତିଷ୍ଠାନ ଆୟୁର୍ବେଦ ଏବଂ ଯୋଗ ବୈଜ୍ଞାନିକ ଅନୁସନ୍ଧାନରେ କୃଷି ଅନୁସନ୍ଧାନ ଏବଂ କୃଷିଭିତ୍ତିକ ଉତ୍ପାଦର ଗୁଣବତ୍ତା ଏବଂ ଶୁଦ୍ଧତା ସହ ଏକ ଅଗ୍ରଣୀ ଭାବରେ କାର୍ଯ୍ୟ କରୁଛି। ପତଞ୍ଜଳି ମହୁର ଶୁଦ୍ଧତା ପାଇଁ ଗ୍ରାହକଙ୍କୁ ମହୁର ପ୍ୟାକେଜିଂ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ୱଚ୍ଛତା ସମ୍ପର୍କରେ ସୂଚନା ଦେବା ପାଇଁ 'ସୁମଧୁ' ଆପ୍ (ହନି ଟ୍ରାସେବିଲିଟି ମ୍ୟାନେଜମେଣ୍ଟ) ଲଞ୍ଚ କରିଛି।

## ଏନ୍‌ଏଚ୍‌ଏଆଇ ଫାସ୍‌ଟାଗ୍ ସେବାରୁ ହଟିଲା ପେଟିଏମ୍

ଭୁବନେଶ୍ୱର,୧୭।୨(ଅନୁରାଧା ମହାରଣା)

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ମାଧ୍ୟମରେ ଆର୍ଥିକ କାରବାର ବନ୍ଦ କରିବା ସହ ଅନ୍ୟ ବ୍ୟାଙ୍କ ସହ ହାତ ମିଳାଇଛି। ମାର୍ଚ୍ଚ ୧୫ ପରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ପେଟିଏମ୍ ପେମେଣ୍ଟ ବ୍ୟାଙ୍କରେ ଜମା ଉପରେ ରୋକ୍ ଲଗାଇଛି। ଏନ୍‌ଏଚ୍‌ଏଆଇ ପକ୍ଷରୁ ମିଳିଥିବା ସୂଚନାନୁସାରେ ୨୪୭ ଟୋଲ୍ ପ୍ଲାଜାରେ ପୂର୍ବରୁ ପେଟିଏମ୍ ବ୍ୟାଙ୍କ ମାଧ୍ୟମରେ ଦେୟ ପ୍ରଦାନ କରାଯାଉଥିବାବେଳେ ବର୍ତ୍ତମାନ ଏହି ବ୍ୟାଙ୍କଗୁଡିକ ମାଧ୍ୟମରେ ଦେୟ ପ୍ରଦାନ କରାଯାଇପାରିବ। ଆର୍‌ବିଆଇର ନିଷ୍ପତ୍ତି ଯୋଗୁ ୱାନ୍୯୭ ଯୋଗାଯୋଗର ଏକ ସହାୟକ କମ୍ପାନୀ ପେମେଣ୍ଟ ବ୍ୟାଙ୍କକୁ ହଟାଇ ଦିଆଯାଇଛି। ପେଟିଏମ୍ ପେମେଣ୍ଟସ ଦ୍ୱାରା ପରିଚାଳିତ ଏହି ୨୪୭ ଟୋଲ୍ ପ୍ଲାଜାର ଦୈନିକ ଟୋଲ୍ ସଂଗ୍ରହରେ ୧୯୦ କୋଟି ଟଙ୍କା ଶେୟାର ରହିଛି। ଏହା ସମୁଦାୟ ଟୋଲ୍ ସଂଗ୍ରହର ପ୍ରାୟ ୧୪ ପ୍ରତିଶତ । ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ବଦଳରେ ଏନ୍‌ଏଚ୍‌ଏଆଇର ଇଣ୍ଡିଆନ ହାଇୱେ ମ୍ୟାନେଜମେଣ୍ଟ କମ୍ପାନୀ ଆକ୍ସିସ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଆଇଡିବିଆଇ ବ୍ୟାଙ୍କ, ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଏବଂ କୋଟାକ ମହିନ୍ଦ୍ରା ବ୍ୟାଙ୍କକୁ ବାଛିଛି।

# Classified Everyday

**0674-2580101, 2549949**



MATRIMONIAL

### BRIDE WANTED

Searching any or Kaibarta caste Grooms and Brides for Best Suited Kaibarta Caste Brides and Grooms. Mob.: 9990161440. D-2558

27yr Brahmin Groom, IIT Engineer High Salary working at Bangalore seeks qualified smart bride. Contact: 9337281564. D-71580

### GROOM WANTED

ପୁରୀ ବାସିନ୍ଦା 47 ବୟସ୍କା Widow Postal ଚାକିରିଆ ସୁନ୍ଦର ବ୍ରାହ୍ମଣ ଘରର ଝିଅଙ୍କୁ ବରପାତ୍ର ଆବଶ୍ୟକ। 8327715036. D-2525

Wanted Doctor groom Brahmin (MBBS/MD) for our daughter MBBS Doctor working in Odisha Government, age-27. Contact- 8917639271. D-2549



REAL ESTATE

### SALE

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

**2BHK Readymade new Flat Sale at Prime location near Ravi Talkies Chhak. Railway station and Airport are just 10 minutes away. Bank finance available. Only Buyer please call for details: 9438220432/ 8144658008.** D-2552

Plot for near AIIMS Hospital, Bhubaneswar and duplex sale @57,00,000/-. 9777433701. D-75915

Bhubaneswar Sundarpada roadରେ ଦଧିବାମନପୁର ମୌଜା yellowzone ଘରବାରି 30' ରୋଡ୍ ଥାଇ plot sqft.-1200/- ବିକ୍ରିହେବ। Biswajit-7008184348. D-71067

ଭୁବନେଶ୍ୱର-ପିତାପଲ୍ଲି NH-16 କଡ଼ରେ ବାସୋପଯୋଗୀ ପୋଜେସନ୍ ପ୍ଲଟ୍ 30ft. road, boundary ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। 9337166296. D-75911

**Gharabari plot 1100sf. near Lingaraj Temple, no litigation, Direct Owner, Immediate sale. 9178924698.** D-2545

12,000sqft. gharabari plot for sale at Chandaka. Contact: 8895086603. D-71578

**Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75707

DAV Pokhariput 7K.M. କୁହା ମୌଜାରେ ଘରକୁ ଲାଗି 3000sqft. plot ବିକ୍ରିହେବ। 9938016295. D-75910

BDA Yellowzone gharabari plot for sale Khandagiri Amri Hospital back side ready for construction. 7978850450, 9439918431. D-75907

Contact for Complete House Construction (Simplex/ Duplex/ Apartment), Interior Design (Modular Kitchen/ TV Unit/ Wardrobe) and Home Furniture. MPlanets- 7008550473. D-2553

Duplex project at Retang Medical, Station, Market, CV Raman, Tamando, Bhubaneswar. 9777553622. D-75296

**3BHK Semifurnished flats at Jharpada 80' road side. Contact- 9437307086, 7978209277, 7008789347.** D-2493

**Readymade 2/3BHK premium flat at prime location of Jayadev Vihar Chhak. Contact- 9437307086, 7978209277, 7008789347.** D-2494

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75904

ଭୁବନେଶ୍ୱରସ୍ଥିତ ଏକ New ଜକି ଶୋରୁମ୍ furniture ସହିତ ବିକ୍ରିହେବ। ଯୋଗାଯୋଗ-9078017622. D-2554



CONSTRUCTION

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913

Do you want to construct dream house on your own plot for details please contact K.K. Construction. 7008268129, 9439143273. D-71385





2BHK K-3A Kalinga Nagar, Ghatikia, Bhubaneswar 2nd floor one to-let rent 8000/-. Contact: 9337281564. D-71579

Ground floor of Carpet Area 2000sqft. for Office or Bank in Cuttack Road in front of ESPLANADE MALL, Bomikhal (Rasulgarh). Please Contact- 9937044577. D-2547

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

### ACCOMMODATION

Required commercial space/showroom 10'x10' at Ashok Nagar, Kharvelnagar, Sahid Nagar, Cuttack road. 9861033004. D-74717





Relax refreshment body massage therapy by experience lady therapist. 7008773793. D-76102

Kerala body Massage best Therapist @699/- Bhubaneswar. 9337672475. Ganeshspa.in. D-2555

Herbal full body massage by smart/expert therapist. Contact- 9124139069. D-75706

Refreshments Body massage Therapy with Experience Therapists, Ashirvad Panchakarma Spa, Keshari Mall, Bhubaneswar: 8926173473. D-67128

"Only Ayurvedic body massage & Steam-Bath. 9861550765". D-2495

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### AFFIDAVIT

I, SAHANWAJ ALLI KHAN, F/o- SHAAN-AL-NAWAZ KHAN, Resident of Kurang Pradhan, At-Raipur, Cuttack, P.O.-Cuttack SadarThana, Odisha-754001 are by this affidavit No.-65AA396118 dtd.17.02.2024, That now onwards I shall be known as SAHANWAJ ALLI KHAN for all future purposes. Because my name is wrongly mention on my Son's Passport. That is SANAWAJ ALLI KHAN. D-2556

I, Kurma Rao, F/o- Sri K. Sridhara Rao(50), Vill/P.O.-Rambha, P.S.- Rambha, Ganjam, Odisha declared by this affidavit No.-A/291, 17.02.2024, that now onwards I shall be known as K.Kurma Rao for all future purposes. D-2564

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

### LEGAL NOTICE

In the Court of the Additional District Judge, At- Dharmagarh. R.F.A. No.-31/58 of 2010/2011
Sasthi Prasad Mund -Appellants.
Vrs.
Sarat Chandra Mund & Others. ..... Respondents.
(Under Order 5. Rule 20 of C.P.C.
To,
Respondent No.-
2(iii) Sujit Kumar Mund, aged about 40 years, S/o- Late Narasingha Mund, resident of Village: Chilchila, P.O.- Brahmanchhendia, P.S.- Munsiff Dharmagarh, Dist.- Kalahandi, Odisha. (vi) Anita Panda, aged about 30 years, D/o.- Late Narasingha Mund and W/o- Nabin Kumar Panda, Resident of Village/P.O.- Behere, P.S.-Munsiff, Koksara, Dist.- Kalahandi, Odisha, (viii) Dhubani Patra, aged about 52 years, D/o- Late Rajkishor Mund, Resident of Village/P.O.- Khairpadar, P.S./Munsiff: Dharmagarh, Dist.- Kalahandi, Odisha, (ix) Sanjukta Babu, aged about 48 years, D/o-Late Rajkishor Mund, W/o- Abhaya Kumar Babu, Resident of Village/P.O.- Larka, P.S.- Munsiff: Sinapali, Dist.- Nuapada, Odisha.

WHEREAS the appellant has filed an Appeal against you against the Judgement and Decree passed by the Civil Judge, Sr. Div., Dharmagarh in T.S. No. 47/1996. You are hereby summoned to appear in this Court in person or through pleader on 27th day of Feb. 2024 to answer the same failing which appeal will be disposed of ex-parte.

Given under my hand and seal of the Court on this the 6th day of Feb. 2024.

Sd./- Additional District Judge, Dharmagarh.
D-2563

**ମୋବାଇଲ ଗେମରେ ହାରିଯିବାରୁ ବେକ କାଟି ଦେଲେ ଯୁବକ**

ଛେଣ୍ଡିପଦା,୧୭।୨(ଅଜିତ ଧଳ): ଅନୁଗୋଳ ଜିଲା ଜରପଡା ଥାନା ଜେରେଙ୍ଗ ଗ୍ରାମରେ ମୋବାଇଲରେ ଗେମ୍‌ରେ ହାରିଯିବାରୁ ସୌମ୍ୟରଞ୍ଜନ ନାୟକ(୨୪) ନିଜ ବେକକୁ ବ୍ଲେଡ୍‌ରେ କାଟି ଗୁରୁତର ହୋଇଛନ୍ତି। ସୌମ୍ୟରଞ୍ଜନ ଶୁକ୍ରବାର ମୋବାଇଲରେ ଫ୍ରି ଫାୟାର ଗେମ ଖେଳୁଥିଲେ। ସେଥିରେ ସେ ତିନି ଥର ହାରି ଯାଇଥିଲେ। ଫଳରେ ନିଜର ହିତାହିତ ଜ୍ଞାନ ଭୁଲି ଏକ ବ୍ଲେଡରେ ନିଜ ବେକକୁ ନିଜେ କାଟି ଦେଇଥିଲେ। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡିଛି।

# ବିନା ଫଳକରେ ହଜାରେ କୋଟିର କାମ

**କନ୍ଦରପୁର-ମୁଲାକଣି ୫୫ ନଂ. ଜାତୀୟ ରାଜପଥ ନିର୍ମାଣ**

- ବେଆଇନ ଭାବେ ନଦୀରୁ ବାଲି, ବିଲରୁ ମାଟି ଉଠୁଛି
- ବ୍ୟବସ୍ଥିତ ଢଙ୍ଗରେ କାମ ନ କଲେ ବନ୍ଦ ଚେତାବନୀ

ଜଗତ୍‌ସିଂହପୁର, ୧୭।୨ (ପ୍ରମୋଦ କୁମାର ନାୟକ)

ଦୀର୍ଘ ବର୍ଷ ପରେ କନ୍ଦରପୁର-ମୁଲାକଣି ୫୫ନଂ. ଜାତୀୟ ରାଜପଥ (ଏନ୍‌ଏଚ୍) କାମ ଆରମ୍ଭ ହୋଇଛି। ୭୫.୯୫ କିଲୋମିଟର ଲମ୍ବ ଓ ପ୍ରସ୍ଥ ୧୦ ମିଟର ବିଶିଷ୍ଟ ଏହି ରାସ୍ତା କାମ ଶେଷ ହେଲେ ଜଗତ୍‌ସିଂହପୁର ଜିଲାବାସୀ ବିଶେଷ ଉପକୃତ ହେବେ। କେନ୍ଦ୍ର ସରକାର ଉକ୍ତ ରାସ୍ତାକୁ ୨ଟି ପର୍ଯ୍ୟାୟରେ ଅନୁମୋଦନ କରିଥିବା ସୂଚନା ଅଧିକାର(ଆରଟିଆଇ) ଆଇନ ବଳରେ ସୂଚନା ମିଳିଛି। ଏହି ଅନୁଯାୟୀ କନ୍ଦରପୁର-ବାଲିକୁଦା ରାସ୍ତାକୁ ୨୪।୩।୨୨ ଏବଂ ବାଲିକୁଦା-ମୁଲାକଣି ରାସ୍ତାକୁ ୨୪।୧୧।୨୨ରେ ଅନୁମୋଦନ ଦେଇଛନ୍ତି। ଏଥିସହ କନ୍ଦରପୁର-ବାଲିକୁଦା ରାସ୍ତା ପାଇଁ ୪୯୯.୭୯ କୋଟି ଏବଂ ବାଲିକୁଦା-ମୁଲାକଣି ଲାଗି ୫୧୧.୫୪ କୋଟି ଏହିପରି ମୋଟ ୧୦୧୧.୩୩ କୋଟି ଟଙ୍କା ମଞ୍ଜୁର ହୋଇଛି। ଦୁଃଖର କଥା ହେଲା, ବିନା ସୂଚନା ଫଳକରେ ଏହା ଭିତରେ ଠିକା ସଂସ୍ଥା ମାତ୍ର ୯ କିଲୋମିଟର ରାସ୍ତା କାମ କରିବାକୁ ସମର୍ଥ ହୋଇଛି। ଏଥିସହ ୬ ପର୍ଯ୍ୟାୟରେ ୨୭.୮୪ କୋଟି ଟଙ୍କାର ବିଲ୍ କରିନେଇଛି।



କନ୍ଦରପୁରରୁ ଜଗତ୍‌ସିଂହପୁର ମଧ୍ୟରେ ଜାତୀୟ ରାଜପଥ କାମ ଚାଲିଛି।

ଏ ସମ୍ପର୍କରେ ନବ ନିର୍ମାଣ କୃଷକ ସଙ୍ଗଠନ ସମେତ କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ଜାତୀୟ ରାଜପଥ କାମ ଯେଉଁଭଳି ଚାଲିଛି, ତା'ଉପରେ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଜରୁରୀ। କାରଣ ଦିବାଲୋକରେ ନିମ୍ନମାନର କାମ ଚାଲିଛି। ନଦୀରୁ ବେଆଇନ ଭାବେ ବାଲି ଓ ରାସ୍ତା ପାର୍ଶ୍ୱ ବିଲରୁ ମାଟି ଉଠାଯାଇ କାର୍ଯ୍ୟରେ ଲଗାଯାଉଛି। ଏମ୍/ଏସ୍ ଶିଭମ କୋ ଏନ୍‌ଡିଇଭି ପ୍ରାଇଭେଟ ଲିମିଟେଡ୍ ନାମକ ଠିକାସଂସ୍ଥା ଏହି କାମ କରୁଥିବା ଆରଟିଆଇ ବଳରେ ମିଳିଥିବା ସୂଚନାରୁ ସ୍ପଷ୍ଟ ହୋଇଛି। କିନ୍ତୁ ପୂର୍ବରୁ କଳା ତାଲିକାଭୁକ୍ତ ହୋଇଥିବା ଏଆର୍‌ଏସ୍‌ଏସ୍ କମ୍ପାନୀ ଏହି କାମ କରୁଛି। ଯେତେ ଟ୍ରକ୍ ଓ ଯନ୍ତ୍ରପାତି ବ୍ୟବହାର ହେଉଛି ସେଗୁଡ଼ିକରେ ଏଆର୍‌ଏସ୍‌ଏସ୍ ଲେଖାଥିବାରୁ ଏହି କମ୍ପାନୀ ନୂଆ ନାଁରେ କାମ କରୁଥିବା ସନ୍ଦେହ କରାଯାଉଛି। କାମ ଚାଲିଥିଲେ ସୁଦ୍ଧା ସୂଚନା ଫଳକ ଲଗା ନ ଯିବା ଯୋଗୁ ଠିକା ସଂସ୍ଥାର ସ୍ୱଚ୍ଛତାକୁ ନେଇ ସନ୍ଦେହ ଦୃଢ଼ୀଭୂତ ହୋଇଛି। ଯଥାଶୀଘ୍ର ଠିକା ସଂସ୍ଥା ସୂଚନା ଫଳକ ମାରିବା ସହ ବ୍ୟବସ୍ଥିତ ଢଙ୍ଗରେ କାର୍ଯ୍ୟ ନ କଲେ ନବନିର୍ମାଣ କୃଷକ ସଙ୍ଗଠନ କାର୍ଯ୍ୟ ବନ୍ଦ କରିବାକୁ ବାଧ୍ୟ ହେବବୋଲି ସଙ୍ଗଠନ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଠିକା ସଂସ୍ଥା ଓ ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

ନିର୍ମାଣ ହେବାକୁ ଥିବା ସମୁଦାୟ ରାସ୍ତା ଭିତରେ ୫ଟି ବାଇପାସ୍ ଓ ୧୭ଟି ପୋଲ ଆଦି ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି। ସେଗୁଡିକ ମଧ୍ୟରୁ ଦଳେଇଘାଇ ବାଇପାସ୍ ୫ କି.ମି., ଜଗତ୍‌ସିଂହପୁର ବାଇପାସ୍ ୭.୮ କି.ମି., ବାଲିକୁଦା-କଣିଆ-ବୋରିକିନା-ଇବ୍ରିସିଂ ବାଇପାସ୍ ୧୭.୬କି.ମି., ଏରସମା ବାଇପାସ୍ ୫.୮୫ କିମି ଏବଂ ଚଟୁଆ ବାଇପାସ୍‌ର ଦୈର୍ଘ୍ୟ ୨.୫ କି.ମି. ରହିବ। ସମସ୍ତ କାର୍ଯ୍ୟ ତଦାରଖ ପାଇଁ କ୍ୱାଣ୍ଟିଟି ସର୍ଭେୟର, ଲାବରେଟୋରୀ ଟେକ୍‌ନିସିଆନ ଓ ବ୍ରିଜ ଇଞ୍ଜିନିୟରଙ୍କୁ ନିଯୁକ୍ତି ଦିଆଯାଇଛି। କିନ୍ତୁ କାମରେ କୌଣସି ସ୍ୱଚ୍ଛତା ଆସୁନାହିଁ। ବିନା ସୂଚନା ଫଳକରେ କାମ ଚାଲିଥିବାରୁ ଲୋକଙ୍କ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କେବଳ ଏତିକି ନୁହେଁ, ଠିକାସଂସ୍ଥା ବିଭିନ୍ନ ମାଧ୍ୟମରେ ଜାଲିଆତି କରୁଛି। ନଦୀରୁ ଯେତିକି ପରିମାଣର ବାଲି ଉଠାଇବା ପାଇଁ ଅନୁମତି ନେଉଛି ତା'ର ଦୁରୁପଯୋଗ କରୁଛି। ଅର୍ଥାତ୍ ଏହି ଅନୁମତିପତ୍ର ଦେଖାଇ ମନଇଚ୍ଛା ବାଲି ଉଠାଇ ଚାଲିଛି। ପ୍ରଶାସନିକ ଅଧିକାରୀ ଓ କେତେଜଣ ବାଲି ମାଫିଆଙ୍କ ସହ ସଲାସୁତୁରାରେ ଠିକାସଂସ୍ଥା ଏଭଳି କାର୍ଯ୍ୟ କରିବାକୁ ସକ୍ଷମ ହେଉଛି ବୋଲି ଅଭିଯୋଗ ହୋଇଛି। ଦିନ ଦ୍ୱି ପ୍ରହରରେ ବାଲି ପରିବହନ ଉପରେ କଟକଣା ଥିଲେ ସୁଦ୍ଧା ତାହା ପାଳନ କରାଯାଉନାହିଁ। ସଂସ୍ଥାର ଏଭଳି ମନମୁଖୀ କାର୍ଯ୍ୟକୁ କେତେକ ସ୍ଥାନରେ ଗ୍ରାମବାସୀ ବିରୋଧ କରିଛନ୍ତି। ଏପରି କି ବେଆଇନ ବାଲି ଉଠାଣକୁ ନେଇ ତୁମ୍ବିତୋଫାନ ହୋଇଛି। ଏହା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଠିକାସଂସ୍ଥା ବାଲିଆଠାରୁ ବିରିଡ଼ି ମଧ୍ୟରେ ରାସ୍ତା ପାର୍ଶ୍ୱ ଜମିରୁ ମାଟି ଉଠାଇ ଫିଲିଂ କରୁଛି। କିନ୍ତୁ ଯେଉଁଠୁ ମାଟି ଉଠାଉଛି ସେଗୁଡିକୁ ପୋତୁନାହିଁ। ଠିକ ଭାବେ ପିଚୁ କାମ କରାଯାଉନାହିଁ। ଜଗତ୍‌ସିଂହପୁର ସଦର ମହକୁମାରେ ଜାତୀୟ ରାଜପଥ ବିଭାଗର ଅଫିସ ରହିଛି। ମାତ୍ର ଅଫିସରେ କୌଣସି ଅଧିକାରୀ ରହୁ ନ ଥିବାରୁ କାର୍ଯ୍ୟ ସମ୍ପର୍କରେ କୌଣସି ସୂଚନା ମିଳିପାରୁନାହିଁ। ତୁରନ୍ତ ସୂଚନା ଫଳକ ଲଗାଇବା ସହ ବ୍ୟବସ୍ଥିତ ଢଙ୍ଗରେ କାମ କରିବା ପାଇଁ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅନିତା ପାତ୍ରଙ୍କୁ ଲିଖିତଭାବେ ଅଭିଯୋଗ କରାଯାଇଛି। ଏହା ଭିତରେ ଧାରଣା ମଧ୍ୟ ଦିଆଯାଇଥିବା ନନ୍ଦ କହିଛନ୍ତି। ଏ ସମ୍ପର୍କରେ ଠିକା ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବାଳକୃଷ୍ଣ ରାଓଙ୍କୁ ପଚାରିବାରେ କୌଣସି ନିମ୍ନମାନର କାମ ହୋଇ ନ ଥିବା କହିଥିଲେ। ମାତ୍ର ସୂଚନା ଫଳକ ନ ଲାଗିବା ଉପରେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଏ ସମ୍ପର୍କରେ କଟକ ଜାତୀୟ ରାଜପଥ ବିଭାଜନ ନିର୍ବାହୀ ଯନ୍ତ୍ରୀ କୋମଳ କୁମାର ସ୍ୱାଇଁଙ୍କୁ ପଚାରିବାରୁ ଠିକ ଭାବେ କାର୍ଯ୍ୟ କରିବା ପାଇଁ ଚେଷ୍ଟା ଚାଲିଥିବା କହି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।

## ପୋଖରୀରେ ବୁଡ଼ି ୨ ନାବାଳକ ମୃତ

ଥୁଆମୂଳ ରାମପୁର,୧୭।୨(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଅଧୀନ ଦୁରେଶପଦର ଗ୍ରାମରେ ଶନିବାର ଅପରାହ୍ଣରେ ପୋଖରୀରେ ବୁଡ଼ି ୨ ନାବାଳକଙ୍କ ମୃତ୍ୟୁ ଘଟିଛି। ସୁରେଶ ନାଏକଙ୍କ ପୁଅ ଅସ୍ମନ(୬) ଏବଂ ଈଶ୍ୱର ନାଏକଙ୍କ ପୁଅ ଶାନ୍ତନୁ ଅପରାହ୍ଣ ୪ଟାରେ ପୋଖରୀକୁ ସାଙ୍ଗ ହୋଇ ଗାଧୋଇବାକୁ ଯାଇ ଫେରି ନ ଥିଲେ। ଘର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ପୋଖରୀକୁ ଯାଇଥିବା ସନ୍ଦେହ କରି ପରିବାର ଲୋକେ ସେଠାକୁ ଯାଇଥିଲେ। ଦୁଇ ନାବାଳକ ପୋଖରୀ ମଝିରେ ଭାସୁଥିବା ଦେଖି ଉଦ୍ଧାର କରି କୂଳକୁ ଆଣିଥିଲେ। ସେତେବେଳକୁ ଦୁହିଁଙ୍କ ମୃତ୍ୟୁ ଘଟି ସାରିଥିଲା।

## ପୂର୍ବତନ ଆଇଜିପି ବିଶ୍ୱକେଶ ତ୍ରିପାଠୀଙ୍କ ପରଲୋକ



ଭୁବନେଶ୍ୱର,୧୭।୨(ଅନୁରାଧା ମହାରଣା)

ଅବସରପ୍ରାପ୍ତ ଆଇପିଏସ୍ ଅଫିସର, ପୂର୍ବତନ ଆଇଜିପି ତଥା ଆତଙ୍କବାଦୀ ନିରୋଧୀ ସ୍ପେଶାଲିଷ୍ଟ ବିଶ୍ୱକେଶ ତ୍ରିପାଠୀଙ୍କ ଶନିବାର ସକାଳେ ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର, ପୁତ୍ରବଧୂ, ଝିଅ ଓ ଅନ୍ୟ ପରିବାର ଲୋକ ଉପସ୍ଥିତ ଥିଲେ। ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ଶେଷଦର୍ଶନ କରିବା ପରେ ସନ୍ଧ୍ୟାରେ ସତ୍ୟନଗର ଶ୍ମଶାନରେ ସ୍ୱର୍ଗତ ତ୍ରିପାଠୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ୧୯୫୪ ବ୍ୟାଚ୍‌ର ଆଇପିଏସ୍ ଅଫିସର ସ୍ୱର୍ଗତ ତ୍ରିପାଠୀ ଦେଶର ଜଣେ ଦକ୍ଷ ଅଫିସର ଥିଲେ। ପୋଲିସ ସେବା ସହ ସିଆରପିଏଫ୍ ଏବଂ ବିଏସ୍‌ଏଫ୍‌ରେ ମଧ୍ୟ ସେ କାର୍ଯ୍ୟ କରିଥିଲେ। ୧୯୬୦-୬୩ ନାଗା ବିଦ୍ରୋହ, ୧୯୬୯-୭୧ ତେଲଙ୍ଗାନା ହିଂସା, ଗୁଜରାଟର ନବନିର୍ମାଣ ଆନ୍ଦୋଳନ, ପଞ୍ଜାବୀ ସୁବା ଆନ୍ଦୋଳନ, କୋଲକାତାର ମାଓବାଦୀ ଓ ୧୯୮୩-୮୪ ଖଲିସ୍ତାନୀ ଆନ୍ଦୋଳନକୁ ପ୍ରତିହତ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୧୯୮୪ରେ ପଞ୍ଜାବରେ ବ୍ଲୁ ଷ୍ଟାର୍ ଅପରେଶନରେ ସାମିଲ ଥିଲେ। ନିଜ କ୍ୟାରିୟର ମଧ୍ୟରେ ସେ ଅନେକଥର ନାଗା ଓ ଖଲିସ୍ତାନୀ ଆତଙ୍କବାଦୀଙ୍କ ଗୁଳିର ସମ୍ମୁଖୀନ ହୋଇଥିଲେ। ୧୯୬୯-୭୦ରେ କୋଲକାତାରେ ମାଓବାଦ ନିରୋଧୀ ଅଭିଯାନ ବେଳେ ମାଓବାଦୀମାନେ ତାଙ୍କ ମୁଣ୍ଡ ବଦଳରେ ୧୦ ହଜାର ଟଙ୍କାର ପୁରସ୍କାର ରାଶି ରଖିଥିଲେ। ସାହିତ୍ୟ କ୍ଷେତ୍ରରେ ମଧ୍ୟ ସ୍ୱର୍ଗତ ତ୍ରିପାଠୀ ନିଜ ଛାପ ଛାଡ଼ିଯାଇଛନ୍ତି। ଓଡ଼ିଆ ଭାଷାରେ ୬ଟି ପୁସ୍ତକ, ୬ଟି କ୍ଷୁଦ୍ର କବିତା ସଂକଳନ, ଇଂଲିଶ ଭାଷାରେ କୋଣାର୍କ ଉପରେ ଏକ ବୃହତ କବିତା ସଂକଳନ ଏବଂ ଭାରତରେ ଆତଙ୍କବାଦ ଓ ବିଦ୍ରୋହ ସମ୍ପର୍କରେ ଏକ ପୁସ୍ତକ ମଧ୍ୟ ରଚନା କରିଛନ୍ତି।

## ବୋହୂ ପୋଡ଼ି ଘଟଣା: ଶାଶୁଙ୍କୁ ୭ବର୍ଷ ଜେଲ, ୫ ହଜାର ଜରିମାନା

ରାୟଗଡ଼ା,୧୭।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଞ୍ଚଳରେ ବୋହୂ ପୋଡ଼ି ମାମଲାରେ ଶୁକ୍ରବାର ଅଭିଯୁକ୍ତ ଶାଶୁଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ରାୟ ଦେଇଛନ୍ତି ରାୟଗଡ଼ା ମହିଳା କୋର୍ଟ ଜଜ୍ ସୋନାଲ ଶର୍ମା। ଜରିମାନା ଅନାଦାୟେ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ । ପୀଡ଼ିତାଙ୍କ ସ୍ୱାମୀ ଗିରଫ ହୋଇଥିଲେ ମଧ୍ୟ କିଛି ବର୍ଷ ପୂର୍ବେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅଭିଯୁକ୍ତ ଶାଶୁ ହେଲେ ଲକ୍ଷ୍ମୀ ଓରଫ୍ କାମ ବେହେରା। ୨୦୧୮ରେ ଚାନ୍ଦିଲି ଥାନାରେ ସ୍ତ୍ରୀଙ୍କୁ ପୋଡ଼ିଦେବା ଘଟଣାରେ ଏତଲା ଦେଇଥିଲେ ଝିଅଙ୍କ ମାଆ। ଏତଲାକୁ ଭିତ୍ତିକରି ପୋଲିସ ନଂ.୧୩୫/୧୮ରେ ମାମଲା ରୁଜୁ କରିବା ସହ ତାଙ୍କ ସ୍ୱାମୀ ସାହେବ ବେହେରା ଏବଂ ଶାଶୁ ଲକ୍ଷ୍ମୀ ଓରଫ୍ କାମ ବେହେରାଙ୍କୁ କୋର୍ଟ ଚାଲାଣ କରିଥିଲା। ଗଞ୍ଜାମ ଜିଲା ପୋଲସରା ଥାନା ଅଞ୍ଚଳର ଜଣେ ଯୁବତୀ ଚାନ୍ଦିଲି ଥାନା ଅଞ୍ଚଳର ସାହେବ ବେହେରାଙ୍କୁ ବିବାହ କରିଥିଲେ । ଉଭୟଙ୍କ ୨ଟି ଝିଅ ଏବଂ ଗୋଟିଏ ପୁଅ ଅଛନ୍ତି। ତେବେ ଘରେ ଖାଇବା ସମୟରେ କଞ୍ଚାଲଙ୍କା ମାଗିବାକୁ ନେଇ ସ୍ୱାମୀ ସାହେବ ସ୍ତ୍ରୀ ଉପରେ ରାଗି ଯାଇ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ମହିଳାଙ୍କୁ ମେଡିକାଲରେ ଭର୍ତ୍ତି କରାଇବା ସହ ପଡ଼ୋଶୀ ପୋଲିସକୁ ଖବର ଦେଇଥିଲେ। ସରକାରୀ ଓକିଲ ରବି ମହାପାତ୍ର ଓ ଅଭିଯୁକ୍ତଙ୍କ ପକ୍ଷରୁ ନବ କୁମାର କଣ୍ଟା ମାମଲା ପରିଚାଳନା କରୁଥିଲେ।



କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ଶନିବାର ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ମଞ୍ଚସ୍ଥ ନାଟକ 'ଚଣ୍ଡାଳ ଗଜପତି'ର ଏକ ଦୃଶ୍ୟ। **(ଫଟୋ-ରାଜକିଶୋର ମହାନ୍ତି)**

## ପୁତ୍ର ମୋହ କଲା ଚୋର

**ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରୁ ଶିଶୁ ଚୋରି ଘଟଣା**

- ଅଟକ ଦମ୍ପତିଙ୍କୁ ପୋଲିସର ପଚରାଉଚରା

ବଲାଙ୍ଗୀର, ୧୭।୨ (ବୀରେନ୍ଦ୍ର କୁମାର ଝାଙ୍କର)

ଯେତେ ଅଗ୍ରଗତି କଲେ ମଧ୍ୟ ମଣିଷ ମନରେ ଘର କରିଥିବା ଲିଙ୍ଗଗତ ବୈଷମ୍ୟ କମିନାହିଁ। ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଶୁକ୍ରବାର ଘଟିଥିବା ଶିଶୁ ଚୋରି ଘଟଣା ସମାଜରେ ପୁଅ ଓ ଝିଅଙ୍କୁ ନେଇ ରହିଆସିଥିବା ଘୃଣ୍ୟ ମାନସିକତାକୁ ପୁଣି ଥରେ ପଦାକୁ ଆଣିଛି। ଜଣେ ମହିଳା ହସ୍ପିଟାଲ ଭିତରେ ସ୍ୱଜନ୍ମିତ ଶିଶୁକନ୍ୟାକୁ ଛାଡିଦେଇ ଅନ୍ୟ ଜଣଙ୍କ ନବଜାତ ଶିଶୁପୁତ୍ରକୁ ଚୋରି କରି ଘରକୁ ନେଇଯିବା ଭଳି ଘଟଣା ଅନେକଙ୍କୁ ବିସ୍ମିତ କରିଛି। ପୁତ୍ର ମୋହ କିଭଳି ଏକ ଦମ୍ପତିଙ୍କୁ ଚୋର ସଜାଇଲା ସେଇ ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଶିଶୁ ଚୋରି ଘଟଣାରେ ବୌଦ୍ଧ ଜିଲା ଘଣ୍ଟାପଡା ଥାନା ସାହାଜପିଟା ଗାଁର ଶରତ ପୁଟା ଓ ତାଙ୍କ ସ୍ତ୍ରୀ ବିଶାଖା ପୁଟାଙ୍କୁ ପୋଲିସ ପଚରାଉଚରା କରୁଛି। ଏହି ଦମ୍ପତିଙ୍କଠାରୁ ପୋଲିସ ଚୋରି ହୋଇଥିବା ଶିଶୁପୁତ୍ର ଉଦ୍ଧାର କରିଥିଲା। ବଲାଙ୍ଗୀର ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଶନିବାର ଶିଶୁଚୋରି ଘଟଣାକୁ ନେଇ ଶନିବାର ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି।

ଏସ୍‌ଡିପିଓ ସାହୁଙ୍କ ସୂଚନା ଅନୁସାରେ ଶରତ ପୁଟାଙ୍କ ସ୍ତ୍ରୀ ବିଶାଖା ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଗୁରୁବାର ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ନବଜାତକର ଓଜନ କମ୍ ଥିବାରୁ ଏମ୍‌ସିଏଚ୍ ଅନ୍ତର୍ଗତ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ସକାଳେ ହସ୍ପିଟାଲରେ ସେହି ବୌଦ୍ଧ ଜିଲା କଣ୍ଟାମାଳ ଥାନା ବୁର୍‌ଡିପଦର ଗାଁର ସୁଶୀଳ ସ୍ୱାଇଁଙ୍କ ସ୍ତ୍ରୀ ଝୁମ୍‌କି ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ନବଜାତ ପୁତ୍ର ମଧ୍ୟ କମ୍ ଓଜନ ଥିବାରୁ ତାଙ୍କୁ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯାଇଥିଲା। ଏହି ଖବର ଜାଣିବା ପରେ ଶରତ, ତାଙ୍କ ସ୍ତ୍ରୀ ବିଶାଖା ଏବଂ ସମ୍ପର୍କୀୟ ସୁଶୀଳା ପୁଟା ଏସ୍‌ଏନ୍‌ସିୟୁରେ ନିଜ କନ୍ୟାକୁ ଛାଡି ଦେଇ ସଦ୍ୟଜାତ ଶିଶୁପୁତ୍ରକୁ ସେଠାରୁ ନେବାକୁ ଯୋଜନା କରିଥିଲେ। ପୂର୍ବାହ୍ଣ ପ୍ରାୟ ୯ଟାରେ ସେମାନେ ଏସ୍‌ଏନ୍‌ସିୟରୁ ଝୁମ୍‌କିଙ୍କ ଶିଶୁପୁତ୍ରକୁ ନେଇ ଯାଇଥିଲେ। ଦିନ ୧୨ଟାରେ ଝୁମ୍‌କି ନବଜାତ ଶିଶୁପୁତ୍ରକୁ କ୍ଷୀର ଖୁଆଇବାକୁ ଏସ୍‌ଏନ୍‌ସିୟକୁ ଯିବା ପରେ ପିଲା ସେଠାରେ ନ ଥିବା ଦେଖାଯାଇଥିଲା। ସୁଶୀଲଙ୍କ ଅଭିଯୋଗ କ୍ରମେ ଟାଉନ୍ ଥାନା ପୋଲିସ ମାମଲା (୧୧୫/୨୪) ରୁଜୁ କରିଥିଲା। ଶିଶୁ ଚୋରିର ୧୨ ଘଣ୍ଟା ପରେ ପୋଲିସ ସାହାଜପିଟା ଯାଇ ଶିଶୁକୁ ଉଦ୍ଧାର କରି ହସ୍ପିଟାଲ ଆଣିଥିଲା। ପୁତ୍ରସନ୍ତାନ ମୋହରେ ସମ୍ପୃକ୍ତ ଦମ୍ପତି ନିଜ କନ୍ୟାସନ୍ତାନକୁ ହସ୍ପିଟାଲ ଏସ୍‌ଏନ୍‌ସିୟୁରେ ଛାଡି ଶିଶୁପୁତ୍ର ଚୋରି କରିଥିବା ଏସ୍‌ଡିପିଓ ସାହୁ ସ୍ପଷ୍ଟ କରିଛନ୍ତି। ହସ୍ପିଟାଲ ଇଣ୍ଟରନାଲ କମିଟି ଘଟଣାର ତଦନ୍ତ କରିଛି।

## ଆପାର୍ଟମେଣ୍ଟ ମାଲିକାନା ସ୍ୱତ୍ୱ ଆଇନ କାର୍ଯ୍ୟକାରୀ ପାଇଁ ନିୟମ ଜାରି

ଭୁବନେଶ୍ୱର, ୧୭।୨(ଅସମାପିକା ସାହୁ)

ରାଜ୍ୟରେ ଆପାର୍ଟମେଣ୍ଟ ପଞ୍ଜୀକରଣ ପାଇଁ ବାଟ ଫିଟିଛି। ଓଡ଼ିଶା ଆପାର୍ଟମେଣ୍ଟ ଆକ୍ଟର ଚିଠା ରୁଲ୍ ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଜରିଆରେ ରାଜ୍ୟ ସରକାର ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ସ୍ୱତ୍ୱ ଓ ପରିଚାଳନା ନିୟମ ଆଣିଛନ୍ତି। ଏଥିରେ ଆପାର୍ଟମେଣ୍ଟ ମାଲିକଙ୍କ ଆସୋସିଏଶନ ଗଠନ ଓ ପଞ୍ଜୀକରଣ ନେଇ ସବିଶେଷ ନିୟମ ରହିଛି। ରେରା ଆଇନ ଅନୁସାରେ, ମାଲିକାନା ସ୍ୱତ୍ୱ ଠିକ୍ ନ ଥିବାରୁ ରାଜ୍ୟରେ ଦେଢ଼ ବର୍ଷ ହେଲା ଆପାର୍ଟମେଣ୍ଟ କିଣାବିକା ବନ୍ଦ ରହିଥିଲା। ରିୟଲ ଇଷ୍ଟେଟ କାରବାରକୁ ଆଗକୁ ନେବା ସହ ଘର ମାଲିକଙ୍କୁ ସେମାନଙ୍କ ଅଧିକାର ସାବ୍ୟସ୍ତ କରିବା ପାଇଁ ଗତ ଅକ୍ଟୋବରରେ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ଆଇନ ୨୦୨୩ ଆଣିଥିଲେ। ଏହାପରେ ସରକାର ଏଥିରେ ଆବଶ୍ୟକ ସଂଶୋଧନ ଆଣିବା ପାଇଁ ସମ୍ପୃକ୍ତ ଅଂଶୀଦାରଙ୍କଠାରୁ ପରାମର୍ଶ ଆହ୍ୱାନ କରିଥିଲେ। ପୂର୍ବରୁ ଥିବା ଆପାର୍ଟମେଣ୍ଟ ଆଇନ ୧୯୯୨ରେ ବାରମ୍ବାର ସଂଶୋଧନ ହେଉଥିବାରୁ ରାଜ୍ୟ ସରକାର ଏହି ନୂଆ ଆଇନ ଆଣିଥିଲେ। ଏବେ ଏହି ଆଇନ କାର୍ଯ୍ୟକାରୀ ପାଇଁ ସରକାର ନିୟମ କରିଛନ୍ତି। ନିୟମରେ ଆପାର୍ଟମେଣ୍ଟ ମାଲିକ ଏବଂ ଫ୍ଲାଟ ମାଲିକଙ୍କ ଅଧିକାର ଏବଂ ଦାୟିତ୍ୱ ଉଲ୍ଲେଖ ରହିଛି।




ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଓଡ଼ିଶାରେ ପ୍ରଥମ ଆର୍ଟିଫିସିଆଲ ରିଫ୍, ସାମୁଦ୍ରିକ ଜଙ୍ଗଲ

**ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ସୃଷ୍ଟିକଲେ ୨ ବୈଜ୍ଞାନିକ**

ଭୁବନେଶ୍ୱର, ୧୭।୨(ଅସମାପିକା ସାହୁ)

ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ସ୍ତର ବଢ଼ିବା ଦ୍ୱାରା ଜଳବାୟୁ ପରିବର୍ତ୍ତନ ଘଟୁଛି। ଏହାର ପରିଣାମ ସ୍ୱରୂପ ତାପମାତ୍ରା ବୃଦ୍ଧି, ଉପକୂଳବର୍ତ୍ତୀ ଅଞ୍ଚଳରେ ବାରମ୍ବାର ସାମୁଦ୍ରିକ ଝଡ଼, ସମୁଦ୍ରର ଅମ୍ଳୀକରଣ, ଜୈବ ବିବିଧତା ନଷ୍ଟ, ମତ୍ସ୍ୟ ଉତ୍ପାଦନ ହ୍ରାସ ଏବଂ ଇକୋସିଷ୍ଟମର ଦ୍ରୁତ ଅବନତି ଘଟୁଛି। ଏସବୁ ସମସ୍ୟାର ମୁକାବିଲା ପାଇଁ ସାମୁଦ୍ରିକ ବୈଜ୍ଞାନିକ ତଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ଦୀନବନ୍ଧୁ ସାହୁ ସ୍ୱତନ୍ତ୍ର ପଦ୍ଧତି ମାଧ୍ୟମରେ ନୂଆ ପ୍ରୟାସ ଆରମ୍ଭ କରିଛନ୍ତି। ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ କୁଳପତି ଭାବେ କାର୍ଯ୍ୟ କରିଥିବା ପ୍ରଫେସର ସାହୁ କିଟ୍ ସିଭିଲ୍ ଇଞ୍ଜିନିୟରିଂ ବିଭାଗର ଅଧ୍ୟାପିକା ଡ. ସଞ୍ଜୁକ୍ତା ସାହୁଙ୍କ ସହଭାଗିତାରେ ଲାବରେଟୋରିରେ ଅନେକ ପ୍ରକାରର ଆର୍ଟିଫିସିଆଲ୍ ରିଫ୍ ଡିଜାଇନ୍ କରିଥିଲେ। ବହୁଦିନର ପରୀକ୍ଷଣ ପରେ ଏହି ଦୁଇ ବୈଜ୍ଞାନିକ ଶେଷରେ ଓଡ଼ିଶା ଉପକୂଳ ସମୁଦ୍ରରେ ଅନେକ ଆର୍ଟିଫିସିଆଲ୍ ରିଫ୍ ସବୁ ରଖିଥିଲେ, ଯାହା ସାମୁଦ୍ରିକ ଇକୋସିଷ୍ଟମକୁ ସୁହାଉଛି। ଏହାଦ୍ୱାରା ପ୍ରବାଳ ସହ ସାମୁଦ୍ରିକ ଜଙ୍ଗଲ ସୃଷ୍ଟି ହେଉଛି। ଏହା ରାଜ୍ୟରେ ପ୍ରଥମ ବୋଲି ସେମାନେ ଦାବି କରିଛନ୍ତି।

ପ୍ରଫେସର ଦୀନବନ୍ଧୁ ସାହୁ କହିଛନ୍ତି, ଆର୍ଟିଫିସିଆଲ୍ ରିଫ୍ କେବଳ ମତ୍ସ୍ୟ ଉତ୍ପାଦନରେ ବୃଦ୍ଧି କରିବ ତାହା ନୁହେଁ, ଅବକ୍ଷୟ ହୋଇଥିବା ସାମୁଦ୍ରିକ ଇକୋସିଷ୍ଟମର ପୁନରୁଦ୍ଧାରରେ ମଧ୍ୟ ସହାୟକ ହେବା ସହ ଜୈବ ବିବିଧତା ବୃଦ୍ଧି କରିବ। ଏହାର ନିର୍ମାଣ ଓ ନିୟୋଜନ ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ ହୋଇଥାଏ। ଆମେରିକା, ଫ୍ରାନ୍ସ, ଜାପାନ, ଚାଇନା, କୋରିଆ, ଅଷ୍ଟ୍ରେଲିଆ ଆଦି ଦେଶଗୁଡିକ ସେମାନଙ୍କ ସମୁଦ୍ର ଉପକୂଳରେ ଏପରି ଲକ୍ଷ ଲକ୍ଷ ରିଫ୍ ନିୟୋଜିତ କରିଛନ୍ତି, ଯାହା ସେମାନଙ୍କ ଅର୍ଥନୈତିକ ବିକାଶରେ ସହାୟକ ହୋଇପାରୁଛି। ସାରା ବିଶ୍ୱରେ ପ୍ରାୟ ୭୦ରୁ ଅଧିକ ଦେଶରେ ୩,୪୦୦ ଆର୍ଟିଫିସିଆଲ୍ ରିଫ୍ ଏବଂ ସମୁଦ୍ରକୂଳ ପୁନରୁଦ୍ଧାର ପ୍ରକଳ୍ପରେ ପ୍ରାୟ ୫୦୦,୦୦୦ ରିଫ୍ ବଲ୍ ନିୟୋଜିତ କରାଯାଇଛି।



ସାମୁଦ୍ରିକ ଜଙ୍ଗଲ ସୃଷ୍ଟି ପାଇଁ ସମୁଦ୍ର ଜଳରାଶିରେ ରଖାଯାଉଥିବା ବିଭିନ୍ନ ଡିଜାଇନ୍।

ଓଡ଼ିଶାର ପ୍ରାୟ ୪୮୦ କି.ମି. କୋଷ୍ଟାଲ ଲାଇନ ଅଛି। ଏହା ଆର୍ଟିଫିସିଆଲ୍ ରିଫ୍‌ର ନିୟୋଜନ ପାଇଁ ଏକ ସମ୍ଭାବ୍ୟ ସ୍ଥାନ ଭାବରେ ଉପଯୋଗ କରାଯାଇପାରିବ। ଠିକ୍ ଭାବରେ ଡିଜାଇନ୍ ହୋଇଥିବା ଆର୍ଟିଫିସିଆଲ୍ ରିଫ୍ ଅନେକ ସାମୁଦ୍ରିକ ପ୍ରଜାତିଙ୍କୁ ବାସସ୍ଥାନ ଯୋଗାଇବା ସହିତ ସାମୁଦ୍ରିକ ଢେଉର ପ୍ରକୋପକୁ ହ୍ରାସ କରିବ ଏବଂ ଓଡ଼ିଶା ଉପକୂଳକୁ ସାମୁଦ୍ରିକ ଝଡ଼ରୁ ରକ୍ଷା କରିବ। ଏହାଦ୍ୱାରା ସାମୁଦ୍ରିକ ଇକୋ ଟୁରିଜମ୍‌ର ବିକାଶ ସହ ଉପକୂଳବର୍ତ୍ତୀ ସମ୍ପ୍ରଦାୟ ପାଇଁ ଅଧିକ ନିଯୁକ୍ତି ଏବଂ ଉନ୍ନତ ଜୀବିକା ସୃଷ୍ଟି କରାଯାଇପାରିବ ବୋଲି ଡ. ସଞ୍ଜୁକ୍ତା ସାହୁ କହିଛନ୍ତି।

ଅନ୍ୟପକ୍ଷରେ ଉଦ୍ଭିଦ ଅପେକ୍ଷା ସାମୁଦ୍ରିକ ତୃଣ ହାରାହାରି ୪-୫ଗୁଣ ଅଧିକ ଅଙ୍ଗାରକାମ୍ଳ ଅବଶୋଷଣ କରିଥାଏ। ତେଣୁ ପ୍ରଫେସର ସାହୁ ବଙ୍ଗୋପସାଗରର ଉପକୂଳବର୍ତ୍ତୀ ଜଳରେ ସାମୁଦ୍ରିକ ଦଳ ଚାଷ ମାଧ୍ୟମରେ ସମୁଦ୍ର ଜଙ୍ଗଲ ସୃଷ୍ଟି କରୁଛନ୍ତି। ସେ ୨୪ ଫୁଟ ବ୍ୟାସ ବିଶିଷ୍ଟ ଏକ 'ଭାରତୀୟ ସାମୁଦ୍ରିକଦଳ ଚକ୍ର' ପ୍ରସ୍ତୁତ କରିଛନ୍ତି, ଯାହା ୨୪ଟି ଅକ୍ଷ ସହିତ ଅଶୋକ ଚକ୍ର ସଦୃଶ ନିର୍ମାଣ କରାଯାଇଛି। ଏଥିସହ ଉଭୟ ବୈଜ୍ଞାନିକ ବର୍ତ୍ତମାନ ଅଧିକ ପ୍ରକାରର ରଙ୍ଗିନ କୃତ୍ରିମ ପ୍ରବାଳ ପ୍ରସ୍ତୁତ କରୁଛନ୍ତି, ଯାହା ପ୍ରାକୃତିକ ପ୍ରବାଳର ପରିବେଶ ସୃଷ୍ଟି କରି ସାମୁଦ୍ରିକ ପର୍ଯ୍ୟଟନକୁ ଉନ୍ନତ କରିପାରିବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାରଠାରୁ ସାତପଡ଼ା ଚିଲିକା ହ୍ରଦରେ ଦୁଇଦିନିଆ ସମ୍ମିଳନୀ ଆରମ୍ଭ ହୋଇଛି। ଏଥିରେ ଦେଶର ବହୁ ବିଶେଷଜ୍ଞ, ଏନ୍‌ଜିଓ, ସରକାରୀ ଅଧିକାରୀ, ଶିକ୍ଷାନୁଷ୍ଠାନ ଓ ସ୍ଥାନୀୟ ମାଛଚାଷୀ ଅଂଶ ଗ୍ରହଣ କରିଛନ୍ତି।

# ନାଇଟ୍ ଡ୍ୟୁଟି

**ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ନାଇଟ୍ ସିଫ୍ଟ ସିଷ୍ଟମ ରହିଛି। ଯୁବତୀ ହୁଅନ୍ତୁ ଅବା ଯୁବକ, ସିଫ୍ଟ ଅନୁଯାୟୀ ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କରିବାକୁ ପଡୁଛି। ରାତିଅନିଦ୍ରା ହେବା ତଥା ଲାଇଫ୍ ଷ୍ଟାଇଲ୍ ବଦଳିଯିବା ଦ୍ୱାରା ଅନେକଙ୍କଠାରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଉପୁଜୁଛି। ତେବେ ଏଭଳି ପରିସ୍ଥିତିରେ ସୁସ୍ଥ ରହିବା ଲାଗି କେତେକ ଦିଗ ପ୍ରତି ଯତ୍ନଶୀଳ ହେବା ଜରୁରୀ...**





**ହେଲ୍‌ଦି ଡାଏଟ୍:** ଏକ ସୁସ୍ଥ ଜୀବନ ପାଇଁ ଶରୀରର ଆବଶ୍ୟକତା ଓ ପରିଶ୍ରମ ଅନୁଯାୟୀ ଖାଦ୍ୟ ଖାଇବା ଆବଶ୍ୟକ। ଯଦି ଆପଣ ନାଇଟ୍ ସିଫ୍ଟରେ କାମ କରୁଛନ୍ତି, ତେବେ ସୁଷମ ଖାଦ୍ୟ



ଖାଆନ୍ତୁ। ତଟକା ପନିପରିବା, ଫଳ ଆଦି ଖାଆନ୍ତୁ। ରାତ୍ର ଭୋଜନରେ ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ। କାରଣ ଭାରି ଖାଦ୍ୟ ଖାଇଲେ ନିଦ ଆସିଥାଏ ଏବଂ କେବେକେବେ ଗ୍ୟାସ୍, ବଦହଜମି ଭଳି ସମସ୍ୟା ବି ଉପୁଜିପାରେ। କେବଳ ଏତିକି ନୁହେଁ, ଭାରି ଖାଦ୍ୟ ଖାଇ ଅଧିକ ସମୟ ବସି କାମ କରିବା ଦ୍ୱାରା ଶରୀରରେ ଚର୍ବି ଜମା ହୋଇ ମେଦବହୁଳତା ଦେଖାଦେବାର ଆଶଙ୍କା ଅଧିକ। ତେଣୁ ଲାଇଟ୍ ଡିନର କରନ୍ତୁ, ଯାହା ଶରୀରକୁ ଫୁର୍ତ୍ତି ରଖିବା ସହ ମେଦବହୁଳତା ସମସ୍ୟା ବି ଦେଖାଦେବ ନାହିଁ। ଏହା ବ୍ୟତୀତ ଯଦି ଆପଣଙ୍କୁ ରାତିରେ କାମ କରିବା ବେଳେ ଭୋକ ଲାଗୁଛି ତେବେ ତେଲ ମସଲା, ଛଣାଛଣି ବଦଳରେ ମଝିରେ ମଝିରେ କିଛି ହାଲୁକା ସ୍ନାକ୍ସ ଖାଆନ୍ତୁ। ନିଦ ଦୂର କରିବା ଲାଗି ଅଧିକ ଚା, କଫି ପିଇବା ବି ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ।

**ନିଅନ୍ତୁ ପର୍ଯ୍ୟାପ୍ତ ନିଦ୍ରା:** ସାଧାରଣତଃ ଆମେ ଦିନରେ କାମ କରି ରାତିରେ ଶୋଇଥାଉ। ହେଲେ ନାଇଟ୍ ସିଫ୍ଟରେ କାମ କରୁଥିବା ଯୁବପିଢ଼ିଙ୍କୁ ରାତିରେ ନ ଶୋଇ କାମ କରିବାକୁ ପଡ଼ିଥାଏ। ଫଳରେ ସେମାନଙ୍କ ଜୀବନଶୈଳୀ ପରିବର୍ତ୍ତନ ହୋଇଯାଏ। ଏମିତିରେ କାମବେଳେ ନିଦ ଲାଗିବା କିମ୍ବା ରାତି ଅନିଦ୍ରାଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବାର ଆଶଙ୍କା ବୃଦ୍ଧି ପାଇଥାଏ। ହେଲେ ଏପରି ନ ହେବା ଲାଗି ଦିନରେ ଭଲ ଭାବେ ଶୋଇବା ପାଇଁ ଚେଷ୍ଟା କରନ୍ତୁ। ଦେଖିବେ, ରାତିରେ କାମ ବେଳେ ନିଦ ଆସିବ ନାହିଁ ଏବଂ କାମରେ ଧ୍ୟାନ କେନ୍ଦ୍ରିତ ହେବା ସହ ସ୍ୱାସ୍ଥ୍ୟ ସମସ୍ୟା ବି ଦେଖା ଦେବ ନାହିଁ।

**ପାଣି ପିଅନ୍ତୁ:** ଆମେ ଦିନରେ ଅଧିକ ପାଣି ପିଉଥିବା ବେଳେ ରାତିରେ ଅପେକ୍ଷାକୃତ କମ୍ ପାଣି ପିଇଥାଉ। ଏହାର ମୁଖ୍ୟ କାରଣ ହେଉଛି ରାତିରେ ଶୋଇବା। ହେଲେ ନାଇଟ୍ ସିଫ୍ଟ କରୁଥିଲେ ରାତିରେ ଅଧିକ ସମୟ ଅନିଦ୍ରା ରହିବାକୁ ପଡୁଥିବାରୁ ଆଦୌ କମ୍ ପାଣି ପିଇବା ଠିକ୍ ନୁହେଁ। ନଚେତ୍ ଖାଦ୍ୟ ଭଲ ଭାବେ ହଜମ ହୋଇ ନ ପାରି ବଦହଜମି, ଗ୍ୟାସ୍, ଏସିଡିଟି, କୋଷ୍ଠକାଠିନ୍ୟ ଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ଭଲ ଭାବେ ପାଣି ପିଅନ୍ତୁ।

**ମଝିରେ ମଝିରେ ନିଅନ୍ତୁ ବ୍ରେକ୍:** ରାତିରେ ଅଧିକ ସମୟ ବସି କାମ ବା ଡେସ୍କ ଜବ୍ କରୁଥିଲେ ମଝିରେ ମଝିରେ ବ୍ରେକ୍ ନିଅନ୍ତୁ। ନିଜ ସିଟ୍‌ରୁ ଉଠି କିଛି ସମୟ ଚାଲନ୍ତୁ, କିଛି ସ୍ନାକ୍ସ ଖାଆନ୍ତୁ, ପାଣି ପିଅନ୍ତୁ। ଏହାଦ୍ୱାରା ଉଭୟ ଶରୀର ଏବଂ ଆଖିକୁ ରେଷ୍ଟ ମିଳିବ। ଡେସ୍କ ଜବ୍ କରୁଥିଲେ କିଛି ଦିନ ପରେ ଅନେକଙ୍କଠାରେ ପିଠି ଯନ୍ତ୍ରଣା ଦେଖାଦିଏ। ଏପରି ହେଉଥିଲେ ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି ରହି କାମ ନ କରି ମଝିରେ ମଝିରେ ସିଟ୍‌ରୁ ଉଠି ହାତ ଉଠାଇବା, ବେକ ଏବଂ ପିଠିକୁ ରିଲାକ୍ସ କରିବା ଭଳି ହାଲୁକା ଏକ୍ସରସାଇଜ୍ କରନ୍ତୁ।



**ଲାଇଟ୍ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ:** ବର୍ତ୍ତମାନ ଅଧିକାଂଶ କାମ କମ୍ପ୍ୟୁଟରରେ କରାଯାଉଛି। ଦିନରେ ଜବ୍ କରୁଥିଲେ ସୂର୍ଯ୍ୟାଲୋକ ଥିବାରୁ ଅଫିସ ଭିତରେ ଅଳ୍ପ ଲାଇଟ୍ ବ୍ୟବସ୍ଥା ଥିଲେ ବି ଏହା ବ୍ୟାକ୍‌ଗ୍ରାଉଣ୍ଡ ଲାଇଟ୍ ପାଇଁ ବେଶ୍ କାମରେ ଆସିଥାଏ। ହେଲେ ରାତିରେ ଚାରିଆଡ଼ ଅନ୍ଧାର ହୋଇଥିବାରୁ ଲାଇଟ୍ ବ୍ୟବସ୍ଥା ଠିକ୍ ରହିବା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। କାରଣ କମ୍ ଲାଇଟ୍‌ରେ କାମ କଲେ ଚାପ ପଡ଼ିବା ଯୋଗୁ ଚକ୍ଷୁ ସମସ୍ୟା ଉପୁଜିବାର ଆଶଙ୍କା ରହିଛି।

**ଯୋଗ, ବ୍ୟାୟାମ ବେଶ୍ ଜରୁରୀ:** ପ୍ରତିଦିନ କିଛି ସମୟ ଯୋଗ, ବ୍ୟାୟାମ କରିବା ଆବଶ୍ୟକ। ବିଶେଷକରି ଯଦି ଆପଣ ନାଇଟ୍ ସିଫ୍ଟ ଡ୍ୟୁଟି କରୁଛନ୍ତି, ତେବେ ଦିନରେ ଏଥିପାଇଁ କିଛି ସମୟ ନିହାତି ବାହାର କରନ୍ତୁ। ଦେଖିବେ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବାରେ ଏହା ବେଶ୍ ସାହାଯ୍ୟ କରିବ।

**ଗାଡି ଚଳାଇବା ବେଳେ ରୁହନ୍ତୁ ସତର୍କ:** ଯେଉଁମାନେ ଲେଟ୍ ନାଇଟ୍ ପର୍ଯ୍ୟନ୍ତ ବାହାରେ କାମ କରନ୍ତି ବା ଫିଲ୍ଡ ଜବ୍ କରନ୍ତି ସେମାନଙ୍କୁ ଗାଡି ଚଳାଇବା ସମୟରେ ଯେପରି ନିଦ ନ ଆସେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ସେହିପରି ରାତିରେ ଗାଡି ସ୍ପିଡ୍ ନ ଚଳାଇ ଧିରେ ଧିରେ ଚଳାନ୍ତୁ। କାରଣ ଏହାଦ୍ୱାରା ଦୁର୍ଘଟଣା ହେବାର ଆଶଙ୍କା ଅଧିକ।



## ଏମାନେ କଣ କୁହନ୍ତି



**ଜ୍ୟୋତି ରଞ୍ଜନ** (ମେକାନିକାଲ୍ ଇଞ୍ଜିନିୟର, କେନ୍ଦୁଝର)– ରାତିରେ ସମସ୍ତେ ଶୋଉଥିବା ବେଳେ ନିଜେ ବାହାରେ କାମ କରିବା ନିଶ୍ଚିତ ଭାବେ କଷ୍ଟକର। ପ୍ରଥମେ ପ୍ରଥମେ ଏହା କଷ୍ଟ ଲାଗୁଥିଲା। ଖାଇବା, ଶୋଇବା ସମୟ ପରିବର୍ତ୍ତନ ହେବା ଯୋଗୁ ଗ୍ୟାସ୍, ଏସିଡିଟି, ମୁଣ୍ଡ ବୁଲେଇବା, କାମ ବେଳେ ନିଦ ଆସିବା, ଥକା ଲାଗିବା ଭଳି ଅନେକ ସମସ୍ୟା ବି ଦେଖାଦେଉଥିଲା, ଯାହାକୁ ଦୂର କରିବା ଲାଗି କାମ ହିସାବରେ ନିଜ ଜୀବନଶୈଳୀରେ ପରିବର୍ତ୍ତନ କଲି। ଠିକ୍ ସମୟରେ ସନ୍ତୁଳିତ ଖାଦ୍ୟ ଖାଇବା ସହ ଦିନରେ ଅତି କମ୍‌ରେ ୫–୬ ଘଣ୍ଟା ଭଲ ଭାବେ ଶୋଇବା ପ୍ରତି ଧ୍ୟାନ ଦେଲି। ଏବେ ଧୀରେ ଧୀରେ ଏହା ଅଭ୍ୟାସରେ ପରିଣତ ହୋଇଯାଇଛି ଏବଂ କାମ କରିବାରେ କୌଣସି ଅସୁବିଧା ହେଉନାହିଁ।



**ଲିନୁ ନାୟକ**(ସାମ୍ବାଦିକା, ପୁରୀ)– ଜଣେ ସାମ୍ବାଦିକା ଭାବେ ଅଧିକ ରାତି ପର୍ଯ୍ୟନ୍ତ କାମ କରିବା ତା' ପୁଣି ବାହାରେ କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ । ଦୀର୍ଘ ଚାରି ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଇଲେକ୍ଟ୍ରୋନିକ୍ ମିଡ଼ିଆରେ କାମ କରୁଛି। ଶ୍ରୀକ୍ଷେତ୍ର ପୁରୀ ହେଉଛି ଏକ ଐତିହ୍ୟ ସହର ଓ ପର୍ଯ୍ୟଟନ କ୍ଷେତ୍ର। ଏଠାକୁ ପ୍ରତ୍ୟେକ ଦିନ ଲକ୍ଷାଧିକ ଲୋକଙ୍କର ଯିବାଆସିବା ଲାଗିରହିଥାଏ ଏବଂ ବିଶେଷ କରି ଶ୍ରୀମନ୍ଦିରକୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କର ବିଭିନ୍ନ ବିଭାଗର ବ୍ୟକ୍ତିମାନେ ବିଳମ୍ବିତ ସମୟରେ ଆସିଥାନ୍ତି। ତେଣୁ ଖବର ସଂଗ୍ରହ ପାଇଁ କେବେ କେବେ ଅଧିକ ରାତି ମଧ୍ୟ ହୋଇଯାଏ। ଯଦିଓ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ, ତଥାପି ସେଇ ସମୟରେ ଆଦୌ ଡରି ନ ଯାଇ ନିଜର କର୍ତ୍ତବ୍ୟକୁ ଗୁରୁତ୍ୱ ଦିଏ। କେବେ କେବେ ରାତି ଅନିଦ୍ରା ହେବା ସହ ଖାଇବାକୁ ବି ମିଳେନି। ଫଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଛି। ହେଲେ ବର୍ତ୍ତମାନ ସୁସ୍ଥ ରଖିବା ପାଇଁ ବିସ୍କୁଟ, କିଛି ଫଳ ଏବଂ ପାଣି ବୋତଲ ପାଖରେ ରଖୁଛି। ଏହା ବ୍ୟତୀତ ଦିନରେ ଶୋଇବା, ଏକ୍ସରସାଇଜ୍ କରିବା ଆଦି ପ୍ରତି ବି ଧ୍ୟାନ ଦେଉଛି।

## ଜାଣନ୍ତୁ ଦୁନିଆ

# ପାଣି ପିଉ ନ ଥିବା ପ୍ରାଣୀ

**ବଞ୍ଚିବା ଲାଗି ଆବଶ୍ୟକ ମାତ୍ରାରେ ପାଣି ପିଇବା କେତେ ଜରୁରୀ, ତାହା ସଭିଙ୍କୁ ଜଣା। ହେଲେ ଏମିତି କେତେ ପ୍ରାଣୀ ଅଛନ୍ତି, ଯେଉଁମାନେ ଆଦୌ ପାଣି ପିଇ ନ ଥା'ନ୍ତି। ଜାଣିବା ସେଭଳି କେତେକ ପ୍ରାଣୀଙ୍କ ବିଷୟରେ...**

**ଜେରେନୁକ୍:** ଏହା ଏକ ପ୍ରକାରର ଆଣ୍ଟିଲୋପ, ଯାହାକି ଆଫ୍ରିକାରେ ଅଧିକ ଦେଖାଯାଆନ୍ତି। ଜିରାଫ ଭଳି ଲମ୍ବା ବେକ ଥିବାରୁ ଏହାର ନାମ ଏପରି ରଖାଯାଇଛି। ଗୋଡ଼ ଏବଂ ବେକ ଲମ୍ବା ହୋଇଥିବାରୁ ଗଛରୁ ପତ୍ର ଖାଇବାରେ ଏମାନଙ୍କୁ ସହଜ ହୋଇଥାଏ। ଅତ୍ୟନ୍ତ ଗରମ ଅଞ୍ଚଳରେ ଏମାନେ ବାସ କରନ୍ତି, ଯେଉଁଠାରେ ପାଣି ମିଳିବା ଖୁବ୍ କଷ୍ଟ। ତେଣୁ ଏମାନେ ପରିବେଶ ସହିତ ଖାପ ଖୁଆଇ ରହିବା ଭଲଭାବେ ଶିଖିଯାଆନ୍ତି। ଏମାନେ ରହୁଥିବା ଜଙ୍ଗଲରେ ପାଣି ଅଭାବରୁ ଅନ୍ୟ ଜୀବ ଖୁବ୍ କମ୍ ଦେଖାଯାଆନ୍ତି। ଫଳରେ ଏମାନଙ୍କୁ ପ୍ରଚୁର ପରିମାଣରେ ଖାଦ୍ୟ ମିଳିଯାଏ ଏବଂ ଶରୀରରେ ପାଣିର ଅଭାବ ଦୂର ହୋଇଥାଏ, ଯେଉଁଥିପାଇଁ ଏହି ଜୀବ ଦୀର୍ଘ ଦିନ ଏମିତିକି ଶାରା ଜୀବନ ପାଣି ନ ପିଇ ଜୀବିତ ରହିପାରନ୍ତି।


ନେକେଡ୍ ମୋଲ୍ ର୍ୟାଟ୍

**ନେକେଡ୍ ମୋଲ୍ ର୍ୟାଟ୍:** ଏହି ପ୍ରାଣୀ ମାଟି ତଳେ ରହୁଥିବାରୁ ଗଛର ଚେର ଏମାନଙ୍କର ପ୍ରଧାନ ଖାଦ୍ୟ, ଯେଉଁଥିରୁ ସେମାନେ ନିଜ ଶରୀରର ଆବଶ୍ୟକତା ଅନୁଯାୟୀ ଜଳୀୟାଂଶ ପାଇଯାଆନ୍ତି। ଫଳରେ ସେମାନଙ୍କୁ କେବେ ପାଣି ପିଇବାକୁ ପଡ଼ି ନ ଥାଏ। ତେବେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଏମାନେ ଗଛର ଚେରକୁ ଏଭଳି ଖାଆନ୍ତି ଯଦ୍ଦ୍ୱାରା ଗଛକୁ କୌଣସି କ୍ଷତି ପହଞ୍ଚ ନ ଥାଏ। ଉକ୍ତ ସ୍ଥାନରୁ ପୁନର୍ବାର ଚେର ଲମ୍ବା ହୋଇ ସେମାନଙ୍କ ପାଇଁ ଭବିଷ୍ୟତରେ ଖାଦ୍ୟ ଯୋଗାଇଥାଏ।


କଙ୍ଗାରୁ ର୍ୟାଟ୍


ଜେରେନୁକ

**କଙ୍ଗାରୁ ର୍ୟାଟ୍:** ପୃଥିବୀରେ ପ୍ରାୟ ୨୦ ପ୍ରଜାତିର କଙ୍ଗାରୁ ର୍ୟାଟ୍ ଅଛନ୍ତି। ଏମାନେ ମୁଖ୍ୟତଃ ମରୁଭୂମି ଅଞ୍ଚଳରେ ଦେଖାଦିଅନ୍ତି। ଏହି ମୂଷାମାନଙ୍କର ଲାଞ୍ଜ ଲମ୍ବା, ଆଗ ଦୁଇଗୋଡ଼ ଛୋଟ ହୋଇଥିବା ବେଳେ ପଛ ଦୁଇଗୋଡ଼ ବଡ଼, ଯେଉଁଥିପାଇଁ ଏହାକୁ କଙ୍ଗାରୁ ର୍ୟାଟ୍ କୁହାଯାଏ। ଏମାନେ କେବଳ ମଞ୍ଜି ଏବଂ ବିନ୍ ଜାତୀୟ ଖାଦ୍ୟ ଖାଇଥା'ନ୍ତି। ତେବେ ଆଶ୍ଚର୍ଯ୍ୟର କଥା, ଏହି ଖାଦ୍ୟରୁ ହିଁ ସେମାନଙ୍କୁ ବଞ୍ଚିବା ପାଇଁ ଆବଶ୍ୟକ ମାତ୍ରାରେ ପାଣି ମିଳିଯାଇଥାଏ। ତେଣୁ ପାଣି ନ ପିଇ ଦୀର୍ଘଦିନ ବଞ୍ଚି ରହିବାରେ ସେମାନଙ୍କୁ କୌଣସି ଅସୁବିଧା ହୋଇ ନ ଥାଏ।

## ଏ ସପ୍ତାହର ପ୍ରଶ୍ନ

୧– ମଣିଷ ମସ୍ତିଷ୍କରେ ପ୍ରଥମ ଥର ପାଇଁ କମ୍ପ୍ୟୁଟର ଚିପ୍ ଅନ୍ତ୍ୟସ୍ଥାପନ କରାଇଥିବା ନ୍ୟୁରୋଟେକ୍ନୋଲୋଜି କମ୍ପାନିର ନାମ ........... ?
୨– କାରାଇଭେଟି ପକ୍ଷୀ ଅଭୟାରଣ୍ୟ ................. ରାଜ୍ୟରେ ଅବସ୍ଥିତ ?
୩– ୱାର୍ଲ୍ଡ ୱେଟ୍‌ଲାଣ୍ଡ ଡେ' ୨୦୨୪ର ଥିମ୍ .................. ?
୪– .............. ଅଭାବରେ ସ୍କର୍ଭି ରୋଗ ହୋଇଥାଏ ?
୫– ଭାରତ ୧୯୭୫ ମସିହାରେ ............... ବିପକ୍ଷରେ ପ୍ରଥମ ୱାନ୍ ଡେ' ଇଣ୍ଟରନ୍ୟାଶନାଲ୍ ମ୍ୟାଚ୍ ଖେଳିଥିଲା ?

## ଗତ ସପ୍ତାହର ଉତ୍ତର

୧ ରାଧା ରାଉତ୍ରି
୨ ମହିଳା ଓ ଶିଶୁ ବିକାଶ
୩ ରାମ ଚରଣ
୪ କାଇ ଚଟଣି
୫ ରସ୍କିନ୍ ବଣ୍ଡ

## ଉତ୍ତରଦାତା


ନିର୍ବିକଳ୍ପ ନାଥ,
ଭଦ୍ରକ


ନୀହାର ରଞ୍ଜନ ନାୟକ,
ମାହାଙ୍ଗା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ /୧୦

### ଦାମୀ ଗିଟାର

୧. କର୍ଟ କୋବେନ୍ସ ମାର୍ଟିନ ଡି–୧୮ଇ .................୬, ୦୧୦, ୦୦୦ ଡଲାର
୨. କର୍ଟ କୋବେନ୍ସ ସ୍ମେଲ୍ ଲାଇକ୍ ଟିନ୍ ସ୍ପିରିଟ୍ ଫେଣ୍ଡର ମଷ୍ଟାଙ୍ଗ୍ ...୪,୫୫୦,୦୦୦ ଡଲାର
୩. ଡାଭିଡ୍ ଗିଲ୍‌ମର୍‌ସ୍ ବ୍ଲାକ୍ ଫେଣ୍ଡର ଷ୍ଟ୍ରାଟୋକାଷ୍ଟର......... ୩,୯୭୫,୦୦୦ ଡଲାର
୪. ଏଡି ଭ୍ୟାନ୍ ହାଲେନସ୍ ହଟ୍ ଫର୍ ଟିଚର କ୍ରାମର ......... ୩,୯୩୨,୦୦୦ ଡଲାର
୫. ରିଚ୍ ଆଉଟ୍ ଟୁ ଏସିଆ ଫେଣ୍ଡର ଷ୍ଟ୍ରାଟୋକାଷ୍ଟର .......... ୨,୭୦୦,୦୦୦ ଡଲାର
୬ . ଜନ୍ ଲେନନସ୍ ଗିବ୍‌ସନ୍ ଜେ୧୬୦ଇ ..................୨, ୪୧୦,୦୦୦ ଡଲାର
୭ . ଜେରୀ ଗ୍ରାସିଆସ୍ ଓଲ୍ଫ............................. ୧,୯୦୦,୦୦୦ ଡଲାର
୮ . ଡାଭିଡ୍ ଗିଲ୍‌ମର୍‌ସ୍ ୧୯୫୪ ଫେଣ୍ଡର ଷ୍ଟ୍ରାଟୋକାଷ୍ଟର..୧, ୮୧୫,୦୦୦ ଡଲାର
୯ . କର୍ଟ କୋବେନସ୍ ୧୯୯୩ ଫେଣ୍ଡର ମଷ୍ଟାଙ୍ଗ ସ୍କାଏ ଷ୍ଟାଙ୍ଗ୍ ୧... ୧, ୫୮୭, ୫୦୦ ଡଲାର
୧୦ . ଏରିକ୍ କ୍ଲାପ୍‌ଟନସ୍ ୧୯୬୪ ଦି ଫୁଲ୍ ଗିବ୍‌ସନ୍ ଏସ୍‌ଜି... ୧, ୨୭୦,୦୦୦ ଡଲାର

## ୟୁଥ୍ ଆଲର୍ଟ

# ଇଣ୍ଟରନେଟ୍ ଅଧିକ ବ୍ୟବହାର କରୁଥିଲେ...

**ବର୍ତ୍ତମାନ ପ୍ରାୟ ସମସ୍ତେ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ବିଶେଷକରି ଯୁବପିଢ଼ି ଏହାର ସବୁଠୁ ଅଧିକ ବ୍ୟବହାର କରୁଛନ୍ତି। ପାଠପଢ଼ାଠୁ ଆରମ୍ଭକରି ଖେଳିବା, ଏଣ୍ଟରଟେନ୍‌ମେଣ୍ଟ ପର୍ଯ୍ୟନ୍ତ ଏହା ସେମାନଙ୍କ ପାଇଁ ବେଶ୍ ସହାୟକ ହୋଇପାରୁଛି। ହେଲେ ଆବଶ୍ୟକତାଠାରୁ ଅଧିକ ସମୟ ଇଣ୍ଟରନେଟ୍ ବ୍ୟବହାର ଅନେକଙ୍କଠାରେ ବିଭିନ୍ନ ସମସ୍ୟାର କାରଣ ସାଜୁଛି। ଜାଣିରଖନ୍ତୁ ସେ ସମ୍ପର୍କରେ...**

⏭ ବହୁମାତ୍ରାରେ ଇଣ୍ଟରନେଟ୍ ବ୍ୟବହାର କରୁଥିବା ଯୁବପିଢ଼ି ଧୀରେ ଧୀରେ ବାସ୍ତବ ଦୁନିଆଠାରୁ ଦୂରେଇ ଯାଆନ୍ତି। କୌଣସି କାରଣରୁ ସେମାନଙ୍କୁ ଯଦି ଇଣ୍ଟରନେଟ୍ ବ୍ୟବହାର କରିବାକୁ ନ ମିଳେ, ସେମାନଙ୍କଠାରେ କ୍ରୋଧ କିମ୍ବା ବିଶାଦ ଭଳି ଲକ୍ଷଣ ଦେଖିବାକୁ ମିଳେ ବୋଲି କମ୍ପ୍ୟୁଟର ଆସିଷ୍ଟେଡ୍ ଲର୍ନିଂର ଏକ ଜର୍ନାଲରେ ପ୍ରକାଶିତ ଅଧ୍ୟୟନ ରିପୋର୍ଟରୁ ଜଣାପଡ଼ିଛି। ଗବେଷଣା ଅନୁଯାୟୀ ଏହି ଇଣ୍ଟରନେଟ୍ ଆଡିକ୍ସନ ଯୋଗୁ ଅନେକଙ୍କଠାରେ ନା କେବଳ ପାଠପଢ଼ାରେ ଅବହେଳା ଦେଖାଯାଏ ବରଂ ଏକଲାପଣ ଏତେମାତ୍ରାରେ ବଢ଼ିଯାଏ ଯେ ସେମାନେ ନିଜ ପରିବାର ଏବଂ ସାଙ୍ଗସାଥୀଙ୍କ ସହ ମଧ୍ୟ କଥାବାର୍ତ୍ତା ହେବା ଏବଂ ସମୟ ବିତାଇବା କମାଇ ଦିଅନ୍ତି। ଧୀରେ ଧୀରେ ସମସ୍ତଙ୍କଠାରୁ ଅଲଗାହୋଇ ସେମାନେ ଡିପ୍ରେଶନ ଆଡ଼କୁ ମଧ୍ୟ ଚାଲିଯାଆନ୍ତି। ଏମିତିକି ଏଥିପାଇଁ ହତାଶ ହୋଇ କେହି କେହି ନିଜ ଜୀବନ ହାରିଥିବାର ବି ନଜିର ରହିଛି। ତେଣୁ ଯଥାସମ୍ଭବ ଏହାର ବ୍ୟବହାର ସୀମିତ ରଖିବାକୁ ଚେଷ୍ଟା କରନ୍ତୁ ଏବଂ ନିଜ ପଢ଼ା କିମ୍ବା ଜବ୍ ଉପରେ ଫୋକସ୍ କରନ୍ତୁ।

⏭ ଯଦିଓ ବର୍ତ୍ତମାନ ପାଠପଢ଼ା କ୍ଷେତ୍ରରେ ଇଣ୍ଟରନେଟ୍ ଅନେକ ସାହାଯ୍ୟ କରୁଛି, ହେଲେ ଦୀର୍ଘ ସମୟ ଏହାର ବ୍ୟବହାର କରୁଥିବା ବିଦ୍ୟାର୍ଥୀମାନେ ପାଠପଢ଼ାରେ ଭଲ ଭାବେ ଧ୍ୟାନ କେନ୍ଦ୍ରିତ କରିପାରନ୍ତି ନାହିଁ। ଫଳରେ ସେମାନେ ପରୀକ୍ଷାରେ ଭଲ ନମ୍ବର ରଖିବାରେ ବିଫଳ ହୁଅନ୍ତି ବୋଲି ବ୍ରିଟେନ୍‌ର ସ୍ୱାନ୍‌ସୀ ଏବଂ ଇଟାଲୀର ମିଲାନ୍ ୟୁନିଭର୍ସିଟିର ମିଳିତ ଉଦ୍ୟମରେ କରାଯାଇଥିବା ଏକ ଗବେଷଣା ରିପୋର୍ଟରୁ ଜଣାପଡ଼ିଛି।

⏭ ଅଧ୍ୟୟନ ରିପୋର୍ଟ ମୁତାବକ ପଢ଼ା ଲାଗି ଇଣ୍ଟରନେଟ୍ ବ୍ୟବହାର କରୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୫% ଦିନ ମଧ୍ୟରେ ୪ ଘଣ୍ଟାରୁ ଅଧିକ ସମୟ ଅନ୍‌ଲାଇନ୍‌ରେ ରହିଥା'ନ୍ତି। ଅନ୍ୟ ପ୍ରାୟ ୭୦ ଭାଗ ୩ ଘଣ୍ଟା ପର୍ଯ୍ୟନ୍ତ ଇଣ୍ଟରନେଟ୍‌ରେ ସମୟ ବିତାଇଥାନ୍ତି ; ଯେଉଁଥିରୁ ୪୦% ଛାତ୍ରୀଛାତ୍ର ସୋସିଆଲ ନେଟ୍‌ୱର୍କିଂ ବ୍ୟବହାର କରୁଥିବା ବେଳେ ୩୦% ଇନ୍‌ଫର୍ମେଶନ୍ ବା ସୂଚନା ଲାଗି ଏହାକୁ ବ୍ୟବହାର କରିଥା'ନ୍ତି। ଏସବୁ ବ୍ୟତୀତ ଅଧିକାଂଶ ବିଦ୍ୟାର୍ଥୀ ଅନ୍‌ଲାଇନ୍‌ରେ ଅଧିକ ସମୟ ଗେମ୍ ଖେଳିଥା'ନ୍ତି। ଫଳରେ ଇଣ୍ଟରନେଟ୍ ଆଡିକ୍ସନ ଯୋଗୁ ସେମାନଙ୍କ ପାଠପଢ଼ା ବ୍ୟାହତ ହୋଇଥାଏ।



# ଜୟସ୍ୱାଲଙ୍କ ଶତକ, ଭାରତ ଅଗ୍ରଣୀ

ରାଜକୋଟ,୧୭।୨(ପି.ଟି.)

ମହମ୍ମଦ ସିରାଜଙ୍କ ଘାତକ ବୋଲିଂ ଓ ଯଶସ୍ୱୀ ଜୟସ୍ୱାଲଙ୍କ ଶତକ ବଳରେ ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ଦୃଢ ସ୍ଥିତିରେ ରହିଛି ଭାରତ। ତୃତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଭାରତ ୨ ଉଇକେଟରେ ୧୯୬ ରନ୍ ସ୍କୋର କରିଥିବା ବେଳେ ୩୨୨

## ଇଂଲଣ୍ଡର ପ୍ରଥମ ଇନିଂସ ୩୧୯ରେ ସୀମିତ

ରନ୍‌ରେ ଆଗୁଆ ରହିଛି। ଭାରତ ପ୍ରଥମ ଇନିଂସରେ ୪୪୫ ରନ୍ ସ୍କୋର କରିଥିବା ବେଳେ ବେନ୍ ଡକେଟ୍‌ଙ୍କ ୧୫୩ ରନ୍ ବଳରେ ଇଂଲଣ୍ଡ ୩୧୯ ରନ କରିପାରିଥିଲା।

ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୨୦୭/୨ରୁ ଖେଳ ଆରମ୍ଭ କରିଥିଲା ଇଂଲଣ୍ଡ। ପୂର୍ବ ଦିନର ଶତକ ହାସଲକାରୀ ବେନ୍ ଡକେଟ୍ ଓ ଜୋ ରୁଟ୍ ଦଳୀୟ ସ୍କୋର ୨୨୪ ରନ୍‌ରେ ପହଞ୍ଚାଇଥିଲେ। ଯଶପ୍ରୀତ୍ ବୁମରାଙ୍କୁ ରିଭର୍ସ ସ୍କୁପ୍ ଖେଳିବାକୁ ଯାଇ ରୁଟ୍ ସ୍ଲିପ୍‌ରେ ଜୟସ୍ୱାଲଙ୍କ ହାତରେ ଆଉଟ ହୋଇଥିଲେ। ପରବର୍ତ୍ତୀ ଓଭରରେ ଖାତା ଖୋଲିବା ଆଗରୁ ଜନି ବେୟାରଷ୍ଟୋ କୁଲଦୀପ ଯାଦବଙ୍କ ବଲରେ ଆଉଟ ହୋଇଥିଲେ। ଅଧିନାୟକ ବେନ୍ ଷ୍ଟୋକ୍ସ(୪୧) ଓ ଡକେଟ୍‌ଙ୍କ ମଧ୍ୟରେ ପଞ୍ଚମ ଉଇକେଟରେ ୩୫ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ୧୫୩ ରନ୍ କରିଥିବା ଡକେଟ୍‌ଙ୍କୁ ଆଉଟ କରିଥିଲେ କୁଲଦୀପ। ୧୫୧ ବଲ୍ ଖେଳି ସେ ୨୩ ଚୌକା ଓ ୨ ଛକା ମାରିଥିଲେ। ମହମ୍ମଦ ସିରାଜ ଅଗ୍ନିବର୍ଷୀ ବୋଲିଂ କରି ୪ ଉଇକେଟ ନେବା ସହ ଇଂଲଣ୍ଡର ନିମ୍ନକ୍ରମକୁ ପୋଛି ଦେଇଥିଲେ। ଇଂଲଣ୍ଡ ୩୧୯ ରନ୍‌ରେ ସମସ୍ତ ଉଇକେଟ ହରାଇବା ସହ ୧୨୬ ରନ୍ ପଛରେ ରହିଥିଲା। ଭାରତ ପକ୍ଷରୁ ମହମ୍ମଦ ସିରାଜ ୪ ଉଇକେଟ ନେଇଥିବା ବେଳେ କୁଲଦୀପ ଯାଦବ, ରବୀନ୍ଦ୍ର ଜାଡେଜା ୨ଟି ଲେଖାଏ ଓ ଯଶପ୍ରୀତ ବୁମ୍‌ରା ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଭାରତର ଦ୍ୱିତୀୟ ଇନିଂସ ସତର୍କତାର ସହ ଆରମ୍ଭ କରିଥିଲେ ରୋହିତ ଶର୍ମା(୧୯) ଓ ଯଶସ୍ୱୀ ଜୟସ୍ୱାଲ(୧୦୪)। ଉଭୟ ପ୍ରଥମ ଉଇକେଟରେ ୩୦ ରନ୍ ଯୋଡିଥିବା ବେଳେ ପାର୍ଟ ଟାଇମର ଜୋ ରୁଟ୍‌ଙ୍କ ବଲରେ ଲେଗ୍ ବିଫୋର ହୋଇଥିଲେ ରୋହିତ ଶର୍ମା। ପ୍ରଥମ ଇନିଂସରେ ଖାତା ଖୋଲିବାରେ ବିଫଳ ହୋଇଥିବା ଶୁବମନ ଗିଲ୍ ୬୫ ରନ୍ ସ୍କୋର କରିଥିବା ବେଳେ ଜୟସ୍ୱାଲଙ୍କ ସହ ଦ୍ୱିତୀୟ ଉଇକେଟରେ ଯୋଡିଥିଲେ ୧୫୫ ରନ୍। ଟେଷ୍ଟ କ୍ୟାରିୟରର ତୃତୀୟ ଶତକ ହାସଲ କରିବା ସହ ଜୟସ୍ୱାଲ ୧୦୪ ରନ୍ କରି ରିଟାୟର୍ଡ ହର୍ଟ ହୋଇଥିଲେ। ୧୩୩ ବଲ୍‌ର ଇନିଂସରେ ଜୟସ୍ୱାଲ ୯ ଚୌକା ଓ ୫ ଛକା ମାରିଥିଲେ। ଅଣ୍ଟା ଯନ୍ତ୍ରଣା କାରଣରୁ ଦଳୀୟ ସ୍କୋର ୧୮୫ରେ ଜୟସ୍ୱାଲ ପଡିଆ ଛାଡିଥିଲେ। ରଜତ ପଟିଦାର କ୍ରିଜ୍‌କୁ ଆସିଥିଲେ ମଧ୍ୟ ଖାତା ଖୋଲିବା ଆଗରୁ ଟମ୍ ହାର୍ଟଲେଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଅନ୍ୟପକ୍ଷରେ ଗିଲ୍ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରିବା ସହ ୧୨୦ ବଲ୍ ଖେଳି ୬ ଚୌକା ଓ ୨ ଛକା ମାରି ୬୫ ରନ୍‌ରେ ବ୍ୟାଟିଂ କରୁଛନ୍ତି। ନାଇଟ୍ ୱାଚମ୍ୟାନ୍ କୁଲଦୀପ ଯାଦବ ୩ ରନ୍ କରି କ୍ରିଜ୍‌ରେ ଉପସ୍ଥିତ ଅଛନ୍ତି। ଇଂଲଣ୍ଡ ପକ୍ଷରୁ ଜୋ ରୁଟ୍ ଓ ଟମ୍ ହାର୍ଟଲେ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।


ଶତକ ହାସଲ ପରେ ଉଲ୍ଲସିତ ଯଶସ୍ୱୀ ଜୟସ୍ୱାଲ।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୪୪୫/୧୦
ଇଂଲଣ୍ଡ ପ୍ରଥମ ଇନିଂସ ୭୧.୧ ଓଭରରେ ୩୧୯/୧୦(ବେନ୍ ଡକେଟ୍-୧୫୩, ବେନ୍ ଷ୍ଟୋକ୍ସ-୪୧, ଓଲି ପୋପ୍-୩୯, ମହମ୍ମଦ ସିରାଜ-୪/୮୪, ରବୀନ୍ଦ୍ର ଜାଡେଜା-୨/୫୧, କୁଲଦୀପ ଯାଦବ-୨/୭୭)।
ଭାରତ ଦ୍ୱିତୀୟ ଇନିଂସ: ୫୧ ଓଭରରେ ୧୯୬/୨(ଯଶସ୍ୱୀ ଜୟସ୍ୱାଲ(ରିଟାୟର୍ଡ ହର୍ଟ)-୧୦୪, ଶୁବମନ ଗିଲ୍- ୬୫*, ଜୋ ରୁଟ୍-୧/୪୮, ଟମ୍ ହାର୍ଟଲେ-୧/୪୨)।

# ବିପ୍ଳବଙ୍କ ଶତକ, ଓଡ଼ିଶା ୪୪୦

ଭୁବନେଶ୍ୱର, ୧୭।୨ (ତପନ ସ୍ୱାଇଁ)

ନୂଆଦିଲ୍ଲୀର ଜାମିଆ ମିଲିଆ ଇସଲାମିଆ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା-ଦିଲ୍ଲୀ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚର ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି। ଶୁଭ୍ରାଂଶୁ ସେନାପତିଙ୍କ ପରେ ବିପ୍ଳବ

**ରଣଜୀ ଟ୍ରଫି**
**ଦିଲ୍ଲୀ ପ୍ରଥମ ଇନିଂସ: ୧୮୭/୨**

ସାମନ୍ତରାୟଙ୍କ ଶତକ ସତ୍ତ୍ୱେ ଓଡ଼ିଶା ପ୍ରଥମ ଇନିଂସରେ ୪୪୦ ରନରେ ଅଲ୍‌ଆଉଟ ହୋଇଛି। ଶନିବାର ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଦିଲ୍ଲୀ ପ୍ରଥମ ଇନିଂସରେ ୨ ଉଇକେଟ ହରାଇ ୧୮୭ ରନ କରିଛି। ୮ ଉଇକେଟ ସୁରକ୍ଷିତ ଥିବାବେଳେ ଦିଲ୍ଲୀ ଏବେ ଓଡ଼ିଶା ପ୍ରଥମ ଇନିଂସଠାରୁ ୨୫୩ ରନ ପଛରେ ରହିଛି। ଅନୁଜ ରାଓ୍ୱତ ୪୦ ଓ ଗଗନ ଭସ ୬୬ ରନକରି ଆଉଟ ହୋଇଥିବାବେଳେ ୟାସ ଧୁଲ ୫୭ ଓ ଆୟୁଷ ବଦୋନୀ ୧୫ ରନକରି ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ସୁନୀଲ ରାଉଳ ଗୋଟିଏ ଉଇକେଟ ନେଇଥିବାବେଳେ ଗଗନଙ୍କୁ ଡାଇରେକ୍ଟ ଥ୍ରୋରେ ରନ୍‌ଆଉଟ କରିଛନ୍ତି।

## ଶେଷ ୧୦ ରନରେ ୫ ଉଇକେଟର ପତନ

ପ୍ରଥମ ଦିବସର ଅସମାପ୍ତ ସ୍କୋର ୩୧୪/୪ରୁ ଖେଳ ଆରମ୍ଭ କରିଥିଲା ଓଡ଼ିଶା। ପୂର୍ବ ଦିନ ୧୦୯ ରନକରି ଅପରାଜିତ ଥିବା ଶୁଭ୍ରାଂଶୁ ଆଉ ମାତ୍ର ୨ ରନ ଯୋଗକରି ମିଡିୟମ ପେସର ପ୍ରଂଶୁ ବିଜୟରନଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ। ଅଭିଜ୍ଞ ବିପ୍ଳବ ଓ ଯୁବ ଉଇକେଟକିପର ଆଶୀର୍ବାଦ ସ୍ୱାଇଁ ୬ଷ୍ଠ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ି ଦଳକୁ ବଡ଼ ସ୍କୋର ଦିଗରେ ଅଗ୍ରସର କରାଇଥିଲେ। ଦୁହେଁ ୧୯୯ ବଲ୍‌ରୁ ୧୧୧ ରନ ଯୋଗ କରିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବା ପରେ ଓଡ଼ିଶା ଇନିଂସ ଭୁଶୁଡ଼ି ପଡ଼ିଥିଲା। ପରବର୍ତ୍ତୀ ୧୦ ରନ ମଧ୍ୟରେ ୫ ଉଇକେଟ ପଡ଼ି ଯାଇଥିଲା। ଅର୍ଥାତ୍ ଏକଦା ୫ ଉଇକେଟ ହରାଇ ୪୩୦ ରନ କରିଥିବା ଓଡ଼ିଶା ୪୪୦ ରନରେ ଅଲ୍‌ଆଉଟ ହୋଇଥିଲା। ଅର୍ଦ୍ଧଶତକ ହାସଲଠାରୁ ୪ ରନ ଦୂରରେ ଥିବାବେଳେ ଆଶୀର୍ବାଦ ୪୬ ରନକରି ସୁମିତ ମାଥୁରଙ୍କ ବଲ୍‌ରେ ହିମତ ସିଂଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ବିପ୍ଳବ କିନ୍ତୁ ହାସଲ କରିଥିଲେ କ୍ୟାରିୟରର ୭ମ ପ୍ରଥମଶ୍ରେଣୀ ଶତକ। ୨୧୭ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଏହି ତାରକା ବ୍ୟାଟର ୧୨ ଚୌକା ଓ ୧ ଛକା ସହାୟତାରେ ୧୧୦ ରନ କରିଥିଲେ। ଶେଷ ଭାଗରେ ରାଜେଶ ମହାନ୍ତି ୬ ରନ କରିଥିବାବେଳେ ଜାମଲା ଭଞ୍ଜନ ମହାପାତ୍ର, ହର୍ଷିତ ରାଠୋଡ ଓ ସୁନୀଲ ରାଉଳ ଖାତା ଖୋଲିପାରି ନ ଥିଲେ। ଦିଲ୍ଲୀ ବୋଲରଙ୍କ ମଧ୍ୟରେ ସୁମିତ ମାଥୁର ୪ଟି ଏବଂ ପ୍ରଂଶୁ ବିଜୟରନ ଓ ହିମତ ସିଂ ୩ଟି ଲେଖାଏ ଉଇକେଟ ନେଇଥିଲେ।


ବିପ୍ଳବ ସାମନ୍ତରାୟ

### ସଂକ୍ଷିପ୍ତ ସ୍କୋର

ଓଡ଼ିଶା ପ୍ରଥମ ଇନିଂସ: ୪୪୦/ ଅଲ୍‌ଆଉଟ (ଶୁଭ୍ରାଂଶୁ ସେନାପତି-୧୧୧, ବିପ୍ଳବ ସାମନ୍ତରାୟ-୧୧୦, ଶାନ୍ତନୁ ମିଶ୍ର-୭୬, ଆଶୀର୍ବାଦ ସ୍ୱାଇଁ-୪୬, ସୁମିତ ମାଥୁର-୪/୯୭, ପ୍ରଂଶୁ ବିଜୟରନ-୩/୭୪, ହିମତ ସିଂ-୩/୪୨)। ଦିଲ୍ଲୀ ପ୍ରଥମ ଇନିଂସ: ୧୮୭/୨ (ଗଗନ ଭସ-୬୬, ୟାସ ଧୁଲ-୫୭*, ଅନୁଜ ରାଓ୍ୱତ-୪୦, ସୁନୀଲ ରାଉଳ-୧/୪୪)।

# ଟୁର୍, ଜ୍ୟୋତି, ହର୍ମିଲାନଙ୍କୁ ସ୍ୱର୍ଣ୍ଣ

ତେହେରାନ, ୧୭।୨ (ପି.ଟି.)

ଏସିଆନ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ଭାରତ ୩ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଶଟ୍‌ପୁଟର ତେଜିନ୍ଦର ପାଲ୍ ସିଂ ଟୁର୍ ଓ ହର୍ଡଲର ଜ୍ୟୋତି ୟାରାଜୀ ସେମାନଙ୍କ ଜାତୀୟ ରେକର୍ଡ କରିଥିବାବେଳେ ହର୍ମିଲାନ ବେନ୍ସ ତାଙ୍କ ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦୁଇଥର ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଟୁର୍ ତାଙ୍କ ଦ୍ୱିତୀୟ ପ୍ରଚେଷ୍ଟାରେ ୧୯.୭୨ ମିଟର ଫିଙ୍ଗି ନୂଆ ଜାତୀୟ ରେକର୍ଡ କରିଛନ୍ତି। କାଜାଖସ୍ତାନର ଇଭାନୋଭ ଇଭାଦ (୧୯.୦୮ ମିଟର) ଓ ଇରାନର ମେହଦି ସାବେରି (୧୮.୭୪ମିଟର) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ। ଉଦୀୟମାନ ସ୍ପ୍ରିଣ୍ଟର ଜ୍ୟୋତି ୟାରାଜୀ ମହିଳା ୬୦ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ୮.୧୨ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରିଥିବା ବେଳେ ତାଙ୍କ ନାମରେ ରହିଥିବା ଜାତୀୟ ରେକର୍ଡ(୮:୧୩ ସେକେଣ୍ଡ)କୁ ଭଙ୍ଗ କରିଛନ୍ତି। ଏସିଆନ ଗେମ୍ସ ରୌପ୍ୟ ବିଜେତା ହର୍ମିଲାନ ବେନ୍ସ ୪:୨୯.୫୫ ସେକେଣ୍ଡ ଟାଇମିଂ ସହ ମହିଳା ୧୫୦୦ମିଟର ରେସ୍‌ରେ ବିଜୟ ଲାଭ କରିଛନ୍ତି। ସେ ରୌପ୍ୟ ହାସଲ କରିଥିବା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କିରଗିଜସ୍ତାନର କାଲିଲ କାଇଜି ୪:୩୫.୨୯ ଟାଇମିଂ ସହ ଆଇନୁଷ୍କାଙ୍କଠାରୁ ୫ ସେକେଣ୍ଡ ଆଗରେ ରହିଥିଲେ।

# ଏକାମ୍ର କପ୍ ଷ୍ଟ୍ରିଟ୍ ଫୁଟବଲ ଆରମ୍ଭ

ଭୁବନେଶ୍ୱର, ୧୭।୨
(ତପନ ସ୍ୱାଇଁ)

ଜଗରନସ୍ ସ୍ପୋର୍ଟିଂ ଫାଉଣ୍ଡେଶନ ଆନୁକୂଲ୍ୟରେ ଏକାମ୍ର କପ୍ ଷ୍ଟ୍ରିଟ୍ ଫୁଟବଲ ଚାମ୍ପିୟନଶିପ୍ ଶନିବାର ସ୍ଥାନୀୟ ଜେଏଲ୍‌ବି ଆରେନାରେ ଆରମ୍ଭ ହୋଇଛି। ୫୦,୦୦୦ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଏହି ପ୍ରତିଯୋଗିତାରେ ମୋଟ ୪୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏଥିରେ ରାଜ୍ୟର ୬ ଜିଲାରୁ ୩୮ଟି ଏବଂ କଲେଜରେ ପଢୁଥିବା ବିଦେଶୀ ପିଲାମାନଙ୍କୁ ନେଇ ୨ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଗ୍ରୁପ୍ ଓ ନକ୍‌ଆଉଟ ଭିତ୍ତିରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ରବିବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ। ରାଜ୍ୟରେ ଫୁଟବଲ ସଂସ୍କୃତି ସୃଷ୍ଟି କରିବା ଲକ୍ଷ୍ୟ ନେଇ ଜଗରନସ୍ ସ୍ପୋର୍ଟିଂ ଫାଉଣ୍ଡେଶନ ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି।

# ପାୱାର କ୍ରିକେଟ କପ୍: ଇଡ୍‌କୋ ଚାମ୍ପିୟନ

ଭୁବନେଶ୍ୱର,୧୭।୨
(ଅନୁରାଧା ମହାରଣା)

ରେଲୱେ ଷ୍ଟାଡିୟମରେ ଅନୁଷ୍ଠିତ ୧୬ତମ ପାୱାର କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଇଡ୍‌କୋ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଶନିବାର ଓପିଟିସିଏଲ୍ ଦଳକୁ ହରାଇ ଇଡ୍‌କୋ ଚାମ୍ପିୟନ ହୋଇଛି। ଓପିଟିସିଏଲ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି୨୦ ଓଭରରେ ୫ ଉଇକେଟରେ୧୩୬ ରନ୍ କରିଥିଲା। ଜବାବରେ ଇଡ୍‌କୋ ୧୯ ଓଭରରେ ୧୩୮ କରି ବିଜୟ ହେଇଥିଲା। ଇଡ୍‌କୋ ବ୍ୟାଟ୍ସମ୍ୟାନ ଚନ୍ଦ୍ରମଣି ବିଶ୍ୱାଳଙ୍କ ଦମଦାର ବ୍ୟାଟିଂ ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଓପିଟିସିଏଲ୍‌ର ଅଭୟ ମଲ୍ଲିକ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଅଭୟ ମଲ୍ଲିକ ଓ ବି. ଶିବା ଯଥାକ୍ରମେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ତୃତୀୟ ସ୍ଥାନ ପାଇଁ ହେଉଥିବା ମ୍ୟାଚରେ ଟିପିଏନ୍‌ଓଡିଏଲ୍ ୬୦ ରନ୍‌ରେ ଟିପିସିଓଡିଏଲ୍‌କୁ ପରାସ୍ତ କରିଥଲା। ଶେଷରେ ଓପିଟିସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ ଓ ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।



ଚାମ୍ପିୟନ ଇଡ୍‌କୋ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ଓଡ଼ିଶା-ପଶ୍ଚିମ ବଙ୍ଗ ଫାଇନାଲ ଆଜି



ଉଦ୍‌ଘାଟନ ଅବସରରେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ଏଜି ହକି ଦଳ।

ଭୁବନେଶ୍ୱର, ୧୭।୨
(ତପନ ସ୍ୱାଇଁ)

## ଭାରତୀୟ ଅଡିଟ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ହକି ଉଦ୍‌ଘାଟିତ

ସ୍ଥାନୀୟ ମହାଲେଖାକାର ଅଡିଟ-୧ଆନୁକୂଲ୍ୟରେ ଏବଂ ଏଜି ରିକ୍ରିଏଶନ କ୍ଲବ ସହଯୋଗରେ ଅଡିଟ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ହକି ଟୁର୍ନାମେଣ୍ଟ ଶନିବାର କଳିଙ୍ଗ ଷ୍ଟାଡୟମରେ ଉଦଘାଟିତ ହୋଇଛି। ରବିବାର ଓଡ଼ିଶା ଓ ପଶ୍ଚିମ ବଙ୍ଗ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟ ଆୟୋଜକ କମିଟିର ଅଧ୍ୟକ୍ଷ ବରିଷ୍ଠ ଉପ ମହାଲେଖାକାର ଦୀପକ ରଘୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଓଡ଼ିଶାର କ୍ରୀଡ଼ା ଓ ଯୁବ ସେବା ବିଭାଗ ଶାସନ ସଚିବ ଭିନିଲ କ୍ରିଷ୍ଣା ମୁଖ୍ୟ ଅତିଥି, ପ୍ରଧାନ ମହାଲେଖାକାର ରାଜ କୁମାର, ମହାଲେଖାକାର ବିଶ୍ୱନାଥ ସିଂହ ଯାଦୋନ, ବରିଷ୍ଠ ଉପ ମହାଲେଖାକାର ଶ୍ରୀରାଜ ଅଶୋକ, ଉପ ମହାଲେଖାକାର ସଚିନ କ୍ରିଷ୍ଣା କୌଶିକ, ସଞ୍ଜୟ କୁମାର, ବିକାଶ କୁମାର ଓ ଶୁଭମ ବୈଦ୍ୟ, କଲ୍ୟାଣ ଅଧିକାରୀ ଅଶୋକ କୁମାର ପଣ୍ଡା ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଉପ ମହାଲେଖାକାର ସୁଶ୍ରୀ ତାନ୍ୟା ଆମ୍ବସ୍ତା ଟୁର୍ନାମେଣ୍ଟ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ ଏବଂ ଏଜି ରିକ୍ରିଏଶନ କ୍ଲବ ସମ୍ପାଦକ ଭି. ଆନନ୍ଦ ଭଟ୍ଟ ଧନ୍ୟବାଦ ଅର୍ପଣ କରିଥିଲେ।

ଟୁର୍ନାମେଣ୍ଟରେ ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶା, ପଶ୍ଚିମ ବଙ୍ଗ, ଝାଡାଖଣ୍ଡ ଯୋଗ ଦେଇଛନ୍ତି। ୩ ଦଳ ମଧ୍ୟରୁ ଗତ ବର୍ଷର ପୂର୍ବାଞ୍ଚଳ ବିଜେତା ପଶ୍ଚିମ ବଙ୍ଗ ଦଳ ସିଧା ଫାଇନାଲକୁ ଯାଇଥିବା ବେଳେ ଗତବର୍ଷ ପୂର୍ବାଞ୍ଚଳ ଉପ ବିଜେତା ଏଜି ଓଡ଼ିଶା ଦଳ ଓ ଏଜି ଝାଡ଼ଖଣ୍ଡ ମଧ୍ୟରେ ସେମିଫାଇନାଲ ହୋଇଥିଲା। ପ୍ରଥମାର୍ଦ୍ଧର ୭ ମିନିଟରେ ଝାଡ଼ଖଣ୍ଡ ଦଳର ଜାଭିଅର ଗିଧ ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇ ଥିଲେ। ଓଡିଶା ଦଳର ଥିଓଫିଲ କୁଜୁର ଖେଳର ୮ ଓ ୨୧ତମ ମିନିଟରେ ୨ଟି, ସତୀଶ ଯାଦବ ୯ ଓ ୨୪ ମିନିଟରେ ୨ଟି, ଅମଲ ପାଲ ୧୫ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଝାରଖଣ୍ଡର ଅଭିଷେକ ସିଂ ୨୯ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ପ୍ରଥମାର୍ଦ୍ଧରେ ଓଡିଶା ଦଳ ୫-୨ରେ ଆଗୁଆ ଥିଲା। ଦ୍ୱିତୀୟାର୍ଦ୍ଧର ୩୩ ଓ ୩୫ ମିନିଟରେ ଓଡିଶାର ମନୀଷ କୁମାର ଶର୍ମା ୨ଟି, ଅମଲ ପାଲ ୩୮ ମିନିଟରେ ଗୋଟିଏ ଓ ଝାଡ଼ଖଣ୍ଡ ଦଳର ଜୀବନ ଡାଙ୍ଗ ୫୬ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଫଳରେ ଓଡିଶା ଦଳ ୮-୩ ଗୋଲରେ ବିଜୟୀ ହୋଇଥିଲା।

# ଯୁବପିଢ଼ିଙ୍କୁ ଏକାଠି କରିଛି 'ନୂଆ-ଓ'

ଭୁବନେଶ୍ୱର, ୧୭।୨ (ତପନ ସ୍ୱାଇଁ)

ନୂତନ, ଉନ୍ନତ ଓଡ଼ିଶା ଗଠନ ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୩ ନଭେମ୍ବରରୁ ଆରମ୍ଭ ହୋଇଛି 'ନୂଆ-ଓ' କାର୍ଯ୍ୟକ୍ରମ। ଯୁବ ବର୍ଗଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏହାର ଲକ୍ଷ୍ୟ । କ୍ରୀଡ଼ାଠାରୁ ଆରମ୍ଭ କରି ସାମାଜିକ ଓ ସାଂସ୍କୃତିକ ଜଗତରେ କଳା କୌଶଳକୁ ପ୍ରତିପାଦନ କରିବାରେ ପାରଙ୍ଗମ ଯୁବବର୍ଗଙ୍କ ଦକ୍ଷତା ଓ ସାମର୍ଥ୍ୟକୁ ପ୍ରକୃଷ୍ଟ ମଞ୍ଚ ପ୍ରଦାନ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ଏହି କାର୍ଯ୍ୟକ୍ରମ। ଏଥିପ୍ରତି ସାରା ରାଜ୍ୟର ଯୁବବର୍ଗଙ୍କ ମଧ୍ୟରେ ଦେଖିବାକୁ ମିଳିଛି ଅନେକ ଉତ୍ସାହ । ଓଡ଼ିଶାର ଯୁବପିଢ଼ିଙ୍କୁ କ୍ରୀଡ଼ା, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ କରି ସେମାନଙ୍କ ସାମଗ୍ରିକ ବିକାଶ ଏହି କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ।

ବିଦ୍ୟାଳୟ ଶିକ୍ଷା ସମାପ୍ତ ପରେ ପରବର୍ତ୍ତୀ ୫ବର୍ଷ ହେଉଛି କ୍ୟାରିୟର ଗଢ଼ିବାର ସମୟ । ସମୟର ଠିକ୍ ଉପଯୋଗ ଏବଂ କଠିନ ପରିଶ୍ରମ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ସହାୟକ ହୋଇଥାଏ। ଯୁବ ବର୍ଗଙ୍କ ଭିତରେ ଥିବା ଅନ୍ତର୍ନିହିତ ଗୁଣର ବିକାଶ ଓ ପରିସ୍ଫୁଟନ ପାଇଁ ଶିକ୍ଷାନୁଷ୍ଠାନମାନଙ୍କରେ ଆରମ୍ଭ ହୋଇଥିଲା 'ନୂଆ-ଓ' କାର୍ଯ୍ୟକ୍ରମ। ଏହା ୪ ସ୍ତର (ବ୍ଲକ/ପୌରପାଳିକା, ଶିକ୍ଷାନୁଷ୍ଠାନ, ଜିଲା ଏବଂ ରାଜ୍ୟ)ରେ ଆୟୋଜିତ ହୋଇଥିଲା। ସମସ୍ତ ବର୍ଗରେ ବହୁ ସଂଖ୍ୟକ ପ୍ରତିଯୋଗୀ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ କ୍ରୀଡ଼ା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ କ୍ରିକେଟ, ହକି, କବାଡି, ଖୋ-ଖୋ, ଫୁଟବଲ ଓ ଭଲିବଲ୍ ଆଦି ୬ଟି କ୍ରୀଡ଼ା ବିଭାଗରେ ୫୦,୦୦୦ରୁ ଅଧିକ ଦଳ ଅଂଶଗ୍ରହଣ କରିଥିଲେ। ବ୍ଲକ ଓ ଜିଲାସ୍ତର ପରେ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଉଭୟ ମହିଳା ଓ ପୁରୁଷ ବର୍ଗରେ ୩୦ ଜିଲାରୁ ପ୍ରତିନିଧିତ୍ୱ ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ଟୁର୍ନାମେଣ୍ଟର ବିଜେତାଙ୍କୁ ୨ ଲକ୍ଷ ଓ ରନରଅପ୍‌ଙ୍କୁ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ତୃତୀୟ ଓ ଚତୁର୍ଥ ସ୍ଥାନରେ ଥିବା ଦଳ ଲାଗି ୫୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ରଖାଯାଇଥିଲା। ଶ୍ରେଷ୍ଠ ଖେଳାଳିଙ୍କୁ ୧୦,୦୦୦ ଟଙ୍କା ପୁରସ୍କାର ଆକାରରେ ଦିଆ ଯାଇଥିଲା। କ୍ରୀଡ଼ା ବ୍ୟତୀତ ନୃତ୍ୟ, ଗୀତ ଅଭିନୟ, ନାଟକ ମାଧ୍ୟମରେ ଛାତ୍ରାଛାତ୍ରମାନେ ନିଜର ସୃଜନଶୀଳତାକୁ ପ୍ରଦର୍ଶନ କରିଥିଲେ । ସେହିପରି ସମାଜ ପ୍ରତି ଯୁବବର୍ଗଙ୍କ କର୍ତ୍ତବ୍ୟ ଏବଂ ପ୍ରତିବଦ୍ଧତା ବୃଦ୍ଧି ପାଇଁ କଲେଜ ସ୍ତରରେ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ରମାନେ ସଫେଇ କାର୍ଯ୍ୟ, ରକ୍ତଦାନ ଶିବିର, ନିଶା ନିବାରଣ ଶିବିର ଆଦି ଅନେକ ସାମାଜିକ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କେବଳ ସେତିକି ନୁହେଁ ଡିଜିଟାଲ ପ୍ରତିଯୋଗିତା ମାଧ୍ୟମରେ ଯୁବପିଢ଼ିଙ୍କ ସୃଜନଶୀଳତାକୁ ପ୍ରୋତ୍ସାହିତ କରାଯାଇଥିଲା।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଅନୁସୂଚିତ ଜନଜାତି ଓ ଜାତି କଲ୍ୟାଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସମେତ କ୍ରୀଡ଼ା ଓ ଯୁବସେବା ବିଭାଗ, ଜିଲା ପ୍ରଶାସନ ଓ ରାଜ୍ୟ କ୍ରୀଡ଼ା ସଂଘ ମିଳିତ ଭାବେ ଏହି ଯୁବ ସଶକ୍ତୀକରଣ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ଏକାଠି ହୋଇଥିଲେ। ''ନୂଆ-ଓ କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ମୁଁ ଗର୍ବିତ। ରାଜ୍ୟର ଯୁବତୀଯୁବକମାନେ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ କ୍ରୀଡ଼ା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଦ୍ୱାରା ସେମାନଙ୍କ ବ୍ୟକ୍ତିଗତ ବିକାଶ ହୋଇପାରିଛି। ଏହା ରାଜ୍ୟର ଯୁବପିଢ଼ିଙ୍କୁ ଏକାଠି କରି ରାଜ୍ୟକୁ ପ୍ରଗତି ପଥରେ ଆଗକୁ ନେଉଛି'' ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଆର୍. ଭିନିଲ କ୍ରିଷ୍ଣା ପ୍ରକାଶ କରିଛନ୍ତି।



'ନୂଆ-ଓ' କାର୍ଯ୍ୟକ୍ରମ ଅନ୍ତର୍ଗତ ଭଲିବଲ ଓ ଖୋ ଖୋରେ ଖେଳାଳିମାନେ ସେମାନଙ୍କ କୌଶଳ ପ୍ରଦର୍ଶନ କରୁଛନ୍ତି।

# ଅଷ୍ଟ୍ରେଲିଆକୁ ହରାଇଲା ଭାରତ


ଶନିବାର ଅଷ୍ଟ୍ରେଲିଆକୁ ହରାଇବା ପରେ ଉଲ୍ଲସିତ ଭାରତୀୟ ଖେଳାଳି।

### ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ ଲିଗ୍

ରାଉରକେଲା,୧୭।୨
(ଦିନେଶ ମିଶ୍ର)

ମହିଳା ପ୍ରୋ ଲିଗ୍ ହକିରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଚଳିତ ସିଜନର ଦ୍ୱିତୀୟ ବିଜୟ ହାସଲ କରିଛି ଭାରତ। ଶନିବାର କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ଟିକୁ ଭାରତ ୧-୦ରେ ଜିତି ନେଇଥିଲା। ଏହା ପୂର୍ବରୁ ଭାରତ କେବଳ ଆମେରିକା ବିପକ୍ଷରେ ବିଜୟୀ ହୋଇଥିଲା। ଶନିବାର ଅଧିକାଂଶ ସମୟ ଅଷ୍ଟ୍ରେଲିଆ ଖେଳ ନିୟନ୍ତ୍ରଣରେ ରଖିଥିଲେ ହେଁ ମ୍ୟାଚ୍ ଜିତି ପାରି ନ ଥିଲା। ପ୍ରଥମ ଦୁଇ କ୍ୱାର୍ଟର ଗୋଲ ଶୂନ୍ୟ ରହିଥିବା ବେଳେ ତୃତୀୟ କ୍ୱାର୍ଟରରେ ଭାରତ ପକ୍ଷରୁ ମ୍ୟାଚ୍‌ର ୩୪ ତମ ମିନିଟରେ ବନ୍ଦନା କଟାରିୟା ଏକମାତ୍ର ଗୋଲ ଦେଇଥିଲେ। ତୃତୀୟ ମିନିଟରେ ଦଳକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ନବନୀତଙ୍କ ଶଟ୍‌କୁ ଡିଫ୍ଲେକ୍ଟ କରି ଭାରତ ପାଇଁ ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ ବନ୍ଦନା। ମ୍ୟାଚ୍ ଶେଷ ହେବାକୁ ୩୨ ସେକେଣ୍ଡ ରହିଥିବା ବେଳେ ଅଷ୍ଟ୍ରେଲିଆକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଭାରତୀୟ ଡିଫେଣ୍ଡରଙ୍କ ଚମତ୍କାର ପ୍ରଦର୍ଶନ କାରଣରୁ ଏହାକୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲା ଅଷ୍ଟ୍ରେଲିଆ। ସପ୍ତମ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ସହ ଭାରତ ପଏଣ୍ଟ ଟେବୁଲର ପଞ୍ଚମ ସ୍ଥାନକୁ ଉନ୍ନୀତ ହୋଇଛି।






## ଚାଇନାର ପଞ୍ଚମ ବିଜୟ

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ପରିସରରେ ମହିଳା ହକି ପ୍ରୋ ଲିଗ୍‌ର ୧୪ତମ ମ୍ୟାଚରେ ଶନିବାର ଆମେରିକାକୁ ୨-୦ ଗୋଲରେ ହରାଇଛି ଚାଇନା। ଡିଏଫ୍‌ଓ ଯଶବନ୍ତ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚାଇନା ଆରମ୍ଭରୁ ୟୁଏସ୍‌ଏ ବିପକ୍ଷରେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ୭ମିନିଟ୍‌ରେ ପେନାଲ୍‌ଟି ମିଳିଥିବା ବେଳେ ଦଳର ଅଧିନାୟକ ଜିକ୍ସିଆ ଓୟୁ ପ୍ରଥମ ଗୋଲ ଦେଇଥିଲେ। ଜାଇକି ଜୋଙ୍ଗ୍ ଦ୍ୱିତୀୟ କ୍ୱାର୍ଟରର ୧୯ ମିନିଟ୍‌ରେ ଫିଲ୍ଡ ଗୋଲ ଦେଇ ଦଳକୁ ୨-୦ରେ ଆଗୁଆ ରଖିଥିଲେ। ପରବର୍ତ୍ତୀ ୨ କ୍ୱାର୍ଟର ଗୋଲଶୂନ୍ୟ ରହିବା ସହ ଚାଇନା ବିଜୟୀ ହୋଇଥିଲା। ଚାଇନା ଡିଫେଣ୍ଡର ମେରିଙ୍ଗ ଜୟୁଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା। ୮ଟି ମ୍ୟାଚ ଖେଳି ୫ଟିରେ ବିଜୟୀ ହୋଇ ୧୫ ପଏଣ୍ଟ ସହ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି ଚାଇନା।







DSPL - 671





4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ